# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 8/2019 (Career & Appointment) | ★★★★★★

୪୫ଶ ଭାଗ ୧୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ବର୍ଷର ବିକାଶ ପାଇଁ କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଓ ଭାଜପା ବାରମ୍ବାର ଅନୁରୋଧ କରିଥିଲା। ଏବେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରି ବର୍ଷକୁ ୫ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧାର ଲାଭ ଓଡ଼ିଶାବାସୀଙ୍କୁ ଦେବାରେ ବାଧକ ନ ସାଜି ସହଯୋଗ କରନ୍ତୁ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପ ସଭାପତି ସମୀର ମହାନ୍ତି କହିଛନ୍ତି।




# ଆନ୍ଧ୍ରରେ ୫ ଉପମୁଖ୍ୟମନ୍ତ୍ରୀ

**ଅମରାବତୀ, ୭।୬(ପି.ଟି./ଆଇଏଏନ୍ଏସ୍)**

ଆନ୍ଧ୍ରପ୍ରଦେଶରେ ଚନ୍ଦ୍ରାବାବୁ ସରକାରଙ୍କ ପତନ ଘଟାଇ ସଦ୍ୟ କ୍ଷମତାସୀନ ହୋଇଥିବା ଜଗନ୍ମୋହନ ସରକାରଙ୍କ କ୍ୟାବିନେଟରେ ୫ ଉପମୁଖ୍ୟମନ୍ତ୍ରୀ ରହିବେ। ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଉପଜାତି (ଏସ୍‌ଟି), ପଛୁଆ ବର୍ଗ (ବିସି), ସଂଖ୍ୟାଲଘୁ ଓ କାପୁ ସମ୍ପ୍ରଦାୟର ଜଣେ ଲେଖାଏ ୱାଇଏସ୍ଆର୍‌ସିପି ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ। ୱାଇଏସ୍ଆର୍ କଂଗ୍ରେସ ଅଧ୍ୟକ୍ଷ ତଥା ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ୍ମୋହନ ରେଡ୍ଡୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। କୌଣସି ରାଜ୍ୟରେ ଏକକାଳୀନ ୫ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବାରେ ଦେଶରେ ଏହା ପ୍ରଥମ।

- ଜଗନ୍ମୋହନ କ୍ୟାବିନେଟର ସମ୍ପ୍ରସାରଣ ଆଜି
- ଶପଥ ନେବେ ୨୫ ମନ୍ତ୍ରୀ
- ଅଢ଼େଇବର୍ଷ ପରେ ଅଦଳବଦଳ
- ୫ ସମ୍ପ୍ରଦାୟରୁ ଜଣେ ଲେଖାଏ ଉପମୁଖ୍ୟମନ୍ତ୍ରୀ ହେବେ
- ଦେଶରେ ପ୍ରଥମ



ଆନ୍ଧ୍ର ବିଧାନସଭା ନିର୍ବାଚନରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)କୁ ହରାଇବା ପରେ ଜଗନ୍ମୋହନ ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ୪୯ରେ ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରାଯିବ। ଏଥିରେ ୨୫ ସଦସ୍ୟଙ୍କୁ ସାମିଲ କରାଯିବ, ଯାହାଙ୍କ ମଧ୍ୟରୁ ଅଧା ମନ୍ତ୍ରୀ ଏସ୍‌ସି, ଏସ୍‌ଟି, ବିସି ଏବଂ ସଂଖ୍ୟାଲଘୁ ସମୁଦାୟରୁ ରହିବେ। ସଚିବାଳୟ ଭେଲାଗାପୁଡ଼ି ନିକଟରେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହନ୍ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅଢ଼େଇବର୍ଷ ପରେ ସରକାରଙ୍କ ପ୍ରଦର୍ଶନର ସମୀକ୍ଷା ପରେ ପୁଣି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଇ ନୂଆ ମନ୍ତ୍ରୀମାନଙ୍କୁ ସୁଯୋଗ ଦିଆଯିବ। ସବୁ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ ପ୍ରଦାନ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣି ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଜଗନ୍ମୋହନ ପ୍ରକାଶ କରିଛନ୍ତି। ଅମରାବତୀସ୍ଥିତ ନିଜ ବାସଭବନରେ ଶୁକ୍ରବାର ପୂର୍ବାହ୍ନରେ ୱାଇଏସ୍ଆର୍‌ସିପିର ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ଏହା ସ୍ପଷ୍ଟ କରିବା ପରେ ୫ ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଏନ୍. ଚନ୍ଦ୍ରାବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ଥିବାବେଳେ କାପୁ ଏବଂ ବିସି ବର୍ଗର ଜଣେ ଲେଖାଏ ଉପମୁଖ୍ୟମନ୍ତ୍ରୀ ଥିଲେ। ଦେଶର କୌଣସି ରାଜ୍ୟରେ ପୂର୍ବରୁ ୫ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇ ନ ଥିଲେ। ଜଗନ୍ମୋହନଙ୍କ ଏହି ବୈପ୍ଳବିକ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଅନ୍ୟପକ୍ଷରେ ସେ ଜାତୀୟ ରାଜନୀତିରେ ନିଜ ଭୂମିକା ବଢ଼ାଇବା ପାଇଁ ଏପରି କରୁଥିବା ମଧ୍ୟ କୁହାଯାଉଛି।

### ■ ନିଖୋଜର ୫ ଦିନ ପରେ ବି ମିଳିନି ଏଏନ୍-୩୨ର ପତ୍ତା

# ବିମାନରେ ଥିଲେ ଓଡ଼ିଆ ପାଇଲଟ୍ ସୁନୀତ୍

**ବ୍ରହ୍ମପୁର ଅଫିସ୍,୭।୬**

ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ନିଖୋଜ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର ପତ୍ତା ମିଳିନାହିଁ। ଉକ୍ତ ବିମାନରେ ଅନ୍ୟମାନଙ୍କ ମଧ୍ୟରେ ଓଡିଆ ପାଇଲଟ ସୁନୀତ୍ ମହାନ୍ତି ଥିଲେ। ଆଇଏଏଫ୍‌ର ଏଏନ୍-୩୨ ବିମାନ ସୋମବାର ଆସାମ ଜୋରହାଟରୁ ବାହାରି ଅରୁଣାଚଳ ପ୍ରଦେଶ ମେଚୁକା ଯାଉଥିବାବେଳେ ଅପରାହ୍ନ ୧୨ଟା ୩୦ରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଏହା ନିଖୋଜ ହୋଇଯାଇଥିଲା। ବିମାନରେ ୮ କ୍ରିଉ ମେମ୍ବରଙ୍କ ସମେତ ମୋଟ ୧୩ଜଣ ଥିଲେ । ବିମାନ ଚାଳକ ଦଳରେ ସାମିଲ ଥିଲେ ଓଡ଼ିଆ ପାଇଲଟ୍ ସୁନୀତ ମହାନ୍ତି। ତାଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମରେ। ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ସୁନୀତ୍ ୨୦୧୨ରେ ବାୟୁସେନାରେ ଯୋଗଦେଇଥିଲେ। ବିମାନରେ ସେ କୋ-ପାଇଲଟ୍ ଥିଲେ। ବାୟୁସେନାର ପୂର୍ବତନ କର୍ମଚାରୀ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ପୁଅ ହେଉଛନ୍ତି ସୁନୀତ । ନିଖୋଜ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କ ପରିବାର ବର୍ଗ ଆସାମ ଯାଇଛନ୍ତି । ଇଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଆର୍.ଡି. ମାଥୁରଙ୍କ ସମେତ କେତେଜଣ ଅଧିକାରୀ ନିଖୋଜ ପାଇଲଟଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି। ନିଖୋଜ ବିମାନକୁ ଠାବ କରିବା ପାଇଁ ସ୍ଥଳସେନା, ନୌସେନା ଓ ବାୟୁସେନା ପକ୍ଷରୁ ମିଳିତ ଅଭିଯାନ ଜାରି ରହିଛି। ତେବେ ପ୍ରତିକୂଳ ପାଗ ଏଥିରେ ପ୍ରତିବନ୍ଧକ ସାଜିଥିବା ଜଣାପଡିଛି।



ସୁନୀତ୍ ମହାନ୍ତି

## ୪ ମେଡିକାଲ କଲେଜକୁ ନାମଲେଖା ପାଇଁ ଅନୁମତି

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ରାଜ୍ୟର ୪ଟି ମେଡିକାଲ କଲେଜକୁ ଚଳିତ ଶିକ୍ଷାବର୍ଷ ପାଇଁ ଏମ୍‌ବିବିଏସ୍‌ରେ ନାମଲେଖା ନିମନ୍ତେ ଅନୁମତି ମିଳିଛି। ପ୍ରତି କଲେଜରେ ୧୦୦ ସିଟ୍‌ରେ ନାମଲେଖା ନିମନ୍ତେ ଏମ୍‌ସିଆଇ ଅନୁମତି ଦେଇଛି। ସେହି ୪ଟି କଲେଜ ହେଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ। ଫକୀର ମୋହନ ମେଡିକାଲ କଲେଜ ଓ ଭୀମଭୋଇ ମେଡିକାଲ କଲେଜକୁ ଦ୍ୱିତୀୟ ବର୍ଷ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ତୃତୀୟ ବର୍ଷରେ ନାମଲେଖା ପାଇଁ ଏମ୍‌ସିଆଇ ଅନୁମତି ଦେଇଛି।

# ୨୪ ଘଣ୍ଟା ମଧ୍ୟରେ କେରଳ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ଅନିଶ୍ଚିତତା ଦେଇ ଗତି କରୁଛି। ସ୍ୱାଭାବିକ ଭାବେ ମୌସୁମୀ ଓଡିଶାକୁ ଜୁନ୍ ୧୦ ତାରିଖ ସୁଦ୍ଧା ପ୍ରବେଶ କରିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୌସୁମୀ କେବେ ସୁଦ୍ଧା ପ୍ରବେଶ କରିବ ସେ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆରବ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି। ଜୁନ୍ ୮ କିମ୍ବା ୯ ତାରିଖରେ ଏହା କେରଳ ଛୁଇଁବ। ଆସନ୍ତା ୧୭ କିମ୍ବା ୧୮ ତାରିଖରେ ମୌସୁମୀ ଦକ୍ଷିଣ ପଟୁ ଓଡିଶାକୁ ପ୍ରବେଶ କରିବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ପାଗ ଶୁଖିଲା ରହିଛି। ଆକାଶ ମେଘାଚ୍ଛନ୍ନ ରହିଛି। ବାୟୁମଣ୍ଡଳର ଉପରି ଭାଗରେ ଏକ ଆଣ୍ଟି ସାଇକ୍ଲୋନିକ ସର୍କୁଲେଶନ ରହିଛି। ଏଥିଯୋଗୁ ମେଘଖଣ୍ଡ ଆକାଶରେ ରହିଥିଲେ ମଧ୍ୟ ବର୍ଷା ହେଉନାହିଁ। ଆସନ୍ତା ତିନିଦିନ ଯାଏ ରାଜ୍ୟରେ ପାଗ ଏଭଳି ରହିବ। ୧୦ ତାରିଖରୁ ପୁଣି ତାତି ବଢିବ। ୧୪ ତାରିଖ ଯାଏ ତାତିର ପ୍ରକୋପ ରହିବ। ଶୁକ୍ରବାର ସୋନପୁର ବ୍ୟତୀତ ରାଜ୍ୟର ସମସ୍ତ ଭାଗରେ ପାରଦ ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି। ସୋନପୁରରେ ପାରଦ ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଜିଲା ସମେତ ମାଲକାନଗିରି, ମୟୂରଭଞ୍ଜ, କୋରାପୁଟ, ରାୟଗଡା, କନ୍ଧମାଳ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, କଳାହାଣ୍ଡି, ଅନୁଗୋଳ, ନବରଙ୍ଗପୁର, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉପକୂଳ ଜିଲାର କେତେକ ସ୍ଥାନରେ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ଶନିବାର ଠାରୁ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜୋରଦାର ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।




# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୧୯ | Bhubaneswar, Saturday, June 8/2019 | ପୃଷ୍ଠା-୧




## ୨୮ରେ ରିଲିଜ୍ 'ଆର୍ଟିକିଲ୍ ୧୫'

ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ଅଭିନୀତ 'ଆର୍ଟିକିଲ୍ ୧୫' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।

୦୬

୧୭

## ଫାଇନାଲରେ ନାଡାଲ

ରୋଜର ଫେଡରରଙ୍କୁ ପରାସ୍ତ କରି ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



### ମାଲ୍ୟାର୍ପଣ

୦୯।୦୬।୨୦୧୯
(ରବିବାର), ସକାଳ ୮ଘଟିକା



**ନନ୍ଦିନୀ ଶତପଥୀଙ୍କ**
୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରର ରାଜଭବନ ନିକଟସ୍ଥ ଏଲ୍ଆଇସି ଛକଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

### ଆଜିର ସମ୍ପାଦକୀୟ

## ବ୍ୟକ୍ତିଗତ ପ୍ରସଙ୍ଗ

# ୧୦ ହଜାର ପାଇଁ ଅଢ଼େଇ ବର୍ଷୀୟାଙ୍କୁ ହତ୍ୟା

**ଆଲିଗଡ଼ରେ ଲଜ୍ଜା**
- ରବିବାର ମିଳିଥିଲା କ୍ଷତବିକ୍ଷତ ମୃତଦେହ
- ୫ ପୋଲିସ ନିଲମ୍ବିତ

ଆଲିଗଡ଼, ୭।୬: ଉତ୍ତରପ୍ରଦେଶର ଆଲିଗଡ଼ ଜିଲା ଟପ୍ପାଲରେ ନିଖୋଜ ହୋଇଯାଇଥିବା ଜଣେ ଅଢ଼େଇ ବର୍ଷୀୟା କନ୍ୟାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ଆକ୍ରୋଶ ଓ ବିକ୍ଷୋଭ ବଢ଼ିବାରେ ଲାଗିଛି। ଏହି ବର୍ବରକାଣ୍ଡ ଭିଆଇଥିବା ୨ ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍‌ଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ବିରୋଧରେ ଏନ୍ଏସ୍ଏ ଲାଗୁ ହେବ ଓ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯିବ ବୋଲି ଲକ୍ଷ୍ନୌ ଏଡିଜି ଆନନ୍ଦ କୁମାର କହିଛନ୍ତି। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନ ଏନେଇ ପୋଲିସକୁ ରିପୋର୍ଟ ମାଗିଛନ୍ତି। ଅନ୍ୟପକ୍ଷରେ ମାମଲା ରୁଜୁ କରିବାରେ ବିଳମ୍ବ ଅଭିଯୋଗରେ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ଓ ଉତ୍ତେଜନା ପ୍ରକାଶ ପାଇବା ସହ ରାଜନୀତି ଜୋର୍ ଧରିଛି। ପୀଡ଼ିତାଙ୍କୁ ନ୍ୟାୟଦେବା ଦାବିରେ ସୋସିଆଲ ମିଡିଆରେ ଅଭିଯାନ ଜୋର୍ ଧରିଛି। ଜାହିଦଙ୍କ କହିବାନୁସାରେ ସେ ଶିଶୁକନ୍ୟାଙ୍କ ଜେଜେବାପାଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ୪୦ ହଜାର ଶୁଝିସାରିଥିବାବେଳେ ଆଉ ୧୦ ହଜାର ବାକି ଅଛି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅପମାନର ପ୍ରତିଶୋଧ ପାଇଁ ଅସ୍‌ଲମ୍‌ଙ୍କ ସହ ମିଶି ନିରୀହ ଶିଶୁକନ୍ୟାଙ୍କୁ ଅପହରଣ ପରେ ହତ୍ୟା କରିଥିବା ସେ ସ୍ୱୀକାର କରିଛନ୍ତି। (ଅଧିକ ରିପୋର୍ଟ: ପୃଷ୍ଠା-୧୨)

# ୫୬୮ ଏକର ଜଙ୍ଗଲ ଜମି ଗାଏବ

**କଟକ ଅଫିସ, ୭।୬**



**ରାଜଧାନୀରେ କାରସାଦି**
- ଏନ୍‌ଜିଟିରେ ମାମଲା
- ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ

ରାଜଧାନୀ ଭୁବନେଶ୍ୱରର ୫୬୮ ଏକର ଜଙ୍ଗଲ ଜମି ଗାଏବ ହୋଇଯାଇଛି। ଏହାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଘଟଣାର ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସୁବାସ ମହାପାତ୍ରଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗ ସଚିବ, ରାଜସ୍ୱ ସଚିବ, ବିଡିଏ କର୍ତ୍ତୃପକ୍ଷ, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ଡିଏଫ୍‌ଓଙ୍କ ସହିତ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ତହସିଲ ଅଧୀନ ଜୟଦେବ ବିହାର ମୌଜାର ଖାତା ନମ୍ବର ୧୪୨୭ରେ ଥିବା ୫୬୮ ଏକର ୩୯ ଡେସିମିଲ ଜଙ୍ଗଲ-୨ କିସମର ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଏହି ଜମିରେ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ କୋଠା ଆଦି ନିର୍ମାଣ କରାଯାଇଛି। ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରିବା ନେଇ ଉଦ୍ଦିଷ୍ଟ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁଯାୟୀ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ କୌଣସି ଅନୁମତି ଅଣାଯାଇନାହିଁ। ଏହାଦ୍ୱାରା କେବଳ ଜଙ୍ଗଲ ଆଇନର ଉଲ୍ଲଂଘନ ନୁହେଁ, ସୁପ୍ରିମକୋର୍ଟ ଆଦେଶର ଉଲ୍ଲଂଘନ ମଧ୍ୟ ହୋଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି, ୧୯୯୬ ଡିସେମ୍ବର ୧୨ ତାରିଖରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ, ଜଙ୍ଗଲ କିସମର ଜମି ଯେକୌଣସି ଖାତାରେ ଥାଉ ନା କାହିଁକି ତାହା କେବଳ ଜଙ୍ଗଲ ଜମି ଭାବେ ମାନ୍ୟତା ପାଇବ। କିନ୍ତୁ ଏଠାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ୨୦୧୭ ମେ ୧୫ରେ ଆବେଦନକାରୀ ନିଜେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କୁ ଦରଖାସ୍ତ ଲେଖି ଜଙ୍ଗଲ ଜମିର ଅପବ୍ୟବହାର ଉପରେ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ନ ଥିଲା। ଏପରିକି ୨୦୧୨ ମାର୍ଚ୍ଚରେ ସିଏଜି ତାଙ୍କ ରିପୋର୍ଟରେ ଉକ୍ତ ମୌଜାରେ ୭ ଏକର ଜଙ୍ଗଲ ଜମିକୁ କେତେକ ଘରୋଇ ବ୍ୟକ୍ତିବିଶେଷଙ୍କୁ ଅଯାଚିତ ଭାବେ ଦିଆଯାଇଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଏହି ଅନୁଯାୟୀ ଦେଖିଲେ ଭୁବନେଶ୍ୱରର ଦୁଇଟି ହୋଟେଲ ଓ ଅନ୍ୟ ଏକ ଘରୋଇ ସଂସ୍ଥାକୁ ୭ ଏକର ଜଙ୍ଗଲ ଜମି ଦିଆଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ।

ସେହିପରି ୨୦୧୭ ରାଜ୍ୟ ଜଙ୍ଗଲ ସର୍ଭେ ରିପୋର୍ଟ ଅନୁଯାୟୀ, ଖୋର୍ଦ୍ଧା ଜିଲାରେ ମାତ୍ର ୧୬.୨୫ ପ୍ରତିଶତ ଜଙ୍ଗଲ ଥିବା କୁହାଯାଇଥିଲା। ଜାତୀୟ ବନ ନୀତି ଅନୁଯାୟୀ ଅତିକମ୍‌ରେ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା। ଅନ୍ୟପକ୍ଷରେ ବିଡିଏ ଉକ୍ତ ଜମିର ପୂର୍ବପର ସ୍ଥିତି ଅନୁଧ୍ୟାନ ନ କରି ଜମି ଉପରେ ନିର୍ମାଣ ପାଇଁ ଅନୁମୋଦନ ଦେଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଜଙ୍ଗଲ ସମ୍ପଦ ଧ୍ୱଂସ ହେଉଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଅଗଷ୍ଟ ୨୭ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଉକ୍ତ ଦିନ ସରକାର ସରଜମିନ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଏନ୍‌ଜିଟି ଆଦେଶ ଦେଇଛନ୍ତି।

# ରାଜଧାନୀରେ ଯୁବକଙ୍କୁ ଗୋଡ଼ାଇ ମାରିଲେ

**ଭୁବନେଶ୍ୱର, ୭।୬ (ବ୍ୟୁରୋ)/ବାଲିଅନ୍ତା(ଡି.ଏନ୍.ଏ.)**

- ଗାମୁଛାରେ ଖଣ୍ଡାକୁ ଲୁଚାଇ ଆଣିଥିଲେ ଦୁର୍ବୃତ୍ତ
- ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି ପୋଲିସ

ରାଜଧାନୀରେ ଚାଞ୍ଚଲ୍ୟ। ଫିଲ୍ମ ଷ୍ଟାଇଲ୍‌ରେ ସ୍ପଷ୍ଟ ଦିବାଲୋକରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ଏଭଳି ଘଟଣା ଶୁକ୍ରବାର ଭୁବନେଶ୍ୱର ଉପକଣ୍ଠ ପାହାଳ ଫାଣ୍ଡି ଅଟଳା ମୌଜାସ୍ଥିତ ପଞ୍ଚମୁଖୀ ବିହାର ମୁଖ୍ୟ ଫାଟକ ନିକଟରେ ଘଟିଛି। ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ମଧ୍ୟ ଦେଖଣାହାରି ସାଜିଥିଲେ। ଜଣେ କେହି ପୋଲିସକୁ ଫୋନ୍ କରିବା ପରେ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିବା ଦେଖି ହତ୍ୟାକାରୀ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ଯୁବକଙ୍କୁ ଛଟପଟ ହେଉଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବଡଗଡ ଶବର ସାହିର ପ୍ରୀତମ୍ କୁମାର ରାଉତରାୟ(୩୯)। ପୋଲିସ ମୃତଦେହ ଜବତ କରି ଶବ ସଂରକ୍ଷଣ ଗୃହରେ ରଖିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ଜମିଜମା ବିବାଦକୁ କେନ୍ଦ୍ର କରି ଏହା ଘଟିଥିବା ପୋଲିସ ଅନୁମାନ କରୁଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ପାହାଳ ଫାଣ୍ଡି ଅଟଳା ମୌଜାସ୍ଥିତ ପଞ୍ଚମୁଖୀ ବିହାର ମୁଖ୍ୟ ଫାଟକ ପ୍ରବେଶ ପଥ ନିକଟରେ ପ୍ରୀତମ ଠିଆ ହୋଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣକ ଏକ ଗାମୁଛାରେ ଲୁଚାଇ ଆଣିଥିବା ଖଣ୍ଡାକୁ କାଢ଼ି ହଠାତ ପ୍ରୀତମ୍‌ଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ସେ ଜୀବନ ବିକଳରେ ଦୌଡ଼ୁଥିବାବେଳେ ବାଟରେ ସିମେଣ୍ଟ ଏବଂ ଇଟା ଗଦା ଉପରେ ପଡ଼ିଯାଇଥିଲେ। ଦୁର୍ବୃତ୍ତ ଜଣକ ତାଙ୍କୁ ଖଣ୍ଡାରେ ପ୍ରାୟ ୧୫ ଚୋଟ ପକାଇଥିଲେ। ଛାଡ଼ିଦେବା ପାଇଁ ପ୍ରୀତମ୍ ହାତ ଯୋଡ଼ି ନେହୁରା ହୋଇଥିଲେ ମଧ୍ୟ ସେ ଛାଡ଼ି ନ ଥିଲେ। ପ୍ରୀତମ୍‌ଙ୍କ ବାମ ହାତ ପାପୁଲି, ଆଖିପତା, ମୁଣ୍ଡର ପଛ ଅଂଶ, ପେଟ ଏବଂ ବେକରେ ଖଣ୍ଡାଚୋଟ ବାଜିଥିଲା। ସେ ରକ୍ତ ଜୁବୁବୁବୁ ଅବସ୍ଥାରେ ଚିତ୍କାର କରୁଥିଲେ। ଖବର ପାଇ ପିସିଆର ଭ୍ୟାନ୍ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପଞ୍ଚମୁଖୀ ବିହାର ପ୍ରବେଶ ପଥର ସିକ୍ୟୁରିଟି ରୁମ୍‌ରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରୁଛି। ପାହାଳ ଫାଣ୍ଡି ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି କହିଛନ୍ତି, ସିସିଟିଭି ଫୁଟେଜ ଭିତ୍ତିରେ ତଦନ୍ତ କରୁଛୁ।

## ରଜନୀକାନ୍ତଙ୍କୁ ଉପବାଚସ୍ପତି ପ୍ରାର୍ଥୀ କଲା ବିଜେଡି

**ପ୍ରଣବଙ୍କୁ ଉପ ମୁଖ୍ୟ ସଚେତକ ପଦ**



ରଜନୀକାନ୍ତ ସିଂ



ପ୍ରଣବ ବଳବନ୍ତରାୟ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ବିଧାନସଭାର ଉପବାଚସ୍ପତି ହେବା ନିଶ୍ଚିତ ହେବାକୁ ଯାଉଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳ ପକ୍ଷରୁ ଏହିପଦବୀ ପାଇଁ ମନୋନୀତ କରିଛନ୍ତି। ସେହିପରି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଦଳର ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି କରିଛନ୍ତି। ସୂଚନାଯୋଗ୍ୟ ଯେ ଷୋଡ଼ଶ ବିଧାନସଭାର ବାଚସ୍ପତି ଭାବେ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ବାଚିତ ହୋଇଥିବା ବେଳେ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି।


## ଇଣ୍ଟରନ୍ୟାଶନାଲ ବ୍ରାଣ୍ଡେଡ୍ ଗାର୍ମେଣ୍ଟ ସେଲ୍

ବ୍ରେକିଂ ନ୍ୟୁଜ୍

୨ଟି ଅନ୍ତର୍ଜାତୀୟ ଅନ୍‌ଲାଇନ୍ ଶପିଂ ସାଇଟ୍‌ର ବ୍ରାଣ୍ଡେଡ୍ ରେଡିମେଡ୍ ଗାର୍ମେଣ୍ଟସ୍‌ର ବିଶାଳ ଷ୍ଟକ୍ ଜମା ହୋଇ ରହିଯାଇଛି ଏବଂ ବିଶ୍ୱବ୍ୟାପୀ ମାନ୍ଦାବସ୍ଥା କାରଣରୁ ସେମାନେ ଆମ କମ୍ପାନୀରୁ ସମସ୍ତ ସ୍ପେଶାଲ୍ କଲେକ୍ସନର ଅର୍ଡରକୁ ସେମାନଙ୍କ ପାଖକୁ ପଠାଯିବାର ଶେଷ ମୁହୂର୍ତ୍ତରେ ବାତିଲ କରିଛନ୍ତି।

ମେନ୍‌ସ, ଲେଡିଜ୍ ଓ କିଡ୍‌ସ ୱେର୍‌ର ସମସ୍ତ ସ୍ପେଶାଲ୍ କଲେକ୍ସନ୍ ଯାହା ଖଣ୍ଡ ପିଛା @ ୫୦ $ ରେ ବିକ୍ରି ହେବାର ଥିଲା, ଏବେ ସେଗୁଡ଼ିକୁ ଭାରତୀୟ ବଜାରରେ ଅବିଶ୍ୱସନୀୟ ମୂଲ୍ୟରେ ବିକ୍ରି କରାଯିବ।

୯୦% ରିହାତି ପରେ, ଯେକୌଣସି ଗାର୍ମେଣ୍ଟ
ପୁରୁଷ, ମହିଳା ଓ ପିଲାଙ୍କ ପୋଷାକ ମାତ୍ର @ ₹୪୦୦/-




ପୁରୁଷ, ମହିଳା ଓ ପିଲାଙ୍କ ପୋଷାକରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଭେରାଇଟି

**ପୁରୁଷଙ୍କ ପୋଷାକ:** ଶାର୍ଟ, ଟ୍ରାଉଜର, ଟି-ଶାର୍ଟ, ବ୍ରାଣ୍ଡେଡ୍ ଜିନ୍‌ସ, ଜ୍ୟାକେଟ୍, କାର୍ଗୋ ଶର୍ଟସ୍ ପ୍ରଭୃତି
ମୂଳ ବଜାର ମୂଲ୍ୟ ୧୫୦୦/-ରୁ ୩୯୯୫/- ଏବେ @ ₹୪୦୦/-

**ମହିଳାଙ୍କ ପୋଷାକ:** କୁର୍ତ୍ତି, ଟପ୍‌ସ, ସ୍କର୍ଟସ୍, ପ୍ଲାଜୋ, ଟି-ଶାର୍ଟ, ବ୍ରାଣ୍ଡେଡ୍ ଜିନ୍‌ସ, ୱେଷ୍ଟର୍ନ ୱେର୍, ଅଫିସ୍ ଶାର୍ଟ, ଗାଉନ୍ ପ୍ରଭୃତି
ମୂଳ ବଜାର ମୂଲ୍ୟ ୧୫୦୦/-ରୁ ୩୯୯୫/- ଏବେ @ ₹୪୦୦/-

**ପିଲାଙ୍କ ପୋଷାକ:** ଟି-ଶାର୍ଟ, ଜିନ୍‌ସ, ଡିଜାଇନର୍ ଡ୍ରେସ୍, ପାର୍ଟି ୱେର୍ ଡ୍ରେସ୍, ପ୍ୟାଣ୍ଟ ପ୍ରଭୃତି
ମୂଳ ବଜାର ମୂଲ୍ୟ ୯୯୫/-ରୁ ୩୯୯୫/- ଏବେ @ ₹୪୦୦/-

nikitamedia.in

ଯେକୌଣସି ଷ୍ଟଲ୍‌ରୁ ଯେକୌଣସି ଗାର୍ମେଣ୍ଟ ଉଠାନ୍ତୁ
ମାତ୍ର @ ₹୪୦୦/-

ସେଲ୍ ମାତ୍ର ୩ ଦିନ ପାଇଁ - ୮, ୯ ଓ ୧୦ ଜୁନ୍, ୨୦୧୯
**ଦି ନ୍ୟୁ ମାରିୟନ୍ ହୋଟେଲ** ୬, ଜନପଥ, ରାମ ମନ୍ଦିର ସମ୍ମୁଖ, ଭୁବନେଶ୍ୱର
ସମୟ: ପୂର୍ବାହ୍ନ ୯ ରୁ ରାତ୍ରି ୧୦ ଘ. । ସମସ୍ତ କାର୍ଡ ପେମେଣ୍ଟ ଗ୍ରହଣଯୋଗ୍ୟ



## B.J.B. AUTONOMOUS COLLEGE
BHUBANESWAR - 751014
NAAC ACCREDITED AT THE "A" LEVEL
College with Potential for Excellence

CAD - 24

### ADMISSION NOTICE FOR THE SESSION 2019-20

Applications are invited for admission into the following self financing courses : IMBA, IMSc. ETC, IMSc. BI, MA in JMC, BSc. ITM, MA in PMIR, MBA (LE), MA in THM, M.Com FC& MSW for the Session 2019-20. The Prospectus can be downloaded from college website www.bjbcollege.in from 03.06.2019 onwards. The details about Prospectus, Application form, How to apply, form Fill-up procedures, etc. are available in Prospectus (Page-6) in college website. The details of courses are given below.

| | COURSE | DURATION | ELIGIBILITY |
|---|---|---|---|
| PG Courses | MA in THM MA in Tourism and Hospitality Management | 2 Years | Graduate in any Stream, with 40 % in aggregate |
| | MA in JMC MA in Journalism and Mass Communication | 2 Years | Graduate in any Stream, with 40 % in aggregate |
| | M.Com FC Master of Commerce in Finance and Control | 2 Years | Graduate in any Stream, with 40 % in aggregate |
| | MA in PMIR MA in Personnel Mgt. & Industrial Relations | 2 Years | Graduate in any Stream, with 40 % in aggregate |
| | MBA (Lateral Entry) Master of Business Administration | 2 Years | Passed BBA, with 40% aggregate |
| | MSW Master in Social Work | 2 Years | Graduate in any Stream, with 40% in aggregate Admission based in Merit |
| Integrated & UG Courses | IMBA Integrated Master of Business Administration | 5 Years | Passed +2 in any stream 40% in aggregate without extra optional if any |
| | IMSc. ETC Integrated Master of Sc. in Electronics & Telecom | 5 Years | Passed +2 Sc. with Maths, 40% in aggregate without extra optional if any |
| | IMSc. BI Integrated Master of Sc. in Bio Informatics | 5 Years | Passed +2 Sc. with Biology, 40% in aggregate without extra optional if any |
| | BSc. ITM Bachelor of Sc. information Tech. & Mgt. | 3 Years | Passed +2 Sc., 40% in aggregate without extra optional if any |

CALL : IMBA & MBA (Lateral Entry) : 9938240820 / 7809988054 / 9861643685 / 9437841766
IMSc. ETC : 7008295803 / 7008331552 / 9132172144, IMSc. BI : 9861119270 / 9861404459 / 9853378949
MAJMC : 9658114874 / 8637202388, M.Com FC & BSc. ITM : 9937027335 / 9938511866 / 9861118208 / 0674-2433309
MA in PMIR & MA in THM : 9437311169 (O) / 9090080854 / 9337440285 / 0674-2433133 MSW: 9861469919, 9439861162

| ENTRANCE TEST | IMBA, MBA (LE), IMSc. BI | IMSc. ETC & BSc. ITM | M.Com FC & MA in PMIR | MA in JMC & MA in THM |
|---|---|---|---|---|
| | 05.07.2019 | 06.07.2019 | 08.07.2019 | 09.07.2019 |

- Application forms for the above Mention courses , complete in all respects, should reach the Principal by 4 P.M. on 29.06.2019 either in person or by Regd. / Speed post.

11011/11/0003/1920 PRINCIPAL


## ଆଜି ଓଜେଇଇ ଅନ୍‌ଲାଇନ ପରୀକ୍ଷା

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ଅନ୍‌ଲାଇନ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେବ। ଶନିବାର ଏମ୍.ଟେକ୍, ଏମ୍.ଆର୍କ, ଏମ୍‌ସିଏ, ଏଲ୍‌ଇ-ଏମ୍‌ସିଏ, ଏମ୍.ଫାର୍ମ, ଏମ୍. ପ୍ଲାନ୍ ଆଦି ବିଷୟରେ ପରୀକ୍ଷା ହେବ। ସେହିପରି ୯ତାରିଖରେ ଏମ୍‌ବିଏ ପରୀକ୍ଷା ହେବ। ସୂଚନାଯୋଗ୍ୟ, ମେ' ୧୩ରେ ଓଜେଇଇର ଅନ୍‌ଲାଇନ ପରୀକ୍ଷା ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ମେ' ୧୮ରେ ରାଜ୍ୟର ୨୦ଟି ସହରର ୫୩ଟି କେନ୍ଦ୍ରରେ ଓଜେଇଇ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ରାଜ୍ୟରେ ପ୍ରାୟ ୩୦ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ।





NECC NATIONAL EGG CO-ORDINATION COMMITTEE 07.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 105 | 165 | 175 |
| BDK | 105 | 165 | 175 |
| BLS | 105 | 165 | 175 |
| ANG | 105 | 165 | 175 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କପିଳାସ ଜୁ'ର ନୂଆ ଅତିଥି 'ହିରୋ'

ଢେଙ୍କାନାଳ ଅଫିସ, ୭।୬

ସମ୍ବଲପୁର-ଦେବଗଡ଼ ଜିଲା ମଧ୍ୟବର୍ତ୍ତୀ ବାମରା ବନଖଣ୍ଡରୁ ଉଦ୍ଧାର ହୋଇଥିବା ହାତୀ ଶାବକ କପିଳାସ ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରର ନୂତନ ସଦସ୍ୟ ପାଲଟିଛି। ଏକ ସ୍ୱତନ୍ତ୍ର ମିନିଟ୍ରକ୍‌ରେ ଶୁକ୍ରବାର ଅପରାହ୍ଣରେ ହାତୀ ଛୁଆକୁ ଅଣାଯାଇଛି। ହାତୀର ଆନୁମାନିକ ବୟସ ଦେଢ଼ବର୍ଷ ହୋଇଥିବାବେଳେ ବନ କର୍ମଚାରୀମାନେ ଏହାର ନାମ ରଖିଛନ୍ତି 'ହିରୋ'। ବାମରା ବନଖଣ୍ଡ ଅଞ୍ଚଳରେ ରୋଗାକ୍ରାନ୍ତ ମାଈ ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହାତୀକୁ ଚିକିତ୍ସା କରାଯାଉଥିବା ସମୟରେ ଉକ୍ତ ଶାବକ ମା'ର ପାଖେ ପାଖେ ରହିଥିଲା। ସୁରକ୍ଷା ଦୃଷ୍ଟିରୁ ତାକୁ ଜଙ୍ଗଲକୁ ଛଡ଼ାଯିବା ପରିବର୍ତ୍ତେ କପିଳାସ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଲାଳନ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ସୁଦର୍ଶନ ପାତ୍ର କୁହନ୍ତି, ଅସୁସ୍ଥ ମା' ହାତୀର ମୃତ୍ୟୁ ପରେ ବାମରା ବନଖଣ୍ଡରୁ ହାତୀ ଶାବକର ରକ୍ଷଣାବେକ୍ଷଣ ପାଇଁ କପିଳାସ ଅଣାଯାଇଛି। ଏହାର ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସୂଚନାଯୋଗ୍ୟ, କପିଳାସ ଜୁ'ରେ କାର୍ତ୍ତିକ, ଉମା, ଚନ୍ଦୁ ନାମକ ୩ଟି ହାତୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। 'ହିରୋ'ର ଆଗମନ ପରେ ଏହି ସଂଖ୍ୟା ୪ରେ ପହଞ୍ଚିଛି। ଚିଡ଼ିଆଖାନାରେ କିଛିଦିନ ତଳେ ସ୍ୱାସ୍ଥ୍ୟଗତ କାରଣରୁ ହାତୀ ଶାବକ 'ରାଜା'ର ମୃତ୍ୟୁ ଘଟିଥିଲା।


କପିଳାସ ଚିଡ଼ିଆଖାନାରେ ହାତୀ ଶାବକ 'ହିରୋ'।

# ୧୧ରେ ମୋଦିଙ୍କୁ ଭେଟିବେ ନବୀନ

ଭୁବନେଶ୍ୱର,୭।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନ ବିଜୟୀ ହେବା ପରେ ପ୍ରଥମଥର ପାଇଁ ଦୁଇ ନେତାଙ୍କ ଭେଟ ହେଉଛି। ନବୀନଙ୍କ ସହ ବିଜେଡିର ୧୨ ଲୋକ ସଭା ଏମ୍‌ପି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ ବୋଲି ଜଣାପଡିଛି। ରବିବାର ମଧ୍ୟାହ୍ନ ୧୨ଟା ୫୫ରେ ମୁଖ୍ୟମନ୍ତ୍ରୀ ବିମାନଯୋଗେ ଦିଲ୍ଲୀ ଯାତ୍ରା କରିବେ। ୧୧ ଅର୍ଥାତ ସୋମବାର ଯେକୌଣସି ସମୟରେ ମୋଦି-ନବୀନଙ୍କ ସାକ୍ଷାତକାର ହେବ ବୋଲି ଜଣାପଡିଛି। ସେହିଦିନ ନବୀନ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ମନ୍ତ୍ରଣାଳୟ ମୁଖ୍ୟମନ୍ତ୍ରୀ ଗସ୍ତ କରି ରାଜ୍ୟର ବାକି ଥିବା ପ୍ରକଳ୍ପ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କର ୧୦ ଏବଂ ୧୨ରୁ ୧୪ ତାରିଖ ମଧ୍ୟରେ କୌଣସି ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଏଯାବତ ନାହିଁ। ହେଲେ ୧୫ ଅପରାହ୍ଣରେ ହେବାକୁ ଥିବା ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ଜଣାପଡିଛି।

# ପାଟଣାଗଡ଼ ବିଧାୟକଙ୍କ ପାଇଁ ଅଡୁଆ ବଢ଼ିଲା

**ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା**

- ଘରକୁ ଫେରିଲେ କନିଷ୍ଠ ଯନ୍ତ୍ରୀ
- ସ୍ତ୍ରୀଙ୍କ ଅଭିଯୋଗ ଭିତ୍ତିରେ ମାମଲା ରୁଜୁ
- ଏନ୍‌ଏଚ୍‌ଆରସିରେ ପିଟିଶନ୍ ଦାୟର

ବଲାଙ୍ଗିର ଅଫିସ/ଭୁବନେଶ୍ୱର, ୭।୬(ବ୍ୟୁରୋ)

ନିମ୍ନମାନର ରାସ୍ତା କାମ ପାଇଁ ପାଟଣାଗଡର ନବନିର୍ବାଚିତ ବିଧାୟକ ସରୋଜ ମେହେର ଗତ ୫ତାରିଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସମ୍ମୁଖରେ ଉଠ୍‌ବସ୍ କରାଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ପୂରା ଘଟଣା ପଦାକୁ ଆସିଥିଲା। ଏହି ଘଟଣାକୁ ରାଜନୈତିକ ମହଲରେ ନିନ୍ଦା କରାଯାଇଛି। ଜଣେ ବିଧାୟକ ହୋଇ କିଭଳି ଆଇନ୍‌କୁ ହାତକୁ ନେଲେ ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଘଟଣା ପାଇଁ ବିଧାୟକ ମେହେର କ୍ଷମା ମାଗିଥିଲେ ମଧ୍ୟ ତାଙ୍କୁ ଛାଡ଼ିବାକୁ ନାରାଜ ବିରୋଧୀ। ସେମାନେ ବିଧାୟକ ମେହେରଙ୍କ ଗିରଫ ଦାବି କରିଛନ୍ତି। ସେହିପରି ଯନ୍ତ୍ରୀ ଶବରଙ୍କ ସ୍ତ୍ରୀ ପ୍ରବୀଣା ରାଜହଂସଙ୍କ ଅଭିଯୋଗ କ୍ରମେ ପାଟଣାଗଡ଼ ପୋଲିସ ବିଧାୟକ ମେହେରଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୪୧, ୩୬୩, ୨୯୪, ୩୨୩, ୩୫୩, ୩୫୫, ୫୦୦, ୩୪, ୩(୧)(ଆର), ୩(୧)(ଏସ) ଭଳି ୧୦ଟି ଦଫାରେ ଏକ ମାମଲା (ନଂ.୧୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ବେଲପଡା ଥାନା ଅଞ୍ଚଳରୁ ଶବରଙ୍କୁ ଉଦ୍ଧାର କରି ଶୁକ୍ରବାର ସକାଳେ ତାଙ୍କ ଘରେ ଛାଡ଼ିଛି। ସେହିପରି ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ମଧ୍ୟ ଏ ନେଇ ଅଭିଯୋଗ ହୋଇଛି। ଫଳରେ ମେହେରଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି।

ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାନବାଧିକାର କର୍ମୀ ସୁଜିତ ସାହୁ ପିଟିଶନ୍ ଦାଖଲ କରିଛନ୍ତି। ଆଗାମୀ ଦିନରେ ଏହାର ବିଚାର ହେବ ବୋଲି ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରିବା ସହ ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରିବା ଏବଂ ୪ସପ୍ତାହ ମଧ୍ୟରେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ଅଭିଯୋଗକାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରିବା ଦ୍ୱାରା ତାଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ତେଣୁ ତାଙ୍କୁ ପବ୍ଲିକ୍ ହ୍ୟୁମିଲେଶନ୍ ଏବଂ ଆଟ୍ରୋସିଟି ଆକ୍ଟ ଅନୁଯାୟୀ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପିଟିଶନ୍‌କାରୀ ସାହୁ କମିଶନରଙ୍କୁ ନିବେଦନ କରିଛନ୍ତି।

ଉଦ୍ଧାର ପରେ ଯନ୍ତ୍ରୀ ଶବର ପୋଲିସ ଏବଂ ଗଣମାଧ୍ୟମ ଆଗରେ ସବୁ କଥା ବଖାଣିଛନ୍ତି। ସେ କହିଛନ୍ତି ଯେ, ସେହିଦିନ ବିଧାୟକଙ୍କ ଉପସ୍ଥିତିରେ ନିର୍ବାହୀଯନ୍ତ୍ରୀ ତାଙ୍କୁ ଚାପୁଡ଼ା ମାରିଥିଲେ। ବିଧାୟକ ଜୋରଜବରଦସ୍ତି ୫ମିନିଟରେ ଶହେ ଥର ଉଠ୍‌ବସ୍ ଲାଗି କହିଥିଲେ। ଉଠବସ୍ ନ ହେଲେ ଲୋକେ ପିଟିବେ ବୋଲି କହିଥିଲେ। ବାଧ୍ୟ ହୋଇ ଉଠବସ୍ ହୋଇଥିଲି। ଲଜ୍ଜାଜନକ ପରିସ୍ଥିତି ଥିବାରୁ ମୁଁ ସେଦିନ ଚୁପ୍ ରହିଥିଲି। ପରେ ବିଧାୟକ ମେହେରଙ୍କ ଦୁଇଜଣ ସମର୍ଥକ ତାଙ୍କୁ ନେଇ ତିଖାଲୀ ପ୍ରୋଜେକ୍ଟ ଅଞ୍ଚଳରେ ରଖିଥିଲେ। ଅନ୍ୟପକ୍ଷେ କନିଷ୍ଠ ଯନ୍ତ୍ରୀଙ୍କୁ ବେଲପଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିବା ପୋଲିସ କହିଛି। ଏହିଘଟଣାକୁନେଇ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସଭାପତି ସୁଦର୍ଶନ ନାୟକ ଓ ଅନ୍ୟମାନେ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଭେଟି ଆଲୋଚନା କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ବେଲପଡ଼ା ବ୍ଲକ୍‌ର ଗମ୍ଭାରୀ ଗାଁ ରାସ୍ତା କାମ ତଦାରଖ କରିଥିଲେ ବିଧାୟକ ମେହେର। କାମ ନିମ୍ନମାନର ହୋଇଥିବା ଅଭିଯୋଗ କରି ସେ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଉଠବସ୍ କରାଇଥିଲେ। ଶବର ନେହୁରା ହୋଇଥିଲେ ମଧ୍ୟ ବିଧାୟକ ତାଙ୍କୁ ଛାଡ଼ି ନ ଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ଏବେ ଦେଖିବାକୁ ବାକି ରହିଲା ଶାସକ ଦଳର ବିଧାୟକ ମେହେରଙ୍କୁ ପୋଲିସ ଗିରଫ କରୁଛି ନା ଘଣ୍ଟ ଘୋଡ଼ାଉଛି।

## ଆଜିର ମନ୍ତବ୍ୟ

"ରାଜ୍ୟ ଯୋଜନାକୁ ସହାୟତା କରିବା ଲାଗି ଆର୍ଥିକ କ୍ଷମତା ନ ଥିବା ନୀତି ଆୟୋଗ ଏକ ନିଷ୍ଫଳ ସଂସ୍ଥା।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

୨୦୧୮-୧୯ରେ ଭାରତ-ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୨୨.୭ ନିୟୁତ ଡଲାରକୁ ବଢିଛି। ଏହା ୨୦୧୭-୧୮ରେ ୨୦୬.୭ ନିୟୁତ ଡଲାର ଥିଲା।

-ବାଣିଜ୍ୟ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ମନ ଭିତରେ ଦୁଃଖ ଭରି ରହିଥିଲେ ମଧ୍ୟ ପାରିବାରିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ।

**ବୃଷ** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନକରି ଏକ ପ୍ରକାର ଆଶ୍ୱସ୍ତି ଅନୁଭବକରିବେ। ପରିବାରରେ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ସାମୟିକ ମନରେ ବହୁତ କ୍ଷୋଭ ଆଣିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ୟଥା ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡ଼ିବ।

**ମିଥୁନ** ପାରସ୍ପରିକ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଯେଉଁ କାମରେ ହାତ ଦେଲେ ମଧ୍ୟ ସବୁ କିଛି ବିଗିଡ଼ିଯାଉଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ର ପାଇଁ ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କ୍ଷେତ୍ରରେ ସଙ୍କଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**କର୍କଟ** ପରିସ୍ଥିତି ବିଶେଷ ଅନୁକୂଳ ରହିବା କାରଣରୁ ମାନସିକ ସ୍ତରରେ ଉତ୍ସାହିତ ରହିବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ସକାଶେ ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ବୁଝାଇ ସୁଝାଇ କାମ ହାସଲ ପାଇଁ ଚେଷ୍ଟାକଲେ ହୁଏତ କେତେକାଂଶରେ ଉପକୃତ ହୋଇପାରିବେ। ବୁଝାମଣାର ଅଭାବ କିମ୍ବା ପକ୍ଷପାତିତା କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଗୁରୁଦୃଷ୍ଟି କାରଣରୁ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମଗୁଡ଼ିକୁ ସମ୍ପନ୍ନ କରିପାରିବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ସୂଚନା ରହିଛି।

**ତୁଳା** କୌଣସି ପ୍ରକାର ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଦୀର୍ଘ କେତେଦିନ ହେଲା ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ମଧ୍ୟ ହୋଇଯିବ। ପଡ଼ୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି।

**ବିଛା** ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ, କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ସାମୟିକ ଭାବରେ ପାସୋରି ଦେଇପାରନ୍ତି। ସଭାସମିତି, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ।

**ଧନୁ** ଧୀରେ ଧୀରେ ପୂର୍ବ ସମସ୍ୟା ବଦଳିଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସ୍ କାମରେ ଟେନ୍‌ସନ ବଢ଼ିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟର ଆଶଙ୍କା ରହିଛି। ଆକସ୍ମିକ ଦୂରଯାତ୍ରା,ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** ବନ୍ଧୁମାନଙ୍କ ସହଯୋଗକ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯାଇପାରନ୍ତି।

**କୁମ୍ଭ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। କଚେରି ମାମଲା, ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ମୀନ** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ବ୍ୟୟ ଭାର କ୍ରମଶଃ କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ଶୀଘ୍ର ଶୀଘ୍ର କାମ ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡ଼ିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ପକ୍ଷର ଶୀତଳଷଷ୍ଠୀ ଶନିବାର, ବଙ୍ଗୀୟ ମତେ ଜାମାଇ ଷଷ୍ଠୀ, ଶ୍ରୀମନ୍ଦିରରେ ଶିବ ବିବାହ, ଜୁନ୍ ୮ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୪ମି. ଗତେ ଘ୧।୨୫ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

Hondacity 2015 Diesel with Sunroof Hyundai Elantra, Lancer, Mercedez GLA & E & M class. 7381091234. D-66390




**SALE**

ଘରବାରି Plot, Pahal, Utkal heights ପଛପଟେ 30ft. Govt. roadକୁ ଲାଗି ପ୍ଲଟ ମିଳୁଅଛି। Immediate possession, registration: 6372708369. D-12860

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12874

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12824

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-12748

4600 sqft highly commercial building, canalroad. Ready for sale. Present rent: 1,10,000/- land-2700sqft. 6371449544. D-12783

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

**8000 sft. plot sale at Satya Nagar, Bhubaneswar. Directly buyer contact Deepak- 9937329999 (Broker excuse).** D-66238

Schedule caste conversion demarcation plot sale IIT Arugul, 4400 sqft. 8,80,000/- pichu road. 9439006524. D-12859

Yellowzone Gharabari plots available new Railway station, Patia, booking simplex BJEM-(2) 12,80,000/- monthly installment 5,000/-. 7735738102. D-12869

MIG house 2nd floor at BDA colony, Chandrasekharpur. Contact: 9439858111. D-12870

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12875

Litigation free gharabari plot Ranga bazar @ 650/-, Dhauli @ 1250/-. 9348012510. D-66704

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

**2600 sft. corner plot sale at SUM Hospital (CET College) Bhubaneswar, directly contact Deepak- 9937329999.** D-66239




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12873




Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

Residential/ commercial accomodation at Shailashree Vihar, CS Pur near DAV: available: 9338089477. D-66482

10,000 sqft. commercial land at SUM Hospital square for rent/lease. Call: 9937006703. D-35844




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674-2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Summer special mesmerizing offer expert therapeutic refreshing massage appointment. 9668374480. D-66560

Sampark ayurvedic massage club fully relaxed by smart lady, home service available. 8280102993. D-65899

Physiotherapy, full Body massage by trained ladies / Gents therapy: 7008773793. D-66484




Wanted a partner to open Ayurvedic clinic with food programme yoga etc. at Vyasanagar Municipality in Jajpur District. Contact: 9937877979. D-12857

E-Learning franchise start your own center Maths/Science on Android Tablet B'lore based Co. myxyo.com 8971120116. D-12872

**AFFIDAVIT**

By virtue of an affidavit before Executive Magistrate, Cuttack that I Papu Mallick aged 28 years, S/o Arjun Charan Mallick, Village- Mudhapada, Post- Solampur, Ps- Bhandaripokhari, Dist- Bhadrak, states I have changed my name Papu Mallick to Prateek Ranjan Mallick. Papu Mallick and Prateek Ranjan Mallick is one and same person as above address. Henceforth, I shall be known as Prateek Ranjan Mallick for all purposes. D-12883

Now Matrimonial ads. only on Wednesday & Sunday Book 1 Get 1 FREE

କେନ୍ଦ୍ର ସରକାର କ୍ୟାବିନେଟ ସଚିବ ପ୍ରଦୀପ କୁମାର ସିହ୍ନାଙ୍କ କାର୍ଯ୍ୟକାଳ ଆଉ ୩ ମାସ ବୃଦ୍ଧି କରିଛନ୍ତି। ସେ ଏହି ପଦବୀରେ ଆସନ୍ତା ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ରହିବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ସିହ୍ନାଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି। ୧୯୭୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ସିହ୍ନା ୨୦୧୫ରେ ୨ ବର୍ଷ ଲାଗି କ୍ୟାବିନେଟ ସଚିବ ନିଯୁକ୍ତ ହୋଇଥିଲେ। ପରେ ୨୦୧୭ ଓ ୨୦୧୮ରେ ତାଙ୍କ କାର୍ଯ୍ୟକାଳ ଦୁଇଥର ବୃଦ୍ଧି କରାଯାଇଥିଲା।








# କାଳିଆ ଯୋଜନା: ୩୨୩୪ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ (କାଳିଆ) ଯୋଜନା ସକାଶେ ୩,୨୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ଉଭୟ ଖରିଫ ଓ ରବି ଫସଲରେ  ଯୋଗାଇ ଦିଆଯିବ। ବର୍ଷକୁ ଜଣେ ଚାଷୀ ପରିବାର ୧୦ ହଜାର ଟଙ୍କାର ସହାୟତା ପାଇପାରିବେ। ଗତ ମେ ୨୯ ତାରିଖରେ ବିଜେଡି ଶାସନର ପଞ୍ଚମ ପାଳିର ପ୍ରଥମ କ୍ୟାବିନେଟ ବୈଠକରେ  ୩୨.୩୪ ଲକ୍ଷ ଅତିରିକ୍ତ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହିଛି।  ଏହି ଯୋଜନାରୁ କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେ ନେଇ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ  ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଏହି  ଯୋଜନାରେ ୪୩ ଲକ୍ଷ ଚାଷୀ ପରିବାରଙ୍କୁ ସାମିଲ କରାଯାଇଥିଲା। ଏ ପର୍ଯ୍ୟନ୍ତ ମୋଟ ୭୫ ଲକ୍ଷ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଛି।  ସେଥିରେ ୫୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବା ବେଳେ ୨୫ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ସାମିଲ କରାଯାଇଛି। ଅତିରିକ୍ତ ୩୨.୩୪ ଲକ୍ଷ ଚାଷୀ ପରିବାରଙ୍କ ପାଇଁ ୨୦୧୯-୨୦ ସକାଶେ ୩୨୩୪ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଯୋଜନା ଘୋଷଣା ହେବା ପରେ ରାଜ୍ୟ ସରକାର ଏଥିପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଏହି ଯୋଜନାରେ ଅଧିକ ଚାଷୀ ପରିବାରଙ୍କୁ ସାମିଲ କରାଯିବାରୁ ଯୋଜନାର ବ୍ୟୟ ଭାର ୧୩୨୩୪ କୋଟି ଟଙ୍କାରେ ପହଞ୍ଚିଛି।

# ଆଜି ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ କେନ୍ଦ୍ରମନ୍ତ୍ରୀଭାବେ ଶପଥ ନେବାପରେ ପ୍ରଥମ ଥର ପାଇଁ ଶନିବାର ଓଡିଶା ଆସୁଛନ୍ତି। ସେମାନଙ୍କ ସହ ରାଜ୍ୟ ପ୍ରଭାରୀ ଅରୁଣ ସିଂ ମଧ୍ୟ ରାଜ୍ୟ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେମାନେ ଭୁବନେଶ୍ୱର ବିମାନବନ୍ଦରରେ ସକାଳ ୮ଟା ୩୦ରେ ପହଞ୍ଚିବେ। ଏହାପରେ ସେମାନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯିବେ। ଅପରାହ୍ଣ ୩ଟାରେ ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଦଳ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପାର ସବୁ ନବ ନିର୍ବାଚିତ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।







ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ।
-ଶ୍ରୀଅରବିନ୍ଦ



# ବ୍ୟକ୍ତିଗତ ପ୍ରସଙ୍ଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୪ରେ ମୋଦି ସରକାର ନିଷ୍ପତ୍ତି ନେଇଥିଲେ ଯେ ପ୍ରଶାସନିକ ବାବୁମାନେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (ପିଏସ୍) ଓ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସ୍‌ଡି) ଭାବେ ଥରେ ଚାକିରି କରିବା ପରେ ଆଉ ସେମାନଙ୍କୁ ସେହି ଏକା ପଦବୀରେ ନିଯୁକ୍ତି ଦିଆଯିବ ନାହିଁ। ସେତେବେଳେ ଏହି ନିଷ୍ପତ୍ତିରୁ ଅର୍ଥ ବାହାର କରାଯାଇଥିଲା ଯେ, ମନ୍ତ୍ରୀମାନେ ଯେପରି ନିଜ ମନପସନ୍ଦର ବ୍ୟକ୍ତିଙ୍କୁ ପିଏସ୍ ବା ଓଏସ୍‌ଡି ଭାବେ ବାଛିପାରିବେ ନାହିଁ, ସେଥିଲାଗି ଏପରି ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଫେରିବା ପରେ ସେହି ପ୍ରଶ୍ନ ଆଉଥରେ ଉଠିଛି। ପ୍ରଶାସନିକ ଧାରାକୁ ଅବ୍ୟାହତ ରଖିବା ଓ ମନ୍ତ୍ରଣାଳୟଗୁଡ଼ିକର ଦକ୍ଷ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ଅନେକ ମନ୍ତ୍ରୀଙ୍କୁ ତାଙ୍କ ପୂର୍ବ ବିଭାଗ ଦିଆଯାଇଛି। ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପୂର୍ବର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପାଇଛନ୍ତି। ନୀତିନ ଗଡ଼କରୀଙ୍କୁ ମଧ୍ୟ ତାଙ୍କର ସଡ଼କ ଓ ପରିବହନ ବିଭାଗ ମିଳିଛି। ସେହିପରି ପୀୟୂଷ ଗୋୟଲ (ରେଳପଥ ଓ କର୍ପୋରେଟ୍ ବ୍ୟାପାର) ଓ ରବିଶଙ୍କର ପ୍ରସାଦ (ଆଇନ ଓ ନ୍ୟାୟ) ତାଙ୍କର ପୂର୍ବ ବିଭାଗ ପାଇଛନ୍ତି। ପ୍ରଶ୍ନ ହେଉଛି ଏହି ମନ୍ତ୍ରୀମାନଙ୍କୁ ତାଙ୍କର ପୂର୍ବର ପିଏସ୍ ଓ ଓଏସ୍‌ଡିଙ୍କୁ ରଖିବା ପାଇଁ ଅନୁମତି ମିଳିବ ତ? ନା ସେମାନଙ୍କୁ ନୂଆ କର୍ମଚାରୀ ଦିଆଯିବ?

### ଆତ୍ମଜୀବନୀ ଲେଖିବାର ଦୋଷ

ଚାକିରି ସର୍ତ୍ତାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ନିଲମ୍ବିତ କେରଳର ପୋଲିସ ମହାନିର୍ଦ୍ଦେଶକ ଜାକବ ଟମାସ ଏବେ ଆପରାଧିକ ମାମଲା ଏବଂ ଚାକିରିରୁ ଛଟେଇର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତାଙ୍କର ଦୋଷ ହେଲା ସେ ଏକ ଆତ୍ମଜୀବନୀ ଲେଖିଛନ୍ତି। ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍‌ଙ୍କ ନିର୍ଦ୍ଦେଶରେ ଟମାସଙ୍କ ବିରୋଧରେ ଏକ ଆପରାଧିକ ମାମଲା ରୁଜୁ କରିଛି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଜୋସ୍‌ଙ୍କ ସମ୍ପର୍କରେ ନଗ୍ନ ସତ୍ୟ ଲେଖିଥିବାରୁ ଏବଂ କିଛି ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ମଧ୍ୟ ନିଜ ଆତ୍ମଜୀବନୀରେ ଲେଖିଥିବାରୁ ସରକାର ଟମାସଙ୍କ ଉପରେ ଖପା ହୋଇଛନ୍ତି। ସେ ଉକ୍ତ ପୁସ୍ତକ ପ୍ରକାଶ କରିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କଠାରୁ ପ୍ରାକ୍-ଅନୁମତି ନେଇନାହାନ୍ତି। ଯାହା ଜଣାଯାଏ ୧୯୮୫-ବ୍ୟାଚ୍ ଆଇପିଏସ୍ ଅଫିସର ଜଣକ ଅନେକ ରାଜନେତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନାହାନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଉମେନ୍ ଚାଣ୍ଡି ଏବଂ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ, ଯେଉଁମାନଙ୍କ ବିରୋଧରେ କିଛି ବିବାଦୀୟ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିଲା। ଏତଲା ଅନୁସାରେ ଟମାସ ତାଙ୍କ ପୁସ୍ତକରେ ପୋଲିସ୍-ଫୋର୍ସେସ୍ (ରେଷ୍ଟ୍ରିକ୍ସନ ଅଫ୍ ରାଇଟ୍‌ସ) ଆକ୍ଟ, ୧୯୬୬ର ଉଲ୍ଲଂଘନ କରି କିଛି ଦାପ୍ତରିକ ଗୋପନ କଥା ପ୍ରକାଶ କରିଦେଇଛନ୍ତି। ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଟମାସ୍‌ଙ୍କୁ ଜରିମାନା ସହ ଦୁଇବର୍ଷର ଜେଲଦଣ୍ଡ ମଧ୍ୟ ମିଳିପାରେ। ଏହିସବୁ ଅଭିଯୋଗ ଭିତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଡିଜିପିଙ୍କୁ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିପାରେ।

### ଜମ୍ମୁ-କଶ୍ମୀରରେ ନିୟମ କୋହଳ ହେବ

ଯୋଗ୍ୟ ଅଫିସରଙ୍କ ଅଭାବରୁ ଜମ୍ମୁ-କଶ୍ମୀର ପ୍ରଶାସନ ବିଭିନ୍ନ ବିଭାଗର ପ୍ରଶାସନିକ ସଚିବ ପଦ ପୂରଣ କରିବା ଲାଗି ସମସ୍ୟାର ସମ୍ମୁଖୀନ ହେଉଛି। ଅସ୍ଥାୟୀ ସଚିବ ପ୍ରଥା କିଛି କାମ ଦେଉନାହିଁ। ବାସ୍ତବରେ ଆଗାମୀ ମାସଗୁଡ଼ିକରେ ଅନେକ ଆଇଏଏସ୍ ଅଫିସର ଅବସର ନେବାକୁ ଯାଉଥିବାରୁ ଏହି ସମସ୍ୟା ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି। ଏଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଓ କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ନିଯୁକ୍ତି ନିୟମକୁ କୋହଳ କରି ଉଚ୍ଚସ୍ତରୀୟ ନିଯୁକ୍ତିରେ ଅସ୍ଥାୟୀ ବ୍ୟବସ୍ଥାର ଅନ୍ତ ଘଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହି ନିଷ୍ପତ୍ତି ଅନୁସାରେ ୧୩ ବର୍ଷରୁ କମ୍ ଚାକିରି କରିଥିବା ଅଫିସରଙ୍କୁ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନିକ ସେବା (କେଏଏସ୍)ର ଯେଉଁ ଅଫିସର ସୁପର ଟାଇମ୍ ସ୍କେଲ୍ ପାଉଥିବେ ସେମାନଙ୍କୁ ସଚିବସ୍ତରୀୟ ନିଯୁକ୍ତି ଲାଗି ଚୟନ କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏ ସମ୍ପର୍କରେ ରାଜ୍ୟପାଳ ସତ୍ୟପାଳ ମଲିକ ଏବଂ ସମସ୍ତ ଚାରିଜଣ ଉପଦେଷ୍ଟା କେ. ବିଜୟ କୁମାର, ଖୁର୍ଶିଦ ଅହମଦ ଗନାଇ, କେ. ସ୍କନ୍ଦନ୍ ଓ କେ.କେ. ଶର୍ମାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯଦିଚ ଅସ୍ଥାୟୀ ବ୍ୟବସ୍ଥାରେ ଅନେକ ବିଭାଗ ଚାଲୁଛି, ଯେଉଁ ଅଫିସରମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ସେମାନେ ଉଭୟ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାକୁ ସମର୍ଥ ହେଉନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକର କାମ ନ ହୋଇ ପଡ଼ିରହୁଛି। କେତେକ ବିଭାଗର ଗୁରୁତ୍ୱ ଦୃଷ୍ଟିରୁ ସେଗୁଡ଼ିକର ପ୍ରଶାସନିକ ସଚିବ ପଦବୀ ଦୀର୍ଘକାଳ ଖାଲି ରହିବା ଉଚିତ ନୁହେଁ ବୋଲି ସେ ରାଜ୍ୟପାଳ ଓ ଉପଦେଷ୍ଟାମାନଙ୍କୁ ଜଣାଇଛନ୍ତି। ଉକ୍ତ କୋହଳ ନୀତି କାର୍ଯ୍ୟକାରୀ ହେଲେ ପରିସ୍ଥିତିରେ ସ୍ୱାଭାବିକତା ଆସିବ ଓ ରାଜ୍ୟ ପ୍ରଶାସନ ଠିକ୍‌ଭାବେ ଚାଲିପାରିବ ବୋଲି କୁହାଯାଉଛି।

Email: dilipcherian@gmail.com

# ପ୍ରାକୃତିକ ବିପର୍ଯ୍ୟୟ ଓ ଆଧୁନିକ ପ୍ରଯୁକ୍ତି



ଇଂ. ମାୟାଧର ସ୍ୱାଇଁ

ଭାରତର ପୂର୍ବ ଉପକୂଳ ଏବଂ ବିଶେଷକରି ଆମ ରାଜ୍ୟ ଓଡ଼ିଶା ଅନେକଥର ବାତ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆମେ ଯଦି ନିକଟ ଅତୀତର ବାତ୍ୟାଗୁଡ଼ିକୁ ଦେଖିବା, ୧୯୯୯ର ମହାବାତ୍ୟା, ୨୦୧୩ର ଫାଇଲିନ୍, ୨୦୧୪ର ହୁଡ୍‌ହୁଡ୍, ୨୦୧୮ର ତିତ୍‌ଲି ଏବଂ ଏହି ବର୍ଷର ଫନୀ ଓଡ଼ିଶାର ଅନେକ କ୍ଷତି କରିଛି। ବାତ୍ୟା ହେଉଛି ଗୋଟିଏ ପ୍ରାକୃତିକ ଘଟଣା। ଅତ୍ୟାଧୁନିକ ଜ୍ଞାନକୌଶଳ ସତ୍ତ୍ୱେ ଏହାକୁ ଅଟକାଇବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାର ଆଗମନର ଠିକ୍ ସୂଚନା ମିଳିଗଲେ, ସେଥିପାଇଁ ଉପଯୁକ୍ତ ପ୍ରତିକାର କରାଯାଇପାରିବ। ବାତ୍ୟାର ଦୁଇ ବିପର୍ଯ୍ୟୟକାରୀ ଘଟଣା ହେଉଛି ପ୍ରବଳ ବେଗରେ ପବନ ବହିବା ଓ ସମୁଦ୍ର ଜୁଆରର କୂଳଲଘଂନ। ପବନ ବଡ଼ବଡ଼ ଗଛ, ବିଦ୍ୟୁତ୍ ଓ ଟେଲିଫୋନ ଖୁଣ୍ଟ, କଚ୍ଚାଘର ଆଦିକୁ ଭାଙ୍ଗି ଦେଇଥାଏ ଏବଂ ସମୁଦ୍ର ଜୁଆର ଅଧିକ ଉଚ୍ଚରେ ଆସିଲେ ଉପକୂଳ ଅଞ୍ଚଳକୁ ଜଳମଗ୍ନ କରିବା ସହିତ ପ୍ରତ୍ୟାବର୍ତ୍ତନ ବେଳେ ଲୋକ, ଗୋରୁ ଓ ଜିନିଷପତ୍ର ଆଦିକୁ ସାଥିରେ ସମୁଦ୍ରକୁ ଟାଣିନିଏ। ବାତ୍ୟା ସମୟରେ ଜୋର୍ ବର୍ଷା ମଧ୍ୟ ହୋଇଥାଏ, ଯାହା ସମୁଦ୍ରକୂଳଠାରୁ ଦୂରରେ ଥିବା ଲୋକଙ୍କର ମଧ୍ୟ କ୍ଷତି ପହଞ୍ଚାଇଥାଏ। ଓଡ଼ିଶାରେ ଅଧିକାଂଶ ବାତ୍ୟା ଜୁଲାଇ ଓ ଅକ୍ଟୋବରରେ ହେଉଥିବାରୁ ବନ୍ୟାର ଆଶଙ୍କା ଥାଏ।

ବାତ୍ୟା ସମୁଦ୍ର ଆଡୁ ଆସି ଯେଉଁ ସ୍ଥାନରେ ସ୍ଥଳଭାଗକୁ ଛୁଇଁଥାଏ, ସେଠାରେ ପବନର ବେଗ ସର୍ବାଧିକ ହୋଇଥାଏ ଏବଂ ତା'ପରେ ସ୍ଥଳଭାଗରେ ଗତି କରିବା ଭିତରେ ପବନର ବେଗ ସାଙ୍ଗକୁ କ୍ଷୟକ୍ଷତିର ପରିମାଣ କ୍ରମଶଃ କମିଯାଏ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବର୍ତ୍ତମାନ ବାତ୍ୟାର ଆଗମନ ଅତିକମ୍‌ରେ ଦୁଇସପ୍ତାହ ପୂର୍ବରୁ ଜଣାପଡୁଛି। ବାତ୍ୟା କେଉଁ ସ୍ଥାନରେ ଓ କେଉଁ ସମୟରେ ସ୍ଥଳଭାଗ ଛୁଇଁବ, ପବନର ବେଗ କେତେ ହେବ ଏବଂ ଜୁଆର ଉଚ୍ଚତା କେତେ ହେବ, ସେସବୁର ଠିକ୍ ତଥ୍ୟ ବହୁ ପୂର୍ବରୁ ମିଳିଯାଉଥିବାରୁ ପ୍ରଶାସନ ସମ୍ଭାବ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳକୁ ନେଇପାରୁଛି, ଯାହାଫଳରେ ମୃତାହତଙ୍କ ସଂଖ୍ୟା କମିଯାଉଛି। ୧୯୯୯ର ମହାବାତ୍ୟା ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସ୍ଥାନ ଓ ସମୟ ମାତ୍ର ଦିନକ ପୂର୍ବରୁ ଜଣାପଡିଲା। ଫଳରେ ଲୋକଙ୍କୁ ସ୍ଥାନାନ୍ତର ଓ ଏପରିକି ସତର୍କ କରାଯାଇ ନ ପାରିବାରୁ ୧୦ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କଲେ। କିନ୍ତୁ ତାହା ପରର ଫାଇଲିନ୍, ହୁଡ୍‌ହୁଡ୍ ଓ ତିତ୍‌ଲିରେ ପ୍ରାୟ କେହି ମୃତ୍ୟୁବରଣ କରି ନ ଥିଲେ। ଏହି ବର୍ଷର ଫନୀରେ ୫୦ରୁ ଅଧିକ ବ୍ୟକ୍ତି ମରିଥିବା ଜଣାପଡିଛି। ପ୍ରଶାସନ 'ଶୂନ ମୃତ୍ୟୁ' ଆଧାରରେ କାର୍ଯ୍ୟ କରିଥିଲେ ସୁଦ୍ଧା ବାତ୍ୟାର ଅତ୍ୟଧିକ ପ୍ରକୋପ ଓ କେତେକ ସ୍ଥଳରେ ଲୋକଙ୍କର ଖାମଖିଆଲି ମନୋବୃତ୍ତି ଯୋଗୁ ମୃତ୍ୟୁସଂଖ୍ୟା ବଢିଛି। ବାତ୍ୟାର ଆଗୁଆ ସୂଚନା ମିଳିବା ଦ୍ୱାରା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ରିଲିଫ ସାମଗ୍ରୀ ଯୋଗାଡ଼, ଉଦ୍ଧାରକାରୀ ଦଳର ପ୍ରସ୍ତୁତି ଆଦି ସମ୍ଭବ ହେଉଛି। ଫନୀ ଆସିବା ପୂର୍ବରୁ ଅଗ୍ନିଶମ ବିଭାଗ, ପୋଲିସ, ଓଡ୍ରାଫ, ଏନ୍‌ଡିଆରଏଫ୍ ଆଦି ଯନ୍ତ୍ରପାତି ନେଇ ପ୍ରସ୍ତୁତ ହୋଇ ରହିଥିଲେ।

ବାତ୍ୟାର ଯଥାର୍ଥ ଆଗୁଆ ସୂଚନା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଦୁଇଟି ବିକାଶ ଯୋଗୁ ସମ୍ଭବ ହୋଇଛି। ବାସ୍ତବରେ ପାଣିପାଗର ପୂର୍ବାନୁମାନ ପାଇଁ ଦେଶ ମଧ୍ୟରେ ଓ ବିଦେଶରେ ଥିବା ଅନେକ ପାଣିପାଗ କେନ୍ଦ୍ରରୁ ଅଜସ୍ର ତଥ୍ୟ ନେଇ ସେଗୁଡିକୁ ଅବିଳମ୍ବେ ବିଶ୍ଳେଷଣ କରିବାକୁ ପଡିଥାଏ। ଏହି କାର୍ଯ୍ୟ କେବଳ ସୁପର କମ୍ପ୍ୟୁଟର କରି ପାରିଥାଏ, ଯାହା ବର୍ତ୍ତମାନ ପାଣିପାଗ ବିଭାଗ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ବାତ୍ୟା ପୂର୍ବାନୁମାନ ପାଇଁ ଅନ୍ୟ ଏକ ସାହାଯ୍ୟକାରୀ ପ୍ରଯୁକ୍ତିବିଦ୍ୟା ହେଉଛି କୃତ୍ରିମ ଉପଗ୍ରହରୁ ତଥ୍ୟ ଗ୍ରହଣ। କୃତ୍ରିମ ଉପଗ୍ରହର ଉନ୍ନତମାନର କ୍ୟାମେରା ସାହାଯ୍ୟରେ ବାତ୍ୟାର ସୃଷ୍ଟି ଓ ଅଗ୍ରଗତିକୁ ସ୍ପଷ୍ଟ ଭାବେ ଜାଣିହେଉଛି।

ବାତ୍ୟା ହେଉଛି ଗୋଟିଏ ଦିନର ଘଟଣା- ଏହା ଗୋଟିଏ ସ୍ଥାନରେ ତିନିଚାରି ଘଣ୍ଟାରୁ ଅଧିକ ସମୟ ରହି ନ ଥାଏ। କିନ୍ତୁ ଅତିକ୍ରମ କରିବାର ଅନେକ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୂତ ହୋଇଥାଏ। ଏହାଦ୍ୱାରା ବଡ଼ ବଡ଼ ଗଛ ଉପୁଡି ରାସ୍ତାରେ ପଡି ଗମନାଗମନରେ ଅସୁବିଧା କରିଥାଏ ଏବଂ ବିଦ୍ୟୁତ୍ ସରବରାହ ଓ ଟେଲିଫୋନ ସେବା ବନ୍ଦ ହୋଇଯାଏ। ଏପରି ହୁଏ ଯେ ବାତ୍ୟା ଦିନ ଅପେକ୍ଷା ତା'ପର ଦିନଗୁଡ଼ିକ ଅଧିକ ବେଦନାଦାୟକ ହୋଇଥାଏ।

ଦିନ ଥିଲା, 'ରୋଟି, କପଡା, ମକାନ୍' ମନୁଷ୍ୟର ମୌଳିକ ଆବଶ୍ୟକତା ଥିଲା। କିନ୍ତୁ ଆମେ ବର୍ତ୍ତମାନ ସେହି ସ୍ତର ପାର କରିଯାଇଛେ ଏବଂ ଆଧୁନିକ ଜୀବନର ମୌଳିକ ଆବଶ୍ୟକତା ହେଉଛି ବିଦ୍ୟୁତ୍ ଓ ମୋବାଇଲ ଫୋନ୍। ସହରାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ପରେ ଜଳଯୋଗାଣ ବନ୍ଦ ହୋଇଯାଏ। ଅଧିକାଂଶ କୋଠାରେ ନିଜ ନିଜର ବୋର୍‌ୱେଲ୍ ଅଛି ଯେଉଁଠି ବିଦ୍ୟୁତ୍ ବିନା ଜଳ ବାହାରିପାରିବ ନାହିଁ। ସହରାଞ୍ଚଳରେ ପୂର୍ବରୁ ଥିବା ଅଧିକାଂଶ ପୁଷ୍କରିଣୀ ପୋତି ଦିଆଗଲାଣି ଏବଂ ଯେଉଁ କେତେକ ରହିଯାଇଛି ତାହା ବ୍ୟବହାର ଉପଯୋଗୀ ହୋଇ ରହି ନାହିଁ। ଗତ ବାତ୍ୟାରେ ଲୋକଙ୍କୁ ଜଳକଷ୍ଟ ଅଧିକ ବାଧିଥିଲା। ବିଦ୍ୟୁତ୍ ନ ଥିଲେ ଏଟିଏମ୍, ବ୍ୟାଙ୍କ ଏବଂ ଏପରିକି ଅନେକ ଅଫିସ୍ କାର୍ଯ୍ୟ କରିପାରେ ନାହିଁ। ଆଜିକାଲି ଅଧିକାଂଶ କାର୍ଯ୍ୟ ଇଣ୍ଟର୍‌ନେଟ ସାହାଯ୍ୟରେ ଅନ୍‌ଲାଇନ୍‌ରେ ହେଉଥିବାରୁ ଏହି ଅସୁବିଧା ହେଉଛି। ଫନୀ ଯୋଗୁ ଭୁବନେଶ୍ୱରରେ ୧୦ ଦିନ ପର୍ଯ୍ୟନ୍ତ ଜଳ ଓ ବିଦ୍ୟୁତ୍ ମିଳିଲା ନାହିଁ। ଦୁର୍ଯୋଗକୁ ଏହା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘଟିଥିବାରୁ ଅସହ୍ୟ ଗରମରେ ଲୋକେ ଶୋଇପାରିଲେ ନାହିଁ। ବିଶେଷକରି ଶିଶୁ ଓ ବୃଦ୍ଧାବୃଦ୍ଧମାନେ ଅକଥ୍ୟ ଯନ୍ତ୍ରଣା ଭୋଗ କଲେ। ଡାକ୍ତରଖାନାରେ ମଧ୍ୟ ବିଦ୍ୟୁତ୍ ଅଭାବରୁ ରୋଗୀମାନଙ୍କର ପରୀକ୍ଷା ଓ ଚିକିତ୍ସା ସୁଚାରୁରୂପେ ହୋଇପାରିଲା ନାହିଁ।

ଏହିସବୁ ଅସୁବିଧାର ମୂଳରେ ରହିଛି ବିଦ୍ୟୁତ୍। ଏଣୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହେବା ଉଚିତ। ବଡ଼ ବଡ଼ ସହରରେ ଭୂମିତଳ କେବୁଲ୍ ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ କରାଯାଉଛି। କିନ୍ତୁ ସ୍ମାର୍ଟ ସହର ଭୁବନେଶ୍ୱରରେ ଏହି ବ୍ୟବସ୍ଥା ନାହିଁ। ବାତ୍ୟା ବେଳେ କେବଳ ଏହା ମନେ ପଡୁଛି। ଏହା ବ୍ୟତୀତ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଯେପରିଭାବେ ମାଟିରେ ପୋତାଯିବା କଥା ସେପରି କରାଯାଉନାହିଁ। ପୁନଶ୍ଚ ଦୁଇ ସପ୍ତାହ ପୂର୍ବରୁ ବାତ୍ୟାର ସୂଚନା ମିଳିଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ କର୍ତ୍ତୃପକ୍ଷ ଯଥାଯଥ ଆଗୁଆ ପ୍ରସ୍ତୁତି କରିଥିବା ମନେ ହେଉନାହିଁ। ସେମାନଙ୍କ ପାଖରେ ଯଥେଷ୍ଟ ପରିମାଣର ବିଦ୍ୟୁତ୍ ସରଞ୍ଜାମ ନାହିଁ। ସବୁଠାରୁ ଅଧିକ ଆବଶ୍ୟକତା ହେଉଛି କୁଶଳୀ ଶ୍ରମିକ ଓ ଇଲେକ୍ଟ୍ରିସିଆନ୍‌ଙ୍କର। ବାତ୍ୟା ପରେ ସେମାନଙ୍କୁ ବାହାର ରାଜ୍ୟରୁ ଆଣିବାର ବ୍ୟବସ୍ଥା ହେଉଛି। ପୂର୍ବରୁ କାହିଁକି ନୁହେଁ? ଅତ୍ୟାବଶ୍ୟକ ସେବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସଂଖ୍ୟକ ଡିଜେଲ୍ ଜେନେରେଟର ରହିବା ଉଚିତ।

ବାତ୍ୟା ଅନ୍ୟ ଏକ ଅତ୍ୟାବଶ୍ୟକ ସେବା ଟେଲିଫୋନକୁ ବିପର୍ଯ୍ୟସ୍ତ କରିଦିଏ। ଟେଲିଫୋନ ଖୁଣ୍ଟଗୁଡିକ ଉପୁଡ଼ିଯାଏ। କିନ୍ତୁ ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ମଧ୍ୟ କାର୍ଯ୍ୟ କରୁନାହିଁ। ଆଜିକାଲି ଯେକୌଣସି ଅନୁଷ୍ଠାନର ନାମ ଲେଖା କିମ୍ବା ଚାକିରି ପାଇଁ ପରୀକ୍ଷା ସବୁ ଅନ୍‌ଲାଇନ୍‌ରେ ହେଉଛି। ଓଡ଼ିଶାର କେତୋଟି ଜିଲାରେ ବାତ୍ୟା ଯୋଗୁ ଇଣ୍ଟର୍‌ନେଟ ସୁବିଧା ନ ମିଳିଲେ ମଧ୍ୟ ସର୍ବଭାରତୀୟ ଅନୁଷ୍ଠାନଗୁଡିକ ଏହି ପରୀକ୍ଷାଗୁଡିକୁ ବନ୍ଦ କରି ନ ଥାଆନ୍ତି। ଏଣୁ ବାତ୍ୟା ପରେ ପରେ ମୋବାଇଲ ଓ ଇଣ୍ଟର୍‌ନେଟ ସେବା ତୁରନ୍ତ ଯୋଗାଇବା ଆବଶ୍ୟକ। ଏହା ମଧ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ନିହାତି ଆବଶ୍ୟକ। ହାମ୍ ରେଡିଓ ହେଉଛି ଏଥିପାଇଁ ଗୋଟିଏ ଉତ୍ତମ ବିକଳ୍ପ ବ୍ୟବସ୍ଥା।

ଏହି ବର୍ଷର ବାତ୍ୟାରୁ ଶିକ୍ଷା ନେଇ ବିଭିନ୍ନ ସଂସ୍ଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଭବିଷ୍ୟତରେ ବାତ୍ୟା ପ୍ରତି ସତର୍କ ଓ ପ୍ରସ୍ତୁତ ହେବା ଆବଶ୍ୟକ।

୭୦ ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ଭଲ ମଣିଷ ସନ୍ଧାନରେ



ଲଲାଟ କେଶରୀ ନାୟକ

ଆଚାର୍ଯ୍ୟ ଚାଣକ୍ୟ ଏକାଧାରରେ ଜଣେ ନୈଷ୍ଠିକ ବ୍ରାହ୍ମଣ, ଶିକ୍ଷକ, ଦାର୍ଶନିକ, ଅର୍ଥନୀତିଜ୍ଞ ଏବଂ ଜଣେ ଭଲ ଉପଦେଷ୍ଟା ଥିଲେ। ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତିର ପୁନରୁଦ୍ଧାର ଏବଂ ମାତୃଭୂମିର ସୁରକ୍ଷା ନିମିତ୍ତ ପ୍ରୟାସ ବା ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଭାରତୀୟ ଦର୍ଶନତତ୍ତ୍ୱ, ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ରାଜନୀତି, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ସମ୍ପର୍କ ଉପରେ ଗବେଷଣାରତ ଜଣେ ଦାର୍ଶନିକ ବାହାରିଲେ ଭଲ ମଣିଷର ସନ୍ଧାନରେ।

ପ୍ରଥମେ ଏକ ମନ୍ଦିର ମଧ୍ୟକୁ ପ୍ରବେଶ କଲେ ଦାର୍ଶନିକ ମହାଶୟ। ଆଜି ମନ୍ଦିର ଭିତରେ ଭିଡ଼ କାହିଁକି। ଆଜି ବୋଧହୁଏ ସୋମବାର। ଏଠିକି ଆସିଥିବା ମଣିଷ ନିଶ୍ଚିତ ଭଲ ମଣିଷ ହୋଇଥିବେ। କାରଣ ଆଧ୍ୟାତ୍ମିକତା ହିଁ ମଣିଷର ମାନସିକତାକୁ ଶୃଙ୍ଖଳିତ ଓ ମାର୍ଜିତ କରେ। ଦୁଇ ଭଦ୍ର ମହିଳା କଥା ହେଉଥିବାର ଦେଖିଲେ, ତାଙ୍କ ବେଶ ପୋଷାକରୁ ଜଣାଯାଏ ଦୁଇଜଣ ସମ୍ଭ୍ରାନ୍ତ ଘରର ବୋହୂ। ଜଣେ ମହିଳା ଅନ୍ୟ ଜଣଙ୍କୁ କହୁଥାଏ ଦିଅଁଙ୍କ ପାଖରେ ଭୋଗ ସରିଗଲାଣି। ହେଲେ ଆଉ ଟିକେ ପରେ ଆମେ ଯିବା। ଏବେ ଫେରିଲେ ମୋ ଶ୍ୱଶୁର ବୁଢ଼ା ପାଇଁ ଟିଫିନ ବ୍ୟବସ୍ଥା କରିବାକୁ ପଡ଼ିବ। ସେ କେଉଁଠିକି ଯିବେ ବୋଲି ବାହାରିଥିଲେ। ଯାଙ୍କୁ (ସ୍ୱାମୀ) କହି ଦେଇଛି- ମୁଁ ମନ୍ଦିର ଯାଉଛି, ତୁମେ ଆଜି ବାହାରେ ଟିଫିନ କରିନେବ। ବୁଢ଼ାଟା ବାହାରିଗଲା ପରେ ମୁଁ ଫେରିବି। କଷ୍ଟରୁ ଟିକେ ତ୍ରାହି ମିଳିଯିବ। ଏହା ଶୁଣି ଦ୍ୱିତୀୟ ମହିଳା ଜଣକ କହିଲେ- ମୁଁ ବି ଯାଙ୍କୁ (ସ୍ୱାମୀ) କହିଦେଇଛି- ମୋର ମନ୍ଦିରରୁ ଫେରିଲା ବେଳକୁ ଡେରି ହେବ, ତୁମେ ଆଜି ଅଫିସ କ୍ୟାଣ୍ଟିନରେ ଖାଇଦେବ, ମୁଁ ରୋଷେଇ କରିପାରିବିନି। ଧର୍ମର ଦ୍ୱାହିଦେଇ ନିଜ କର୍ମକୁ ଅଣଦେଖା କରିବା ଏବଂ ଗୁରୁଜନମାନଙ୍କ ପ୍ରତି ଏଭଳି ବ୍ୟବହାର! ନା ନା ଏଠି ଭଲ ମଣିଷ ମିଳିବେ ନାହିଁ।

ଆହୁରି ଆଗକୁ ଚାଲିଲେ ଦାର୍ଶନିକ ଭଲ ମଣିଷ ସନ୍ଧାନ ପାଇଁ। ଦେଖିଲେ କିଛି ଲୋକ ଖବରକାଗଜଟିଏ ପଢ଼ିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ସେଥିରେ ଜଣେ ବାବା ଗିରଫ ସମ୍ପର୍କରେ ତାଜା ଖବର ପ୍ରକାଶ ପାଇଛି। ଚମକିପଡ଼ିଲେ ଦାର୍ଶନିକ। ଦୁଇଦିନ ତଳେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ତାଙ୍କର ଏକ ସତ୍‌ସଙ୍ଗ ପ୍ରଚାରିତ ହେଉଥିଲା। ବାବା କହୁଥିଲେ, ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ନିଷ୍ଠା, ଏକାଗ୍ରତା ଏବଂ ସମର୍ପଣଭାବ ଦରକାର। ଏବେ ଏକ ନାବାଳିକାକୁ ବଳାତ୍କାର ଅଭିଯୋଗରେ ବାବା ଗିରଫ ହୋଇଛନ୍ତି। ଛି ଛି ଆଧ୍ୟାତ୍ମିକତା ଭିତରେ ଏତେ ଭଣ୍ଡାମି ଭରି ରହିଛି!

ଆହୁରି ଆଗକୁ ଚାଲିଲେ ଦାର୍ଶନିକ। ଆଗରେ ଏକ ବିରାଟ ସଭାର ଆୟୋଜନ। ମଞ୍ଚାସୀନ ରାଜନେତା ଭାଷଣ ଦେଉଛନ୍ତି- ମୋ ନିର୍ବାଚନମଣ୍ଡଳୀରେ ଗରିବୀ ରହିବ ନାହିଁ। ମୁଁ ଆପଣମାନଙ୍କ ସେବା କରିବାକୁ ରାଜନୀତିରେ ଯୋଗ ଦେଇଛି। ଏମିତି ଅନେକ କଥା। ନେତା ମଞ୍ଚରୁ ଓହ୍ଲାଇଲେ। ହଠାତ୍ ଜଣେ ଛିନ୍ନବସ୍ତ୍ର ଗରିବ ଲୋକ ଯାଇ ନେତାଙ୍କ ପାଦକୁ ଜାବୁଡ଼ି ଧରି କହିଲେ, ଆଜ୍ଞା ଗତକାଲି ମୋ ଝିଅକୁ କେତେଜଣ ଦୁର୍ବୃତ୍ତ ଉଠେଇ ନେଇଛନ୍ତି। ହେଲେ ପୋଲିସ କିଛି କରୁନାହିଁ। ମନ୍ତ୍ରୀ ତତ୍‌କ୍ଷଣାତ୍ ପୋଲିସକୁ ଫୋନ୍ କରିବା ପାଇଁ ବାହାରିବା ବେଳେ ଜଣେ କୁଜିନେତା ମନ୍ତ୍ରୀଙ୍କ କାନରେ କ'ଣ କହିଦେଲେ। ତା'ପରେ ଗରିବ ଲୋକଟିକୁ ମନ୍ତ୍ରୀ କହିଲେ- ତୁମେ ଯାଅ, ମୁଁ ଭୁବନେଶ୍ୱରରେ ପହଞ୍ଚିଲେ ବିଚାର କରିବି। ବିଚରା ଗରିବ ଲୋକଟିକୁ ସେଠାରୁ ତଡ଼ି ଦିଆଗଲା। ପରେ ପରେ ମନ୍ତ୍ରୀ କୁଜିନେତାଙ୍କୁ କହିଲେ- ତାଙ୍କୁ ଜଣେଇଦିଅ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପୂର୍ବରୁ ସେ ଝିଅକୁ ଫେରେଇଦେବେ। ନଚେତ୍ ଆମ ଦଳର ବଦ୍‌ନାମ ହେବ। ହଠାତ୍ ଦାର୍ଶନିକ ସ୍ତବ୍ଧ ହୋଇଗଲେ।

ସେଠୁ ଯାଇ ପହଞ୍ଚିଲେ ଏକ ବିଦ୍ୟାଳୟରେ। ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। କିନ୍ତୁ ଦେଖିଲେ ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ଭିଡ଼। କିଛି ବୁଝିବା ପୂର୍ବରୁ ଜଣେ ଅଭିଭାବକ କହିଲେ- ତୁମେ ଶିକ୍ଷକ ହୋଇ ମଦ ଖାଇ ସ୍କୁଲକୁ ଆସିବ ଏବଂ ପିଲାଙ୍କୁ ଅଶ୍ଳୀଳ ବ୍ୟବହାର କରିବ- ଆଜି ଆମେ ସ୍କୁଲରେ ତାଲା ପକାଇବୁ। ଦାର୍ଶନିକ ଆଉ ଭଲ ମଣିଷ ସନ୍ଧାନ ପାଇଁ ବେଶି ସମୟ ବିଦ୍ୟାଳୟ ପରିସରରେ ଅପେକ୍ଷା କଲେ ନାହିଁ।

ତା' ପରେ ଯାଇ ପହଞ୍ଚିଲେ ଏକ ଚିକିତ୍ସାଳୟ ପରିସରରେ। ଡାକ୍ତରବାବୁ ତାଙ୍କ ବ୍ୟକ୍ତିଗତ କ୍ୱାର୍ଟର୍ସରେ ରୋଗୀ ଦେଖୁଥାନ୍ତି। ଦାର୍ଶନିକ ଭାବିଲେ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଚିକିତ୍ସାଳୟ ପରେ ଘରେ ବି ରୋଗୀସେବା କରୁଛନ୍ତି। ରୋଗୀମାନଙ୍କୁ ଜଣକ ପରେ ଜଣେ ଚିକିତ୍ସା କରୁଥାନ୍ତି। ଗୋଟିଏ ଗରିବ ଲୋକ ବହୁତ କାକୁତିମିନତି ହେଉଥାଏ- ଆଜ୍ଞା ମୁଁ ଗରିବ ଲୋକ, ମୋ ପାଖରେ ପଇସା ନାହିଁ। ଏବେ ତ ସରକାରୀ ଚିକିତ୍ସାଳୟ ବନ୍ଦ ଅଛି। ମୋ ପୁଅକୁ ଭୀଷଣ ଜର, ଟିକେ ଦେଖି ଦିଅନ୍ତୁ। ଡାକ୍ତରବାବୁ ରୋକ୍‌ଠୋକ୍ ମନା କରିଦେଲେ। କହିଲେ- କାଲି ସରକାରୀ ଡାକ୍ତରଙ୍କୁ ଦେଖେଇବ। ମାନବିକତା ଏବଂ ସମ୍ବେଦନଶୀଳତା ଯେମିତି ଡାକ୍ତରବାବୁଙ୍କ ପାଖରେ ହାର ମାନିଛି। ଫେରି ଆସିଲେ ଦାର୍ଶନିକ ସେ ସ୍ଥାନରୁ। ସତରେ ଭଲ ମଣିଷ କ'ଣ ଆଉ ମିଳିବେନି। ପୋଲିସ ହେଉଛନ୍ତି ସମାଜର ରକ୍ଷାକବଚ। ସମାଜ ସହିତ ବନ୍ଧୁତାପୂର୍ଣ୍ଣ ବାତାବରଣ ବଜାୟ ରଖି ଶୃଙ୍ଖଳିତ ସମାଜ ଗଠନ କରିବା ପୋଲିସବାବୁଙ୍କ ଧର୍ମ। ଏଠି ନିଶ୍ଚିତ ଭାବରେ ଭଲ ମଣିଷ ମିଳିପାରିବେ। କିନ୍ତୁ ଦେଖିଲେ ପୋଲିସ ବାବୁ ଏତଲା ରଖିବାକୁ ଲାଞ୍ଚ ନେଉଛନ୍ତି।

ଦାର୍ଶନିକ ଜଣକ ଫେରିଆସିଲେ ସେଠାରୁ। ମନ୍ଦିର ସମ୍ମୁଖରେ ଏକ ପୂଜା ଦୋକାନରେ ବସି ପଡ଼ିଲେ। ତତ୍‌କ୍ଷଣାତ୍ ତାଙ୍କ ପୁଅ ଆସି ପହଞ୍ଚିଲେ। ଦୋକାନୀ ତାକୁ କହିଲେ- ଦୀପରେ ଘିଅ ଦେବୁ ଏବଂ ଏ ବଟଲରେ ପୋଡ଼ା ମୋବିଲ ଅଛି ଘିଅରେ ଟିକେ ମିଶେଇ ଦୀପରେ ରଖିବୁ। ନ ହେଲେ ଆମର ଲାଭ କମିଯିବ।

ମୋ-୯୪୩୮୧୮୧୧୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଉଜୁଡ଼ା ବୃକ୍ଷସମ୍ପଦ

ମହାଶୟ,

ଦିନକୁ ଦିନ ବନ୍ୟା ଓ ସାମୁଦ୍ରିକ ଝଡ଼ ପ୍ରଭାବରେ ବୃକ୍ଷଲତା ଉଜୁଡିବାରେ ଲାଗିଛି। ହୁଡ୍‌ହୁଡ୍, ଫାଇଲିନ, ତିତ୍‌ଲି ପରେ ଏବେ ଫନୀ ବାତ୍ୟାର ପ୍ରଭାବରେ ପୁରୀ, ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ପ୍ରଭୃତି ଉପାନ୍ତ ଅଞ୍ଚଳର ବୃକ୍ଷମାନେ ଧରାଶାୟୀ ହୋଇଛନ୍ତି। ବିଭିନ୍ନ କାରଣରୁ ପୃଥିବୀର ଜଳବାୟୁ ଦୂଷିତ ହେବାରେ ଲାଗିଛି। ଏଥିସହ ବୃକ୍ଷ ସମ୍ପଦର ସବୁଜିମା ବଳୟ ଧ୍ୱଂସ ହେତୁ ତାପମାତ୍ରା ଅଧିକ ବୃଦ୍ଧି ଘଟୁଛି। ଏଣୁ ନୂତନ ବୃକ୍ଷ ରୋପଣ କରିବା, ଫଳ ବୃକ୍ଷ ଚାଷ କରିବା ଓ ଲୋକମାନଙ୍କୁ ମାଗଣାରେ ଚାରା ବଣ୍ଟନ ଇତ୍ୟାଦି କରିବା ଦରକାର। ଉଜୁଡା ବୃକ୍ଷ ସମ୍ପଦକୁ ସଜାଡିବା ପାଇଁ ଦେଶର ନାଗରିକମାନେ କାନ୍ଧ ମିଳାଇବା ଆବଶ୍ୟକ। ପରେ ସେହି ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ବି କରାଯିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବିଦାୟ ପାହାଡ଼ ରାଣୀ

ଧରିତ୍ରୀ (୩୧।୫)ରେ ପ୍ରକାଶିତ ଡ. ଆଲୋକ ମିଶ୍ରଙ୍କ 'ବିଦାୟ ପାହାଡ ରାଣୀ' ଖୁବ୍ ଦୁଃଖଦାୟକ। ସ୍ତମ୍ଭକାର ଯେଉଁ ଆଶାବ୍ୟକ୍ତ କରିଛନ୍ତି ତାହା ପୂର୍ଣ୍ଣ ହେଉ। ତା' ସହିତ ପରମପିତାଙ୍କୁ ପ୍ରାର୍ଥନା କରୁଛି ସେହି ଅମର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଆଜିକାଲି ମଣିଷର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆବଶ୍ୟକ କରୁଥିବା ବ୍ୟକ୍ତିଠାରେ ପ୍ରତିରୋପଣ କରାଯାଇ ପାରୁଛି। ତେଣୁ ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ମାନବ ଅଙ୍ଗର ଉପଯୋଗିତା ଖୁବ୍ ବେଶି କହିଲେ ଚଳେ। ତେଣୁ ଅଙ୍ଗଦାନ ଏକ ମହାନ୍ ଦାନ ଭାବେ ବିବେଚିତ ହେଉଛି। ଶରୀରର ବିଭିନ୍ନ ଅଙ୍ଗ ମଧ୍ୟରେ ବୃକ୍କ, ହୃତ୍‌ପିଣ୍ଡ, ଯକୃତ, କର୍ନିଆ ଆଦି ଅନ୍ୟତମ। ତେବେ ୩ ବର୍ଷ ଝିଅର ଶରୀର ଦାନ କରିଛନ୍ତି ମାତାପିତା। ଏପରି ଏକ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ। ମାତାପିତା ୩ ବର୍ଷ ଝିଅର ଶରୀର ଦାନ କରି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏତେ କମ୍ ବୟସରେ ଶରୀର ଦାନ ଦେଶର ପ୍ରଥମ ଘଟଣା ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଯୋଧପୁର ରୋଡଓ୍ୱେଜରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଥିବା ଉମ୍ମେଦ ସିଂଙ୍କ ୩ ବର୍ଷର କୋମଳମତି କନ୍ୟା ଜ୍ୟୋତିଙ୍କର ଗୁରୁବାର ମୃତ୍ୟୁ ହୋଇଥିଲା। ଜ୍ୟୋତି ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଥିଲେ। ଏହାପରେ ତାଙ୍କ ଶରୀର ଚିକିତ୍ସା ବିଜ୍ଞାନରେ ଗବେଷଣା ପାଇଁ ସହାୟକ ହୋଇପାରିବ ଭାବି ଉମ୍ମେଦ ଓ ତାଙ୍କ ପତ୍ନୀ ଜ୍ୟୋତିଙ୍କ ଶରୀର ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୪

- କଲମ୍ବିଆର ଦକ୍ଷିଣ ପଶ୍ଚିମାଞ୍ଚଳରେ ଏକ ଭୟାବହ ଭୂମିକମ୍ପ ଘଟି ୫୦୦ ବ୍ୟକ୍ତିଙ୍କ ପ୍ରାଣହାନି।
- ସମଗ୍ର ଦେଶରେ ଥିବା ପ୍ରାୟ ୬୦ଟି ସହକାରୀ ପୋଲିସ ଡିଜି ପଦବୀକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି।



## ଜିଲା ଡାଏରୀ

### କଟକ

#### ସରୁନି ସମୀକ୍ଷା

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ ଯେତିକି ସମୀକ୍ଷା ହେଉଥିଲା ନିର୍ବାଚନ ପରେ ତାହା ବଢିଯାଇଛି। ହାରିବା ପଛରେ କିଏ, ଜିତିବା ପଛରେ କିଏ ଓ ଭୋଟ ହାର କମିବା ପଛରେ କେଉଁମାନେ ବିଭୀଷଣ, ସେ ନେଇ ନେତାମାନେ ଖାତାକଲମ ଧରି ହିସାବ କରୁଛନ୍ତି। ଜିଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୮ଟିରେ ଶଙ୍ଖ ଜିତିଥିବା ବେଳେ ଗୋଟିଏକୁ ହାତ କବ୍‌ଜା କରିନେଇଛି। ହେଲେ ରାଜ୍ୟରେ ମିଶନ ୧୨୦ର ସ୍ୱପ୍ନ ଦେଖୁଥିବା ଫୁଲ ଦଳ ଜିଲାରେ ଗୋଟିଏ ଆସନରେ ବି ପଦ୍ମ ଫୁଟାଇବାରେ ସକ୍ଷମ ହୋଇନାହିଁ। ଏପରିକି ବଡ଼ମ୍ବା ଓ ବାରବାଟୀ-କଟକରେ ଫୁଲ ଦଳ ୩ ନମ୍ବର ସ୍ଥାନରେ ରହିଛି। ହାୱା ଜୋରରେ ଥିଲା। ହାୱାକୁ ଭୋଟରେ ପରିଣତ କରିବା ପାଇଁ ଯାହା ଯେମିତି ଆବଶ୍ୟକ ସେମିତି ମଧ୍ୟ କରାଯାଇଥିଲା। ହେଲେ ଇଭିଏମ୍ ଭିତରେ ଏହି ହାୱା କେମିତି ପଶିପାରିଲାନି ସେ ଚିନ୍ତା ପଦ୍ମଦଳିଆଙ୍କୁ ଘାରିଥିବା ବେଳେ ଜିଲାର ଗୋଟିଏ ଆସନ କେମିତି ହାତକୁ ପଳାଇଲା ସେ ତର୍ଜମା ଶଙ୍ଖ ଶିବିରରେ ଜାରି ରହିଛି। ସବୁଠାରୁ ଅଧିକ ତର୍ଜମା ହାତ ଶିବିରରେ ଚାଲିଛି। କାରଣ ଜିଲାର ୯ଟି ଆସନ ମଧ୍ୟରୁ କେବଳ ବାଙ୍କୀ ଓ ବାରବାଟୀ-କଟକକୁ ଛାଡ଼ିଦେଲେ ବାକି ଆସନଗୁଡ଼ିକରେ ହାତ ଦଳ ସମ୍ମାନଜନକ ଭୋଟ ମଧ୍ୟ ପାଇନାହିଁ। ଅଧିକାଂଶ ସ୍ଥାନରେ ଦଳ ୩ ନମ୍ବରରେ ଥିବାବେଳେ କେତେକ ସ୍ଥାନରେ ୪ ନମ୍ବରକୁ ଖସିଯାଇଛି। ନେତାଙ୍କ ନିର୍ବାଚନ ପର ପୋଷ୍ଟମର୍ଟମକୁ ଦେଖି ଲୋକେ କହୁଛନ୍ତି ଯେମିତି ଚାଷ କରିଥିଲ ସେମିତି ଅମଳ କଲ। ଏବେ ବାଟରେ ହଜାଇ ହାଟରେ ଖୋଜିବାର ମୂଲ୍ୟ କିଛି ନାହିଁ।

– ନିର୍ମଳ ପଣ୍ଡା

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | E | | | | A | 1 |
| | | | | 2 | | | | 3 | | D | A | 5 | | |
| | | | | | 0 | | C | 6 | | 5 | 3 | | 2 | 4 |
| 5 | | | | D | | | 9 | | | | 1 | | | 3 |
| 4 | E | | | 9 | | 7 | | | | | | B | | |
| 2 | | | | | | | | C | 7 | | E | | | |
| | | | | | B | | D | | 2 | | | | | 5 |
| E | | | | | | 2 | | B | 4 | | | C | 3 | 9 |
| B | | 9 | D | | | A | 6 | 7 | | 8 | | | | |
| 0 | | 7 | | 4 | 2 | | | | | | 9 | | B | D |
| 6 | | D | | | | B | | | | A | 2 | | | E |
| | | | 4 | | | | | 1 | 9 | | 8 | | 6 | |
| 1 | | | 2 | A | 8 | | | 9 | | | | | 0 | B |
| | B | | 9 | 1 | | | 5 | 0 | | | | 8 | | 2 |
| C | | | | 3 | | | | A | | 6 | | 1 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | D | 8 | 3 | 6 | 4 | 7 | 9 | 0 | 5 | C | E | 1 | 2 |
| E | 9 | 3 | D | B | 0 | 8 | 6 | 2 | 1 | A | 4 | C | 5 | 7 |
| 6 | 7 | 1 | A | C | 4 | B | 5 | D | E | 9 | 2 | 8 | 0 | 3 |
| 4 | 2 | C | 9 | 5 | 7 | 1 | E | 0 | D | 3 | 8 | A | 6 | B |
| 5 | 0 | 8 | E | 2 | 1 | 3 | C | A | 6 | 7 | B | 9 | 4 | D |
| 3 | C | A | 0 | 1 | B | E | 9 | 8 | 7 | D | 5 | 6 | 2 | 4 |
| 2 | 6 | 0 | 4 | D | 5 | C | B | 7 | A | E | 1 | 3 | 8 | 9 |
| 9 | 5 | 7 | 2 | E | 3 | 0 | D | 1 | 4 | 8 | 6 | B | A | C |
| D | 8 | 4 | 7 | A | 9 | 6 | 2 | 5 | B | C | 3 | 0 | E | 1 |
| 1 | E | B | 6 | 8 | C | A | 3 | 4 | 2 | 0 | 9 | D | 7 | 5 |
| A | B | 5 | 3 | 4 | D | 7 | 1 | C | 8 | 6 | E | 2 | 9 | 0 |
| 0 | D | 9 | B | 6 | A | 2 | 4 | E | 3 | 1 | 7 | 5 | C | 8 |
| 8 | 3 | E | 1 | 9 | 2 | 5 | 0 | B | C | 4 | A | 7 | D | 6 |
| 7 | 4 | 2 | C | 0 | 8 | 9 | A | 6 | 5 | B | D | 1 | 3 | E |
| C | 1 | 6 | 5 | 7 | E | D | 8 | 3 | 9 | 2 | 0 | 4 | B | A |

ଗତକାଲିର ଉତ୍ତର



## ଜିଲା ଚିଠି
### ବଲାଙ୍ଗୀର

# ବଢୁଛି ପରିବେଶ ପ୍ରୀତି, କମୁଛି ଗଛ

ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଏହି ଅବସରରେ ସଭା ସମିତି କରାଯାଇ ପରିବେଶ ସଚେତନତା କଥା କୁହାଯାଇଛି। ସଭାମାନଙ୍କରେ କ୍ରମଶଃ ବୃଦ୍ଧି ପାଉଥିବା ବିଶ୍ୱତାପନ, ଜୀବଜଗତ ଉପରେ ଏହାର କୁପ୍ରଭାବ ଓ ଏହି ସମସ୍ୟାରୁ ନିରାକରଣ ବାଟ ସମ୍ପର୍କରେ ପ୍ରାୟତଃ ଆଲୋଚନା ହୋଇଛି। ଅତିଥିମାନେ ପରିବେଶ ସୁରକ୍ଷା, ଜୀବନ ରକ୍ଷା ବାର୍ତ୍ତା ଦେଇଛନ୍ତି। ସଭା ଆୟୋଜକମାନେ ମଧ୍ୟ ପରିବେଶ ସଚେତନତା ସୃଷ୍ଟି କରିବା ଦିଗରେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ ବୋଲି ବାର୍ତ୍ତା ଦେଇଛନ୍ତି। କେତେକ ସଭାରେ କିଛି ଅନୁଷ୍ଠାନ, ପରିବେଶ ପ୍ରେମୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଗଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ପରିବେଶ ସୁରକ୍ଷା ଦିଗରେ ସେମାନଙ୍କୁ ଆହୁରି ଉତ୍ସାହିତ କରିବ ବୋଲି ଆଶା କରାଯାଇଛି। କେତେକ ସ୍ଥାନରେ ଅତିଥିମାନେ ପ୍ରଚଣ୍ଡ ଖରାରେ ବୃକ୍ଷରୋପଣ କରି ଭିନ୍ନ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ପରିବେଶ ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ଆକଳନ କଲେ ଜିଲାରେ ଲୋକେ ସଚେତନ ହେଉଥିବା ଏବଂ ଲୋକଙ୍କ ପରିବେଶ ପ୍ରୀତି ବଢୁଥିବା ମନେହୁଏ। ତେବେ ବଲାଙ୍ଗୀର ଜିଲାରେ କ୍ରମାଗତ ଜଙ୍ଗଲ ହ୍ରାସ, ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଗଛକାଟ ଓ ପ୍ରତିବର୍ଷ ନିଆଁ ଲାଗି ଶହ ଶହ ଏକର ଜଙ୍ଗଲ ପୋଡିଯିବା ଘଟଣା ଘଟିଆସୁଛି। ସରକାରୀସ୍ତରରେ ଏସବୁ ସମସ୍ୟାର ସମାଧାନ କଥା ପଚାରିଲେ ବନବିଭାଗ ଅଧିକାରୀମାନେ ଜିଲାରେ କେତେ ଶହ ହେକ୍ଟର ନୂଆ ଗଛ ଲଗାଇଛନ୍ତି ଓ କେତେ ଗଛ ଲଗାଇବାର ଯୋଜନା ରଖିଛନ୍ତି ସେ ତଥ୍ୟ ଦିଅନ୍ତି। ସେସବୁରେ କେତେ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବା କେତେ ଖର୍ଚ୍ଚ ହେବାକୁ ଯାଉଛି ସେ କଥା କହନ୍ତି। ମାତ୍ର ଜିଲାରେ ବାସ୍ତବରେ କେତେ ନୂଆ ଜଙ୍ଗଲ ସୃଷ୍ଟି ହୋଇଛି ସେ ସମ୍ପର୍କରେ ପଚାରିଲେ ଅଧିକାରୀମାନେ ଯେଉଁ ତଥ୍ୟ ଦିଅନ୍ତି ତାହା ବେଶ୍ ଖାପଛଡା ମନେହୁଏ। ବୃକ୍ଷରୋପଣ କରି ନୂଆ ଜଙ୍ଗଲ ସୃଷ୍ଟି ଉପରେ ସରକାରୀ ଅଧିକାରୀମାନେ ଯେତିକି ଗୁରୁତ୍ୱ ଦିଅନ୍ତି ଜିଲାରେ ଥିବା ଜଙ୍ଗଲର ସୁରକ୍ଷା ଦିଗରେ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଜିଲାରେ ଥିବା ବହୁମୂଲ୍ୟ ଜଙ୍ଗଲ ସମ୍ପଦ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଅବାଧ ଜଙ୍ଗଲ ଲୁଟ୍ ଓ ନିଆଁଲାଗି ଜଙ୍ଗଲ ପୋଡି ଘଟଣାକୁ ନେଇ ସରକାରୀ ଅଧିକାରୀମାନେ ଯେଭଳି ଆନ୍ତରିକତା ପ୍ରକାଶ କରନ୍ତି ନାହିଁ ସେଭଳି ଜନସାଧାରଣ ମଧ୍ୟ ଏ ଦିଗରେ ବିଶେଷ ଆଗ୍ରହ ଦେଖାନ୍ତି ନାହିଁ। ପ୍ରତିବର୍ଷ ଖରାଦିନରେ ଜଙ୍ଗଲରେ ନିଆଁ ଲାଗି ପୋଡି ଯିବା ଦୃଶ୍ୟ ଦେଖାଯାଏ। ମାତ୍ର କେହି ଠୋସ୍ ପଦକ୍ଷେପ ନିଅନ୍ତି ନାହିଁ। ବନବିଭାଗ ପକ୍ଷରୁ ଗଠିତ ଜଙ୍ଗଲ ନିଆଁ ଲିଭା ଟିମ୍ ଚୁପ୍ ହୋଇ ବସିଥାନ୍ତି ଓ ଲୋକେ ମଧ୍ୟ ଭେକ୍‌ଲା ହୋଇ ଅନାଉଥାନ୍ତି। ଏଭଳି ପରିସ୍ଥିତିରେ ଜଙ୍ଗଲ ସୁରକ୍ଷା ଓ ପରିବେଶ ପ୍ରୀତି ଧରାପଡିଯାଏ। ବାସ୍ତବରେ ପ୍ରାକୃତିକ ଜଙ୍ଗଲ ସୁରକ୍ଷା ନ କରି ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟ ଭଳି ହୁଏ। ପରିବେଶ ଦିବସ ଆସିଗଲେ ସୋସିଆଲ ମିଡ଼ିଆରେ ପରିବେଶ ପ୍ରୀତି ବହୁ ମାତ୍ରାରେ ବଢ଼େ। ସଭା ସମିତିରେ ଲୋକଙ୍କ ଉତ୍ସାହ ମଧ୍ୟ ବଢ଼େ। ମାତ୍ର ଏସବୁ ସତ୍ତ୍ୱେ ଯଦି ବାସ୍ତବ କ୍ଷେତ୍ରରେ ଗଛ (ଜଙ୍ଗଲ) ବଢ଼ିବ ନାହିଁ ତାକୁ ଛଳନା ବା ପ୍ରହସନ ହିଁ କୁହାଯିବ।

**–ବୀରେନ୍ଦ୍ର କୁମାର ଝାଙ୍କର**

# ମଦ୍ୟପ ବାପାଙ୍କୁ ହତ୍ୟା କଲା ପୁଅ

**ବୌଦ୍ଧ,୭।୬(ସ୍ୱ.ପ୍ର):** ବୌଦ୍ଧ ଥାନା ଅନ୍ତର୍ଗତ ସରଣ୍ଡା ଗ୍ରାମରେ ଗୁରୁବାର ଏକ ହତ୍ୟା ଘଟଣା ଘଟିଛି । ମଦ୍ୟପ ବାପାଙ୍କ ନିର୍ଯାତନା ଅସହ୍ୟ ହେବାରୁ ପୁଅ ତାଙ୍କୁ ହତ୍ୟା କରିଛି। ମୃତକ ହେଲେ ସଦାଶିବ ପାତ୍ର(୪୩)। ପୋଲିସ ହତ୍ୟାକାରୀ ପୁଅ ଆଶିଷଙ୍କୁ ଗିରଫ କରିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାଛଡ ଓ ଛୁରିକୁ ପୋଲିସ ଜବତ କରିଛି । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୩୦/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସରଣ୍ଡା ଗ୍ରାମର ସଦାଶିବ ସବୁଦିନ ମଦପିଇ ଘର ଲୋକଙ୍କ ସହିତ ଗଣ୍ଡଗୋଳ କରିବା ସହ ମାରପିଟ କରିଆସୁଥିଲେ। ଗତ ଗୁରୁବାର ସକାଳେ ସଦାଶିବ ମଦ ପିଇ ଘରେ ପହଞ୍ଚି ଥିଲେ। କୌଣସି କାରଣ ନ ଥାଇ ସେ ନିଜ ବୁଢୀ ମା (୮୦ ବର୍ଷ)ଙ୍କୁ ମାରପିଟ କରିଥିଲେ । ଆଶିଷ ଏହାକୁ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ରାତି ପ୍ରାୟ ୧୦ଟାରେ ସଦାଶିବ ପୁଣି ଥରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେ ଏକ ଲୁହାଛଡ ଧରି ସ୍ତ୍ରୀ ଦଶବନ୍ତୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ମାରପିଟ୍ କରିଥିଲେ । ମା'ଙ୍କୁ ବାପା ଆକ୍ରମଣ କରୁଥିବା ଦେଖି ପୁଅ ଆଶିଷ ଉତ୍ତ୍ୟକ୍ତ ହୋଇ ଉଠିଥିଲେ । ସେ ସଦାଶବଙ୍କ ହାତରୁ ଲୁହାଛଡ ଛଡାଇ ନେଇ ତାଙ୍କ ପେଟକୁ ଦୁଇଥର ଭୂସି ଦେଇଥିଲେ । ସଦାଶିବ ତଳେ ପଡି ଛଟପଟ ହେଉଥିବାବେଳେ ଆଶିଷ ଘରୁ ଏକ ଛୁରି ଆଣି ତାଙ୍କ ଗଳାକୁ କାଟି ଦେଇଥିଲେ । ମା' ଦଶବନ୍ତୀ ପୁଅ ହାତରୁ ଛୁରି ଛଡାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲେ । ଫଳରେ ଘଟଣାସ୍ଥଳରେ ସଦାଶିବଙ୍କ ମୃତ୍ୟୁ ଘଟିଥିଲେ। ଆଶିଷ ଏ ସମ୍ପର୍କରେ ଫୋନ ଯୋଗେ ବୌଦ୍ଧ ଥାନାକୁ ଜଣାଇଥିଲେ । ସୂଚନା ପାଇ ପୋଲିସ ତୁରନ୍ତ ସରଣ୍ଡା ଗ୍ରାମରେ ପହଞ୍ଚି ସଦାଶିବଙ୍କ ମୃତଦେହ ଘରେ ପଡିଥିବା ଦେଖିବାକୁ ପାଇଥିଲା । ପରେ ପୋଲିସ ଆଶିଷଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରେ ସେ ନିଜ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ହାତୀ ଶାବକ ମୃତଦେହ ଉଦ୍ଧାର

**ଲଖନପୁର,୭।୬(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବାଦିମାଲ ପଞ୍ଚାୟତ କୁଶମେଲ୍ ଗ୍ରାମ ନିକଟ ମହାନଦୀ କୂଳରୁ ଶୁକ୍ରବାର ବନ ବିଭାଗ ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ନଦୀକୂଳରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ପ୍ରାଣୀ ଚିକିତ୍ସକ ଡା. ଅଜୟ ପ୍ରଧାନ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ମୃତଦେହଟି ମାସକର ଅଣ୍ଡିରା ହାତୀ ଶାବକର ବୋଲି ଜଣାପଡ଼ିଛି। ଜଙ୍ଗଲ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ୩ ଦିନ ହେଲା ଏକ ହାତୀପଲ ବରଗଡ଼ ଜିଲା ବାରପାହାଡ଼ ଅଞ୍ଚଳରୁ ମହାନଦୀ ପାର୍ ହୋଇ ଲଖନପୁର ଅଞ୍ଚଳକୁ ଚାଲିଆସିଛନ୍ତି। ହାତୀପଲ ନଦୀ ପାର୍ ହେବାବେଳେ କୌଣସି କାରଣରୁ ଶାବକର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।







### ବରଯାତ୍ରୀ ସହ କନ୍ୟାଘରେ ପହଞ୍ଚିଲେ ମହାଦେବ

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ସମ୍ବଲପୁର, ୭।୬ (ବ୍ୟୁରୋ)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ବରାତିରେ ନଗର ପରିକ୍ରମା କରି କନ୍ୟାଘରେ ପହଞ୍ଚିଥିଲେ। ଏଥିସହ ଷଷ୍ଠୀ ତିଥିରେ ମାହେନ୍ଦ୍ର ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଜଗତଜନନୀ ମାତା ପାର୍ବତୀ ଓ ଶିବଙ୍କ ବିବାହ ସମ୍ପୂର୍ଣ୍ଣ ଲୋକାଚାର, ପରମ୍ପରା ଓ ରୀତିନୀତିରେ ହୋଇଥିଲା। ପଣ୍ଡିତଙ୍କ ମହାମନ୍ତ୍ର ପାଠ ସହ ବେଲପତ୍ର, କୁଶରଜ୍ଜୁ ଓ ପଦ୍ମମାଳାରେ ହସ୍ତବନ୍ଧନ ହୋଇଥିଲା। ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇ ସୌଭାଗ୍ୟ ଅର୍ଜନ କରିଥିବା ମାତାପିତା ହସ୍ତବନ୍ଧନରେ ଜଳ ଢ଼ାଳି କନ୍ୟାଦାନ କରିଥିଲେ। ସର୍ବପୁରାତନ ଶୈବପୀଠ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡା ଶ୍ରୀଶ୍ରୀ ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଆଭୂଷଣ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୧୦୮ ମହାଆଳତି କରିଥିଲେ । ହରିବୋଲ ହୁଳହୁଳି ଓ ଶଙ୍ଖନାଦରେ ଶୈବପୀଠ ଉଛୁଳି ପଡିଥିଲା । ବରାତିରେ ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଚମକୁଥିଲା। ଦେବାଦେବୀଙ୍କ ବେଶରେ ସଜ୍ଜିତ ହୋଇ ଭକ୍ତମାନେ ବରାତିରେ ସାମିଲ ହୋଇଥିଲେ। ସେହିପରି ଐତିହାସିକ ଶୈବପୀଠ ବୁଢାରଜା ମହାଦେବ, ବଡବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା, ସାଲିହାବଗିଚା, ସାକ୍ଷୀପଡା, ଫାଟକ, ସହର ଉପକଣ୍ଠସ୍ଥ ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କ ତାରକେଶ୍ୱର ବାବା, ଶଙ୍କରମଠ ବାବାଙ୍କ ମାତା ପାର୍ବତୀଙ୍କ ସହ ବିବାହ ସଂପୂର୍ଣ୍ଣ ହୋଇଛି । ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଜଗତ ଜନନୀ ମାତା ପାର୍ବତୀ ବଧୂ ବେଶରେ ସଜେଇ ହୋଇ ଶିବଙ୍କୁ ଚାହିଁ ବସିଥିଲେ। ସେହିପରି କନ୍ୟା ପରିବାର ଓ ବନ୍ଧୁ ପରିଜନ ମଧ୍ୟ ରାତ୍ରି ଶେଷ ଭାଗରେ ମହାଦେବଙ୍କୁ ବାଟବରଣ କରି ବିବାହ ମଣ୍ଡପକୁ ନେଇଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ। ବରାତିରେ ଘଣ୍ଟ, ଶଙ୍ଖ, ଢ଼ାକି ବାଜା, ଦୁଲଦୁଲି, ସଂପ୍ରଦା, ଝାଞ୍ଜ ଓ ଘୁମୁରା ବାଦ୍ୟ ସାମିଲ ହୋଇଥିଲା। ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ପଶ୍ଚିମବଙ୍ଗ, ପଞ୍ଜାବ, ଆସାମ, ରାୟପୁର କଳାକାର ଆଧୁନିକ ଓ ପାରମ୍ପରିକ ନୃତ୍ୟ କରିଥିଲେ। ମହାଦେବଙ୍କ ବରବେଶ ଓ ବରାତିରେ ସାମିଲ ହେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା।


ସୋମନାଥ ବାବା ଭକ୍ତଙ୍କ କାନ୍ଧରେ ବରାତିରେ ବାହାରିଛନ୍ତି ।

## ସଚିବାଳୟରେ ନିଯୁକ୍ତି ପାଇବେ ୫୦୦ ଏଏସ୍‌ଓ

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀରେ ଆହୁରି ୫୦୦ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ନିଯୁକ୍ତି ପାଇବେ। ଶୁକ୍ରବାର ଓଡିଶା ଲୋକ ସେବା ଆୟୋଗ (ଓପିଏସସି) ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀମାନଙ୍କର ଚୂଡାନ୍ତ ତାଲିକା ପ୍ରକାଶ କରିଛି। ପୂର୍ବରୁ ଓପିଏସସି ଦ୍ୱାରା ୮୧୦ ଏଏସଓ ନିଯୁକ୍ତ କରାଯାଇଥିଲା। ସେଥିରୁ ୮୦୦ ସଚିବାଳୟରେ ଓ ୧୦ ଜଣଙ୍କୁ ରାଜଭବନରେ ନିଯୁକ୍ତି ମିଳିଥିଲା। ସଚିବାଳୟ ଓ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର ଖାଲି ପଦବୀଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯାଉଥିବାରୁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆଁସୀ କନିଆକୁ ଅଣ୍ଡ୍ରେଇସିଆ ବର**
**ଉଆଁସୀ କନିଆକୁ ଶାହାଡ଼ା ବର ।**

ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟା ବିବାହ କଲେ ବରର ଆୟୁଷ ଶୀଘ୍ର ପୂରିଯାଏ ବୋଲି ଲୋକଙ୍କ ଏକପ୍ରକାର ଅନ୍ଧବିଶ୍ୱାସ ଘର କରି ରହିଆସିଛି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ଶାହାଡ଼ା ଗଛ ସହ ବିବାହ କରିଦେଲେ ତା'ର ଦୋଷାଦୋଷ କଟିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ**



**ସ୍ୱର୍ଗତା କୃଷ୍ଣା କୁମାରୀ ରଥ**
ସ୍ୱାମୀ- ଉମା ଗୁରଣ ରଥ
(Retd. Senior Supt. Jail)
Jyoti nagar 1st lane, Berhampur(GM)
ଆବିର୍ଭାବ: ୨୦।୦୨।୧୯୪୯
ତିରୋଧାନ: ୧୯।୦୬।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ସ୍ନେହ, କର୍ତ୍ତବ୍ୟ, ପ୍ରେରଣା ଆମ୍ଭମାନଙ୍କର ସବୁବେଳେ ସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାକୁ ଶ୍ରୀଜଗନ୍ନାଥ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:**
ପୁଅ: ଶିଶିର, ସଞ୍ଜୀବ, ଝିଅ: କିରଣ, ରଶ୍ମି, ଶର୍ମିଳା, ଜ୍ୱାଇଁ: ଶରତ, ବିଷ୍ଣୁ, ଅଶେଷ, ବୋନ୍ଧୁ, ନାତି- ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୪୯୨୯୮

**ଗଙ୍ଗା ଶ୍ରାଦ୍ଧ**



**ସ୍ୱର୍ଗତା ମିନତୀ ମହାପାତ୍ର**
ଗ୍ରାମ- ତାଲମାଲ, ଜିଲ୍ଲା- ଝାରସୁଗୁଡ଼ା
ଆବିର୍ଭାବ: ୧୯୧୪
ତିରୋଧାନ: ୨୮।୦୫।୨୦୧୯
ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ**
ପୁତ୍ର- ଲୋଚନ ମହାପାତ୍ର, ସମସ୍ତ ବନ୍ଧୁ ଓ ମହାପାତ୍ର ପରିବାରବର୍ଗ।
ଧ-୧୨୮୮୬

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମାଗୁଣି ଜେନା**
ଭିଏସ୍‌ଏସ୍ ନଗର, ୱାର୍ଡ଼ ନଂ.୯, ବରଗଡ଼
ଆବିର୍ଭାବ: ୨୭।୧୨।୧୯୪୨
ତିରୋଧାନ: ୩୦।୦୫।୨୦୧୯
ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲ। ଆଜି ତୁମର ଦଶାହ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:**
ପୁଅ-ସୁଧି ରଞ୍ଜନ, ସୋମ ଭୂଷଣ, ଶୁଭ୍ରକାନ୍ତ, ଶମ୍ଭୁ ନାରାୟଣ ଓ ପରିବାରବର୍ଗ।
ଧ-୧୨୮୮୫

## 'ଆର୍ଟିକିଲ୍ ୧୫' ରିଲିଜ୍ ଅପେକ୍ଷାରେ ଆୟୁଷ୍ମାନ୍



**ମୁମ୍ବାଇ:** ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ଆର୍ଟିକିଲ୍ ୧୫' ରିଲିଜ ପାଇଁ ବ୍ୟସ୍ତ ରହୁଛନ୍ତି ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନା। ଏହାର କାହାଣୀ ବାସ୍ତବ ଦେଶପ୍ରେମ ଉପରେ ଗଢ଼ିଉଠିଛି। ତାଙ୍କ କହିବାନୁଯାୟୀ, ଦେଶକୁ ପ୍ରକୃତରେ ଭଲ ପାଉଥିବା ବ୍ୟକ୍ତି ସଚ୍ଚା ଦେଶପ୍ରେମୀ ଭାବେ ହିଁ ବିବେଚିତ ହୁଏ। ଭାରତୀୟ ସମ୍ବିଧାନର 'ଆର୍ଟିକିଲ୍ ୧୫'ରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହିତ କାହା ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରିବାକୁ ଉଲ୍ଲେଖ ରହିଛି। ୨୦୧୨ରୁ ଅଭିନୟ ଜଗତରେ ପାଦ ଦେଇଥିବା ଖୁରାନା ବର୍ତ୍ତମାନ ଦୁଇଟି ସନ୍ତାନର ଜନକ। ୭ ବର୍ଷର ପୁଅ ବର୍ତ୍ତମାନ ଫିଲ୍ମର କାହାଣୀ ବୁଝୁ କି ନ ବୁଝୁ ବରୁଣ ଧାୱନ ଏବଂ ଟାଇଗର ଶ୍ରଫ୍‌ଙ୍କ ଭଳି ଫାଣ୍ଟାଷ୍ଟିକାଲ୍ ହିରୋଙ୍କୁ ପସନ୍ଦ କରେ। ତେବେ ବଡ଼ ହେଲେ ମୋ ଅଭିନୀତ ଫିଲ୍ମ ପାଇଁ ସେ ଗର୍ବ ଅନୁଭବ କରିବ ବୋଲି ଆୟୁଷ୍ମାନ୍ ମତ ଦେଇଛନ୍ତି। ଆୟୁଷ୍ମାନ୍‌ଙ୍କ ଅଭିନୀତ ଫିଲ୍ମଗୁଡିକ ହେଉଛି 'ଭିକି ଡୋନର', 'ଶୁଭ ମଙ୍ଗଲ୍ ସାବଧାନ୍', ଏବଂ 'ବଧାଇ ହୋ'। ଅନ୍ୟତମ ଫିଲ୍ମ 'ଆର୍ଟିକିଲ୍ ୧୫' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।

## ଘୁଞ୍ଚିଲା ବିପିୟୁଟି ବି-ଟେକ୍, ବି-ଫାର୍ମା ସେମିଷ୍ଟର ପରୀକ୍ଷା

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ଅନ୍‌ଲାଇନ ପରୀକ୍ଷା ଶନିବାର ଥିବାରୁ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି) ତା'ର ବି-ଟେକ୍ ଏବଂ ବି-ଫାର୍ମା ସେମିଷ୍ଟର ପରୀକ୍ଷା ଘୁଞ୍ଚାଇ ଦେଇଛି। ବି-ଟେକର ବ୍ୟାକ୍ ପେପର ନିମନ୍ତେ ୮ତାରିଖରେ ଦ୍ୱିତୀୟ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା ହେବାର ଥିଲା। କିନ୍ତୁ ତାହାକୁ ଆସନ୍ତା ୧୭ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ବି-ଫାର୍ମା ବ୍ୟାକ୍ ପେପର ନିମନ୍ତେ ୮ତାରିଖରେ ଚତୁର୍ଥ ସେମିଷ୍ଟର ପରୀକ୍ଷା ହେବାର ଥିଲା। ଏବେ ଏହି ପରୀକ୍ଷା ୧୨ତାରିଖରେ ହେବ। ସୂଚନାଯୋଗ୍ୟ, ଉକ୍ତ ଦୁଇଟି ପାଠ୍ୟକ୍ରମ ପାଇଁ ଏହି ସେମିଷ୍ଟାର ପୂର୍ବରୁ ମେ' ୧୫ରେ ହେବାର ଥିଲା। ପରେ ପରିବର୍ତ୍ତିତ ହୋଇ ଜୁନ୍ ୮ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଦୁଇ ମାସରେ ୩୬ ଖଣି ନିଲାମ : ମନ୍ତ୍ରୀ

### ୪ଟିର ନିଲାମୀ ପ୍ରକ୍ରିୟା ଆରମ୍ଭ
### ଖଣି ରାଜସ୍ୱ ୭୦.୯୨%କୁ ବୃଦ୍ଧି

**ଭୁବନେଶ୍ୱର,୭।୬(ବ୍ୟୁରୋ):** ଆଗାମୀ ଦୁଇ ମାସ ମଧ୍ୟରେ ରାଜ୍ୟର ପ୍ରାୟ ୩୬ଟି ଖଣି ନିଲାମ ହେବ। ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ୪ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଏହିପରି ଭାବେ ମୋଟ ୪୦ ଖଣିର ନିଲାମ ନେଇ ନିଷ୍ପତ୍ତି ହୋଇଥିବା ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ବିଭାଗ ପକ୍ଷରୁ ଶୁକ୍ରବାର ସଚିବାଳୟରେ ହୋଇଥିବା ସମୀକ୍ଷା ବୈଠକ ପରେ ମନ୍ତ୍ରୀ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ପ୍ରଫୁଲ୍ଲ କହିଛନ୍ତି ଯେ, ଆଗାମୀ ଦିନରେ ମୋଟ ୪୦ଟି ଖଣି ନିଲାମ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଖଣିଜାତ ଦ୍ରବ୍ୟରୁ ସଂଗୃହୀତ ରାଜସ୍ୱର ପରିମାଣ ୭୦.୯୨% ଅର୍ଥାତ ୧୦,୪୭୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଆଗାମୀ ବର୍ଷରେ ୨୦ ମିଲିୟନ ଟନ୍ ଆଇରନ ଓର(ଲୁହାପଥର )ବ୍ୟବସାୟର ଲକ୍ଷ୍ୟ ରଖିଛି। ଗତବର୍ଷ ଓଏମ୍‌ସି ୧୬ ମିଲିୟନ ଟନ୍ ଆଇରନ ବ୍ୟବସାୟ କରିଥିବା ମନ୍ତ୍ରୀ ମଲ୍ଲିକ କହିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ
ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

AVAILABLE FOR RENT / LEASE

3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ ତୁମର ଉପକାର କରୁଛି ତାକୁ ଆପଣାର ବୋଲି ଭାବ, ଯିଏ ତୁମର ଅହିତ ଚିନ୍ତା କରୁଛି, ତାହାଠାରୁ ଦୂରରେ ରୁହ।
- ବ୍ୟାସଦେବ



# ‘ଭିକି ଡୋନର୍‌’ ମୋ ଜୀବନର ଟର୍ନିଂ ପଏଣ୍ଟ



୨୦୧୨ରେ ବହୁଚର୍ଚ୍ଚିତ ଫିଲ୍ମ ‘ଭିକି ଡୋନର୍‌’ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ ବଲିଉଡ୍‌ର ବବ୍‌ଲି ଅଭିନେତ୍ରୀ ୟାମି ଗୌତମ। ପ୍ରଥମ ଫିଲ୍ମରୁ ହିଁ କ୍ରିଟିକାଲ ଓ କମର୍ସିଆଲ ସଫଳତା ପାଇବା ପରେ ୟାମି ଗୋଟିଏ ପରେ ଗୋଟିଏ ହିଟ୍‌ ଚଳଚ୍ଚିତ୍ରରେ ନଜର ଆସିଥିଲେ। ସେଥିମଧ୍ୟରେ ‘ଆକ୍ସନ ଜ୍ୟାକ୍‌ସନ୍‌’, ‘ବଦଲାପୁର’, ‘ସନମ୍‌ ରେ’, ‘କାବିଲ୍‌’, ‘ମତୀ ଗୁଲ୍‌ ମିଟର୍‌ ଚାଲୁ’ ଏବଂ ୨୦୧୯ରେ ରିଲିଜ ହୋଇଥିବା ‘ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍‌’ ଭଳି ଫିଲ୍ମ ରହିଛି। ଫିଲ୍ମ ‘ଉରି’ରେ ୟାମି ନିଜର ଉତ୍କୃଷ୍ଟ ଅଭିନୟ ପାଇଁ ଦର୍ଶକଙ୍କ ହୃଦୟ ଜିଣିଥିଲେ। ଶୁକ୍ରବାର ସ୍କେଚର୍ସ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଅବସରରେ ତାଙ୍କ ସହ ଧରିତ୍ରୀ ଆଳାପ।

**ବଲିଉଡ୍‌ରେ ଏପର୍ଯ୍ୟନ୍ତ ଯାତ୍ରା କିଭଳି ଥିଲା?**

▶ ମୋ ଯାତ୍ରା ଏବେ ବି ଜାରିରହିଛି। ଏହାକୁ ବର୍ଣ୍ଣନା କରିବା ମୋ ପାଇଁ କଷ୍ଟକର। କେବେ ଏ ଯାତ୍ରା ସରିଯିବ ତାହା ବି କହିହେବନି। ଏତିକି କହିବି ସବୁବେଳେ ଉଚ୍ଚନୀଚ ରହିଆସିଛି। କେତେଜଣଙ୍କଠାରୁ ଆଗକୁ ବଢ଼ିବାକୁ ପ୍ରେରଣା ମିଳିଛି ଓ କେତେଜଣଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଛି।

**ଏକ ମଧ୍ୟବିତ୍ତ ପରିବାରରୁ ଆସି ବଲିଉଡ୍‌ରେ ତିଷ୍ଠିରହିବା କିଭଳି ସମ୍ଭବ ହେଲା?**

▶ ମୁଁ ନିଜ ଇଚ୍ଛାରେ ଏ ଇଣ୍ଡଷ୍ଟ୍ରିକୁ ଆସିଥିଲି। ଆରମ୍ଭରୁ ସବୁକିଛି ନିଜେ କରିଥିଲି ଓ ସବୁ ନିଷ୍ପତ୍ତି ନିଜେ ନେଇଥିଲି। ମୋ ସହ କେହି ନ ଥିଲେ। କୌଣସି ଗଡ୍‌ଫାଦର୍‌ ନ ଥିଲେ। ତେଣୁ ବଲିଉଡ୍‌ର ଯାତ୍ରା ନିଶ୍ଚିତ ଭାବେ ମୋ ପାଇଁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ଫିଲ୍ମ ହିଟ୍‌ ହେଲେ ଏଠାରେ ଆଗକୁ ବଢିବାକୁ ଅପ୍‌ସନ୍‌ ଥାଏ। ହେଲେ ଯଦି ଭଲ ନ ଚାଲେ ତା’ହେଲେ ସବୁକିଛି ବିଗିଡ଼ି ଯାଏ। ଇଚ୍ଛା ନ ଥିଲେ ବି କିଛି ଫିଲ୍ମ କରିବାକୁ ପଡ଼େ। ଆରମ୍ଭରୁ ମୋତେ ସମସ୍ୟା ହୋଇଥିଲା। ସବୁକିଛି ନିଜେ ମ୍ୟାନେଜ କରିବା କଷ୍ଟ ଥିଲା। ଏଠାରୁ ମୁଁ ଏତିକି ଶିଖିଛି, ନିଜ କାମକୁ ଗ୍ରହଣ କରିବା ସହ କାମକୁ ନେଇ ଖୁସି ରୁହ। ମ୍ୟାଜିକ୍‌ ନିଶ୍ଚିତ ହେବ।

**ଜଣେ ସେଲିବ୍ରିଟି ଭାବେ ଫ୍ୟାଶନକୁ ଆପଣ କିଭଳି ଦେଖନ୍ତି?**

▶ ମୋ ମତରେ ଫ୍ୟାଶନ ଅର୍ଥ ହେଉଛି କୁଲ୍‌, କମ୍ଫର୍ଟେବୁଲ, ସୋ ମଚ୍‌ କଲର୍ସ, ଇଜି ଓ ଷ୍ଟାଇଲିଶ୍‌। ମୁଁ ଏମିତି ଫ୍ୟାଶନରେ ବିଶ୍ୱାସ କରେ ଯାହା କେବଳ ଆଖିକୁ ଭଲ ଦେଖାଯାଏନାହିଁ, ବରଂ ପିନ୍ଧିବାକୁ ବି ସେତିକି କମ୍ଫର୍ଟେବୁଲ ଲାଗେ। କମ୍ଫର୍ଟକୁ ମୁଁ ସବୁବେଳେ ପ୍ରାଥମିକତା ଦିଏ। ଯାହା କ୍ୟାରି କରିବା ସହଜ ତାହା ମୁଁ ପିନ୍ଧେ। ଶାଢ଼ି ସହ ସ୍ପୋର୍ଟସ୍‌ ଶୁ ପିନ୍ଧିବାକୁ ବି ପଛାଏନି। ଯଦି ମୁଁ ଆକ୍ଟର ହେଇ ନ ଥାନ୍ତି ତା’ହେଲେ ବି ମୁଁ ଏବେ ଯାହା ପିନ୍ଧୁଛି, ତାହା ହିଁ ପିନ୍ଧିଥାନ୍ତି। ଡିସେଣ୍ଟ ଡ୍ରେସ୍‌ ଅପ୍‌ରେ ମୁଁ ବିଶ୍ୱାସ ରଖେ।

**ଆପଣ କନ୍ନଡ, ତେଲୁଗୁ ଓ ପଞ୍ଜାବୀ ଭଳି ବହୁ ଆଞ୍ଚଳିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଓଡ଼ିଆରେ ଯଦି କେବେ ସୁଯୋଗ ମିଳେ କରିବେ?**

▶ କାହିଁକି ନୁହେଁ। ନିଶ୍ଚୟ କରିବି। ହେଲେ ମୋତେ ଏପର୍ଯ୍ୟନ୍ତ କେହି ଅଫର ଦେଇନାହାନ୍ତି(ହସି ହସି ଉତ୍ତର ଦେଇଥିଲେ)।

**ଉରି ପରେ ୟାମି ଗୌତମଙ୍କଠାରୁ ଆମେ କ’ଣ ଦେଖିବାକୁ ପାଇବୁ?**

▶ ଦିନେଶ ଭିଜନଙ୍କ ଆଗାମୀ ଫିଲ୍ମ ‘ବାଲା’ରେ ଆୟୁଷ୍ମାନ୍‌ ଏବଂ ମୁଁ ଏକାଠି ଆସୁଛୁ। ଏହା ଏକ ଭିନ୍ନସ୍ୱାଦର ଫିଲ୍ମ। ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଛି। କାନପୁର, ବମ୍ବେରେ ଶୁଟିଂ ସରିଛି। କିଛିଦିନ ପରେ ଲକ୍ଷ୍ନୌରେ ଆରମ୍ଭ ହେବ। ଏବର୍ଷ ନଭେମ୍ବର ୨ରେ ବାଲା ରିଲିଜ ହେବ।

**କେଉଁ ଫିଲ୍ମ ଆପଣଙ୍କ ଜୀବନର ଟର୍ନିଂ ପଏଣ୍ଟ ଥିଲା?**

▶ ମୋର ପ୍ରଥମ ଫିଲ୍ମ ‘ଭିକି ଡୋନର୍‌’ ହିଁ ମୋ ଜୀବନର ଟର୍ନିଂ ପଏଣ୍ଟ ଥିଲା। ସେହି ଫିଲ୍ମ ପାଇଁ ଲୋକେ ମୋତେ ଚିହ୍ନିଥିଲେ ଓ ଭଲପାଇବା ଦେଇଥିଲେ। ଏପର୍ଯ୍ୟନ୍ତ ମଧ୍ୟ ଲୋକେ ‘ଭିକି ଡୋନର୍‌’କୁ ମନେ ରଖିଛନ୍ତି। ଏହାଛଡା ନିକଟରେ ଆସିଥିବା ଫିଲ୍ମ ‘ଉରି’ ମୋ ଜୀବନର ଆଉ ଏକ ଟର୍ନିଂ ପଏଣ୍ଟ। ‘କାବିଲ୍‌’, ‘ବଦଲାପୁର’ ବି ମୋ ପାଇଁ ସ୍ପେଶାଲ ଥିଲା।

**‘ଉରି’ ଫିଲ୍ମରେ ୟାମିଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏଭଳି ଏକ ଚ୍ୟାଲେଞ୍ଜିଂ ରୋଲ୍‌ କରିବାର ଅନୁଭୂତି କିଭଳି ରହିଛି?**

▶ ‘ଉରି’ରେ ମୋତେ ଯେମିତି ଚରିତ୍ର ମିଳିଥିଲା ଲୋକେ କେବେ ଭାବି ନ ଥିଲେ ଯେ ମୁଁ ତାହା କରିପାରିବି। କୌଣସି ଆକ୍ଟର କେବେ ନିର୍ଦ୍ଦିଷ୍ଟ ଏକ ଇମେଜ୍‌ ଚାହାନ୍ତିନି। ସେମାନେ ଚରିତ୍ର ସହ ଏକ୍ସପେରିମେଣ୍ଟ କରିବାକୁ ଚାହାନ୍ତି। ସେଭଳି କିଛି ଚ୍ୟାଲେଞ୍ଜିଂ କରିବା ପାଇଁ ମୋର ଇଚ୍ଛା ଥିଲା। ‘ଉରୀ’ ମୋତେ ସେ ସୁଯୋଗ ଦେଇଥିଲା। ଲୋକେ ମୋତେ ସମ୍ପୂର୍ଣ୍ଣ ଏକ ଭିନ୍ନ ଚରିତ୍ରରେ ଦେଖିଥିଲେ। ଆଗକୁ ‘ବାଲା’ରେ ବି ସେମିତି ଏକ ଚରିତ୍ରରେ ଦେଖିବାକୁ ପାଇବେ।

**ଯଦି କେବେ କୌଣସି ବାୟୋପିକ୍‌ କରନ୍ତି ତା’ହେଲେ କାହା ଚରିତ୍ରରେ କରିବାକୁ ଚାହିଁବେ?**

▶ ଯଦି ଗୋଟିଏରୁ ଅଧିକ ବାୟୋପିକ୍‌ କରିବାର ସୁଯୋଗ ମିଳେ ତା’ହେଲେ ମୁଁ ମଧୁବାଲା, ଇନ୍ଦିରା ଗାନ୍ଧୀ ଓ କଳ୍ପନା ଚାୱଲାଙ୍କ ଚରିତ୍ର କରିବାକୁ ନିଶ୍ଚୟ ଚାହିଁବି।

**ଫିଲ୍ମ କରିବା ପୂର୍ବରୁ ଏହାର ସ୍କ୍ରିପ୍ଟ ଦେଖି ବାଛନ୍ତି ନା ଏକ ଦୃଢ ଆତ୍ମବିଶ୍ୱାସର ସହ କରନ୍ତି?**

▶ ଉଭୟ। ସ୍କ୍ରିପ୍ଟ ଯେତିକି ଗୁରୁତ୍ୱପୂର୍ଣ୍ଣ ଆତ୍ମବିଶ୍ୱାସ ତା’ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ସମୟରେ ମୁଁ ସ୍କ୍ରିପ୍ଟ ଅପେକ୍ଷା ନିଜ ଉପରେ ଓ ନିଜ ପରିଶ୍ରମ ଉପରେ ଅଧିକ ବିଶ୍ୱାସ କରେ।

**ଓଡ଼ିଶାର ଲୋକଙ୍କୁ କ’ଣ ମେସେଜ୍‌ ଦେବେ?**

▶ ମୁଁ ପ୍ରଥମେ ଧନ୍ୟବାଦ ଦେବାକୁ ଚାହୁଁଛି। ଏଠାରେ ମୁଁ ମୋ ଘର ଭଳି ଖୁସି ରହେ। ନିଜ ଲୋକଙ୍କ ଭିତରେ ରହିଲା ଭଳି ଲାଗେ। ଓଡ଼ିଆ ଲୋକେ ମୋତେ ବହୁତ ଭଲପାଇବା ଦେଇଛନ୍ତି ଓ ସମ୍ମାନ ଦେଇଛନ୍ତି। ଖୁବ୍‌ଶୀଘ୍ର ଆଉକିଛି ନୂଆ ନେଇ ମୁଁ ପୁଣିଥରେ ଓଡ଼ିଶା ଆସିବି।

–ସାକ୍ଷାତ୍‌: ସସ୍ମିତା ପାଇକରାୟ/ଫଟୋ: ବିକାଶ ନାୟକ





ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍‌
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com




ଦେବରାଜ



ଦୀପୁନ



ପ୍ରିୟଙ୍କା



ନୀରୋଜ



ବାପିନା



ସୁରେଶ



ତୁଷାର



ସୋନୁ

**ଫନୀ ପ୍ରଭାବିତଙ୍କୁ ସହାୟତାର ହାତ**

# ‘ସ୍କେଚର୍ସ ଗୋ ରନ୍‌ ଟ୍ରକ୍‌ ଚ୍ୟାଲେଞ୍ଜ’

ଭୁବନେଶ୍ୱର,୭।୬(ବ୍ୟୁରୋ) ଆମେରୀକିୟ ଲାଇଫ୍‌ଷ୍ଟାଇଲ୍‌ ଓ ପର୍ଫମାନ୍ସ ବ୍ରାଣ୍ଡ ‘ସ୍କେଚର୍ସ’ ଓଡ଼ିଶାରେ ବାତ୍ୟା ଫନୀ ପ୍ରଭାବିତ ଲୋକଙ୍କ ପୁନଃ ଥଇଥାନ ପାଇଁ ସହାୟତାର ହାତ ବଢ଼ାଇବ। ଅକ୍ସଫାମ୍‌ ଇଣ୍ଡିଆ ସହଯୋଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବାତ୍ୟା ପ୍ରଭାବିତଙ୍କ ପାଇଁ ଡୋନେଶନ୍‌ ସଂଗ୍ରହ କରାଯିବ। ଏଥିପାଇଁ ଶୁକ୍ରବାର ବଲିଉଡ୍‌ ଅଭିନେତ୍ରୀ ୟାମି ଗୌତମ୍‌ ଭୁବନେଶ୍ୱର ଆସି ‘ସ୍କେଚର୍ସ ଗୋ ରନ୍‌ ଟ୍ରକ୍‌ ଚ୍ୟାଲେଞ୍ଜ’ର ଶୁଭାରମ୍ଭ କରିଛନ୍ତି। ୟାମି ଟ୍ରେଡ୍‌ମିଲ୍‌ ଉପରେ ଚାଲି ଚ୍ୟାଲେଞ୍ଜ ଆରମ୍ଭ କରିବା ପରେ ଅଂଶଗ୍ରହଣକାରୀମାନେ ଟ୍ରେଡ୍‌ମିଲ୍‌ ଉପରେ ଘଣ୍ଟା ପ୍ରତି ୧୬ କିଲୋମିଟର ବେଗରେ ୩ ମିନିଟ୍‌ ପାଇଁ ଚାଲିବେ। ଅଂଶଗ୍ରହଣକାରୀ ଯେତେ କିଲୋମିଟର ଚାଲିବେ ସେହି ଅନୁଯାୟୀ ବାତ୍ୟା ପ୍ରପୀଡ଼ିତଙ୍କୁ ସହାୟତା ସହ ସ୍କେଚର୍ସ ଯୋତା ପ୍ରଦାନ କରାଯିବ। ଟ୍ରାକ୍‌ ଆକ୍ଟିଭିଟି ସହ ସ୍କେଚର୍ସ ଅନ୍ୟ କେତେକ ଆକ୍ଟିଭିଟି ମଧ୍ୟ ଆୟୋଜନ କରିବ। ଓଡ଼ିଶା ଯେପରି ପୂର୍ବାବସ୍ଥାକୁ ଫେରିବ ସେଥିପାଇଁ ଆମେ ସହାୟତାର ହାତ ବଢାଇବାକୁ ଆଗେଇ ଆସିଛୁ। ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଲେ ସ୍କେଚର୍ସ ନିଜକୁ ଗୌରବାନ୍ୱିତ ମନେକରିବ ବୋଲି ସଂସ୍ଥାର ଦକ୍ଷିଣ ଏସିଆ ସିଇଓ ରାହୁଲ ବୀରା କହିଛନ୍ତି। ଓଡ଼ିଶାର ଲୋକେ ଅଧିକ ସଂଖ୍ୟାରେ ଆସି ଏହି ଚ୍ୟାଲେଞ୍ଜରେ ଭାଗନେବାକୁ ସେ କହିଛନ୍ତି। ମାଙ୍ଗାଲୋର, କୋଚି ଓ ଅନ୍ୟ ରାଜ୍ୟକୁ କଭର କରିବାପରେ ସ୍କେଚର୍ସ ବ୍ରାଣ୍ଡେଡ୍‌ ଟ୍ରକ୍‌ ଶୁକ୍ରବାର ଜନପଥ ରୋଡ୍‌ସ୍ଥିତ ସ୍କେଚର୍ସ ଷ୍ଟୋର୍‌ରେ ପହଞ୍ଚିଥିଲା।


## TENDER NOTICE

Sealed offers are invited from the registered parties having valid Excise License, GST Regn., PAN Card for sale of FANI affected molasses laying in the underground concrete covered pits at our godown situated at Ogalpada, Janla, Dist: Khurda (Odisha) as per following details. The parties may visit our premises and inspect the molasses on any working days from 10 A.M to 5 PM and send their offer to M/s. Shree Jagannath Supply Co., Ogalpada, Janla-752054, Dist: Khurda (Odisha) by regd. Post only within 10 days from the date of publication of this tender notice.

| Sl No. of Tank | Spc. Gr. at room temperature | Density, in Degree Brix at 27.5 Degree C (Mini) | Total reducing matter, % by mass (min) |
|---|---|---|---|
| Tank No.01 | 1.06 | 17.6 | 8.92 |
| Tank No.02 | 1.07 | 17.6 | 9.78 |
| Tank No.03 | 1.17 | 38.4 | 14.96 |
| Tank No.04 | 1.40 | 79.2 | 41.42 |
| Tank No.05 | 1.24 | 52.0 | 16.10 |
| Tank No.06 | 1.36 | 72.0 | 29.0 |
| Tank No.07 | 1.41 | 80.8 | 40.55 |
| Tank No.08 | 1.12 | 28.8 | 11.75 |
| Tank No.09 | 1.38 | 76.0 | 37.62 |

Contact details

Name of the Contact person : Jairam Agarwalla / Parag Agarwalla
Contact Mobile No.- : 9437050917 / 9437040924

## ଭାରତ ସରକାର
## ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
## ଜାତୀୟ ସୀମା ଶୁଳ୍କ, ପରୋକ୍ଷ ଟିକସ ଏବଂ ନାର୍କୋଟିକ୍ସ ଏକାଡେମୀ, ଫରିଦାବାଦ

**ବିଜ୍ଞାପନ-ତଥା-ଅନୁସୂଚୀ**

**ଏନ୍‌ଏସିଆଇଏନ୍‌ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଜିଏସ୍‌ଟି ପ୍ରାକ୍ଟିସନର୍‌ଙ୍କ ତାଲିକାଭୁକ୍ତୀକରଣ ସୁନିଶ୍ଚିତ କରିବା ନିମନ୍ତେ ପରୀକ୍ଷା**

ଜାତୀୟ ସୀମା ଶୁଳ୍କ, ପରୋକ୍ଷ ଟିକସ ଏବଂ ନାର୍କୋଟିକ୍ସ ଏକାଡେମୀ (ଏନ୍‌ଏସିଆଇଏନ୍‌) କୁ ଅଧିସୂଚନା ସଂ.୨୪/୨୦୧୮– କେନ୍ଦ୍ରୀୟ ଟିକସ ତା୨୮।୦୫।୨୦୧୮ରିଖ ଅଧୀନରେ କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର ଅଧିନିୟମ, ୨୦୧୭ର ନିୟମ ୮୩ର ଉପ–ନିୟମ (୩) ଅନୁଯାୟୀ ଜିଏସ୍‌ଟି ପ୍ରାକ୍ଟିସନର୍‌ (ଜିଏସ୍‌ଟିପି)ଙ୍କ ତାଲିକାଭୁକ୍ତୀକରଣକୁ ସୁନିଶ୍ଚିତ କରିବା ନିମନ୍ତେ ପରୀକ୍ଷା ଆୟୋଜନ କରିବା ଲାଗି ଅଧିକୃତ କରାଯାଇଛି।

ନିୟମ ୮୩(୨) ଅଧୀନରେ ଜିଏସ୍‌ଟି ନେଟ୍‌ୱର୍କରେ ତାଲିକାଭୁକ୍ତ ଏବଂ ନିୟମ ୮୩(୧) ଅଧୀନରେ ଆସୁଥିବା ଜିଏସ୍‌ଟିପି, ଅର୍ଥାତ୍‌ ଯେଉଁ ସେଲ୍‌ସ ଟ୍ୟାକ୍ସ ପ୍ରାକ୍ଟିସନର୍‌ କିମ୍ବା ଟିକସ ରିଟର୍ନ ପ୍ରସ୍ତୁତକାରୀ ଭାବେ ତତ୍କାଳୀନ ଆଇନ ଅଧୀନରେ ଅତି କମ୍‌ରେ ପାଞ୍ଚ ବର୍ଷର ତାଲିକାଭୁକ୍ତୀକରଣ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବେ, ସେମାନଙ୍କୁ ଅଧିସୂଚନା ସଂ.୦୩/୨୦୧୯ – କେନ୍ଦ୍ରୀୟ ଟିକସ ତା୨୯।୦୧।୨୦୧୯ରିଖ ଅଧୀନରେ, ଉକ୍ତ ପରୀକ୍ଷାକୁ ତା୩୧।୧୨।୨୦୧୯ରିଖ ପୂର୍ବରୁ ଉତ୍ତୀର୍ଣ୍ଣ କରାଯିବା ଆବଶ୍ୟକ। ଏପରି ଜିଏସ୍‌ଟିପି ନିମନ୍ତେ ଏପରି ଦୁଇଟି ପରୀକ୍ଷା ତା୩୧।୧୦।୨୦୧୮ରିଖ ଏବଂ ତା୧୭।୧୨।୨୦୧୮ରିଖରେ ପୂର୍ବରୁ ଆୟୋଜିତ ହୋଇସାରିଛି।

କେନ୍ଦ୍ରୀୟ ସାମଗ୍ରୀ ଏବଂ ସେବା କର ନିୟମାବଳୀ, ୨୦୧୭ର ନିୟମ ୮୩କ ର ଉପ–ନିୟମ (୩) ଅନୁଯାୟୀ, ଏହି ପରୀକ୍ଷା ଏନ୍‌ଏସିଆଇଏନ୍‌ ଦ୍ୱାରା ଏକବର୍ଷରେ ଦୁଇଥର ଆୟୋଜନ କରାଯିବ। ସେଲ୍‌ସ ଟ୍ୟାକ୍ସ ପ୍ରାକ୍ଟିସନର୍‌ କିମ୍ବା ଟିକସ ରିଟର୍ନ ପ୍ରସ୍ତୁତକାରୀ ବର୍ଗ ଅଧୀନରେ ଆସୁଥିବା ଜିଏସ୍‌ଟି ପ୍ରାକ୍ଟିସନରଙ୍କ ପାଇଁ ବର୍ଷ ୨୦୧୯ରେ ପରବର୍ତ୍ତୀ ଦୁଇଟି ପରୀକ୍ଷା ସମଗ୍ର ଭାରତର ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ତା୧୪।୦୬।୨୦୧୯ରିଖ ଏବଂ ତା୧୨।୧୨।୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା ପର୍ଯ୍ୟନ୍ତ ଆୟୋଜନ କରାଯିବ। ଏପରି ପରୀକ୍ଷାର୍ଥୀମାନଙ୍କୁ ସୂଚିତ କରାଯାଉଛି ଯେ ତା୧୨।୧୨।୨୦୧୯ରିଖରେ ଆୟୋଜିତ କରାଯିବାକୁ ଥିବା ପରୀକ୍ଷାରେ ଅଂଶଗ୍ରହଣ କରିବା ଏବଂ ଉକ୍ତ ପରୀକ୍ଷାକୁ ଉତ୍ତୀର୍ଣ୍ଣ କରିବାର ଏହା ସେମାନଙ୍କ ଅନ୍ତିମ ସୁଯୋଗ ହେବ, ଯେଉଁଥିରେ ଅସଫଳ ରହିଲେ ପ୍ରାର୍ଥୀଙ୍କୁ ଅନ୍ୟ କୌଣସି ସୁଯୋଗ ଦିଆଯିବ ନାହିଁ।

davp 15502/11/0002/1920

## E- AUCTION NOTICE
**(Cyclone Affected Stock of Raw Material, Finished Goods & Traded Goods, Packing Material)**

E- Auction forms are invited from interested buyers for disposal, strictly on “As Is Where Is” basis, on **'Lump-Sum basis'**, for the Cyclone Affected Stock of Raw Material, Finished Goods & Traded Goods, Packing Material belonging to M/s Galaxy Medicare Ltd., Salvage of the above materials can be inspected at Galaxy Medicare Ltd. Plot No 2, Zone D, Phase A, Mancheswar Industrial Estate, Bhubaneswar, Bhubaneshwar 751010 between 08/06/19 to 14/06/19, after taking prior appointment from Mr. Prabhat Malick Ph - 7381141100. E-Auction to be held on 15/06/19. For E-Auction forms, **Contact Mr. Harpreet Singh at Mob: - 9315958850** of
**Salvage Settlers Private Limited (Auctioneers)**
Address: - RP-22, 2nd Floor, Pitampura, New Delhi-110034 or download from website: www.SalvageSettlers.com. Last date for submission of E-auction form is 14/06/19 before 4.00 PM.

## E- AUCTION NOTICE
**(Cyclone affected 29 nos. of 300 AH Battery Banks, 12 nos. of 600 AH Battery Banks, 4 nos. of DG Battery & 11 Nos. of DG Sets)**

E- Auction forms are invited from interested buyers for disposal, strictly on “As Is Where Is” basis, on **'Lump-sum basis'**, for **Cyclone affected 29 nos. of 300 AH Battery Banks, 12 nos. of 600 AH Battery Banks, 4 nos. of DG Battery & 11 Nos. of DG Sets** belonging to M/s Bharti Infratel Limited, Salvage of the above materials can be inspected at 2nd Floor, IDCO Plot No C-3/2, Chandaka Industrial Area, Chandrasekharpur, Bhubaneswar, Odisha- 751021, between 08/06/19 to 17/06/19, after taking prior appointment from Mr. Dilip Kumar Rout +919938049332. E-Auction to be held on 18/06/19. For E-Auction forms, **Contact Mr. Harpreet Singh at Mob: - 9315958850** of
**Salvage Settlers Private Limited (Auctioneers)**
Address:- RP-22, 2nd Floor, Pitampura, New Delhi-110034 or download from website: www.SalvageSettlers.com. Last date for submission of E-auction form is 17/06/19 before 4.00 PM.

## कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

**କର୍ପୋରେଶନ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍‌ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍‌, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

### ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍‌ ଆଣ୍ଡ୍‌ ରିକନ୍‌ଷ୍ଟ୍ରକସନ୍‌ ଅଫ୍‌ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍‌ ଏନ୍‌ଫୋର୍ସମେଣ୍ଟ ଅଫ୍‌ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍‌**

ଏହି ନୋଟସ୍‌ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ “ସାଙ୍କେତିକ / ଗଠନାତ୍ମକ / ଭୌତିକ ଦଖଲ” ନେଇ “ଯାହାବି ସେଠାରେ ଅଛି”, ଯେଉଁଠାରେ ଯେପରି ଅଛି” ଏବଂ ଯାହା ଯେପରି ଅଛି” ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବ୍ରହ୍ମପୁର ଶାଖା, ପ୍ଲଟ୍‌ ନଂ.: ୧୨୧୬/୧୮୮୪, ଗିରି ରୋଡ, ଗୀତା ଭବନ ନିକଟ, ବ୍ରହ୍ମପୁର**

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| **ଋଣଗ୍ରହୀତା: ମେସର୍ସ ଏସ୍‌ ଜି ମେଟାଲିକ୍‌ ଇଣ୍ଡଷ୍ଟ୍ରିଜ୍‌, ସ୍ୱତ୍ୱାଧିକାରୀ: ସନ୍ତୋଷ କୁମାର ପରିଡା,** ପ୍ଲଟ୍‌ ନଂ.: ୨୮୯, ୭୨୬ ଏବଂ ୨୮୫, ଖାତା ନଂ.: ୫୫ ଏବଂ ୩୫, ମୌଜା: ଖରିଗୁଡା, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡିଶା | ୦୭.୦୮.୨୦୧୮ ସୁଦ୍ଧା ଟ.୮୫,୩୭,୨୩୭/- ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧: ଶ୍ରୀ ସନ୍ତୋଷ କୁମାର ପରିଡାଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧.୨୦୪ଡିସିମିଲି, ମୋଟ କ୍ଷେତ୍ର ପ୍ରାୟ ସମାନ କିମ୍ବା ସମାନ୍ୟ ଅଧିକ କିମ୍ବା କମ୍‌, ଯାହାର ସର୍ଭେ ନଂ/ପ୍ଲଟ ନଂ.: ୨୮୫, ୨୮୯/୭୨୬, ୨୩୩, ୨୮୪, ୨୮୯, ୩୪୨/୭୨୪, ୩୨୧/୭୨୫, ଖାତା ନଂ.: ୫୫/୩୫, ୫୫/୩୪, ମୌଜା: ଖରିଗୁଡା, ତହସିଲ: ସାନଖେମୁଣ୍ଡି, ଏସ୍‌ଆରଓ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ଷ୍ଟ୍ରକଚର୍ସ, ଫିକ୍ସଚର୍ସ ଏବଂ ଫିଟିଙ୍ଗସ୍‌, କାରଖାନା ଏବଂ କଳକବ୍‌ଜା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କେନାଲ, ପୂର୍ବ: ନରସିଂହ ସ୍ୱାଇଁଙ୍କ ଜମି, ପଶ୍ଚିମ: ସୁଦର୍ଶନ ନାୟକଙ୍କ ଜମି।

**ଇ-ନିଲାମ ତାରିଖ ଏବଂ ସମୟ: ୨୬.୦୬.୨୦୧୯** ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)

**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୩,୦୦,୦୦୦/- / ଅମାନତ ଜମା: ଟ.୨,୩୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍‌: https://corpbank.com/sites/default/files/corpbank-page-files/tender/s_g_metallic_industries_0.pdf ଲିଙ୍କ୍‌ ଦେଖନ୍ତୁ।**

**ଯାଜପୁର ରୋଡ୍‌ ଶାଖା, ପ୍ଲଟ୍‌ ନଂ.: ୧୩୯୪/୨୬୩୨, ବ୍ୟାଙ୍କ ଷ୍ଟ୍ରିଟ୍‌, ଯାଜପୁର ରୋଡ୍‌, ଯାଜପୁର**

| ଋଣଗ୍ରହୀତା, ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| **ଋଣଗ୍ରହୀତା: ମେସର୍ସ ପିକେ ଫ୍ୟାଶନ୍‌, ସ୍ୱତ୍ୱାଧିକାରୀ: ପ୍ରଶାନ୍ତ କୁମାର ନାୟକ, ବାସସ୍ଥାନ ଠିକଣା-**ସା: ଖଣ୍ଡାହାଟ, ପୋ.: ରଛିପୁର, ଭାୟା: ଯାଜପୁର ରୋଡ୍‌, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯, **ୟୁନିଟ୍‌ ଠିକଣା:** କେ.ଲଙ୍ଗ ବ୍ୟାଙ୍କ ଷ୍ଟ୍ରିଟ, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯ / **ଗ୍ୟାରେଣ୍ଟିଦାତା: ଶ୍ରୀ ଭାଗ୍ୟଧର ଦଳେଇ,** ସା: ନିମପାଟଣା (କରଞ୍ଜିଆରି), ପୋ.: ଓଡିଶୋ, ଥାନା: କୁଆଖିଆ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୦୮ | ୨୪.୦୧.୨୦୧୯ ସୁଦ୍ଧା ଟ.୨୦,୦୧,୨୪୯.୬୫ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧: ଶ୍ରୀ ପ୍ରଶାନ୍ତ କୁମାର ନାୟକଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡପାତୁଳି, ଥାନା ନଂ.: ୧୫୬, ତହସିଲ: ବ୍ୟାସନଗର, ଯାଜପୁର ରୋଡ, ଏସ୍‌ଆର୍‌-ଡୋଲିପୁର, ଯାଜପୁର ରୋଡ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ଧନେଶ୍ୱର ପଞ୍ଚାୟତ ଅଧିନରେ, କୋରେଇ ବ୍ଲକ, ଖାତା ନଂ.: ୪୪୫/୨୧୨, ପ୍ଲଟ ନଂ.: ୫୯୬/୧୯୫୬, କ୍ଷେତ୍ର: ଏକର୦.୧୨୬ଡିସିମିଲି, ପଞ୍ଜିକୃତ ବିକ୍ରୟ ଦଲିଲ ଅନୁସାରେ ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋଚର (ସରକାରୀ ଜମି), ଦକ୍ଷିଣ: ସୀତା ମଳିକ, ପୂର୍ବ: ଅଶୋକ କୁମାର ପରିଡା ଏବଂ ପଶ୍ଚିମ: ପ୍ଲଟ ନଂ.: ୫୯୬, କିସମ: ଘରବାରୀ।

**ଇ-ନିଲାମ ତାରିଖ ଏବଂ ସମୟ: ୨୬.୦୬.୨୦୧୯** ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)

**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯,୦୦,୦୦୦/- / ଅମାନତ ଜମା: ଟ.୯୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍‌: https://corpbank.com/sites/default/files/corpbank-page-files/tender/pk._fashions_0.pdf ଲିଙ୍କ୍‌ ଦେଖନ୍ତୁ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୬.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ

## ଜାତୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ – ୧୧୦୦୦୧

## ପ୍ରବେଶିକା ଆହ୍ୱାନ
### ୨୧ତମ ଭାରତ ରଙ୍ଗ ମହୋତ୍ସବ–୨୦୨୦
### (ଭାରତୀୟ ଅନ୍ତର୍ଜାତୀୟ ରଙ୍ଗମଞ୍ଚ ମହୋତ୍ସବ)

ଜାତୀୟ ନାଟକ ବିଦ୍ୟାଳୟ ୨୧ତମ ଭାରତ ରଙ୍ଗ ମହୋତ୍ସବ (ଭାରତୀୟ ଅନ୍ତର୍ଜାତୀୟ ରଙ୍ଗମଞ୍ଚ ମହୋତ୍ସବ)ରେ ଅଂଶଗ୍ରହଣ ପାଇଁ ପ୍ରସ୍ତାବ ଆହ୍ୱାନ କରୁଛି, ଯାହା ଫେବୃୟାରୀ ୨୦୨୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ମହୋତ୍ସବରେ ଭାରତ ତଥା ବିଦେଶର ନିର୍ଦ୍ଦେଶକ, ଥିଏଟର ଗ୍ରୁପ୍‌ ଏବଂ ନାଟକ ଅନୁଷ୍ଠାନର କୃତି ପ୍ରଦର୍ଶିତ ହେବ ଏବଂ ଏଥିରେ ୩୧ ଅଗଷ୍ଟ ୨୦୧୯ ପୂର୍ବରୁ ସର୍ବସାଧାରଣଙ୍କ ପାଇଁ ପରିବେଷିତ ଉଲ୍ଲେଖନୀୟ ପ୍ରଯୋଜନାଗୁଡ଼ିକ ପ୍ରଦର୍ଶିତ ହେବ। ପୂର୍ବବର୍ତ୍ତୀ ବିଆର୍‌ଏମ୍‌ ଏବଂ ୮ମ ଥିଏଟର ଅଲିମ୍ପିକ୍ସରେ ପ୍ରଦର୍ଶିତ ହୋଇସାରିଥିବା ନାଟକଗୁଡ଼ିକୁ ୨୧ତମ ବିଆର୍‌ଏମ୍‌ ଲାଗି ବିଚାରକୁ ନିଆଯିବ ନାହିଁ।

ଆଗ୍ରହୀ ଥିଏଟର ନିର୍ଦ୍ଦେଶକ, ଥିଏଟର ଗ୍ରୁପ୍‌ ଏବଂ ନାଟକ ଅନୁଷ୍ଠାନଗୁଡ଼ିକଠାରୁ ନିର୍ଦ୍ଧାରିତ ପ୍ରୋଫର୍ମା (ଏନ୍‌ଏସ୍‌ଡିର ୱେବ୍‌ସାଇଟ୍‌ – www.nsd.gov.in ରେ ଅନ୍ୟାନ୍ୟ ବିବରଣୀ ସହିତ ଉପଲବ୍ଧ)ରେ ପେନ୍‌ଡ୍ରାଇଭ୍‌ରେ ପ୍ରଯୋଜନାର ସ୍ପଷ୍ଟ ରେକର୍ଡିଂ ସହିତ ଆମନ୍ତ୍ରଣ କରାଯାଉଛି। ଆପଣ ୟୁଆର୍‌ଏଲ୍‌ ଲିଙ୍କ୍‌: https://brmapplication.nsd.gov.in ମାଧ୍ୟମରେ ଅନ୍‌ଲାଇନ୍‌ ପୋର୍ଟାଲରେ ମଧ୍ୟ ଆବେଦନ କରିପାରନ୍ତି। ଗୋଟିଏ ଗ୍ରୁପ୍‌/ନିର୍ଦ୍ଦେଶକ/ନାଟକ ଅନୁଷ୍ଠାନରୁ କେବଳ ଗୋଟିଏ ପ୍ରବେଶିକା ଗ୍ରହଣ କରାଯିବ। ଚୟନ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ହେବ ଏବଂ ସମସ୍ତେ ତାହା ମାନିବାକୁ ବାଧ୍ୟ ହେବେ। ନିର୍ଦ୍ଦେଶକ, ଜାତୀୟ ନାଟକ ବିଦ୍ୟାଳୟ, ବାହାବଲପୁର ହାଉସ୍‌, ଭଗବାନଦାସ ରୋଡ୍‌, ନୂଆଦିଲ୍ଲୀ– ୧୧୦୦୦୧ ଠିକଣାରେ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ୧୦ ସେପ୍ଟେମ୍ବର ୨୦୧୯।

ଫୋନ୍‌: ୦୧୧–୨୩୦୭୩୬୪୭, ୨୩୩୮୮୨୪୯
ଫାକ୍ସ: ୦୧୧–୨୩୩୮୪୨୮୮
ଇମେଲ୍‌: festivalcell@gmail.com, festivalcell@nsd.gov.in
ୱେବ୍‌ସାଇଟ୍‌: www.nsd.gov.in

davp 09130/11/0016/1920

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-19-20-03

**କାର୍ଯ୍ୟର ନାମ:** ଇଲେକ୍ଟ୍ରିକ୍‌ ଲୋକୋ ସେଡ୍‌ (ELS)/ଅନଗୁଳ ଠାରେ WAG-7 ଇଲେକ୍ଟ୍ରିକ୍‌ ଇଞ୍ଜିନ୍‌ (ଲୋକୋମୋଟିଭ)ର M-48 ଅନୁସୂଚୀ ସମ୍ବନ୍ଧୀୟ ରକ୍ଷଣାବେକ୍ଷଣ ନିମନ୍ତେ ଷ୍ଟୋନ୍‌ ଇଣ୍ଡିଆ ଲିମିଟେଡ୍‌ (Stone India Limited) ଦ୍ୱାରା ନିର୍ମିତ ଏୟାର ଡ୍ରାୟରଗୁଡ଼ିକର ଓଭରହଲିଂ (Overhauling)।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 26,26,385.00,** EMD (ଟଙ୍କାରେ): **52,500/-,** ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): **3,540/-,** ଶେଷ ହେବା ଅବଧି : **24** ମାସ।

ବିଡ୍‌ ଆରମ୍ଭ ହେବା ତାରିଖ : ତା.**18.06.2019**ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**02.07.2019**ରିଖ **1500** ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ **http://www.ireps.gov.in** ରେ ଉପଲବ୍ଧ ଅଟେ।

ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (TRS)/ ଅନଗୁଳ

PR-140/K/19-20



୨୦୧୪ରୁ ଜେଡ୍ ପ୍ଲସ୍ ସୁରକ୍ଷାରେ ଥିବା ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ଆକବର ରୋଡ ବାସଭବନ ନିକଟରେ ଦିଲ୍ଲୀ ପୋଲିସ ଅଧିକ କର୍ମଚାରୀ ନିୟୋଜିତ କରିଛି। ୩୬ରୁ ଅଧିକ ପୋଲିସ ସେଠାରେ ଦିନ ରାତି ଜଗି ରହିବେ। ଏହା ବ୍ୟତୀତ ଦୁଇଟି ପିସିଆର୍ ଭ୍ୟାନ, ସମାନ ସଂଖ୍ୟକ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍ ଏଥିରେ ସାମିଲ ରହିବେ। ଏହାବ୍ୟତୀତ ଜେଡ୍ ପ୍ଲସ ସୁରକ୍ଷାରେ ଥିବା ଯବାନଙ୍କ ସଂଖ୍ୟା ମଧ୍ୟ ୧୦୦କୁ ବୃଦ୍ଧି ପାଇପାରେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଫରେଷ୍ଟର, ଗାର୍ଡ଼ ନିଲମ୍ବିତ

**ସଜନାଗଡ଼, ୭।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର କୁଲଡ଼ିହା ଅଭୟାରଣ୍ୟରେ ଗତ ୫ତାରିଖରେ ଏକ ଦନ୍ତାହାତୀର ମୃତଦେହ ମିଳିଥିଲା। ହାତୀର ମୃତ୍ୟୁକୁ ନେଇ ବନବିଭାଗ କୌଣସି ଟେର୍ ନ ପାଇବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ବନବିଭାଗର ଡିଏଫ୍ଓ ବିଶ୍ୱରାଜ ପଣ୍ଡା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୁଲଡ଼ିହାର ଫରେଷ୍ଟର କିଶୋର ଭୂୟାଁ ଓ ଗାର୍ଡ଼ ଲାଲମୋହନ ସିଂଙ୍କୁ ନିଲମ୍ବନ କରାଯାଇଛି। ଏହାସହ କୁଲଡ଼ିହାର ଏସିଏଫ୍ଓ ଲକ୍ଷ୍ମଣ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। କୁଲଡ଼ିହାରେ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ଡିଏଫ୍ଓ ପଣ୍ଡା ସୂଚନା ଦେଇଛନ୍ତି। ଗତ ୫ତାରିଖରେ କୁଲଡ଼ିହା ବନବିଭାଗର କର୍ମଚାରୀ ଅଭୟାରଣ୍ୟ ଭିତର ଭାଲୁବସା ନିକଟରେ ଏକ ହାତୀର ମୃତଦେହ ଉଦ୍ଧାର କରିଥିଲେ। ବନବିଭାଗର ସୂଚନାନୁସାରେ ଉଦ୍ଧାର ହାତୀର ଦୁଇଟିଯାକ ଦାନ୍ତ ନ ଥିବାବେଳେ ଦୁଇ ତିନି ଦିନ ପୂର୍ବରୁ ତା'ର ମୃତ୍ୟୁ ହୋଇଥିଲା। ଏହାପରେ ବନବିଭାଗର ଉଚ୍ଚପଦସ୍ଥ କର୍ମଚାରୀମାନେ ହାତୀ ମୃତ୍ୟୁକୁ ନେଇ ତଦନ୍ତ ଆରମ୍ଭ କରିଥିଲେ। ପରେ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଉପସ୍ଥିତିରେ ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିଲା।

### ମାଉଜର ଦେଖାଇ ୯.୬ ଲକ୍ଷ ଲୁଟ୍

**କୋରାପୁଟ,୭।୬(ସ୍ୱ.ପ୍ର.):** କୋରାପୁଟ ଜିଲା ମସ୍ତିପୁଟରେ ଶୁକ୍ରବାର ଜଣେ ବ୍ୟବସାୟୀଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତମାନେ ୯ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଛନ୍ତି ବ୍ୟବସାୟୀ।ସୂଚନା ଅନୁଯାୟୀ, ଜୟପୁର ଅଞ୍ଚଳର ଜଣେ କାଜୁ ବ୍ୟବସାୟୀ ଭାସ୍କର ରାଓ ଶୁକ୍ରବାର ସନ୍ଧ୍ୟାରେ ଟଙ୍କା ନେଇ ବୋଲେରୋରେ କାଶୀପୁର ଯାଉଥିଲେ। ସନ୍ଧ୍ୟା ପ୍ରାୟ ୮ଟା ୩୦ ସମୟରେ କୋରାପୁଟଠାରୁ ୫ କିମି ଦୂର ମସ୍ତିପୁଟ ଛକରେ ହଠାତ୍ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବୋଲେରୋକୁ ଅଟକାଇଥିଲେ। ଗାଡ଼ି ଅଟକିବା କ୍ଷଣି ସେମାନେ ଭାସ୍କରଙ୍କୁ ମାଉଜର ଦେଖାଇ ୯.୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପରେ ଭାସ୍କର କୋରାପୁଟ ସଦର ଥାନାରେ ଏତଲା ଦେବା ପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି।

# ବିଭାଗୀୟ ତ୍ରୁଟି ବଢ଼ାଉଛି ସଡ଼କ ଦୁର୍ଘଟଣା

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

- ଗତବର୍ଷ ତୁଳନାରେ ବଢ଼ିଛି ମୃତ୍ୟୁସଂଖ୍ୟା
- ଏଣିକି ନିଶାସକ୍ତ ଚାଳକଙ୍କୁ ସିଧା କୋର୍ଟଚାଲାଣ
- ଗୃହ ବିଭାଗ, ଡିଜିପି ଅଫିସ ମଧ୍ୟରେ ରହୁନି ତାଳମେଳ, ରାଜପଥରେ ପଇଁତରା ବ୍ୟବସ୍ଥା ବାଧାପ୍ରାପ୍ତ

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ବାରମ୍ବାର ଭର୍ତ୍ସନା କରିବା ସତ୍ତ୍ୱେ କୌଣସି ଲାଭ ମିଳୁନାହିଁ। ରାସ୍ତା ଦୁର୍ଘଟଣା କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ବହୁ ଆଗରେ ରହିଛି। ସରକାରଙ୍କ କାର୍ଯ୍ୟରେ ତ୍ରୁଟି କାରଣରୁ ଏଭଳି ଅଭାବନୀୟ ଘଟଣା ବଢ଼ି ଚାଲିଥିବା ଜଣାପଡିଛି। ୨୦୧୮ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୩୯୨ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୯ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଏହି ସଂଖ୍ୟା ବୃଦ୍ଧି ପାଇ ୧୫୮୦ରେ ପହଞ୍ଚିଛି। ଯେଉଁସବୁ ବିଭାଗକୁ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ଦାୟିତ୍ୱ ଦିଆଯାଇଛି, ସେମାନେ ଠିକଣା ଢଙ୍ଗରେ କାର୍ଯ୍ୟ କରୁ ନ ଥିବା ଯୋଗୁ ଏଥିରେ ରୋକ ଲଗାଯାଇପାରୁ ନାହିଁ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ରାଜ୍ୟ ସରକାର ପକ୍ଷରୁ ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି କ'ଣ କରାଯାଉଛି ସେନେଇ ପ୍ରତ୍ୟେକ ମାସରେ ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଏତେସବୁ ବ୍ୟବସ୍ଥା ପରେ ମଧ୍ୟ କୌଣସି ପ୍ରକାର ସୁଧାର ଆସୁନାହିଁ। ଏବେ ସୁପ୍ରିମକୋର୍ଟ କମିଟି ରାଜ୍ୟ ସରକାରଙ୍କ ପାଇଁ କଣ୍ଟା ବୋଲି କେତେଜଣ ଅଧିକାରୀ ମତ ରଖିଛନ୍ତି।

ଦୁର୍ଘଟଣାଜନିତ ମୃତ୍ୟୁ ପଛରେ ମଦ ପିଇ ଗାଡ଼ି ଚଳାଇବା ମୁଖ୍ୟ କାରଣ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହାସହ ଅଧିକାଂଶ ଦୁର୍ଘଟଣା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଘଟୁଛି। ତେଣୁ ଏ ଦିଗରେ ଲୋକଙ୍କୁ ସଚେତନ କରାଇବାରେ ଗୃହବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେବଳ ହେଲ୍‌ମେଟ୍ ଚେକିଂ ଏବଂ ଜରିମାନା ଆଦାୟ କରି ପୋଲିସ ରହିଯାଉଛି। ଦୁର୍ଘଟଣା ରୋକିବାକୁ ଯାହା କରାଯିବା କଥା ସେଦିଗରେ ପୋଲିସ ଠିକ୍ ଢଙ୍ଗରେ କାର୍ଯ୍ୟ କରୁନାହିଁ। ଆଗରୁ ନିଶାସକ୍ତ ଚାଳକଙ୍କଠାରୁ ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଥିଲା। ହେଲେ ଏବେ ସେମାନଙ୍କୁ ସିଧା କୋର୍ଟଚାଲାଣ କରାଯିବା ବ୍ୟବସ୍ଥା ରହିଛି। କୌଣସି ଚାଳକ ମଦ ପିଇ ଗାଡି ଚଳାଉଥିବା ପୋଲିସ ଯଦି ସନ୍ଦେହ କରେ ତେବେ ତାଙ୍କୁ ପ୍ରଥମେ ଅଟକାଇ ବ୍ରେଥ୍ ଆନାଲାଇଜର୍ ଜରିଆରେ ଟେଷ୍ଟ କରିବ। ହେଲେ ପୋଲିସ ଏହା କରିବା ପରିବର୍ତ୍ତେ ଜରିମାନା ନେଇ ସେମାନଙ୍କୁ ଛାଡ଼ି ଦେବା ଯୋଗୁ ଲୋକେ ସଚେତନ ହୋଇପାରୁନାହାନ୍ତି। ଏଣିକି ନିଶାସକ୍ତ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଦ ପିଇ ଗାଡ଼ି ଚଳାଇଲେ ଚାଳକଙ୍କୁ ସିଧା କୋର୍ଟଚାଲାଣ କରାଯିବ। ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ସଡ଼କ ପରିବହନ ବିଭାଗ ଥାନାଗୁଡ଼ିକୁ ଅବଗତ କରାଇବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏନେଇ ସଡ଼କ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେବାପରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ପୋଲିସକୁ ଆବଶ୍ୟକ ଅନୁଯାୟୀ ବ୍ରେଥ୍ ଆନାଲାଇଜର୍ ସଡ଼କ ପରିବହନ ବିଭାଗ ଯୋଗାଇଦେବ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ରାଜପଥରେ ଅଧିକ ଦୁର୍ଘଟଣା ଘଟୁଛି। ପୋଲିସ ରାଜପଥରେ ପାଟ୍ରୋଲିଂ କରି ସତର୍କତା ସୃଷ୍ଟି କରିବା ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ଯେଉଁଥିପାଇଁ ରାଜପଥ ଦୁର୍ଘଟଣାରେ ବେଶି ଜୀବନ ଚାଲିଯାଉଛି। ଏହାପଛରେ ଏକ ଗୁରୁତର ସମସ୍ୟା ଥିବା ଜଣାପଡ଼ିଛି। ଗୃହ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଗୃହ ବିଭାଗ ଏବଂ ଡିଜିପି ଅଫିସ୍ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ରାଜପଥ ପାଟ୍ରୋଲିଂ ହୋଇପାରୁନାହିଁ। କାରଣ ପାଟ୍ରୋଲିଂ ପାଇଁ ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ଗୃହ ବିଭାଗ କହୁଛି। ହେଲେ ଡିଜିପିଙ୍କ ଅଫିସ୍ ପକ୍ଷରୁ ପାଟ୍ରୋଲିଂ ପାଇଁ ନୂଆ କର୍ମଚାରୀ ନିଯୁକ୍ତି କରିବାକୁ କୁହାଯାଉଛି। ଅପରପକ୍ଷରେ ପାଟ୍ରୋଲିଂ ପାଇଁ ସଡ଼କ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ୧୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି, ଯାହା ବିଭାଗ ଓ ଡିଜିପି କାର୍ଯ୍ୟାଳୟରେ ଚାଲିଥିବା ମତଭେଦ ଯୋଗୁ ପଡ଼ିରହିଛି।

# ପହଞ୍ଚିଲା ରଥ ଦଉଡ଼ି



ପୁରୀରେ ପହଞ୍ଚିଲା ରଥ ଦଉଡ଼ି।

**ପୁରୀ ଅଫିସ, ୭।୬**

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ଏଥିପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି। ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଦୁଇଟି ରଥଯାତ୍ରା ସମନ୍ୱୟ କମିଟି ବୈଠକ ସରିଲାଣି। ଆସନ୍ତା ୧୩ ତାରିଖରେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୃତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ। ତେବେ ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ଲାଗିଛି। ଇତିମଧ୍ୟରେ ଶୁକ୍ରବାର ଘୋଷଯାତ୍ରା ପାଇଁ ଦରକାର ହେଉଥିବା ରଥ ଦଉଡ଼ି ପୁରୀରେ ପହଞ୍ଚିଛି। ତିନିରଥ ପାଇଁ ଆବଶ୍ୟକ ୧୨ଟି ଟଣା ଦଉଡ଼ି ସହିତ ୩ଟି କର୍ଡନ (ଘେର) ଦଉଡ଼ି ମଧ୍ୟ ଆସିଛି। ଚନ୍ଦନପୁର ନିକଟସ୍ଥ ବୀରପ୍ରତାପପୁରଠାରେ ଥିବା ଓଡ଼ିଶା କତା ନିଗମର କାର୍ଯ୍ୟାଳୟରୁ ଏହିଦଉଡ଼ି ଏକ ଗାଡିରେ ଆସି ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ଦାୟିତ୍ୱରେ ଏହି ଦଉଡ଼ି କାର୍ଯ୍ୟାଳୟରେ ରଖାଯାଇଛି।

ତତ୍ତ୍ୱାବଧାରକ ମେକାପ କହିଛନ୍ତି ଯେ, ଚଳିତବର୍ଷ ରଥଯାତ୍ରା ଲାଗି ଓଡ଼ିଶା କତା ନିଗମକୁ ୧୨ଟି ଟଣା ଦଉଡ଼ି ଏବଂ ୩ଟି ଘେର ଦଉଡ଼ି ଯୋଗାଇଦେବା ଲାଗି ଅର୍ଡର ଦିଆଯାଇଥିଲା। ସେମାନେ ଦଉଡି ଯୋଗାଇ ଦେଇଛନ୍ତି। ଗୋଟିଏ ଟଣା ଦଉଡ଼ିର ଲମ୍ବ ୨୨୦ ଫୁଟ ଏବଂ ମୋଟେଇ ୮ ଇଞ୍ଚ ରହିଥିବା ବେଳେ ଘେର ଦଉଡ଼ି ଗୋଟିଏର ଲମ୍ବ ୪୫୦ ଫୁଟ ଏବଂ ମୋଟେଇ ୩ ଇଞ୍ଚ ରହିଛି। ତେବେ ଚଳିତବର୍ଷ ରଥଯାତ୍ରା ପାଇଁ ଟଣା ଦଉଡ଼ି ଏବଂ ଘେର ଦଉଡ଼ି ଷ୍ଟକ୍ ରହିଛି ବୋଲି ମେକାପ କହିଛନ୍ତି।

# ନବୀନ ଚାହିଁଲେ ବାପା ବିଜେଡି ଫେରିବେ : ସମ୍ବିତ

**ଭୁବନେଶ୍ୱର,୭।୬(ବ୍ୟୁରୋ)**



ବରିଷ୍ଠ ଭାଜପା ନେତା ଦାମୋଦର ରାଉତ ବିଜେଡି ଫେରିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ତାଙ୍କ ପୁତ୍ର ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏଥିପାଇଁ ପରୋକ୍ଷରେ ଚେଷ୍ଟା କରୁଥିବା ଜଣାପଡିଛି। ସମ୍ବିତ ସଚିବାଳୟରେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ମତ ଦେଇ କହିଥିଲେ ଯେ, ରାଜନୀତିରେ ସବୁ ସମ୍ଭବ। ବାପା(ଦାମ ରାଉତ) ଭାଜପାରେ ଖୁସି ନ ଥିବା ପରି ମନେ ହେଉଛି। ଦୀର୍ଘଦିନ ଧରି ଜନତା ଦଳ ଏବଂ ବିଜେଡିରେ ସେ ରହି ଆସିଥିଲେ। ତେଣୁ ଭାଜପାରୁ ପ୍ରାର୍ଥୀ ହେବାରୁ ଭୋଟର ତାଙ୍କୁ ଗ୍ରହଣ କରି ନ ଥିଲେ। ରାଜନୈତିକ ଘଟଣାକ୍ରମରେ ସେ ବିଜେଡିରୁ ବାହାରି ଯାଇଥିଲେ। ତେଣୁ ଆଗକୁ ସେ ବିଜେଡି ଫେରିବା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭର କରେ ବୋଲି ସମ୍ବିତ କହିଛନ୍ତି।

ଅପରପକ୍ଷରେ ପୁଅ ସମ୍ବିତଙ୍କ କଥାକୁ ଦାମୋଦର ଅସ୍ୱୀକାର କରିଛନ୍ତି। ଦାମ କହିଛନ୍ତି ଯେ, ସେ ଭାଜପାରେ ଅଛନ୍ତି। ତାଙ୍କ ପୁଅ ବିଜେଡିରୁ ବିଧାୟକ ରହିଛନ୍ତି। ତେଣୁ ସେ ମନଦୁଃଖରେ ଥିବା କଥା ସମ୍ବିତ କିପରି ଜାଣିପାରିଲେ। ବିଜେଡିରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ହେଲେ ଭାଜପାରେ ତାଙ୍କୁ ସମ୍ମାନଜନକ ଭାବେ ଗ୍ରହଣ କରାଯାଇଥିବା ଦାମ କହିଛନ୍ତି।

# ଅଖ ହଣା ସରିଲା, ଦଣ୍ଡା କାମ ଆରମ୍ଭ

**ପୁରୀ ଅଫିସ, ୭।୬**




ରଥଖଳାରେ ମହାରଣାମାନେ ଦଣ୍ଡାକାମ କରୁଛନ୍ତି।

ଆସୁଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ତିନିରଥ ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଚାଲିଛି ରଥ କାମ। ଅକ୍ଷୟତୃତୀୟ ଠାରୁ ଆରମ୍ଭ ହୋଇଥିବା ରଥକାମ ଜୋରସୋରରେ ଚାଲିଛି। ମହାରଣା ମାନେ ରଥର ବିଭିନ୍ନ ଅଂଶ ନିର୍ମାଣରେ ବ୍ୟସ୍ତ ରହୁଛନ୍ତି। ପ୍ରଥମେ ତୁମ୍ବ କାମ ସରିବାରେ ସେଥିରେ ପଇ ସଂଯୋଗ କରାଯାଇ ଚକ ତିଆରି ଚାଲିଛି। ଭଉଁରୀରେ ତିନି ରଥ ଦୁଇଟି ଲେଖାଏଁ ଚକ ଅଖ ଡେରା ନୀତି ସମ୍ପନ୍ନ ହେବା ପରେ ମହାରଣା ସେବକ ମାନେ ଚକ ତିଆରି ଉପରେ ଜୋର ଦେଇଛନ୍ତି। ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଦଣ୍ଡା କାମ ଅନୁକୂଳ ହୋଇଛି। ନନ୍ଦିଘୋଷ ଓ ତାଳଧ୍ୱଜ ରଥର ୯ଟି ଲେଖାଏଁ ଏବଂ ଦର୍ପଦଳନର ୭ଟି ଦଣ୍ଡା କାମ କରାଯିବ। ତିନି ରଥର ଦୁଇଟି ଲେଖାଏଁ ପାର୍ଶ୍ୱ ମୁହାଁଟ ଓ ମୁହାଁଟ କାମ ଶେଷ ହୋଇଛି। ଶୁକ୍ରବାର ସୁଦ୍ଧା ତିନି ରଥର ୨୧ଟି ଅଖରୁ ୨୦ଟି ଅଖ ହଣା କାମ ଶେଷ ହୋଇଛି। ସେଥିରୁ ନନ୍ଦିଘୋଷର ମୋଟ ୮ଟି, ତାଳଧ୍ୱଜର ମୋଟ ୭ଟି ଓ ଦର୍ପଦଳନର୬ରୁ ୫ଟି ଶେଷ ହୋଇଛି। ଆଉ ଗୋଟିଏ କାମ ଚାଲିଛି। ଦୋଳବେଦୀ କୋଣ ପରିସରରେ କରତି ସେବକ ମାନେ ଗୟଳ ଚରିଟ କରୁଛନ୍ତି। ତିନିରଥ ଲାଗି ୪୦ଫୁଟିଆ ଗୟଳ(ଧଉରା କାଠ) ଭୋଇ ସେବକ ମାନେ ପକାଇଥିଲେ। କରତି ସେବକ ମାନେ ଏହାକୁ ଚଉପଠ କରିବା ପରେ ଚିରଟ କରୁଛନ୍ତି। ତାଳଧ୍ୱଜ ରଥର ଗୟଳ ଚିରଟ ପ୍ରଥମେ କରାଯାଇଛି। ପରେ ନନ୍ଦିଘୋଷ ଚିରଟ କରାଯାଇଥିଲା। ଏବେ ଦେବୀ ରଥର ଗୟଳ ଚିରଟ ଚାଲିଛି। ଅନ୍ୟପକ୍ଷରେ ମୁହାଁଟ ଓ ପାର୍ଶ୍ୱ ମୁହାଁଟ କାମ ସରିଥିବା ବେଳେ ନିରାଡି କାମ ଆରମ୍ଭ ହେବ। ମହାରଣା ମାନେ ପଇ ଓ ତୁମ୍ବରେ ଅଖ ବିନ୍ଧ କରୁଛନ୍ତି। ରୂପକାର ସେବକ କଣଗୁଜ କରୁଛନ୍ତି। ଅନ୍ୟପଟେ ତିନି ରଥର ୪ଟି ଲେଖାଏଁ ଚାରି ନାହାକା(୨୦ଫୁଟିଆ ଧଉରା) କାଠ ରଥଖଳାରେ ପଡିଛି।

### ବାହାରିଲା ଦଣ୍ଡା କଣ୍ଟା

ଦୋଳବେଦୀ ପରିସରରେ କମାର ଶାଳରେ କମାର ସେବକ ମାନେ ତିନି ରଥ ଲାଗି ଲୁହା କଣ୍ଟା ପ୍ରସ୍ତୁତ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅରକଣ୍ଟା, ବଳା, ପନ୍ଦାରୀ ଓ ପନ୍ଦାରୀ ଚାବି ତିଆରି କରାଯାଇଥିଲା। ଶୁକ୍ରବାର ଠାରୁ ଦଣ୍ଡା କଣ୍ଟା ଆରମ୍ଭ ହୋଇଛି। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କୁହନ୍ତି, ତିନି ରଥ ଲାଗି୧୦୬ଟି ଦଣ୍ଡା କଣ୍ଟା ତିଆରି କରାଯିବ। ନନ୍ଦିଘୋଷ ରଥର ୪୨ଟି, ତାଳଧ୍ୱଜ ରଥର ୩୮ଟି ଏବଂ ଦର୍ପଦଳନ ରଥ ଲାଗି ୨୮ଟି କଣ୍ଟା ତିଆରି କରାଯିବ ବୋଲି ସେ କହିଛନ୍ତି।

# 'ଭାଜପା ଉପରେ ଲୋକେ ଅସନ୍ତୁଷ୍ଟ ଥିବା ଜାଣିପାରିଥିଲି'

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

**ରାଜ୍ୟ ମନ୍ତ୍ରିମଣ୍ଡଳରେ କେଉଁମାନେ ସ୍ଥାନ ପାଇବେ ସେନେଇ ଗତ ୨୮ତାରିଖରେ ଚର୍ଚ୍ଚା ଲାଗି ରହିଥିଲା। ହେଲେ ରାତିରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟିଲା। ଘୋଷଣା ହୋଇଥିଲା ନୂଆ ମନ୍ତ୍ରୀମାନଙ୍କ ତାଲିକା, ଯେଉଁଥିରୁ ଅଭିଜ୍ଞ ଓ ବରିଷ୍ଠ ନେତାଙ୍କ ନାମ ସହ କେତୋଟି ନୂଆ ଚେହେରା ସାମ୍ନାକୁ ଆସିଥିଲା। ସେଥିମଧ୍ୟରେ ଥିଲେ କାକଟପୁର ବିଧାନସଭା ଆସନରୁ ଜିତିଥିବା ତୁଷାରକାନ୍ତି ବେହେରା। ପ୍ରଥମ ଥର ବିଧାୟକ ଭାବେ ଶପଥ ନେବା ପୂର୍ବରୁ ତୁଷାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀଭାବେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଶିକ୍ଷାଗତ ଯୋଗ୍ୟତା, ଯୁବ ସୁଲଭତା ବଳରେ ତାଙ୍କୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଯୁବ ଓ କ୍ରୀଡ଼ା ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି) ବିଭାଗ ଦାୟିତ୍ୱ। ମନ୍ତ୍ରୀ ଭାବେ ଏହି ଗୁରୁଦାୟିତ୍ୱକୁ କେତେ ଚ୍ୟାଲେଞ୍ଜ ମନେକରୁଛନ୍ତି ଏବଂ ରାଜନୈତିକ କ୍ୟାରିୟର ସମ୍ପର୍କରେ ତୁଷାରକାନ୍ତିଙ୍କ ସହ ଧରିତ୍ରୀର ଆଳାପ।**

***ପ୍ରଥମ ଥର ବିଧାୟକ ଓ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇବା ପରେ କେମିତି ଅନୁଭବ କରୁଛନ୍ତି?***

❍ ବହୁତ ଖୁସି ଅନୁଭବ କରୁଛି। ଦାୟିତ୍ୱ ବଢିଯାଇଛି। ଯେଉଁ ଗୁରୁ ଦାୟିତ୍ୱ ମିଳିଛି ତାକୁ ଠିକ୍‌ଭାବେ ନିର୍ବାହ କରିବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି। ମୋ ଉପରେ ବିଶ୍ୱାସ କରି ଗୁରୁଦାୟିତ୍ୱ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି। ବିଶେଷଭାବେ କାକଟପୁରବାସୀ ନିର୍ବାଚିତ କରି ପଠାଇଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

***ପୂର୍ବରୁ ଭାଜପାରେ ଥିଲେ, ହଠାତ୍ ବିଜେଡି ଟିକେଟ ପାଇ ଦଳ ପରିବର୍ତ୍ତନ କରିବା ପଛରେ କାରଣ କ'ଣ?***

❍ ଭାଜପାରେ ଥିଲି। କାକଟପୁର ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା ମାର୍ଚ୍ଚ ୩୦/୩୧ ସୁଦ୍ଧା କରିଥିଲା। ମୁଁ ଏପ୍ରିଲ ୨ରେ ବିଜେଡିରେ ଯୋଗଦେଲି।

***ବିଜେଡି ଯିବା ଆଗରୁ ଆପଣଙ୍କ ସହ କିଏ ଯୋଗାଯୋଗରେ ଥିଲେ, ଆପଣ କାହା ସହ ଯୋଗାଯୋଗ କରୁଥିଲେ?***

❍ ନା ସେମିତି କିଛି ନାହିଁ। ମୋ ସହ କେହି ଯୋଗାଯୋଗରେ ନ ଥିଲେ। ଯେତେବେଳେ ଲୋକମାନଙ୍କ ପାଖରେ ପହଞ୍ଚି ବାସ୍ତବତା ଜାଣିଲି, ଲୋକେ ଭାଜପା ଉପରେ ଅସନ୍ତୁଷ୍ଟ ଅଛନ୍ତି। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ ବୋଲି ଲୋକେ ଅଧିକ ଅସନ୍ତୁଷ୍ଟ ଅଛନ୍ତି। ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଅଧିକ ଭଲ ପାଇବା ଓ ବିଶ୍ୱାସ ରଖିଛନ୍ତି। ଓଡ଼ିଶାର ବିକାଶ ଏବଂ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସେ ଯେଉଁଭଳି ଦାୟିତ୍ୱ ନିର୍ବାହ କରିଛନ୍ତି ସେଥିରେ ପ୍ରେରିତ ହୋଇ ବିଜେଡିରେ ଯୋଗଦେଲି।



ତୁଷାରକାନ୍ତି ବେହେରା

***ଭାଜପାରେ ମିଶିବା ସମୟରେ କ'ଣ ଭାବି ଯୋଗଦେଇଥିଲେ?***

❍ ୨୦୧୩ରେ ଭାଜପାରେ ଯୋଗ ଦେଇଥିଲେ। ସେତେବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିଲି। ସବୁଠାରୁ ବଡ଼ କଥା ଦେଶର ବିକାଶ ଏବଂ ନିର୍ମାଣ ପାଇଁ ଛୋଟବେଳୁ ମନରେ ଥିଲା, ତେଣୁ ଭାଜପା ଯାଇଥିଲି।

***ଆପଣ ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢ଼ିଲେ, ଏହା ମଧ୍ୟରେ ୫ ବର୍ଷ ବିତିଯିବା ପରେ ଲାଗିଲା ଭାଜପା ଠିକ୍ କାମ କରୁନାହିଁ ଏଠି ଭାଜପା ବିରୋଧରେ ଜନମତ ଅଛି ବୋଲି?***

❍ ମୁଁ ଯେତେବେଳେ ଭାଜପାରେ ଥିଲି ସେତେବେଳେ ଦଳ ଉପରେ ପ୍ରାଧାନ୍ୟ ନ ଦେଇ ଲୋକଙ୍କ ସମସ୍ୟା ଉପରେ ବେଶି ପ୍ରାଧାନ୍ୟ ଦେଉଥିଲି। ଯେହେତୁ ମୁଁ କାକଟପୁର ବ୍ଲକ ଅସ୍ତରଙ୍ଗ ପିଲା, ତେଣୁ ସ୍ଥାନୀୟ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଲୋକଙ୍କ ସହ କାମ କରୁଥିଲି। ଲୋକଙ୍କ ବିକାଶ ବିଜେଡିରେ ସମ୍ଭବ ବୋଲି ଜାଣିବା ପରେ ଦଳ ପରିବର୍ତ୍ତନ କଲି।

***ଆପଣ କହୁଛନ୍ତି ଭାଜପା ଉପରେ ଲୋକେ ଅସନ୍ତୁଷ୍ଟ ଅଛନ୍ତି, ସେମାନଙ୍କ ବିରୋଧରେ ଜନମତ ଯିବ ଭାବି ଦଳ ପରିବର୍ତ୍ତନ କଲେ। ହେଲେ ଦେଶରେ ଭାଜପା ଏକକ ସଂଖ୍ୟା ଗରିଷ୍ଠ ଦଳଭାବେ ସରକାର ଗଠନ କଲା। ଓଡ଼ିଶାରେ ମଧ୍ୟ ଭୋଟ ହାର ବଢ଼ିଲା, ଏଇଟା କେମିତି ସମ୍ଭବ ହେଲା?***

❍ ମୁଁ ରାଜ୍ୟ କଥା କହୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୨୦୧୪ରେ ୧୧୭ ଆସନ ପାଇଥିଲୁ ଏଥର ୧୧୨ ଆସନ ପାଇଛୁ। ତେଣୁ କହିବା ଭୁଲ ହେବ ଏଠି ବିଜେଡିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ୨୦୧୪ରେ କଂଗ୍ରେସର ଯେଉଁ ଭୋଟ ଥିଲା ତାହା ଭାଜପାକୁ ଆସିଛି ବୋଲି କହିବି।

***ଆପଣଙ୍କ ପ୍ରିୟ ନେତା କିଏ?***

-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

***କେଉଁସବୁ ସ୍ଥାନୀୟ ସମସ୍ୟାକୁ ଆପଣ ପ୍ରାଥମିକତା ଦେବେ?***

❍ ଅସ୍ତରଙ୍ଗ ବ୍ଲକର ୭ଟି ପଞ୍ଚାୟତ ଲୁଣା ନଦୀ କଡ଼ରେ ରହିଛି। ସେଠାରେ ଶୁଦ୍ଧ ପାନୀୟ ଜଳ ପହଞ୍ଚିପାରି ନାହିଁ। ବହୁ ସ୍ଥାନରେ ନଳକୂପରେ ଲୁଣି ପାଣି ପଡେ। ସେହି ସମସ୍ୟାକୁ ପ୍ରଥମେ ଗୁରୁତ୍ୱ ଦେବି। ଏହାଛଡା କାକଟପୁର, ଅସ୍ତରଙ୍ଗ ଏବଂ କୋଣାର୍କରେ ଥିବା ଡାକ୍ତରଖାନାଗୁଡିକର ଭିତ୍ତିଭୂମିକୁ ଅଧିକ ସଜାଡିବି। ଏହାସହ ସେହିସବୁ ଡାକ୍ତରଖାନାରେ ଅଧିକ ଡାକ୍ତର ନିଯୁକ୍ତି ଦିଗରେ ଗୁରୁତ୍ୱ ଦେବି।

***ବିଜୁ ଯୁବ ବାହିନୀ ନିଯୁକ୍ତି ଦଳୀୟ ଭିତ୍ତିରେ କରାଯାଇଥିବା ବିଭିନ୍ନ ମହଲରେ ଅଭିଯୋଗ କରାଯାଉଛି, ସେନେଇ କିଛି ତ୍ରୁଟି ବିଚ୍ୟୁତିକୁ ଆପଣ ସୁଧାରିବେ କି?***

❍ ସମାଜର ସେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଏଥିରେ ସାମିଲ କରାଯିବ। ଗତ ମେ ୩ରେ ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷୟକ୍ଷତି ହୋଇଥିବା ଅଞ୍ଚଳରେ ବିଜୁ ଯୁବ ବାହିନୀ ସଦସ୍ୟମାନେ ଉଦ୍ଧାର କାର୍ଯ୍ୟ କରିଥିଲେ। ସେମାନେ କ'ଣ ଦଳ ଦେଖି ସେବା କରିଛନ୍ତି , ସେମିତି କିଛି ଲାଗୁନାହିଁ।

***ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୧ଲକ୍ଷରୁ ଅଧିକ ବିଜୁ ଯୁବ ବାହିନୀ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ବାତ୍ୟା ପ୍ରଭାବିତ ଅଞ୍ଚଳର ସଦସ୍ୟଙ୍କୁ ଛାଡ଼ିଦେଲେ ବାକି ୧୫ଲକ୍ଷ ସଦସ୍ୟ କ'ଣ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ?***

❍ ୧୫ ଲକ୍ଷ କାମ କରି ନ ଥିଲେ ମଧ୍ୟ ଜିଲାସ୍ତରରେ ଥିବା ବିଜୁ ଯୁବ ବାହିନୀ ସଦସ୍ୟମାନେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏହାର ନଜିର ମୋ ପାଖରେ ରହିଛି।

***ପୂର୍ବତନ ମନ୍ତ୍ରୀ ଥିବା ବହୁ ବରିଷ୍ଠ ନେତା ମନ୍ତ୍ରିମଣ୍ଡଳରେ ନାହାନ୍ତି। ଆପଣଙ୍କୁ ଲାଗୁଛି ସେମାନେ ଯେପରି କାର୍ଯ୍ୟ କରିବାର ଦକ୍ଷତା ରଖିଥିଲେ, ଆପଣଙ୍କ ଭଳି ନୂଆ ମନ୍ତ୍ରିମାନେ ସେମିତି କାର୍ଯ୍ୟ କରିପାରିବେ?***

❍ ତା'ଉପରେ କିଛି କହିବା ଠିକ୍ ହେବ ନାହିଁ। ଯେଉଁ ନେତାମାନେ ଆଗରୁ କାର୍ଯ୍ୟ କରିଛନ୍ତି, ସେମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି। ସେମାନଙ୍କ ମାର୍ଗଦର୍ଶନରେ ଆଗକୁ କାମ କରିବି ବୋଲି ଭାବୁଛି।

***ମନ୍ତ୍ରୀଭାବେ ରାଜ୍ୟର କେଉଁ ୩ ସମସ୍ୟା ପ୍ରତି ଆପଣଙ୍କ ପ୍ରାଥମିକତା ରହିବ?***

❍ ବର୍ତ୍ତମାନ ମୋତେ ଦୁଇଟି ବିଭାଗର ଦାୟିତ୍ୱ ମିଳିଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି) ଏବଂ କ୍ରୀଡା ଓ ଯୁବବ୍ୟାପାର ବିଭାଗ ଦିଆଯାଇଛି। ଆଇଟି କ୍ଷେତ୍ରରେ ଭିତ୍ତିଭୂମିର ଯେଉଁ ଅଭାବ ରହିଛି ତାର ସମାଧାନ ଉପରେ ଗୁରୁତ୍ୱଦେବି। ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା ଭଳି କମ୍ପାନୀ ଥିଲେ ମଧ୍ୟ ଆହୁରି ବହୁତ କମ୍ପାନୀ ରାଜ୍ୟକୁ ଆଣିବାକୁ ପ୍ରୟାସ କରିବି। ଯେପରି ଉକ୍ତ କମ୍ପାନୀଗୁଡିକ ବିଭିନ୍ନ ଜିଲାରେ ମଧ୍ୟ କାର୍ଯ୍ୟ କରିବେ। ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ଭଳି ସହରରେ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ) ରହିଛି। ତା' ମାଧ୍ୟମରେ କିଭଳି ଅଧିକ ଛୋଟ କମ୍ପାନୀ ଆସିବ ସେ ଦିଗରେ ମଧ୍ୟ ଅଧିକ ପ୍ରାୟସ କରିବି।

***ଓଡ଼ିଶାରେ ଆଇଟି ହବ୍ ହୋଇପାରୁନାହିଁ, ସେ ଦିଗରେ ଆପଣଙ୍କ ପ୍ରୟାସ କ'ଣ ରହିବ?***

❍ ଆଇଟି ହବ୍ ହେବା ପାଇଁ ଇକୋ ସିଷ୍ଟମ୍‌ର ଆବଶ୍ୟକତା ରହିଛି। ଅନ୍ୟ ରାଜ୍ୟରୁ ଯେଉଁ ପିଲାମାନେ ଆସିବେ ସେମାନେ କିଭଳି ଏଠାରେ ସୁରୁଖୁରୁରେ ଚଳିବେ, ସେମାନଙ୍କ ସୁରକ୍ଷା, ରହିବା ପାଇଁ ଘର, ଟ୍ରାଫିକ୍ ପରିଚାଳନା ଆଦି ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହି ବ୍ୟବସ୍ଥା ଧୀରେ ଧୀରେ ହେଲାଣି। ଭୁବନେଶ୍ୱର ଆଇଟି ହବ୍ ପାଇଁ ଯେଉଁ ବ୍ୟବସ୍ଥା କରାଯିବା କଥା ତାହା ବିଳମ୍ବରେ ହେଲା। ବେଙ୍ଗାଲୁରୁ ହେଉ କି, ହାଇଦ୍ରାବାଦ, ପୁଣେ ଆଦି ସହର ଆଇଟି ହବ୍ ହେବା ପଛରେ ସୁଦୃଢ଼ ବ୍ୟବସ୍ଥା ରହିଆସିଛି। ତା'ର ଗୋଟିଏ କାରଣ କ୍ଲାଇମେଟ୍ ମଧ୍ୟ କହିବି। କିନ୍ତୁ ହାଇଦ୍ରାବାଦ୍‌ର କ୍ଲାଇମେଟ୍ ସହ ଭୁବନେଶ୍ୱରର ସାମଞ୍ଜସ୍ୟ ରହିଛି। ତେଣୁ ଆଗାମୀ ଦିନରେ କ୍ଲାଇମେଟ୍ ଯୋଗୁ ସେମିତି କିଛି ବିଶେଷ ଅସୁବିଧା ହେବନାହିଁ। ଇକୋ ସିଷ୍ଟମ୍‌ରେ ଡେଭଲପମେଣ୍ଟ ଏବଂ କମ୍ପାନୀଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯିବ।

***ମୁଖ୍ୟମନ୍ତ୍ରୀଙ୍କ ୩ ଫର୍ମୁଲାକୁ ଆପଣ କେମିତି ଦେଖନ୍ତି?***

❍ ମୁଖ୍ୟମନ୍ତ୍ରୀଙ୍କ ୩ ଫର୍ମୁଲା ଏବେ ତାହା ୫ଟିରେ ପରିଣତ ହୋଇସାରିଛି। ମୁଖ୍ୟମନ୍ତ୍ରୀ ସମୟକୁ ବେଶି ଗୁରୁତ୍ୱ ଦେଇଛନ୍ତି। ତେଣୁ ସମୟ ମଧ୍ୟରେ କାର୍ଯ୍ୟଗୁଡିକର ସମୀକ୍ଷା କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବୁ। ରାଜ୍ୟରେ ବହୁ କାର୍ଯ୍ୟ ଏବେ ଅନ୍‌ଲାଇନରେ ଚାଲିଛି। ଅନ୍ୟ ରାଜ୍ୟକୁ ଦେଖିଲେ ଓଡ଼ିଶାରେ ଇଲେକ୍ଟ୍ରି ବିଲ୍ ଦେୟ ପ୍ରଦାନ ଭଳି ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ କାର୍ଯ୍ୟ ଆଗରେ ରହିଛି।

***-ସାକ୍ଷାତ୍: ସୁନୀତ୍ ମିଶ୍ର***



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ,
ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ୭ ଅଞ୍ଚଳରେ ମିଳିତ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ
## ୭୫ କେଜି ପଲିଥିନ ଜବତ

**ଭୁବନେଶ୍ୱର,୭।୬(ବ୍ୟୁରୋ):** ପଲିଥିନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପରିବେଶ ପାଇଁ ଏହା ବଡ଼ ବିପଦ ସାଜିଛି। ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ପଲିଥିନ ନିଷେଧ ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ଏହି କଟକଣାକୁ ମାନୁନାହାନ୍ତି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି), କମିଶନରେଟ ପୋଲିସ, ଜଙ୍ଗଲ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ମିଳିତ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ରାଜଧାନୀର ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ପ୍ରଥମ ଦିନରେ ସହରର ରାଜମହଲ, ୟୁନିଟ-୧ ମାର୍କେଟ, ମାଷ୍ଟର କ୍ୟାଣ୍ଟିନ, ରୂପାଲି ଛକ, ଗୋପବନ୍ଧୁ ଛକ, ସିଆର୍ପି ଛକ, ଫାୟାର ଷ୍ଟେଶନ ଛକରେ ଚଢ଼ାଉ କରାଯାଇ ମୋଟ ୭୫କେଜି ପଲିଥିନ ଜବତ କରାଯାଇଛି। ଜବତ ହୋଇଥିବା ପଲିଥିନକୁ କଟକ ରୋଡ଼ସ୍ଥିତ ପାନ୍ଥ ନିବାସରେ ଥିବା ଏକ ଘରେ ରଖାଯାଇଛି। ସୂଚନାଯୋଗ୍ୟ, ଚଢ଼ାଉ ଲାଗି ମୋଟ ୨ଟି ଦଳ ଗଠନ ହୋଇଥିବା ବେଳେ ପ୍ରତ୍ୟେକ ଦଳରେ ୨ଜଣ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଚଢ଼ାଉକୁ ଏଣିକି ଜୋରଦାର କରାଯିବ ବୋଲି ବିଏମ୍ସି ପକ୍ଷରୁ କୁହାଯାଇଛି।

## ଦୋଳମଣ୍ଡପ କୋଠା ଭଙ୍ଗାଯିବା ଉଦ୍ୟମ: ଗ୍ରାମରେ ଉତ୍ତେଜନା

**ଭୁବନେଶ୍ୱର,୭।୬(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣ ଗ୍ରାମ ଦୋଳମଣ୍ଡପ କୋଠାଘରକୁ ବିଏମସି ଏବଂ ବିଡିଏ ତରଫରୁ ଭଙ୍ଗାଯିବା ଉଦ୍ୟମ ଆରମ୍ଭ ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ଉକ୍ତ କୋଠା ଘରକୁ ଜଗିରହିଛନ୍ତି। କିଶୋରା ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ଏକ ସଭାର ଆୟୋଜନ କରାଯାଇଥିଲା। ମୁରବି ବଟକୃଷ୍ଣ ନନ୍ଦ, ଅନନ୍ତ ତ୍ରିପାଠୀ, ନରି ଦାସ, ପୀତବାସ ସାହୁ, ପୂର୍ଣ୍ଣ ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ କିଶୋର କହିଛନ୍ତି, ଗାଡକଣ ଗ୍ରାମରେ ଦୋଳ ମେଳଣ ପାଇଁ ବହୁ ପୁରାତନ କୋଠା ଘରଟିଏ ଥିଲା। ଏବେ ଗ୍ରାମବାସୀଙ୍କ ସହଯୋଗରେ ନୂତନ କୋଠା ତିଆରି ହୋଇଛି। ତେଣୁ କିଛି ମୁଷ୍ଟିମେୟ ଲୋକ ହୀନ ଚକ୍ରାନ୍ତ କରି ଉକ୍ତ କୋଠାଘରକୁ ଭାଙ୍ଗିବାକୁ ଉଦ୍ୟମ ଚଳାଇଛନ୍ତି। ଗ୍ରାମବାସୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବାକୁ ସେ ପ୍ରଶାସନକୁ ନିବେଦନ ଜଣାଇଛନ୍ତି।

## ସରିଲା ଭୋଗ ମଣ୍ଡପ କଳସ ମରାମତି

**ପୁରୀ ଅଫିସ,୭।୬:** ବାତ୍ୟା ଫନୀ ବହୁ ଐତିହ୍ୟ, ଧାର୍ମିକ ଏବଂ ଦର୍ଶନୀୟସ୍ଥଳରେ ମଧ୍ୟ ତାଣ୍ଡବ ରଚିଛି। ଏଥିରୁ ବାଦ୍ ପଡ଼ିନି ଶ୍ରୀମନ୍ଦିର। ବଡ଼ଦେଉଳର ଅନେକ କୀର୍ତ୍ତିରାଜି ଉପରେ ଫନୀର ପ୍ରଭାବ ପଡିଛି। ସିଂହଦ୍ୱାର ପ୍ରବେଶ ପଥରେ ଥିବା ଜୟ ମୂର୍ତ୍ତି, ମୁଖ୍ୟମନ୍ଦିରର ଦୁଇଟି ସିଂହ, ଭୋଗମଣ୍ଡପ କଳସ, ବଟ ବୃକ୍ଷ ପ୍ରଭୃତି କ୍ଷତି ହୋଇଛି। ସେହିପରି ଆନନ୍ଦବଜାର ସମେତ ବେଢ଼ା ପରିସର ବିଭିନ୍ନ ମନ୍ଦିରରେ ବି ଆଂଶିକ କ୍ଷୟକ୍ଷତି ହୋଇଛି। ଆଗକୁ ରଥଯାତ୍ରା ଆସୁଥିବାରୁ ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୂର୍ବରୁ ଖସିପଡିଥିବା ମୁଖ୍ୟ ମନ୍ଦିରର ସିଂହ ମୂର୍ତ୍ତି ସ୍ଥାପନ ସରିଥିବା ବେଳେ ବିଭିନ୍ନ ମନ୍ଦିରରୁ ଛାଡିଥିବା ପ୍ଲାଷ୍ଟର ମରାମତି ଶେଷ ହୋଇଥିଲା। ଶୁକ୍ରବାର ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇଛି। ଏହି କଳସ ମରାମତି ସମୟରେ ଜଣେ ବ୍ୟକ୍ତି ପ୍ୟାଣ୍ଟ ସାର୍ଟ ପିନ୍ଧି ଭାରା ଉପରକୁ ଚଢ଼ିଥିଲେ ଏହାକୁ ନେଇ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ୟାଣ୍ଟ ସାର୍ଟ ପିନ୍ଧି ଭୋଗ ମଣ୍ଡପକୁ ଚଢ଼ିବା ଉଚିତ ନୁହେଁ ବୋଲି କହିଛନ୍ତି। ଏଏସ୍ଆଇର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଭୋଗ ମଣ୍ଡପ ଉପରେ ଥିବା କଳସ ପଥରରେ ତିଆରି ହୋଇଥିବା ବେଳେ ଏହା ଉପରେ ଧାତବ ଆବରଣ ଦିଆଯାଇଛି। ଏହି ଆବରଣ ୪ ଖଣ୍ଡ ରହିଥିବା ବେଳେ ବାତ୍ୟାରେ ଖଣ୍ଡିଏ ଆବରଣ ଛାଡି ଯାଇଥିଲା। ପବନରେ ଏହା ଉଡ଼ି ପ୍ରତିହାରୀ ନିଯୋଗ କୁରୁମ ବେଢ଼ା ଛାତ ଉପରେ ପଡିଥିଲା। ଏହାକୁ ଅଣାଯାଇ ଆବଶ୍ୟକ ମେଣ୍ଡିଂ କରାଯାଇଥିଲା। ଶୁକ୍ରବାର ୱେଲ୍‌ଡିଙ୍ଗ କରାଯାଇ ଏହାକୁ ଲଗାଯାଇଛି। ସିଂହଦ୍ୱାରରେ ନୂତନ ଭାବେ ସ୍ଥାପନ ହେବାକୁ ଥିବା ଜୟ, ବିଜୟ ମୂର୍ତ୍ତି ଏବେ ଭୁବନେଶ୍ୱରରେ ତିଆରି ଚାଲିଛି। ପୂର୍ବରୁ ଏହି ମୂର୍ତ୍ତି ସିମେଣ୍ଟରେ କରାଯାଇଥିଲା। ଏବେ ଖଣ୍ଡୋଲାଇଟ୍ ପଥରେ ତିଆରି କରାଯାଉଛି। ଯାଜପୁରର ଜଣେ ଶିଳ୍ପୀ ଏହାକୁ ତିଆରି କରୁଛନ୍ତି। ଏହି ମୂର୍ତ୍ତି ସମ୍ପୂର୍ଣ୍ଣ ହେବା ପରେ ଅଣାଯାଇ ସ୍ଥାପନ କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ବିବାହ ସମ୍ପନ୍ନ

**ପୁରୁଣା ଭୁବନେଶ୍ୱର, ୭।୬ (ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ସହ ମା' ପାର୍ବତୀଙ୍କ ପାରମ୍ପରିକ ରୀତିରେ ବିବାହ କାର୍ଯ୍ୟ ଶୁକ୍ରବାର ବିଳମ୍ବିତ ରାତିରେ ସମ୍ପନ୍ନ ହୋଇଛି। ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ ଶ୍ରୀକେଦାରଗୌରୀ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶ ବିଧି ମୁତାବକ ବିବାହ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ଦେବଦମ୍ପତି କେଦାରଗୌରୀ ମନ୍ଦିରରେ ଗୋଟିଏ ଦିନ ପାଇଁ ଅବସ୍ଥାନ କରିଛନ୍ତି। ଶନିବାର ଠାକୁରଙ୍କ ଫେରନ୍ତା ଶୋଭାଯାତ୍ରା ଅନୁଷ୍ଠିତ ହେବ।

ଶୁକ୍ରବାର ସକାଳ ସାଢେ ୬ଟାରେ ମନ୍ଦିରରେ ମଙ୍ଗଳଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା। ସାଢେ ୬ଟାରୁ ସାଢେ ୯ଟା ମଧ୍ୟରେ ସାହାଣମେଳା ଦର୍ଶନ। ସକାଳ ୭ଟାରେ କୋଠରୋଷ, ଧୂପକାଳ, ହୋମ ଓ ପାକକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦିନ ୧୦ଟାରେ ମହାସ୍ନାନ ହୋଇଥିଲା। ପରେ ଅନ୍ୟ ନୀତି ସମାପନ ହୋଇ ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ ପହଡ଼ ପଡ଼ିଥିଲା। ଶ୍ରୀକପିଳନାଥ ଦେବ ରାତ୍ରି ୮ଟାରେ ବିଜେ କରିବାର ଥିଲେ ହେଁ ୨୦୧୫ ଠାରୁ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରାଠାରୁ ଦେଖାଯାଇଥିବା ବିଭ୍ରାଟ ପାଇଁ ଚଳିତବର୍ଷ ମଧ୍ୟ ବିଜେ କରି ପାରି ନ ଥିଲେ। ସନ୍ଧ୍ୟା ଧୂପରେ ଠାକୁର ବିଜେ ହେବା ସହ ବିମାନ ପାଲିଙ୍କିରେ ବିଜେ ହୋଇଥିଲେ। ରାତ୍ରି ପ୍ରାୟ ସାଢେ ୯ଟାରୁ ସାଢେ ୧୦ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ବରଯାତ୍ରୀମାନେ ଭୋଜିରେ ଆପ୍ୟାୟିତ ହୋଇଥିଲେ। ବଡ଼ସିଂହାର ବେଶ ପରେ ରାତି ୧୧ଟା ୪୬ ମିନିଟ୍‌ରେ ବରାନୁଗମନ ଆରମ୍ଭ ହୋଇଥିଲା। ଘଣ୍ଟ, ଘଣ୍ଟା, ବାଜା, ବାଣ, ବିଭିନ୍ନ ଲୋକନାଚ, ଡିଜେରେ ଶୋଭାଯାତ୍ରା କେଦାରଗୌରୀ ଅଭିମୁଖେ ଯାତ୍ରା କରିଥିଲା। ମନ୍ଦିର ମୁଖଶାଳାରୁ ଶୋଭାଯାତ୍ରାଟି ବାହାରିବା ପରେ ରଥଖଳା, ବଡେଇବାଙ୍କ, ତିନିମୁଣ୍ଡିଆ ଛକଠାରେ ପହଞ୍ଚିଥିଲା। ବିଳମ୍ବିତ ରାତିରେ ଶୋଭାଯାତ୍ରାରେ ଦେବଦମ୍ପତି କେଦାରଗୌରୀ ମନ୍ଦିରରେ ପହଞ୍ଚିଥିଲେ। କେଦାରଗୌରୀ ମନ୍ଦିର ପକ୍ଷରୁ ସେବାୟତମାନେ ଠାକୁରଙ୍କୁ ପାଛୋଟି ନେଇଥିଲେ। ମା' ପାର୍ବତୀ, ନିଜର ମାତା ମା' ଗୌରୀଙ୍କ ନିକଟରେ ରହିଥିବାବେଳେ ପ୍ରଭୁ ଶ୍ରୀଲିଙ୍ଗରାଜ ବିବାହ ମଣ୍ଡପରେ ବସି ରହିଥିଲେ। ପରେ ଠାକୁର ଏବଂ ଠାକୁରାଣୀଙ୍କୁ ବିବାହ ମଣ୍ଡପରେ ଅବସ୍ଥାନ କରାଯାଇଥିଲା।

### ସାମିଲ ହେଲେ ୨୦୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ







ମା' ପାର୍ବତୀଙ୍କ ପକ୍ଷରୁ ମହାସୁଆର ସେବକମାନେ ଏବଂ ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତମାନେ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ। ପାରମ୍ପରିକ ରୀତିରେ ଉଭୟ ଠାକୁର ଠାକୁରାଣୀଙ୍କ ହାତଗଣ୍ଠି ପଡ଼ି ବିବାହର ଶେଷ ହୋଇଥିଲା। ଏହାପରେ ୭ ଥର କଉଡି ଖେଳାଇବା ସହ ଶ୍ରୀଜୀଉଙ୍କ ନିକଟରେ ମାଣ୍ଡୁଅ ପିଠା ପୂଜା ହୋଇଥିଲା। ସୂଚନା ଥାଉକି ଠାକୁରଙ୍କ ଏହି ଶୀତଳଷଷ୍ଠୀ ଯାତ୍ରାରେ ପ୍ରଭୁ ଶ୍ରୀକପିଳେଶ୍ୱର ଦେବ ଅନୁପସ୍ଥିତ ନେଇ ବିଭିନ୍ନ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ତେବେ ଏହି ଘଟଣା କୋର୍ଟରେ ବିଚାରାଧୀନ ଥିବାରୁ କୌଣସି ଭାବେ ବିଚଳିତ ହେବା ଦରକାର ନାହିଁ। ସମୟ ଆସିଲେ ଉଭୟ ଠାକୁରଙ୍କ ମଧ୍ୟରେ ପୁଣି ସମନ୍ୱୟର ରାସ୍ତା ନିର୍ମାଣ ସହ ପରମ୍ପରା ଯୋଡି ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଆଶ୍ୱାସନା ମିଳିବା ପରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରା ସରସ, ସୁନ୍ଦର ଏବଂ ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା।

### ଶ୍ରୀଲିଙ୍ଗରାଜଙ୍କ ବିଜେ ରାସ୍ତାର ଡ୍ରେନ୍ କାମକୁ ନେଇ ଅସନ୍ତୋଷ
## ବରଯାତ୍ରୀ ଶୋଭାଯାତ୍ରାରେ ମାରପିଟ, ଜଣେ ଆହତ

**ପୁରୁଣା ଭୁବନେଶ୍ୱର,୭।୬(ଡି.ଏନ.ଏ.)**–ଶ୍ରୀଲିଙ୍ଗରାଜଙ୍କ ବିଜେ ରାସ୍ତାରେ ମାସ ମାସ ଧରି ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରାସ୍ତା କାମକୁ ଶୁକ୍ରବାର ତରବରିଆ ଭାବେ ଶେଷ କରାଯାଇଥିଲା। ଏହି ରାସ୍ତା ଦେଇ ବରଯାତ୍ରୀ, ଶ୍ରଦ୍ଧାଳୁମାନେ ଶ୍ରୀଲିଙ୍ଗରାଜଙ୍କୁ ବିମାନରେ କେଦାରଗୌରୀ ମନ୍ଦିରକୁ ନେଇ ଯାଉଥିଲେ। ଏହି ସମୟରେ ରାସ୍ତା ନିର୍ମାଣଙ୍କୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବଢେଇବାଙ୍କଠାରେ ପାଟିତୁଣ୍ଡ ହୋଇଥିଲା। ଏହା ଉଗ୍ର ରୂପ ଧାରଣ କରିବାରୁ ମାରପିଟ୍ ହୋଇଥିଲା। ଏଥିରେ ଜଣେ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା।

### ଦୋକାନ ଆଗରୁ ୨୫ ଲକ୍ଷର ସୁନାଗହଣା ଲୁଟ୍ ଘଟଣା
## ଗଞ୍ଜାମରୁ ଦୁଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ଇନ୍ଦ୍ରଧନୁ ମାର୍କେଟରେ ଥିବା ଗୌରୀ ଜୁଏଲେରି ଆଗରୁ ମାର୍ଚ୍ଚ ୨୭ ରାତିରେ ୨୫ଲକ୍ଷ ଟଙ୍କାର ସୁନା ଗ୍ରହଣା ଲୁଟ ହୋଇଥିଲା। ମାଲିକ ଲକ୍ଷ୍ମୀଧର ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରୁଥିବା ବେଳେ ଲୁଟେରା ତାଙ୍କଠାରୁ ସୁନା ବ୍ୟାଗ୍‌କୁ ଲୁଟି ନେଇଥିଲେ। ଏହି ଘଟଣାର ଦୁଇ ମାସ ପରେ ନୟାପଲ୍ଲୀ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ ଟିମ୍ ମିଳିତ ଉଦ୍ୟମରେ ଗଞ୍ଜାମରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ସାଲିଆସାହିରେ ରହୁଥିଲେ। କିନ୍ତୁ ସେମାନଙ୍କ ନିକଟରୁ ପୋଲିସ କୌଣସି ସୁନା ଗ୍ରହଣାକୁ ଜବତ କରିପାରିନାହିଁ। ପୋଲିସ ପଚରାଉଚରା ପରେ ସେମାନେ ସୁନା ଗ୍ରହଣାକୁ ବିକ୍ରି କରି ଦେଇଥିବା କହିଛନ୍ତି। ବିକ୍ରି କରିଥିବା ଦୋକାନୀ ସମ୍ପର୍କରେ ସେମାନଙ୍କୁ ପଚାରିବା ପରେ ଶୁକ୍ରବାର ପୋଲିସ ଉକ୍ତ ସୁନା ଦୋକାନକୁ ଯାଇଥିଲେ ମଧ୍ୟ ଦୋକାନୀ ଅଭିଯୁକ୍ତଙ୍କୁ ଚିହ୍ନି ନଥିବା କହିଛି।

ପ୍ରକାଶ ଯେ, ଲକ୍ଷ୍ମୀଧର ନିୟମିତଭାବେ ସ୍ତ୍ରୀଙ୍କ ସହ ଦୋକାନ ବନ୍ଦ କରି ସବୁ ସୁନା ଗହଣା ବ୍ୟାଗ୍‌ରେ ପୂରାଇ ଘରକୁ ଯାଉଥିବା ଦୁଇ ଅଭିଯୁକ୍ତ ପୂର୍ବରୁ ଜଗି ଜାଣିଥିଲେ। ତେବେ ୨୭ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଲକ୍ଷ୍ମୀଧା ଓ ତାଙ୍କ ସ୍ତ୍ରୀ ସୁନା ବ୍ୟାଗଟିକୁ ଦୋକାନ ଆଗରେ ରଖି ଶଟର ବନ୍ଦ କରୁଥିଲେ। ଏହି ସୁଯୋଗରେ ଲୁଟେରାଦ୍ୱୟ ସୁନା ବ୍ୟାଗ୍‌କୁ ଧରି ବାଇକରେ ଚମ୍ପଟ ମାରିଥିଲେ। ଲୁଟେରା ବ୍ୟାଗ୍ ନେବା ସମୟରେ ସେଠାରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସିସିଟିଭି ଫୁଟେଜରେ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ସାଲିଆସାହିର କେତେକ ପିଲାଙ୍କ ସହଯୋଗ ନେଇଥିଲା। ଶେଷରେ ସେମାନଙ୍କୁ ଧରିବା ପାଇଁ ଦୁଇ ଦିନ ତଳେ ନୟାପଲ୍ଲୀ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ ଟିମ୍ ଗଞ୍ଜାମସ୍ଥିତ ଘରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ୫ ଗିରଫ

**ବାରଙ୍ଗ,୭।୬(ଡି.ଏନ୍.ଏ.)**

ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ଶଙ୍କର ମହାପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଳସୁଆ ମହିମାନଗରର ସଞ୍ଜୟ ଭୋଇ, ମାନସ ନାୟକ, ବାଦଲ ଭୋଇ, ବୁଲା ବେହେରା ଓ ମୁନା ଭୋଇ। ପ୍ରକାଶ ଯେ, ଗୁରୁବାର ରାତିରେ ଶଙ୍କର କାର୍ଯ୍ୟସାରି ରସୁଲଗଡ଼ରୁ ଘରକୁ ଫେରୁଥିଲେ। ଅଳସୁଆ ଗ୍ରାମର କେତେକ ଯୁବକ ଏକ ଶବଦାହ ସାରି ଫେରୁଥିବାବେଳେ ଜଣେ କାରଚାଳକ ସହ ପାଟିତୁଣ୍ଡ ହୋଇଥିଲା। ଶଙ୍କର ଏହି ସମୟରେ ସେଠାରେ ପହଞ୍ଚି ବୁଝାଶୁଝା କରୁଥିବାବେଳେ ଉକ୍ତ ଯୁବକମାନେ ତାଙ୍କୁ ଫାର୍ସରେ ଆକ୍ରମଣ କରି ପଳାଇ ଯାଇଥିଲେ। ଏ ସମ୍ପର୍କରେ ଶଙ୍କର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ୧୦୬/୧୯ ନଂରେ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଆହୁରି ୫ଜଣ ଯୁବକ ଫେରାର ଅଛନ୍ତି।

## ଡମ୍ପିଂୟାର୍ଡ ବୁଲି ଦେଖିଲେ ଅପରାଜିତା

**ବାରଙ୍ଗ,୭।୬(ଡି.ଏନ୍.ଏ.)**–ଦାରୁଠେଙ୍ଗସ୍ଥିତ ଡମ୍ପିଂୟାର୍ଡକୁ ଶୁକ୍ରବାର ନବନିର୍ବାଚିତ ଭୁବନେଶ୍ୱର ଲୋକ ସଭା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପରିଦର୍ଶନ କରିଛନ୍ତି। ଚନ୍ଦକା ଛକ ଓ ଦାରୁଠେଙ୍ଗ ଗ୍ରାମମୁଣ୍ଡରେ ଭାଜପା କର୍ମୀମାନଙ୍କ ସହ ଦାରୁଠେଙ୍ଗ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ପରେ ଦାରୁଠେଙ୍ଗ ଗ୍ରାମବାସୀ ସହ ଡମ୍ପିଂୟାର୍ଡ ଅଞ୍ଚଳ ବୁଲି ଦେଖିଥିଲେ। ଏ ନେଇ ଶନିବାର ଗ୍ରାମରୁ ୧୧ଜଣିଆ ପ୍ରତିନିଧି ଦଳ ଏମ୍‌ପି ଅପରାଜିତାଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

## ରେଳ ସପ୍ତାହ ବାର୍ଷିକ ପୁରସ୍କାର ପ୍ରଦାନ



**ଭୁବନେଶ୍ୱର,୭।୬**

ପୂର୍ବତଟ ରେଳପଥ ପକ୍ଷରୁ ୬୪ତମ ରେଳ ସପ୍ତାହ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଗତିଶୀଳ ଉଦ୍ଦେଶ୍ୟ ଏବଂ କର୍ତ୍ତବ୍ୟ ସମ୍ପାଦନ ଦ୍ୱାରା ରେଲଓ୍ୱେରେ ଉତ୍କର୍ଷତା ଆଣିଥିବାରୁ କର୍ମଚାରୀଙ୍କୁ ମହାପ୍ରବନ୍ଧକ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟ ଦକ୍ଷତା ଲାଗି ଖୋର୍ଦ୍ଧାରୋଡ ରେଳ ମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍‌ଡ ପ୍ରଦାନ କରାଯାଇଛି। ସେହିଭଳି କଟକ ରେଳ ଷ୍ଟେଶନକୁ ଉତ୍ତମ ବୃହତ୍ତ ପରିଛନ୍ନ ଷ୍ଟେଶନ, କୋରାପୁଟ ନିକଟସ୍ଥ ମାନବାର ରେଳ ଷ୍ଟେଶନକୁ ଉତ୍ତମ ଶ୍ରେଷ୍ଠ ପରିଛନ୍ନ ଷ୍ଟେଶନ ସିଲ୍‌ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତ ଏବଂ ଅଶୋକ କୁମାର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀମାନେ ଏହି ଅବସରେ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ରେଳ ମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍‌ଡ

## ଯୌତୁକ ଦାବିରେ ବଧୂ ହତ୍ୟା: ସ୍ୱାମୀ ଗିରଫ

**ଜଟଣୀ,୭।୬(ଡି.ଏନ.ଏ.)**–ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବୋହୂଙ୍କୁ ଶ୍ୱଶୁରଘର ଲୋକେ ମାରି ଦେଇଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ କନ୍ତିଆ ଗ୍ରାମ ତଳସାହିର ଦେବରାଜ ସ୍ୱାଇଁ (୩୨)ଙ୍କ ସହ ୨୦୧୭ ରେ କଣାସ ଥାନା ବାଡ଼ବଡ଼ପୁଟ ଗ୍ରାମର ଭଜମନ ସୁନ୍ଦରାୟଙ୍କ ଝିଅ ଶର୍ମିଷ୍ଠାଙ୍କ ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବି କରି ଶର୍ମିଷ୍ଠାଙ୍କୁ ସ୍ୱାମୀ ଦେବରାଜ, ଶ୍ୱଶୁର ଓ ଶାଶୁ ନିର୍ଯାତନା ଦେଉଥିଲେ। ଏ ନେଇ ଅନେକଥର ସମାଧାନ ମଧ୍ୟ ହୋଇଛି। ହେଲେ ତାଙ୍କ ଝିଅ ଶର୍ମିଷ୍ଠାଙ୍କୁ ଗୁରୁବାର ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ଗଳା ଚିପି ମାରି ଦେଇଥିବା ପିତା ଭଜମନ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ୯ଟାରେ ଶର୍ମିଷ୍ଠା ନିଜ କୋଠରି ମଧ୍ୟରେ ଦଉଡି ଦ୍ୱାରା ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ସ୍ଥାନୀୟ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଶର୍ମିଷ୍ଠାଙ୍କ ଶ୍ୱଶୁର ଘର ଲୋକେ ପୋଲିସକୁ କହିଛନ୍ତି। ତେବେ ଅଭିଯୋଗକୁ ଆଧାର କରି ସ୍ୱାମୀ ଦେବରାଜଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ଚଳିତବର୍ଷ ୧ କୋଟି ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ



କର୍ମଶାଳାରେ ଯୋଗ ଦେଇଥିବା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟରେ ଏକ କୋଟି ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ମୋଟ ୫୦.୭୯ଲକ୍ଷ ହେକ୍ଟର ଜମିରୁ ପ୍ରାୟ ୧କୋଟି ୪୧ଲକ୍ଷ ଟନ୍ ଉତ୍ପାଦନ କରାଯିବ ବୋଲି ଆଶା ରଖାଯାଇଛି। ସେଥିମଧ୍ୟରୁ ୩୬.୫୦ଲକ୍ଷ ହେକ୍ଟର ଧାନଜମିରୁ ୮୫.୫୨ ଲକ୍ଷ ଚାଉଳ, ୪୦.୯୨ଲକ୍ଷ ହେକ୍ଟର ଜମିରୁ ୪୯.୭୯ ଲକ୍ଷ ଟନ୍ ଗହମ ଜାତୀୟ, ୯.୮୫ଲକ୍ଷ ହେକ୍ଟର ଜମିରୁ ୫.୬୧ଲକ୍ଷ ଟନ୍ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ରହିଛି। ସେହିପରି ୪୨ଲକ୍ଷ ଟନ୍ ପରିବା, ୪.୭୦ ଲକ୍ଷ ଟନ୍ ମସଲାଯୁକ୍ତ ଶସ୍ୟ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର କୃଷି ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଖରିଫ-୨୦୧୯' ଶୀର୍ଷକ କର୍ମଶାଳାରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। କର୍ମଶାଳାରେ କୃଷି ଉତ୍ପାଦନ ସଚିବ ଗଗନ ଧଳ, କୃଷି ସଚିବ ସୌରଭ ଗର୍ଗ, କୃଷି ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ବି.କେ.ଉପାଧ୍ୟାୟ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃଷି ସମ୍ବନ୍ଧୀୟ ବିଭିନ୍ନ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

## ଜାଲ୍ ରସିଦ, ପାର୍କିଂ ପ୍ରମାଣପତ୍ର ଜବତ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

### ବେଆଇନ ପାର୍କିଂଧାରୀଙ୍କ ବିରୋଧରେ ଏତଲା

ବେଆଇନ ପାର୍କିଂଧାରୀଙ୍କୁ ବିଏମ୍ସି ସାବଧାନ କରିଛି। ଶୁକ୍ରବାରଠାରୁ ସହରରେ ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଥିବା ଲୋକଙ୍କୁ ବିଏମ୍ସି ଧରିବାକୁ ଚେଷ୍ଟା କରିଛି। ଏ ନେଇ ରେଳଷ୍ଟେଶନ ନିକଟ ରିଲାଏନ୍ସ ମଲ ସମ୍ମୁଖରେ ଥିବା ପାର୍କିଂସ୍ଥଳରେ ଚଢ଼ାଉ କରିବା ସହ ଜାଲ ରସିଦ ଓ ନକଲି ପାର୍କିଂ ପ୍ରମାଣପତ୍ର ଜବତ କରିଥିବାବେଳେ ପାର୍କିଂ ଫି ଆଦାୟ କରୁଥିବା ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଖାରବେଳ ନଗର ଥାନାରେ ବିଏମ୍ସି ପକ୍ଷରୁ ଅଭିଯୋଗ କରାଯିବା ସହିତ ଜବତ ରସିଦ ଓ ଜାଲ ପ୍ରମାଣପତ୍ର ପୋଲିସ୍‌କୁ ହସ୍ତାନ୍ତର କରାଯାଇଛି। ଉକ୍ତ ବ୍ୟକ୍ତିଜଣକ ବେଆଇନ ଭାବେ ସେଠାରେ ପାର୍କିଂ କରି ଲୋକଙ୍କଠାରୁ ପଇସା ଆଦାୟ କରୁଥିଲେ। ତୁରନ୍ତ ତାଙ୍କୁ ଗିରଫ କରିବାକୁ ପୋଲିସକୁ ଅନୁରୋଧ କରାଯାଇଛି। ବିଏମ୍ସିର ଦକ୍ଷିଣ-ପୂର୍ବ ଜୋନର ୱାର୍ଡ ସୁପରଭାଇଜର ଦେବୀ ପ୍ରସାଦ ଦାସ, ବିଏମ୍ସି ରାଜସ୍ୱ ବିଭାଗର ପ୍ରବୀର କୁମାର ଖିଲାରଙ୍କ ଦ୍ୱାରା ଏହି ଅଭିଯୋଗ ଦିଆଯାଇଛି। ଏ ନେଇ ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ପୋଲିସ ଉକ୍ତ ଜାଲ ରସିଦ ଭିତ୍ତିରେ ଘଟଣାର ତଦନ୍ତ କରୁଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୁବ ଶିଘ୍ର ଗିରଫ କରାଯିବ। ଏଣିକି ଖାରବେଳନଗର ଥାନା ଅଞ୍ଚଳରେ ବେଆଇନ ପାର୍କିଂରୁ ଟଙ୍କା ଆଦାୟ ଉପରେ କଡ଼ା ନଜର ରଖାଯିବ।

### ଶିକ୍ଷକଙ୍କୁ ଲଣ୍ଡା କରି ଚପଲ ମାଳ ପିନ୍ଧାଇ ବୁଲାଇବା ଘଟଣା
## ସିପି, ମହିଳା କମିଶନରଙ୍କୁ ଅଭିଯୋଗ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ଧିରୁକୁଟି ବସ୍ତିରେ ଜଣେ ଶିକ୍ଷକଙ୍କୁ ବସ୍ତିବାସିନ୍ଦା ଗତ ୨୮ ତାରିଖରେ ମିଛ ଅଭିଯୋଗରେ ମାଡ଼ ମାରିବା ସହ ଲଣ୍ଡା କରି ବେକରେ ଚପଲ ପକାଇ ବୁଲାଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଉଲଗ୍ନ କରି ଭିଡିଓ ଭାଇରାଲ କରିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବସ୍ତିବାସିନ୍ଦାଙ୍କ ଅଭିଯୋଗ କ୍ରମେ ଶିକ୍ଷକଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ନ୍ୟାୟ ପାଇଁ ସମ୍ପୃକ୍ତ ମହିଳା ଶୁକ୍ରବାର ଡିସିପି ଅଫିସ ଯାଇଥିଲେ। ହେଲେ ସେଠାରୁ ନିରାଶ ହେବାରୁ ପୋଲିସ କମିଶନର(ସିପି)ଙ୍କ ଅଫିସକୁ ଯାଇଥିଲେ। ସେଠାରେ ପୋଲିସ କମିଶନରଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ନ୍ୟାୟ ମିଳିବାର ପ୍ରତିଶ୍ରୁତି ପାଇବା ପରେ ଫେରିଆସିଥିଲେ। ଏ ନେଇ ମଧ୍ୟ ସେ ରାଜ୍ୟ ମହିଳା କମିଶନର ଏବଂ ରାଜ୍ୟ ମାନାବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବସ୍ତିଲୋକେ ତାଙ୍କ ଘର ଉପରକୁ ଟେକା ପଥର ମାଡ କରୁଥିବାରୁ ସେ ଭୟରେ ଅଛନ୍ତି। ପୋଲିସକୁ ଜଣାଇଥିଲେ କିଛି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି।

## ବାଲିପାଟଣା ବ୍ଲକର ବିକାଶ ପ୍ରତି ଗୁରୁତ୍ୱ




**ବାଲିପାଟଣା,୭।୬(ଡି.ଏନ୍.ଏ.)**

ଜୟଦେବ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଅରବିନ୍ଦ ଢାଲି ଶୁକ୍ରବାର ଅପରାହ୍ନରେ ବାଲିପାଟଣା ବ୍ଲକରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବିଡିଓ ଗୀତାଞ୍ଜଳି ଦାଶ, ଏବିଡିଓ ନୃସିଂହ ପ୍ରସାଦ ମିଶ୍ର, ଯୋଗାଣ ଅଧିକାରୀ ଦେବସ୍ମିତା ମଲ୍ଲିକ, ପ୍ରାଣୀ ଚିକିତ୍ସକ ମାନସ ଚାନ୍ଦ, ସତ୍ୟବ୍ରତ ଦାଶ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସୁନିଲ ପାଢୀ, ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ସାହୁ, କୃଷି ଅଧିକାରୀ ବିଭୂପ୍ରସାଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଢାଲୀ କହିଥିଲେ, ବାଲିପାଟଣା ବ୍ଲକର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ଦରକାର। ଯିଏ କର୍ତ୍ତବ୍ୟରେ ଅବହେଳା କରିବ ଜନସାଧାରଣ ତାହାର ଜବାବ ଦେବେ। ୧୦ଦିନ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଡାକିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମା' ଗିରିଙ୍ଗେଶ୍ୱରୀ ପ୍ରାଙ୍ଗଣରେ ଜୟଦେବ ନିର୍ବାଚନମଣ୍ଡଳୀର ମହିଳା ସଙ୍ଗଠନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଧାୟକ ଢାଲୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଜେଡି ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ, ଅଚ୍ୟୁତ ପାତ୍ର, ଜିଲାପରିଦେ ଉପାଧକ୍ଷା ସୁମିତ୍ରା ରାଉତରାୟ, ଆଇନଜୀବୀ ଅଶୋକ ରାଉତରାୟ, ପ୍ରୋମାନନ୍ଦ ଦାଶ, ଭାଗ୍ୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୫ ଲକ୍ଷ ଟଙ୍କାର ସୁନା ରୁପା

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୭।୬ ଡି.ଏନ୍.ଏ.)**– ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା କମାଗୁରୁ ଟାଙ୍ଗୋଳ ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ କରାଯାଇଛି। ୨ଜଣ ଲୁଟେରା ଜଣେ ସୁନାରୁପା ବ୍ୟବସାୟୀ ସରପାରି କଂସାରିସାହିର ଗଗନ ନାୟକଙ୍କଠାରୁ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ। ପ୍ରାପ୍ତ ସୂଚନା ଅନୁସାରେ, ସରପାରି କଂସାରିସାହିର ଗଗନ ନାୟକ ଜଙ୍କିଆ ଥାନାର ଆଖପାଖ ଗାଁଗୁଡିକରେ ସୁନା ରୁପା ଅଳଙ୍କାର ବିକ୍ରି କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଗଗନ ସୁନା ରୁପା ଅଳଙ୍କାର ନେଇ ବାଇକ୍ ଯୋଗେ ଟାଙ୍ଗୋଳ ଗାଁକୁ ଯାଉଥିଲେ। କମାଗୁରୁ ଟାଙ୍ଗୋଳ ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳରେ ପଛ ପାଖରୁ ୨ଜଣ ଯୁବକ ବାଇକ୍ ଯୋଗେ ଆସି ଗଗନଙ୍କ ବାଇକ୍ ଅଟକାଇବା ସହ ବନ୍ଧୁକ ଦେଖାଇ ସୁନାରୁପା ଅଳଙ୍କାର ରହିଥିବା ବ୍ୟାଗ ଛଡାଇ ନେଇଥିଲେ।



" କର୍ନାଟକରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଶାସନ କରି ନ ପାରିଲେ କ୍ଷମତା ଛାଡ଼ିଦିଅନ୍ତୁ।

-ବି.ଏସ୍. ୟେଦ୍ଦ୍ୟୁରପ୍ପା,
ବରିଷ୍ଠ ଭାଜପା ନେତା



■ ନ୍ୟାୟ ପାଇଁ ସୋସିଆଲ ମିଡିଆରେ ଅଭିଯାନ

# ଦେଶବ୍ୟାପୀ ଆକ୍ରୋଶ, ବିକ୍ଷୋଭ

ଆଲିଗଡ଼/ନୂଆଦିଲ୍ଲୀ,୭।୬(ପି.ଟି.)

ଆଖି ଦୁଇଟିକୁ ନଷ୍ଟ କରିଦିଆଯାଇଛି, ମସ୍ତିଷ୍କକୁ ଗଳିତ କରାଯାଇଛି ଓ ହାତଗୋଡ଼ ଭାଙ୍ଗି ଦିଆଯାଇଛି। ବଳାତ୍କାରକୁ ଅସ୍ୱୀକାର କରାଯାଇ ପାରୁନାହିଁ। ନାବାଳିକାଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟରୁ ଏହି ବିଷୟ ସାମ୍ନାକୁ ଆସିବା ପରେ ଠଉରାଇ ହୋଇଯାଉଛି ବର୍ବରତା ଓ ନିର୍ମମତାର କେତେ ସୀମା ଲଂଘିଛନ୍ତି ହତ୍ୟାକାରୀ ଜାହିଦ ଓ ଅସ୍‌ଲମ୍। ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଏକ ଲଜ୍ଜାଜନକ ଘଟଣା ଉତ୍ତରପ୍ରଦେଶ(ୟୁପି)ର ଆଲିଗଡ଼ରେ ଘଟିଛି। ମାତ୍ର ୧୦ ହଜାର ଟଙ୍କା ପାଇଁ ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ହତ୍ୟା କରାଯାଇଛି। ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର ମଧ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କ ମୃତଦେହ ମିଳିବା ପରେ କେବଳ ଆଲିଗଡ଼ ନୁହେଁ, ବରଂ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱର ଉଠିଛି। ସୋସିଆଲ ମିଡିଆରେ ନାବାଳିକାଙ୍କ ନ୍ୟାୟ ଦାବିରେ ଅଭିଯାନ ଜୋର୍ ଧରିବା ସହ ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଆଲିଗଡ଼ ଘଟଣାକୁ ନେଇ ସେ ସ୍ତବ୍ଧ ଓ ବିଚଳିତ। ଜଣେ ଶିଶୁକନ୍ୟାଙ୍କୁ ଜଣେ ମଣିଷ ଏତେ ନିର୍ମମ ବ୍ୟବହାର କିପରି କରିପାରେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଟୁଇଟରରେ ରାହୁଲ ଦାବି କରିଛନ୍ତି। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ଆଲିଗଡ଼ର ନିର୍ମମ ହତ୍ୟା ଆଉ ଏକ ଅମାନବୀୟ କାଣ୍ଡ ଓ ନିରୀହ ଶିଶୁ ବିରୋଧରେ ଅକଥନୀୟ ଅପରାଧ। ତାଙ୍କ ମା'ବାପା ଏଥିରୁ କିପରି କଷ୍ଟ ପାଉଥିବେ ତାହା ଅନୁଭବ କରିହେଉଛି। ସେହିପରି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଦୁଃଖଦ ଘଟଣା ଭାବେ ଅଭିହିତ କରି ଉତ୍ତରପ୍ରଦେଶ ସରକାର ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡିତ କରନ୍ତୁ ବୋଲି ଦାବି କରିଛନ୍ତି। ସେଲିବ୍ରିଟିମାନେ ମଧ୍ୟ ଏହି କାଣ୍ଡକୁ ନିନ୍ଦା କରି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ଅଭିନେତା ଅକ୍ଷୟ କୁମାର ଟୁଇଟ୍ କରିଛନ୍ତି, ଆଲିଗଡ଼ ଘଟଣାକୁ ନେଇ ସେ ଆତଙ୍କିତ ଓ କ୍ରୋଧିତ। ଆମ ପିଲାଙ୍କ ପାଇଁ ଯେପରି ଦୁନିଆ ଚାହୁଁ, ନିଶ୍ଚିତ ଭାବେ ଏହା ତାହା ନୁହେଁ। ଅପରାଧୀଙ୍କୁ ଦଣ୍ଡ ମିଳୁ। ସୋସିଆଲ ମିଡିଆରେ ଅଭିଷେକ ବଚ୍ଚନ ଲେଖିଛନ୍ତି, ଏଭଳି ହୀନ କାର୍ଯ୍ୟ କରିବା ପାଇଁ ଜଣେ କିପରି ଚିନ୍ତା କରିପାରେ। ନିନ୍ଦା ପାଇଁ ଭାଷା ନାହିଁ। ସେହିପରି ଅଭିନେତ୍ରୀ ସୋନମ କପୁର ଆହୁଜା କହିଛନ୍ତି, ଆଲିଗଡ଼ ଝିଅ ଉପରେ ଯାହା ବିତିଛି ତାହା ହୃଦୟ ବିଦାରକ ଓ ଭୟଙ୍କର। ଶିଶୁ ପାଇଁ ପ୍ରାର୍ଥନା। ଏହାକୁ ସ୍ୱାର୍ଥପର ଏଜେଣ୍ଡା ଭାବେ ବ୍ୟବହାର କରା ନ ଯାଉ। ଶିଶୁକନ୍ୟା ନାମରେ ଟୁଇଟରରେ ଏକ ହ୍ୟାସ୍‌ଟ୍ୟାଗ୍ ଟ୍ରେଣ୍ଡ କରିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହାକୁ ନେଇ ୫୦ ହଜାର ଟୁଇଟ୍ କରାଯାଇଥିବା ଜଣାପଡ଼ିଛି।




କ୍ୟାଣ୍ଡେଲ ଶୋଭାଯାତ୍ରା କରୁଛନ୍ତି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର

## ଆଲିଗଡ଼ ଲଜ୍ଜା





ଅକ୍ଷୟ କୁମାର | ସୋନମ୍ କପୁର | ଅଭିଷେକ ବଚ୍ଚନ

## କୁନିଝିଅଠୁ ନେଲେ ଅପମାନର ପ୍ରତିଶୋଧ

**ଆଲିଗଡ଼,୭।୬:** ଆଲିଗଡ଼ରୁ ପ୍ରାୟ ୫୦ କି.ମି. ଦୂର ତପ୍ପାଲ ସହର। ମେ ୩୦ ତାରିଖରେ ହଠାତ ନିଖୋଜ ହୋଇଯାଇଥିଲେ ଜଣେ ଅଢ଼େଇ ବର୍ଷୀୟା ଝିଅ। ପରିବାର ଲୋକ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ବି ମିଳେନି ନାବାଳିକାଙ୍କ ପତ୍ତା। ପରଦିନ ପରିବାର ପକ୍ଷରୁ ଥାନାରେ ରିପୋର୍ଟ କରାଯାଏ । ଜୁନ୍ ୨ ତାରିଖରେ ତାଙ୍କ ଘର ନିକଟ ଏକ ଅଳିଆ ଗଦାରେ ଘଟେ ଏକ ଅସ୍ୱାଭାବିକ ଘଟଣା। ଅଳିଆ ଭିତରୁ ବୁଲା କୁକୁରମାନେ କିଛି ଗୋଟେ ଟାଣୁଥିବା ଜଣେ ମହିଳା ଦେଖିବାକୁ ପାଆନ୍ତି। ଅନୁଧ୍ୟାନରୁ ଜଣାପଡ଼େ କୁକୁର ଟାଣୁଥିବା କପଡ଼ା ଭିତର ଜିନିଷ ଏକ ଶିଶୁର ମୃତଦେହ ବୋଲି। ପୋଲିସ ଆସି ଶବ ବ୍ୟବଚ୍ଛେଦ ପାଇଁ ପଠାଏ। ତନାଘନା ପରେ ଗିରଫ ହୁଅନ୍ତି ୨ ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍। ଜେରାବେଳେ ଦୁହେଁ ଅପରାଧ ସ୍ୱୀକାର କରନ୍ତି। ସାମ୍ନାକୁ ଆସେ ସବୁ କଥା। ଜାହିଦଙ୍କ କହିବାନୁସାରେ ସେ ଶିଶୁକନ୍ୟାଙ୍କ ଜେଜେବାପାଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ୪୦ ହଜାର ଶୁଝିସାରିଥିବାବେଳେ ଆଉ ୧୦ ହଜାର ବାକି ଅଛି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ଅପମାନର ପ୍ରତିଶୋଧ ପାଇଁ ଜାହିଦ ପଣ କରିଥିଲେ। ଶେଷରେ ନିରୀହ ଶିଶୁକନ୍ୟାଙ୍କୁ ଅପହରଣ କରି ହତ୍ୟା କରିଥିଲେ। ଏହି ନାରକୀୟ କାଣ୍ଡରେ ତାଙ୍କୁ ସାହାଯ୍ୟ କରିଥିଲେ ଅସ୍‌ଲମ୍। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ସତ। ହେଲେ ନିଖୋଜ ଖବର ପାଇବା ପରେ ତ୍ୱରିତ ତତ୍ପରତା ପ୍ରକାଶ କରି ଖୋଜାଖୋଜି କରିଥିଲେ ହୁଏତ ଶିଶୁକନ୍ୟାଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା।



ଗିରଫ ୨ ଅଭିଯୁକ୍ତ

## ଇସ୍ତଫା ଦେଲେ ଥେରେସା

ଲଣ୍ଡନ,୭।୬(ଏଏଫପି)



**କଞ୍ଜରଭେଟିଭ ପାର୍ଟି ନେତା ପଦ ଛାଡ଼ିଲେ**

ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଥେରେସା ମେ ଶୁକ୍ରବାର ଶାସକ କଞ୍ଜରଭେଟିଭ୍ ପାର୍ଟି ନେତା ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ତାଙ୍କ ଉତ୍ତରାଧିକାରୀ ଚୟନ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ନୂଆ ନେତା ବଛାଯିବା ପର୍ଯ୍ୟନ୍ତ ଥେରେସା ପ୍ରଧାନମନ୍ତ୍ରୀ ପଦରେ ରହିବେ। ବ୍ରେକ୍‌ଜିଟ ପ୍ରଦାନରେ ଥେରେସା ବିଫଳ ହୋଇଥିବାବେଳେ ତାଙ୍କ ଉତ୍ତରାଧିକାରୀଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହେବ। ବ୍ରେକ୍‌ଜିଟ ସମୟସୀମା ଅକ୍ଟୋବର ୩୧ ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ବିରୋଧୀମାନେ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ ଏହା ଆଗେଇ ପାରୁନାହିଁ।

ୟୁରୋପୀୟ ୟୁନିୟନ (ଇୟୁ)ରୁ ବ୍ରିଟେନ ବାହାରିଯିବା ଲାଗି ୨୦୧୬ରେ ଗଣଭୋଟ ପରେ ଥେରେସା ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦୀର୍ଘ ସାଢ଼େ ୩ ବର୍ଷ ଧରି ଉକ୍ତ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ ଜାରି ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ। ଗତ ମାସରେ ସେ ପରାଜୟ ସ୍ୱୀକାର କରିବା ସହ ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବେ ବୋଲି କୋହଭରା ଭାଷଣରେ କହିଥିଲେ। କଞ୍ଜରଭେଟିଭ ପାର୍ଟି ନେତା ଦୌଡ଼ରେ ଏବେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବୋରିସ୍ ଜନସନଙ୍କ ସମେତ ୧୧ ଜଣ ଏମ୍‌ପି ରହିଛନ୍ତି। ନାମାଙ୍କନ ପତ୍ର ଦାଖଲ ଶେଷଦିନ ସୋମବାର ହୋଇଥିବାବେଳେ ଏହା ପୂର୍ବରୁ କେତେଜଣ ଦୌଡ଼ରୁ ଓହରିଯାଇପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ଥେରେସାଙ୍କ ଯୋଜନାକୁ ବଞ୍ଚାଇ ରଖିବେ କିମ୍ବା ବ୍ରେକ୍‌ଜିଟକୁ ବିଳମ୍ବିତ କରାଇବେ ଅଥବା ବିନା ରାଜିନାମାରେ ବ୍ରିଟେନର ଘନିଷ୍ଠ ବାଣିଜ୍ୟିକ ସହଯୋଗୀଙ୍କଠାରୁ ସମ୍ପର୍କ ତୁଟାଇବେ, ସେ ନିଷ୍ପତ୍ତି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନେବେ।

## ୱାୟନାଡ୍‌ରେ ରାହୁଲ

ନୂଆଦିଲ୍ଲୀ,୭।୬



**ମୋଦିଙ୍କ ଉପରେ ବର୍ଷିଲେ**

ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ କିଛିଦିନ ନୀରବ ରହିଥିବା ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରର ଏନଡିଏ ସରକାର ଉପରେ ବର୍ଷିଛନ୍ତି। ନିଜର ବିଜୟ ପାଇଁ ୱାୟନାଡ୍ ଆସନର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବାକୁ ୩ ଦିନିଆ କେରଳ ଗସ୍ତରେ ଯାଇଛନ୍ତି ରାହୁଲ। ପ୍ରଧାନମନ୍ତ୍ରୀ ଓ ଏନ୍‌ଡିଏ ସରକାର ଦେଶରେ ଘୃଣାର ପ୍ରସାର କରାଉଛନ୍ତି। ଘୃଣାକୁ ସ୍ନେହ ଓ ପ୍ରେମ ମାଧ୍ୟମରେ ପ୍ରତିହତ କରାଯାଇପାରିବ, ଯାହା କଂଗ୍ରେସ ଦଳକୁ ଭଲ ଭାବେ ଜଣା ବୋଲି ରାହୁଲ କହିଛନ୍ତି। ଆମେ ବିରୋଧୀ ଦଳ ଭୂମିକାରେ ଦେଶର ଦୁର୍ବଳ ଜନସାଧାରଣଙ୍କ ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ବର୍ଷା ସତ୍ତ୍ୱେ ହଜାର ହଜାର ଜନସାଧାରଣ ରାହୁଲଙ୍କୁ ସ୍ୱାଗତ କରିବା ଲାଗି ରୁଣ୍ଡ ହୋଇଥିଲେ। ୪ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଜିତିଥିବା ରାହୁଲ ଏଥିପାଇଁ ଭୋଟରଙ୍କୁ କୃତଜ୍ଞତା ଜଣାଇଥିଲେ। ଲୋକ ସଭାରେ ସେ କେରଳ ଓ ୱାୟନାଡ୍ ଜନସାଧାରଣଙ୍କ ସମସ୍ୟା କଥା ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୬ କ୍ୟାବିନେଟ କମିଟିରେ ରାଜନାଥ



**ବଦଳିଲା ବିଜ୍ଞପ୍ତି**

**ଇସ୍ତଫା ପ୍ରସ୍ତାବକୁ ଖଣ୍ଡନ**

ନୂଆଦିଲ୍ଲୀ,୭।୬

କେନ୍ଦ୍ର ସରକାର ପ୍ରକାଶ କରିଥିବା କ୍ୟାବିନେଟ କମିଟି ସମ୍ପର୍କିତ ବିଜ୍ଞପ୍ତିରେ ପରିବର୍ତ୍ତନ କରିଛନ୍ତି। ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ମାତ୍ର ୨ଟି କ୍ୟାବିନେଟ କମିଟିରେ ସଦସ୍ୟ ରଖାଯାଇଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ସମସ୍ତ ୮ଟି କମିଟିରେ ନିଆଯାଇଥିଲା। ଏହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେବା ପରେ ସରକାର ଶୁକ୍ରବାର ବିଜ୍ଞପ୍ତିରେ ସଂଶୋଧନ କରି ରାଜନାଥଙ୍କୁ ରାଜନୈତିକ ବ୍ୟାପାର, ସଂସଦୀୟ ବ୍ୟାପାର ସମେତ ନୂଆ ଗଠନ ହୋଇଥିବା ପୁଞ୍ଜିନିବେଶ ଓ ନିଯୁକ୍ତି ବୃଦ୍ଧି ସମ୍ପର୍କିତ କ୍ୟାବିନେଟ କମିଟିରେ ସାମିଲ କରିଛନ୍ତି। ପୂର୍ବରୁ ରାଜନାଥଙ୍କୁ କେବଳ ସୁରକ୍ଷା ଏବଂ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ରଖାଯାଇଥିଲା। ଏହାକୁ ନେଇ ରାଜନାଥ ମନ୍ତ୍ରୀପଦ ଛାଡ଼ିବାକୁ ଧମକ ଦେବାରୁ ତାଙ୍କୁ ୬ଟି କ୍ୟାବିନେଟ କମିଟିରେ ନିଆଗଲା ବୋଲି ରିପୋର୍ଟ ପ୍ରକାଶ ପାଇଛି, ଯାହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି।

## ଏନ୍‌କାଉଣ୍ଟରରେ ଟଳିଲେ ୪ ଆତଙ୍କବାଦୀ

ଶ୍ରୀନଗର, ୭।୬

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଶୁକ୍ରବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ସ୍ୱତନ୍ତ୍ର ପୋଲିସ ଅଧିକାରୀ ଥିବା ଜଣାପଡ଼ିଛି। ଏମାନେ ଦୁଇଦିନ ନିଖୋଜ ହେବା ପରେ ଆତଙ୍କବାଦୀଙ୍କ ସହ ସାମିଲ ହୋଇ ଗୁପ୍ତଚରଗିରି କରୁଥିବା ଜଣାପଡ଼ିଛି। ପଞ୍ଜ୍‌ରାନଠାରେ ଆତଙ୍କବାଦୀ ଲୁଚିଥିବା ଖବର ମିଳିବା ପରେ ଯବାନମାନେ ସେଠାରେ ତଲାସି ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀ ଏହାର ଜବାବ ଦେଇଥିଲେ। ଏଥିରେ ୪ ଆତଙ୍କବାଦୀ ଟଳିପଡ଼ିଥିଲେ। ସେମାନଙ୍କଠାରୁ ୩ ବନ୍ଧୁକ ସହ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ଅନ୍ୟପକ୍ଷରେ ଜମ୍ମୁ ଅଞ୍ଚଳରେ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଆତଙ୍କବାଦର କାୟା ବିସ୍ତାର କରିବା ଲାଗି ଉଦ୍ୟମ କରୁଥିବାବେଳେ ଏହି ଉଦ୍ୟମ ପଣ୍ଡ ହୋଇଛି। ଏଥିରେ ସମ୍ପୃକ୍ତ ୬ ଜଣ ଗୁପ୍ତଚରଙ୍କୁ ଗିରଫ କରାଯାଇଛି। ୬ ଜଣଙ୍କର ଆଇଏସ୍‌ଆଇ କଶ୍ମୀର ସେଲ୍ କନୋନେଲ ସ୍ତରର ଇଫ୍‌ତିଖାର ନାମକ ଜଣେ ଅଫିସରଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ଥିବା ଜଣାପଡ଼ିଛି। ଗତ ମେ' ମାସରେ ଜମ୍ମୁର ଏକ ସେନା ଘାଟିରେ ଭିଡିଓ ଶୁଟିଂ ଓ ଫଟୋଉଠା ଘଟଣାକୁ ନେଇ ୨ ଗୁପ୍ତଚରଙ୍କୁ ଗିରଫ କରାଯାଇଥିଲା। ଜେରାବେଳେ ମୁସ୍ତାକ ଅହମ୍ମଦ ମଲିକ(୩୮) ଓ ନଦୀମ ଅକ୍‌ତର(୨୪) କହିଥିଲେ ଯେ, ସେମାନେ ପିଓକେରେ ଥିବା କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି। ଆଉ ୪ ଜଣ ପାକିସ୍ତାନୀ ଗୁପ୍ତଚରଙ୍କ କଥା ମଧ୍ୟ ସେମାନେ ପ୍ରଘଟ କରିଥିଲେ। ଏହାକୁ ଆଧାର କରି ସଦାମ ହୁସେନ, ମହମ୍ମଦ ସଲିମ, ମହମ୍ମଦ ସଫି ଓ ସଫ୍‌ଦର ଅଲ୍ଲୀଙ୍କୁ ଗିରଫ କରାଯାଇଛି। ଜମ୍ମୁରେ ଯୁବକଙ୍କୁ ପ୍ରଶିକ୍ଷଣ ଦେଇ ଆତଙ୍କବାଦୀ ସଜାଇବା ଲାଗି ଆଇଏସ୍‌ଆଇ ଏମାନଙ୍କୁ ଦାୟିତ୍ୱ ଦେଇଥିଲା ବୋଲି ଜଣାପଡ଼ିଛି।



**ଆଇଏସ୍‌ଆଇ ବିଛାଉଥିଲା ଆତଙ୍କର ଜାଲ: ଧରାପଡ଼ିଗଲେ ୬ ଜଣ**

## ମାଳଦ୍ୱୀପ, ଶ୍ରୀଲଙ୍କା ଗସ୍ତରେ ମୋଦି

ନୂଆଦିଲ୍ଲୀ,୭।୬



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ଦୁଇଦିନିଆ ମାଳଦ୍ୱୀପ ଓ ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ଦ୍ୱିରାଷ୍ଟ୍ର ଗସ୍ତର ପ୍ରଥମ ଚରଣରେ ମୋଦି ମାଲେରେ ପହଞ୍ଚି ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହଙ୍କ ସହ ମିଳିତ ଭାବେ ଉପକୂଳ ଗୋଇନ୍ଦା ରାଡାର ସିଷ୍ଟମ ଏବଂ ମାଳଦ୍ୱୀପ ଜାତୀୟ ପ୍ରତିରକ୍ଷା ବାହିନୀ ପାଇଁ ମିଳିତ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିବେ। ୨୦୧୬ରେ ମିଳିତ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ଉକ୍ତ ପ୍ରକଳ୍ପ ନିର୍ମାଣ ଲାଗି ଭାରତ ସହାୟତା ଯୋଗାଇ ଦେଇଥିଲା ବୋଲି ମାଲେରେ ଥିବା ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର କହିଛନ୍ତି। ଏହା ବ୍ୟତୀତ ମାଳଦ୍ୱୀପ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ବୋଧନ ଦେବେ। କୌଣସି ବିଦେଶୀ ଅତିଥିଙ୍କ ପାଇଁ ମାଳଦ୍ୱୀପ ପକ୍ଷରୁ ଏହା ବିରଳ ସମ୍ମାନ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କୁ ମାଳଦ୍ୱୀପର ସର୍ବୋଚ୍ଚ ସମ୍ମାନ ନିଶାନ ଇଜୁଦ୍ଦିନ୍‌ରେ ସମ୍ମାନିତ କରାଯିବ। ମୋଦିଙ୍କ ଗସ୍ତ ଅବସରରେ ବିଭିନ୍ନ ସେକ୍ଟର ସହ ପ୍ରତିନିଧି ସ୍ତରୀୟ ଆଲୋଚନା ହେବା ସହ କେତେଗୁଡ଼ିଏ ରାଜିନାମା ଓ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବ ବୋଲି ରାଷ୍ଟ୍ରଦୂତ ସୂଚନା ଦେଇଛନ୍ତି। ସେଠାରୁ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଅଭିମୁଖେ ଗସ୍ତ କରିବେ।

## ଧୂଳିଝଡ଼ ନେଲା ୨୮ ଜୀବନ

ଲକ୍ଷ୍ନୌ/କାଠମାଣ୍ଡୁ, ୭।୬(ପି.ଟି.)

ଉତ୍ତରପ୍ରଦେଶରେ ଶୁକ୍ରବାର କାଳବୈଶାଖୀ ଧୂଳିଝଡ଼ ଓ ବଜ୍ରପାତ ଯୋଗୁ ୨୬ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୫୨ ଆହତ ହୋଇଛନ୍ତି। ବହୁ ଘର ଭାଙ୍ଗିଯିବା ସହ ଅନେକ ଗଛ ଉପୁଡ଼ି ପଡ଼ିଛି। କାଳବୈଶାଖୀରେ ମୈନ୍‌ପୁରୀ ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ୮ ଜଣଙ୍କ ପ୍ରାଣହାନି ଘଟିଛି। ରାସ୍ତା ଉପରେ ଗଛ ପଡ଼ିରହିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରପୀଡ଼ିତଙ୍କୁ ରିଲିଫ ସାମଗ୍ରୀ ତୁରନ୍ତ ଯୋଗାଇ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ନେପାଳର ସୁଦୂରପଶ୍ଚିମ ପ୍ରଦେଶରେ ଝଡ଼ର ତାଣ୍ଡବ ଦେଖିବାକୁ ମିଳିଛି। ଏଥିରେ ୨ ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି।

## ଦୁର୍ଘଟଣାରେ ୧୨ ଭାରତୀୟଙ୍କ ସମେତ ୧୭ ମୃତ

ଦୁବାଇ, ୭।୬(ପି.ଟି.)

ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ଦୁବାଇରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାବେଳେ ସେଥିରେ ଥିବା ମୋଟ ୩୧ ଯାତ୍ରୀଙ୍କ ମଧ୍ୟରୁ ୧୭ ଜଣଙ୍କ ପ୍ରାଣହାନି ଘଟିଛି। ଏମାନଙ୍କ ମଧ୍ୟରେ ୧୨ ଜଣ ଭାରତୀୟ ଥିବା ଜଣାପଡ଼ିଛି। ଏଥିରେ ୯ ଜଣ ଗୁରୁତର ହୋଇ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ପ୍ରକାଶ। ବସ୍‌ଟି ରାସ୍ତାରେ ଥିବା ଏକ ସାଇନ୍‌ବୋର୍ଡ ସହ ଧକ୍କା ଖାଇ ଓଲଟି ପଡ଼ିଥିଲା। ଏହି ରାସ୍ତା ବସ୍ ଲାଗି ଉଦ୍ଦିଷ୍ଟ ନ ଥିବାବେଳେ ଡ୍ରାଇଭର ଜାଣିପାରି ନ ଥିଲେ ବୋଲି ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି।



ଥିମ୍ପୁରେ ଭୂଟାନ ପ୍ରଧାନମନ୍ତ୍ରୀ ଲୋଟୟ ଶେରିଙ୍ଗଙ୍କ ସହ ଭାରତର ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର।

## ପାର୍ଲାମେଣ୍ଟ ଅଧିବେଶନ ସୋନିଆଙ୍କ ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ, ୭।୬(ପି.ଟି.):

ସଂସଦର ମୌସୁମୀ ଅଧିବେଶନ ଜୁନ୍ ୧୭ ତାରିଖରେ ଆରମ୍ଭ ହେଉଥିବାବେଳେ ଏହା ପୂର୍ବରୁ ସରକାର କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀଙ୍କ ସହଯୋଗ କାମନା କରିଛନ୍ତି। ଶୁକ୍ରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟି ଗୃହ ପରିଚାଳନାରେ ଦଳ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସୋନିଆ ମଧ୍ୟ ସମସ୍ତ ସହଯୋଗ ସରକାରଙ୍କୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜୋଷୀଙ୍କ ସହ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଅର୍ଜୁନ ରାମ ମେଘୱାଲ୍ ସାମିଲ ଥିଲେ। ଜୋଷୀ ରାଜ୍ୟସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଓ ଲୋକସଭାରେ ଡିଏମ୍‌କେ ନେତା ଟି.ଆର୍. ବାଲୁଙ୍କ ସହ ମଧ୍ୟ ଏନେଇ ଆଲୋଚନା କରିଛନ୍ତି।

## ୧୦୦ ସ୍ପାଇସ୍ ବୋମା କିଣିବ ଭାରତ

ନୂଆଦିଲ୍ଲୀ,୭।୬

ଇସ୍ରାଏଲ୍‌ରୁ ପାଖାପାଖି ୩୦୦ କୋଟି ଟଙ୍କା ବ୍ୟୟରେ ୧୦୦ରୁ ଅଧିକ ସ୍ପାଇସ୍ ୨୦୦୦ ବୋମା କିଣିବା ଲାଗି ଭାରତୀୟ ବାୟୁସେନା ଗୁରୁବାର ଚୁକ୍ତି ସ୍ୱାକ୍ଷର କରିଛି। ଫେବୃୟାରୀ ୨୬ରେ ପାକିସ୍ତାନର ବାଲାକୋଟରେ ଥିବା ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବା ଲାଗି ବାୟୁସେନା ଏୟାରଷ୍ଟ୍ରାଇକ୍‌ରେ ଏହି ବୋମା ବ୍ୟବହାର କରିଥିଲା। ଚୁକ୍ତିନାମା ଅନୁଯାୟୀ ଜରୁରିକାଳୀନ ଭିତ୍ତିରେ ଇସ୍ରାଏଲ ଆଗାମୀ ୩ ମାସ ମଧ୍ୟରେ ଏହି ବୋମା ଯୋଗାଇଦେବ। ସ୍ପାଇସ୍ ବୋମାର ଗତିରୋଧ ସୀମା ୬୦ କିଲୋମିଟର ରହିଛି ଏବଂ ଦୃଶ୍ୟ ମେଳକ ଆଲ୍‌ଗୋରିଦମ୍ ଅନୁଯାୟୀ ଏହା ଲକ୍ଷ୍ୟସ୍ଥଳକୁ ଭେଦ କରିଥାଏ। ଇସ୍ରାଏଲ୍‌ର ରାଫାଲ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍ସ ଏହି ବୋମାର ନିର୍ମାତା। କେନ୍ଦ୍ରରେ ନୂଆ ସରକାରଙ୍କର ଏହା ପ୍ରଥମ ପ୍ରତିରକ୍ଷା ଡିଲ୍। ଫେବୃୟାରୀ ୧୪ରେ ଜେଇଏମ୍ ଆତଙ୍କବାଦୀ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆକ୍ରମଣ କରିବା ପରେ ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରିଥିଲା। ମିରାଜ-୨୦୦୦ ଯୁଦ୍ଧବିମାନ ବାଲାକୋଟର ତିନୋଟି ସ୍ଥାନକୁ ଟାର୍ଗେଟ କରି ୫ଟି ସ୍ପାଇସ୍ ବୋମା ମାଡ଼ କରିଥିଲା। ୯୦୦ କିଲୋଗ୍ରାମ ଓଜନର ଇସ୍ପାତ ଆବରଣ ଭିତରେ ଥିବା ଏହି ବୋମାରେ ୮୦ କିଲୋଗ୍ରାମ ବିସ୍ଫୋରକ ରହିଥାଏ। ବାୟୁସେନାର ଏୟାରଷ୍ଟ୍ରାଇକରେ ଅଭୂତପୂର୍ବ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାକିସ୍ତାନ ଏହାକୁ ସ୍ୱୀକାର କରି ନ ଥିଲା।



■ ଇସ୍ରାଏଲ ସହ ୩୦୦ କୋଟିର ଚୁକ୍ତି ସ୍ୱାକ୍ଷର

■ ବାଲାକୋଟ ଏୟାରଷ୍ଟ୍ରାଇକରେ ବ୍ୟବହାର ହୋଇଥିଲା ଏହି ବୋମା

# ବିଦେଶରେ ପଢ଼ିବାକୁ ଚାହୁଁଥିଲେ...



ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ରାୟ ସବୁ ଯୁବବର୍ଗ ଚାହାନ୍ତି। କ୍ୟାରିୟର ଦୃଷ୍ଟିରୁ ଏହାକୁ ମହତ୍ତ୍ୱପୂର୍ଣ୍ଣ ମନେକରାଯାଏ। ବିଦେଶରେ ପାଠପଢ଼ିବା ଆପଣଙ୍କ ପ୍ରାଥମିକତା ଥିଲେ, ଏହା ଜାଣିରଖିବା ଉଚିତ ହେବ ଯେ, ଆପଣଙ୍କ ପରି ଏପରି ଆହୁରି ଅନେକ ଅଛନ୍ତି, ଯିଏ କି ବିଦେଶରେ ପାଠ ପଢ଼ିବାକୁ ଚାହୁଁଛନ୍ତି। କାରଣ ପ୍ରତିବର୍ଷ ପ୍ରାୟ ୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ବିଦେଶରେ ଶିକ୍ଷାଲାଭ କରିବା ଲାଗି ଆବେଦନ କରିଥାନ୍ତି। ବିଗତ ୫ ବର୍ଷ ଭିତରେ ଏହି ସଂଖ୍ୟା ୫୦% ବଢ଼ିଛି ବୋଲି ଏକ ସର୍ଭେରୁ ଜଣାପଡିଛି। ତେବେ ବିଦେଶରେ ପାଠ ପଢ଼ିବା ବେଳେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ। ସେଗୁଡ଼ିକ ହେଲା...

- ଆପଣଙ୍କୁ ପ୍ରଥମେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ କୋର୍ସ ବିଷୟରେ ଜାଣିବାକୁ ହେବ। ଏକାଧିକ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାଠାରୁ ଦୂରେଇ ରହିବାକୁ ପଡିବ। କାରଣ ଏହାଦ୍ୱାରା ଭ୍ରମ ସୃଷ୍ଟି ହେବ।
- କୋର୍ସ ଓ କଲେଜ ବାଛିବା ବେଳେ ନିଜର ରୁଚି ଦିଗଟିକୁ ପ୍ରଥମେ ମନେରଖିବାକୁ ହେବ। ନିଜର ରୁଚି ଅନୁଯାୟୀ କୋର୍ସ ବାଛିବା ପରେ ସେହି ଅନୁସାରେ ବିଶ୍ୱବିଦ୍ୟାଳୟ ଖୋଜିବାକୁ ପଡିବ। ସାଙ୍ଗ ଆଡମିଶନ ନେଇଥିବା ୟୁନିଭର୍ସିଟି ଯିବାଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ନିଜର ଭବିଷ୍ୟତ ଓ ରୁଚିକୁ ପ୍ରଥମେ ଧ୍ୟାନ ଦେବାକୁ ହେବ।
- କୌଣସି କୋର୍ସ ଓ ବିଶ୍ୱବିଦ୍ୟାଳୟ ବାଛିବା ପରେ ସର୍ବଦା ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ତାଙ୍କଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ନେଇ ଶେଷରେ ନିଷ୍ପତ୍ତି ନିଆଯାଇପାରେ। ଅଧିକାଂଶ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଲାଗି ସ୍ୱତନ୍ତ୍ର ଭାବେ କାଉନସେଲର ନିଯୁକ୍ତ କରିଥାନ୍ତି।
- ବିଶ୍ୱବିଦ୍ୟାଳୟର ର୍‍ୟାଙ୍କିଙ୍ଗ୍ ଉପରେ ଧ୍ୟାନ ନ ଦେଇ ବରଂ କୋର୍ସ ଭାଲ୍ୟୁ ଉପରେ ନଜର ଦେବାର ଆବଶ୍ୟକତା ରହିଛି। ଅଧିକାଂଶ ବିଶ୍ୱବିଦ୍ୟାଳୟର ର୍‍ୟାଙ୍କିଙ୍ଗ୍ ବିଭିନ୍ନ ସମୟରେ ବଦଳିଥାଏ। କେତେକ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ଉପଲବ୍ଧ ହେଉଥିଲେ ହେଁ ସେମାନଙ୍କର ର୍‍ୟାଙ୍କିଙ୍ଗ୍ ଭଲ ନ ଥାଏ। ଏଣୁ ଭଲ ହେବ ର୍‍ୟାଙ୍କିଙ୍ଗ୍ ପଛରେ ନ ଗୋଡାଇ କେଉଁ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ରହିଛି, ନିଜ ସ୍ତରରେ ଖୋଳତାଡ କରିବା ଆବଶ୍ୟକ।
- ସର୍ବଦା ନିଜର ପ୍ଲାନ୍ ବି ପ୍ରସ୍ତୁତ ରଖିବା ଉଚିତ। କାରଣ ଅଧିକାଂଶ ଛାତ୍ରୀଛାତ୍ର ନିଜର ବ୍ୟାକ୍‌ଅପ୍ ଅପ୍ସନ ରଖି ନଥାନ୍ତି। ବାସ୍ତବରେ ନିଜର ସ୍ୱପ୍ନର ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଉଚ୍ଚ ମାର୍କର ଆବଶ୍ୟକତା ପଡେ। ଏଣୁ ବେଳେ ବେଳେ ସୁଯୋଗ ହାତଛଡ଼ା ହୋଇଯାଏ। ଏଭଳି ସ୍ଥିତିରେ ଆପଣଙ୍କ ନିକଟରେ ଦ୍ୱିତୀୟ ବିକଳ୍ପ ରହିବା ଉଚିତ୍। ଆଡମିଶନ ବେଳେ ଅଧିକ ଫିସ୍ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଣୁ ଅନ୍ୟ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାର ବିକଳ୍ପ ରହିବା ଜରୁରୀ।

# ଯୋଗ୍ୟତା ଥାଇ ରିଜେକ୍ଟ ହେବାର କାରଣ



ନିତିଦିନିଆ ଜୀବନରେ ଏଭଳି ବହୁ ଉଦାହରଣ ମିଳିଯିବ, ଯେଉଁଠି ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରି ମିଳୁନି। କାରଣ ଖୋଜିବାକୁ ଗଲେ ଅନେକ ମିଳିଯିବ। ସେଗୁଡ଼ିକ ସମ୍ପର୍କରେ କେତେକ ମୁଖ୍ୟ କାରଣ ହେଲା...

### ଅଧିକ ଯୋଗ୍ୟତା ହୁଏ ବାଧକ

ବିଜ୍ଞାପନରେ ବାହାରି ଥିବା ପଦବୀ ଲାଗି ଆବଶ୍ୟକ ଯୋଗ୍ୟତା ନ ଥିଲେ ପ୍ରାର୍ଥୀଙ୍କୁ ଦୁଃଖ ଲାଗିବା ସ୍ୱାଭାବିକ। କିନ୍ତୁ ବେଳେ ବେଳେ ଅଧିକ ଯୋଗ୍ୟତା ମଧ୍ୟ ଚାକିରିରେ ବାଧକ ସାଜିଥାଏ। ଏଚ୍‌ଆର୍ ମ୍ୟାନେଜରଙ୍କ ମନରେ ପ୍ରାର୍ଥୀଙ୍କ ଅଧିକ ଯୋଗ୍ୟତା କଣ୍ଟା ଫୋଡିଲା ଭଳି ଲାଗେ। କୌଣସି କର୍ମଚାରୀଙ୍କ ବଦଳରେ ଅନ୍ୟଜଣଙ୍କୁ ରଖିବା ଲାଗି ଏଚ୍‌ଆର୍ ମ୍ୟାନେଜର ଆଗ୍ରହ ଦେଖାନ୍ତି ନାହିଁ। କାରଣ ଏହି କାମ ଲାଗି କର୍ମଚାରୀଙ୍କ ଦରମାର ୧୩୦ ପ୍ରତିଶତ ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡେ। ଅଧିକ ଶିକ୍ଷିତ ପ୍ରାର୍ଥୀ ଶୀଘ୍ର ଚାକିରି ଛାଡିଦେଉଥିବାରୁ ସେମାନଙ୍କୁ ସୁଯୋଗ ଦେବାରୁ ଦୂରେଇ ରହନ୍ତି ଏଚ୍‌ଆର୍ ମ୍ୟାନେଜର। ବହୁ ଦିନ ଧରି ସ୍ଥିର ଭାବେ କାମ କରିବାକୁ ଆଗ୍ରହୀ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।

### ଅଧିକ ଦରମା ଦେବାର ଭୟ

ଅଧିକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଚାକିରି ଦେଲେ ସେମାନଙ୍କୁ ଅଧିକ ଦରମା ଦେବାକୁ ପଡ଼ିବ ବୋଲି ଏଚ୍‌ଆର୍ ମ୍ୟାନେଜରମାନେ ମନେ କରନ୍ତି। କମ୍ ଯୋଗ୍ୟତାର ପ୍ରାର୍ଥୀଙ୍କ ଦ୍ୱାରା ପଦବୀ ପୂରଣ କରିଦେଲେ କାମ ଚଳିଯିବ ବୋଲି ସେ ମନେକରନ୍ତି।

### ରିଜେକ୍ଟର କାରଣ ପଚାରନ୍ତୁ

ନିଯୁକ୍ତିଦାତାଙ୍କ ସମସ୍ତ ଚିନ୍ତା ଯଥାର୍ଥ। କିନ୍ତୁ ସେମାନେ ଭାବନ୍ତି ନାହିଁ ଯେ, ଇଣ୍ଟରଭ୍ୟୁ ପାଇଁ ଆସିଥିବା ପ୍ରାର୍ଥୀଟି ଚାକିରି ପାଇବା ଆଶାରେ ଆସିଛି। ଏଭଳି ସ୍ଥିତିରେ ସେ ଆପଣଙ୍କୁ ଅତି ଯୋଗ୍ୟତାସମ୍ପନ୍ନ ମନେକରି ରିଜେକ୍ଟ କରିଦେଲେ, ଏହାର କାରଣ ଜାଣିବା ଲାଗି ଆପଣ ତାଙ୍କୁ ପ୍ରଶ୍ନ ପଚାରି ପାରନ୍ତି।

# ଇଣ୍ଟରଭ୍ୟୁ ପୂର୍ବରୁ ଧ୍ୟାନ ଦିଅନ୍ତୁ

ଚାକିରି ପାଇବାର ପ୍ରଥମ ଶିଢ଼ି ହେଉଛି ଇଣ୍ଟରଭ୍ୟୁ, ଅର୍ଥାତ୍ ସାକ୍ଷାତ୍କାର। ଏହି ସମୟରେ ନିଜ କ୍ଷମତା ଏବଂ ଦକ୍ଷତାର ପରିଚୟ ଦେବାର ସୁଯୋଗ ମିଳିଥାଏ। ଏହି ସମୟରେ ନିଜର ପ୍ରସ୍ତୁତି, ଫିଜିକାଲ ଆପିୟରାନ୍ସ ଏବଂ ବଡ଼ି ଲାଙ୍ଗୁଏଜ୍ ମାଧ୍ୟମରେ ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତିଙ୍କ ସମ୍ମୁଖରେ ଭଲ ଇମ୍ପ୍ରେଶନ ଜମାଇ ପାରିବେ। ଏହା ସମ୍ଭବ ହେଲେ ଚାକିରି ମିଳିବା ନିଶ୍ଚିତ ହୋଇଯାଏ। ଏହାଛଡ଼ା ଆଉ କିଛି ପ୍ରସଙ୍ଗ ଉପରେ ଧ୍ୟାନ ଦିଆଗଲେ ଇମ୍ପ୍ରେଶନ ଜମାଇବା ସହଜ ହୋଇଯାଏ।

- **ସମୟ ପ୍ରତି ଧ୍ୟାନ ଦିଅନ୍ତୁ:** ଇଣ୍ଟରଭ୍ୟୁ ଲାଗି ଯିବା ବେଳେ କେତେକ ପ୍ରସଙ୍ଗ ପ୍ରତି ଧ୍ୟାନଦେବା ଆବଶ୍ୟକ। ଠିକ୍ ସମୟରେ ଇଣ୍ଟରଭ୍ୟୁ ସ୍ଥଳରେ ପହଞ୍ଚିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଇଣ୍ଟରଭ୍ୟୁ ସମୟଠାରୁ ଅତିକମ୍‌ରେ ୧୫ ମିନିଟ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ। ଏହାଛଡ଼ା ନିଜକୁ ଆଦୌ ନର୍ଭସ ବୋଲି ପ୍ରଦର୍ଶନ କରିବାରୁ ଦୂରେଇ ରୁହନ୍ତୁ। ସାକ୍ଷାତକାରକୁ ଗଲା ବେଳେ ସର୍ବଦା ଶାନ୍ତ ତଥା ଧିରସ୍ଥିର ରହିବା ଉଚିତ୍।
- **ହ୍ୟାଣ୍ଡଶେକ୍ ଠିକ୍ ଢଙ୍ଗରେ ହେବା ଉଚିତ୍:** ପଜିଟିଭ ଇମ୍ପ୍ରେଶନ ଜମାଇବାକୁ ହେଲେ ହ୍ୟାଣ୍ଡଶେକ୍ କରିବା ଅତ୍ୟନ୍ତ ଜରୁରୀ। ସାକ୍ଷାତ୍କାର ନେଉଥିବା ବ୍ୟକ୍ତିଙ୍କ ସହିତ ଠିକ୍ ଢଙ୍ଗରେ ହାତ ମିଳାନ୍ତୁ। ଆପଣଙ୍କ ହାତ ଧରିବା ଷ୍ଟାଇଲ୍ ଅତ୍ୟନ୍ତ ଢିଲା ଅଥବା ହାଡ ଭାଙ୍ଗି ଦେଲା ଭଳି ହେବା ଅନୁଚିତ। ଦୁଇ ଅଥବା ତିନି ସେକେଣ୍ଡ ଧରି ହ୍ୟାଣ୍ଡସେକ୍ କରିବା ଠିକ୍ ଉପାୟ। ହ୍ୟାଣ୍ଡଶେକ୍ ବେଳେ ଆପଣ ସାକ୍ଷାତ୍କାର ନେଉଥିବା ବ୍ୟକ୍ତିଙ୍କ ଆଖି ସହ ଆଖି ମିଳାଇବା ଜରୁରୀ।
- **ଓପନ ପୋଜିଶନ ହେବା ଆବଶ୍ୟକ:** ହାୟରିଂ ମ୍ୟାନେଜର ପ୍ରାର୍ଥୀଙ୍କ ବଡି ଲାଙ୍ଗୁଏଜ୍ ଏବଂ ତାଙ୍କର ମୁହଁର ହାବଭାବ ଦେଖି ଓ ବସିବାର ଢଙ୍ଗରୁ ଏକ ରାୟରେ ପହଞ୍ଚିଥାନ୍ତି। ଇଣ୍ଟରଭ୍ୟୁ ବେଳେ ପଜିଟିଭ ଏବଂ ଓପନ ପୋଜିଶନ ବଜାୟ ରଖିବା ଜରୁରୀ। ଇଣ୍ଟରଭ୍ୟୁୟରଙ୍କ ସମ୍ମୁଖରେ ଏମିତି ଭାବରେ ବସିବେ, ଯେପରି ଫ୍ରେଣ୍ଡଲି ଲାଗିବ।
- **ଦରମା ସମ୍ପର୍କରେ ପଚାରିବେନି:** ଚାକିରି, ଏହାର ଆହ୍ୱାନ, ଯେଉଁ କାମ କରିବାକୁ ହେବ ଏବଂ ବସ୍‌ଙ୍କ ଆପଣଙ୍କଠାରୁ ଆଶା ଆଦି ସମ୍ପର୍କରେ ପଚାରି ବୁଝି ନେବାକୁ ହେବ। ତେବେ ନିଜର ଦରମା ଓ ପଦବୀ ସମ୍ପର୍କରେ ପଚାରିବା ଅନାବଶ୍ୟକ। କାରଣ ଏହାଦ୍ୱାରା ନେଗେଟିଭ ପ୍ରଭାବ ପଡ଼ିଥାଏ। ନିଜର ଭୂମିକା ସମ୍ପର୍କରେ ବିଶ୍ୱାସ, ସମ୍ମାନ ଓ ଉତ୍ସାହ ପ୍ରଦର୍ଶନ କରିବା ସହ ନିଜର ଯୋଗ୍ୟତା ପ୍ରଦର୍ଶନ କରିବାକୁ ଭୁଲିବା ଅନୁଚିତ।



# ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍

**ଗ୍ରାଜୁଏଟ ଅଥବା ପୋଷ୍ଟ ଗ୍ରାଜୁଏଟ ପାଠ ପଢ଼ିବା ପୂର୍ବରୁ ବିଦ୍ୟାର୍ଥୀମାନେ ପ୍ରାୟତଃ ନିଜ ରୁଚି ଅନୁଯାୟୀ କୋର୍ସ ବାଛିବା ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ବ୍ୟାଙ୍କ ଅଥବା ଇନଭେଷ୍ଟମେଣ୍ଟ ପ୍ରତି ରୁଚି ରଖୁଥିବା ବିଦ୍ୟାର୍ଥୀ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର ନିର୍ମାଣ କରିବା ପାଇଁ ବିଚାର କରିପାରନ୍ତି। ଭଲ ଚାକିରି କ୍ଷେତ୍ର, ଆକର୍ଷଣୀୟ ଦରମା ପ୍ୟାକେଜ ଓ ଉନ୍ନତ କ୍ୟାରିୟର ଅବସର ଖୋଜୁଥିଲେ, ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କ୍ୟାରିୟର ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ହୋଇପାରେ।**

ଦେଶର ଆର୍ଥିକ ଅଭିବୃଦ୍ଧି ଉର୍ଦ୍ଧ୍ୱମୁଖୀ ହେବା ସହିତ ବ୍ୟାଙ୍କିଙ୍ଗ କ୍ଷେତ୍ର ସମାନ ତାଳରେ ଆଗେଇ ଚାଲିଛି। ଯେଉଁ ଦେଶର ବ୍ୟାଙ୍କିଙ୍ଗ ଜଗତ ଯେତେ ଶକ୍ତିଶାଳୀ, ସେ ଦେଶର ଅର୍ଥନୀତି ସେତେ ଦୃଢ଼ ଓ ପ୍ରଗତିଶୀଳ ହୁଏ। ଅର୍ଥନୀତିର ପ୍ରଗତି ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦ୍ରୁତଗତିରେ ଆଗେଇ ଚାଲିଛି। ଏହି କ୍ଷେତ୍ରରେ ଦିନକୁ ଦିନ ଆହ୍ୱାନ ବୃଦ୍ଧିପାଉଥିବା ବେଳେ କାର୍ଯ୍ୟ ପରିବେଶ, ଚାପ ଆଦି ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ଜଣେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର କରିବାକୁ ଆଗ୍ରହୀ ବିଦ୍ୟାର୍ଥୀଙ୍କ ଲାଗି ଏହା ହିଁ ପ୍ରକୃଷ୍ଟ ସମୟ।

### ବ୍ୟାଙ୍କରଙ୍କ କାମ

କୌଣସି ସରକାରୀ ଅଥବା ଘରୋଇ କମ୍ପାନୀରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତାଙ୍କୁ ପ୍ରତିଷ୍ଠାନର ଆର୍ଥିକ ନେଣଦେଣ ସହ ଜଡ଼ିତ ରେକର୍ଡ ପରିଚାଳନା, ସଂଶୋଧନ, ପରୀକ୍ଷାନିରୀକ୍ଷା, ଉନ୍ନତୀକରଣ, କମ୍ପାନୀର ପୁଞ୍ଜି, ପାଣ୍ଠି, ଋଣ, ଶେୟାର ଆଦି ଉପରେ କାମ କରିବାକୁ ପଡେ। କମ୍ପାନୀର ଗ୍ରାହକଙ୍କୁ ଋଣ ପ୍ରଦାନ କରିବା, ନିବେଶ କରିବା ପ୍ରକ୍ରିୟାରେ ସହଯୋଗ କରିବାକୁ ପଡ଼ିଥାଏ। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ନିଜର ବ୍ୟାଙ୍କିଙ୍ଗ ଟିମ୍ ସହିତ ଆର୍ଥିକ ରଣନୀତିର ରୂପରେଖ ମଧ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ଅନ୍ୟ ସମ୍ବନ୍ଧିତ ଟିମ୍ ସହ ମିଶି କାମ କରନ୍ତି। ଆର୍ଥିକ ମାମଲାରେ ତାଙ୍କୁ ଗ୍ରାହକଙ୍କ ସହ ବୈଠକରେ ବସିବାକୁ ପଡ଼େ।

### ଯୋଗ୍ୟତା

ବିଜ୍‌ନେସ ଆଡମିନିଷ୍ଟ୍ରେଶନ ଏବଂ ଫାଇନାନ୍ସରେ ବ୍ୟାଚେଲର ଡିଗ୍ରୀ ଏହି ପେସାର ପ୍ରାରମ୍ଭିକ ଯୋଗ୍ୟତା ବୋଲି ମନେକରାଯାଏ। ଅଧିକାଂଶ କମ୍ପାନୀ ମାଷ୍ଟର ଡିଗ୍ରୀ ପରେ ଚାକିରି ଲାଗି ଚୟନ କରିଥାନ୍ତି। ତେବେ ଏମ୍‌ବିଏ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ, ସିଏଫ୍‌ଏ ଆଦି ଡିଗ୍ରୀକୁ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ପଦ ପାଇଁ ଅଧିକ ଗୁରୁତ୍ୱ ଦିଆଯାଏ। ଏଥିସହିତ ମାଷ୍ଟର ଇନ ଇଣ୍ଟରନ୍ୟାଶନାଲ ବିଜ୍‌ନେସ(ଏମ୍‌ଆଇବି) ଏବଂ ଅନେକ ପ୍ରକାର ପିଜି ଡିପ୍ଲୋମା କୋର୍ସ ଏହି ପେସା ପାଇଁ ଉପଯୁକ୍ତ ମନେକରାଯାଏ। ପୋର୍ଟଫୋଲିଓ ମ୍ୟାନେଜମେଣ୍ଟର କେତେକ କୋର୍ସ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବରଦାନ ହୋଇଥାଏ।

### ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିର ଏକ ଝଲକ

ଅର୍ଥନୀତି ସୁଦୃଢ଼ ହେବା ସହିତ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ରୋଜଗାର ମଧ୍ୟ ସମାନ ତାଳରେ ବଢ଼ିଚାଲିଛି। ନିବେଶ ପୂର୍ବରୁ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେବାର ପ୍ରଚଳନ ବଢ଼ିବାରେ ଲାଗିଛି। ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସର ଏକ ରିପୋର୍ଟ ଅନୁଯାୟୀ, ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଆୟ ବାର୍ଷିକ ୧୦% ହାରରେ ବଢ଼ିଚାଲିଛି। ଏହା ୨୦୨୪ ପର୍ଯ୍ୟନ୍ତ ଜାରି ରହିବ। ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନର ଏକ ରିପୋର୍ଟ ଅନୁଯାୟୀ ବ୍ୟାଙ୍କିଙ୍ଗ ସେକ୍ଟର ୨୫% ହାର ଅଭିବୃଦ୍ଧି ହାସଲ କରିଚାଲିଛି। ୨୦୨୧-୨୨ ସୁଦ୍ଧା ପ୍ରାୟ ୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି।

### କାମରେ ଆସୁଥିବା ଦକ୍ଷତା

ବ୍ୟାଙ୍କିଙ୍ଗ୍ ପ୍ରଫେଶନାଲଙ୍କ ନିକଟରେ ଅତିରିକ୍ତ କେତେକ ଗୁଣ ରହିବା ନିହାତି ଜରୁରୀ। ପରିସଂଖ୍ୟାନ ଏବଂ ଗଣନା କରିବାର ଦକ୍ଷତା ସହ ଏହା ସମ୍ପୃକ୍ତ। ଏଣୁ ପ୍ରତି ମୁହୂର୍ତ୍ତରେ ଗଣିତରେ ଥିବା ଭଲ ଦକ୍ଷତା ଓ ଗଣନା କରିବାର କୌଶଳ ପ୍ରଦର୍ଶନ କରିବାକୁ ପଡେ। ଏହାଛଡ଼ା ଚାପରେ ଥାଇ ଉନ୍ନତ ପ୍ରଦର୍ଶନ କରିବା, କମ୍ୟୁନିକେଶନ୍ସ ସ୍କିଲ୍‌ସ ପ୍ରଭାବ ପକାଇ ପାରୁଥିବ, ଫାଇନାନ୍ସିଆଲ ସ୍କିଲ୍ସ ଭଲ ରହିବା ଆବଶ୍ୟକ। ସୁଯୋଗକୁ ଦେଖି ନିଜର ଦକ୍ଷତାକୁ ସଫଳ କରାଇବାରେ ପ୍ରୟୋଗ କରିବା କ୍ଷମତା ରହିଥିଲେ ସେଭଳି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।



### ଏହି କ୍ଷେତ୍ରରେ ଆହ୍ୱାନ

ଜଣେ ଗ୍ରାହକଙ୍କୁ ପୁଞ୍ଜିନିବେଶ ଲାଗି ପ୍ରବର୍ତ୍ତାଇବା ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମୁଖ୍ୟ ଆହ୍ୱାନ ହୋଇଥାଏ। ତାଙ୍କୁ ବିଭିନ୍ନ ପନ୍ଥାପଦ୍ଧତି ଆପଣାଇ ମୂଲ୍ୟାଙ୍କନ ତର୍ଜମା କରିବାକୁ ପଡିଥାଏ। ଯେକୌଣସି ପେସାଦାରଙ୍କ ଲାଗି ଆର୍ଥିକ ମଡେଲ ବିକଶିତ କରିବା, କ୍ଲାଇଣ୍ଟ ମିଟିଂ ଲାଗି ପ୍ରେଜେଣ୍ଟେଶନ ପ୍ରସ୍ତୁତ କରିବା, କ୍ୟାପିଟାଲ ଷ୍ଟ୍ରକ୍‌ଚରକୁ ବୁଝିବା ଆଦି କାମ ସହଜ ନୁହେଁ। କୌଣସି ଡିଲ୍ ଅଧାରୁ ଭାଙ୍ଗିଯିବା ଅଥବା କାମରେ ବିଫଳ ହେବାର ବିପଦ ସର୍ବଦା ମୁଣ୍ଡ ଉପରେ ଝୁଲୁଥାଏ।

### ରୋଜଗାରର ବିପୁଳ ସମ୍ଭାବନା

କମର୍ସିଆଲ ବ୍ୟାଙ୍କ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଲାଗି ସବୁଠାରୁ ବଡ଼ ରୋଜଗାର ପ୍ରଦାନକାରୀ ହୋଇଛନ୍ତି। ଟ୍ରେଡିଂ ଫାର୍ମ, କ୍ୟାପିଟାଲ ମାର୍କେଟ, ଋଣପ୍ରଦାନକାରୀ କମ୍ପାନୀ ଆଦି ବଡ଼ ଆକାରରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ନିଯୁକ୍ତ କରୁଛନ୍ତି। ଏସବୁରେ ପେସାଦାରମାନେ ପୋର୍ଟଫୋଲିଓ ମ୍ୟାନେଜର ଓ ଫାଇନାନ୍ସିଆଲ ମ୍ୟାନେଜର ଭାବେ ନିଜର କାମ ଦର୍ଶାଇପାରିବେ। କମ୍ପାନୀଗୁଡ଼ିକ ନିଜର ଆର୍ଥିକ ଯୋଜନା, ଖର୍ଚ୍ଚ, ପ୍ରୋଜେକ୍ସନ ପ୍ଲାନିଂ ଏବଂ ଆସେଟ୍ ପ୍ଲାନିଂର ବିଶ୍ଳେଷଣ କରିବା ଲାଗି ପେସାଦାରଙ୍କୁ ନିଯୁକ୍ତ କରିଥାନ୍ତି। ହେଲ୍‌ଥକେୟାର, ଟେକ୍ନୋଲୋଜି ଏବଂ ଏନର୍ଜି ସେକ୍ଟରରେ ଏବେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଚାହିଦା ବଢ଼ିବାରେ ଲାଗିଛି। ଏହାଛଡ଼ା ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର କୌଣସି କମ୍ପାନୀ ଅଥବା ଫାର୍ମରେ ଯୋଗ ନ ଦେଇ ସ୍ୱାଧୀନ ଭାବେ ଜଣେ କନସଲଟାଣ୍ଟ ଭାବେ କାର୍ଯ୍ୟ କରିପାରିବେ। ଏବେ କିଛିବର୍ଷ ହେଲା ବିଦେଶ ଯାଇ ସେଠାରେ କାମ କରିବାର ପ୍ରଚଳନ ବଢ଼ିବାରେ ଲାଗିଛି।



### ଆକର୍ଷଣୀୟ ଦରମା ପ୍ୟାକେଜ

ନିଯୁକ୍ତିର ପ୍ରାରମ୍ଭିକ ପର୍ଯ୍ୟାୟରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ମାସକୁ ୩୫ରୁ ୪୦ ହଜାର ଟଙ୍କା ଦରମା ମିଳିଥାଏ। ୩/୪ ବର୍ଷର ଅଭିଜ୍ଞତା ପରେ ଏହି ରାଶି ବଢ଼ି ୫୦ରୁ ୬୦ ହଜାର ଟଙ୍କା ହୋଇଯାଏ। ମଲ୍ଟିନ୍ୟାଶନାଲ କମ୍ପାନୀରେ ଏହା ଆହୁରି ଅଧିକ ହୋଇପାରେ।

### କିଛି ପ୍ରମୁଖ କୋର୍ସ

ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି ଏମ୍‌ବିଏ ଇନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ବିଏ ଇନ ଫାଇନାନ୍ସ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ପିଜି ଡିପ୍ଲୋମା ଇନ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ, ପିଜି ଡିପ୍ଲୋମା ଇନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ, ଡିପ୍ଲୋମା ଇନ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଣ୍ଡ ଇକ୍ୱିଟି ରିସର୍ଚ୍ଚ ଏବଂ ୟୁଜି ପ୍ରୋଗ୍ରାମ ଇନ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଦି କୋର୍ସ ରହିଛି।

ପରିଶେଷରେ କହିବାକୁ ଗଲେ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ରେ ସଫଳ ହେବା ଲାଗି ବ୍ୟକ୍ତିଙ୍କ ନିକଟରେ ଲଜିକାଲ, ଆନାଲିଟିକାଲ, ଆଇଟି ଏବଂ ଗଣିତରେ ଭଲଜ୍ଞାନ ଥିବା ଆବଶ୍ୟକ। ପରିଶ୍ରମ ଉପରେ ଏହାର ସଫଳତା ସମ୍ପୂର୍ଣ୍ଣ ନିର୍ଭର କରୁଛି। ତେବେ ଟେକ୍ନୋଲୋଜି ଦୃଷ୍ଟିରୁ ଆଜିର ଯୁବପିଢ଼ି ଯେ ବେଶ୍ ଦକ୍ଷ ଏହା ସ୍ୱୀକାର କରାଯାଇପାରେ।

OMI କମ୍ପାନୀରେ ମ୍ୟାନେଜର, ଅଫିସ ଷ୍ଟାଫ ପୋଷ୍ଟ ପାଇଁ ୩୯ ପୁଅ / ଝିଅ ଆବଶ୍ୟକତା
ଦରମା 10000/- ରୁ 15000/-
ସାମନ୍ତରାପୁର, ଭୁବନେଶ୍ୱର
7992848615, 9078415615

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ। ଜୁନିୟର କୁକ୍। ହେଲ୍‌ପର/ପିଅନ। ଭଲ ଦରମା।
ଯୋଗାଯୋଗ:
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

All Odisha Aadarsha Vidyalaya Vacancy
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020

ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :-
Rs 7,000/- to Rs 42,000/-
9777639313

WANTED
Experienced Drivers for 4-wheelers, Lathe & Milling Machine Operators, Welders, Gas-cutters, Fitters, Erector Gangs for erection of all types of mechanical irrigation shutters for enlistment.
Contact: 9937513322

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary pto Rs.25000/-.
Contact Immediately
Mob: 8763257042

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-30) yrs. ରହିବାର ସୁବିଧା ଦିଆଯିବ। Monthly Salary upto Rs. 24000/-.
Contact: 9938414918

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। Permanent Licence ଥିବା ଦରକାର।
Cont: 9337731351, 7077061630

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

WANTED
SALESMAN & PEON BOY
for Electronics Showroom in Bhubaneswar
Contact No:-
9861122226, 9090555447

OrissaPOST
English daily
WANTED
SENIOR SUB-EDITORS:-
- Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
- Minimum 5 years of reporting experience in English media.
TRANSLATORS:-
- Well Versed in English and Oriya (Full Time).
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

URGENT REQUIRED
Sales Executive
having Sales experience in Agarbatti / Engine oil.
Contact No.
9861357758, 9938854494

URGENTLY REQUIRED
● Counsellor/Telecaller
Salary: Rs. 6000/- to 12000/-P.M
● Smart Lady Receptionist
Salary: Rs. 8000/- to 10000/-P.M
● OFFICE ASSISTANCE
● DTP ● House Keeping
● Hostel Warden (For an Institute)
BHUBANESWAR / BALANGIR
7735387851/ 9438256276

ITPS ACADEMY, BBSR requires
• Marketing Executive (Fresher Male), • Tele Caller, • Back Office Executive (Male/Female), • DTP cum Computer Operator (Male), • Office Boy (Male).
Walk in or send Biodata to:
Email: utilityservices60@gmail.com
Call: 8984063445, 8984063447

REQUIRED
Required Experienced MANAGER (Production) B.Sc., MANAGER (Liaison) BA or B.Com. for a Chemical Industry at Bhubaneswar.
Contact:
9437468880

Jr. Clerk cum Computer Asst. For NGO at Bhubaneswar. Full Time, Salary Negotiable, Accommodation Free.
Contact:
9437976979, 9437392145

URGENTLY REQUIRED
- PRINCIPAL (Female): B.Ed. with 5 to 7 years Experience, Salary: 15,000 to 25,000.
- TEACHER (Math & Science) Female: B.Ed. with 3 years Exp., Salary: 7,000 to 15,000.
- TEACHER (English) Female: B.Ed with 3 years Exp., Salary: 7,000 to 15,000.
- TEACHER (Kindergarten) Female: NTT/ B.Ed. with 3 years Exp., Salary: 5,000 to 15,000.
LUCKY PUBLIC SCHOOL
Charichhak, Nimapara, Puri
7894447001/ 7894447111/ 06758-237776
luckypublicschool2015@gmail.com

ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ
(ଆର.ବି.ଆଇ. ରେଜିଷ୍ଟରଡ ନ.ବି.ଫ.ସି - ମ.ଫ.ଆଇ)
ସୁବର୍ଣ୍ଣ ନିଯୁକ୍ତି ସୁଯୋଗ - ବ୍ୟାଙ୍କିଙ୍ଗ / ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର ବନେଇବା ପାଇଁ ସୁବର୍ଣ୍ଣ ସୁଯୋଗ
ଇଡିଓ (ଫିଲଡ ଅଫିସର) - 100 ପଦବୀ
ଯୋଗ୍ୟତା: +2 / ଗ୍ରାଜୁଏଟ, ଅନୁଭବ: 0ରୁ 1 ବର୍ଷ ଅନୁଭବ (ଭଲ କୁଶଳ ବକ୍ତା)
ଦରମା - 10,000 - 15,000 ପ୍ରତି ମାସ (ବୟସ : 18-30 ବର୍ଷ)
ସୁବିଧା - ରହିବା ପାଇଁ ରୁମ, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚୁଇଟି, ବୋନସ, ଭତ୍ତା, ଇନ୍‌ସୁରାନ୍ସ
ଇଣ୍ଟରଭିୟୁ ତାରିଖ - ୮ ଏବଂ ୯ ଜୁନ ୨୦୧୯। ସକାଳ- ୧୦.୦୦ ରୁ ସନ୍ଧ୍ୟା ୪.୦୦ ଯାଏଁ
ସ୍ଥାନ- ହୋଟେଲ ପାର୍କ ରିସୋର୍ଟସ
ପ୍ଲଟ୍ ନଂ. ୨୨୭୧, ଅପୋଜିଟ୍ ଅଫ୍ ସିଣ୍ଡିକେଟ୍ ବ୍ୟାଙ୍କ, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬
ଯୋଗାଯୋଗ- 8448092877 / 9937046818 / 7978799274
ଏହି ଚାକିରି ପାଇଁ ବାଇକ୍ ଆବଶ୍ୟକ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

"ଡେଲ୍ ଭାରତରେ ୧୦ ହଜାର ପ୍ରିମିୟମ ଲାଟିଚୁଡ୍ ୭୪୦୦ ୨-ଇନ-୧ନୋଟବୁକ ବିକ୍ରି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି । ଏ କ୍ଷେତ୍ରରେ କମ୍ପାନୀ ନୂଆ ମାର୍କେଟ ସୃଷ୍ଟି କରିବ ।

– ଇନ୍ଦ୍ରଜିତ୍ ବେଲଗୁଣ୍ଡି, ଜିଏମ୍, ଡେଲ୍ ଇଣ୍ଡିଆ



"ମୌସୁମୀ ପୂର୍ବରୁ ଏଫ୍‌ସିଆଇର ସମସ୍ତ ଗୋଦାମରେ ରହିଥିବା ଖାଦ୍ୟଶସ୍ୟ ସୁରକ୍ଷିତ ଥିବାବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟଶସ୍ୟ ରହିଛି।

– ରାମବିଳାସ ପାଶୱାନ, କେନ୍ଦ୍ର ଖାଦ୍ୟ ମନ୍ତ୍ରୀ



## ସଂକ୍ଷେପରେ

### ଚନ୍ଦାଙ୍କୁ ଇଡି ନୋଟିସ



**ନୂଆଦିଲ୍ଲୀ,୭-୬:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୮୭୫ କୋଟି ଟଙ୍କାର ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କୁ ପୁନର୍ବାର ଜେରା କରିବ। ଆସନ୍ତା ୧୦ରେ ହାଜର ହେବାକୁ ତାଙ୍କୁ ନୋଟିସ ଜାରି କରାଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମଧ ଦିଲ୍ଲୀସ୍ଥିତ ଜାମନଗର କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହି ମାମଲାରେ ଗୁରୁବାର ହାଜର ହେବାର ଥିଲା। ଅପରପକ୍ଷରେ ଉକ୍ତ ମାମଲାରେ ଜଡ଼ିତ ଚନ୍ଦାଙ୍କ ଦିଅର ତଥା ଦୀପକ କୋଚରଙ୍କ ଭାଇ ରାଜୀବ କୋଚରଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ ନୋଟିସକୁ କୋର୍ଟ ହଟାଇ ଦେଇଛନ୍ତି। ତାଙ୍କୁ ବିଦେଶ ଯିବାକୁ କୋର୍ଟ ସର୍ତ୍ତର ସହ ଅନୁମତି ଦେଇଛନ୍ତି।

### ଏସ୍‌ବିଆଇର ହୋମ ଲୋନ ପ୍ରଡକ୍ଟ ସହ ରେପୋ ରେଟ୍ ଲିଙ୍କ

**ନୂଆଦିଲ୍ଲୀ,୭-୬:** ଦେଶର ସର୍ବବୃହତ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) କ୍ୟାଶ୍ କ୍ରେଡିଟ୍ ଓ ଓଭର ଡ୍ରାଫ୍ଟର ସୁଧ ହାର ହ୍ରାସ କରିଛି। ଏହାବ୍ୟତୀତ ବ୍ୟାଙ୍କ ହୋମ୍ ଲୋନ ପ୍ରଡକ୍ଟକୁ ରେପୋ ରେଟ ସହ ଲିଙ୍କ କରିବାକୁ ନିଷ୍ପତ୍ତି ନେଇଛି। ଏହା ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ୦.୨୫% ରେପୋ ରେଟ ହ୍ରାସ କରାଯିବାର ଦିନକ ପରେ ଏସ୍‌ବିଆଇ ଉକ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଘୋଷଣା କରିଛି। ଏସ୍‌ବିଆଇର ନିଷ୍ପତ୍ତି ପରେ କ୍ୟାଶ୍ କ୍ରେଡିଟ ଏବଂ ଓଭର ଡ୍ରାଫ୍ଟ ଲାଗି ସୁଧ ହାର ୮% ହେବ।

### ଅଗଷ୍ଟରୁ ଅନ୍‌ଲାଇନରେ କିଣି ହେବ ବିଦେଶୀ ମୁଦ୍ରା

**ନୂଆଦିଲ୍ଲୀ,୭-୬:** ବିଦେଶ ଯିବାକୁ ଥିବା ବ୍ୟକ୍ତିବିଶେଷ ଅଥବା କ୍ଷୁଦ୍ର ବ୍ୟବସାୟୀ ଅଗଷ୍ଟରୁ ଅନ୍‌ଲାଇନରେ ବିଦେଶୀ ମୁଦ୍ରା କିଣିପାରିବେ। ଏଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍‌ଶୀଘ୍ର ଏକ ପ୍ଲାଟଫର୍ମ ଆରମ୍ଭ କରିବାକୁ ଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ଏକ ବିବୃତି ଜାରି କରିଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, କ୍ଲିୟରିଂ କର୍ପୋରେଶନ ଅଫ୍ ଇଣ୍ଡିଆ ଏକ ନୂଆ ପ୍ଲାଟଫର୍ମ ଡେଭଲପ୍ କରିଛି। ଏହାର ଏବେ ପରୀକ୍ଷା ଚାଲିଛି। ଅଗଷ୍ଟ ପ୍ରଥମ ସପ୍ତାହରୁ ସାଧାରଣ ନାଗରିକ ଏହି ପ୍ଲାଟଫର୍ମର ବ୍ୟବହାର କରିପାରିବେ। ସୂଚନାଯୋଗ୍ୟ ଯେ, ବିଦେଶୀ ମୁଦ୍ରା କାରବାର ଅଦ୍ୟାବଧି ସମ୍ପୂର୍ଣ୍ଣ ଭାବେ ସଂଗଠିତ ନୁହେଁ। ବିଦେଶୀ ମୁଦ୍ରା କିଣିବା ଲାଗି ଲୋକଙ୍କୁ ୧ରୁ ୩% ପର୍ଯ୍ୟନ୍ତ କମିଶନ ଦେବାକୁ ପଡୁଛି। ଏହାକୁ ଧ୍ୟାନରେ ରଖି ୨୦୧୭ରେ ଆର୍‌ବିଆଇ ଏକ ଅନ୍‌ଲାଇନ ପ୍ଲାଟଫର୍ମ ବିକଶିତ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଏହି ପ୍ଲାଟଫର୍ମ ଆରମ୍ଭ ହୋଇଯିବା ପରେ ସାଧାରଣ ଲୋକ ବିଦେଶୀ ମୁଦ୍ରାକୁ ଗୋଟିଏ କ୍ଲିକ୍‌ରେ ସହଜରେ କିଣି ବା ବିକି ପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କୌଣସି କମିଶନ ନିଆଯିବ ନାହିଁ। ଲୋକଙ୍କୁ ଆନ୍ତଃବ୍ୟାଙ୍କ ଦର ହିସାବରେ ବିଦେଶୀ ମୁଦ୍ରା କିଣାବିକା କରିବାକୁ ସୁଯୋଗ ଦିଆଯିବ।

### ଆଇଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ



**ଭୁବନେଶ୍ୱର,୭-୬:** ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ୟାମ ସୁନ୍ଦର ନାରଙ୍ଗ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନାଗପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସେ ଆଇଓବିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ଏନ୍‌ପିଏ ହ୍ରାସ, କାସା ଜମା ବୃଦ୍ଧି ଏବଂ ଖୁଚୁରା ଋଣ ପ୍ରଦାନକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ବିକ୍ରି ହେବ ୫୦ ରାଷ୍ଟ୍ରାୟତ୍ତ ସମ୍ପତ୍ତି





- ବିକ୍ରିରେ ସାମିଲ ହେବ ୨୪ କମ୍ପାନୀର ସମ୍ପତ୍ତି
- ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୯୦ ହଜାର କୋଟି

**ନୂଆଦିଲ୍ଲୀ,୭-୬**

ଏନ୍‌ଟିପିସି, ସିମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ, ଭାରତ ଆର୍ଥ ମୁଭର୍ସ ଏବଂ ସେଲ୍ ସହିତ ରାଷ୍ଟ୍ରାୟତ୍ତ କମ୍ପାନୀର ୫୦ ଜମି ଏବଂ ଇଣ୍ଡଷ୍ଟ୍ରିଆଲ ପ୍ଲାଣ୍ଟ ସବୁକୁ ବିକ୍ରି ଲାଗି ନୀତି ଆୟୋଗ ଏକ ତାଲିକା ପ୍ରସ୍ତୁତ କରିଛି। ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜମେଣ୍ଟ (ଦୀପମ୍)କୁ ଆୟୋଗ ଏକ ତାଲିକା ଦେଇଛି।

ଜଣେ ଅଧିକାରୀ କହିଛନ୍ତି ଯେ, ସମ୍ବନ୍ଧିତ ମନ୍ତ୍ରଣାଳୟ ତାଲିକାରେ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ସମ୍ପତ୍ତିକୁ ସହଜରେ ବିକ୍ରି କରିପାରିବେ। ସମ୍ପୃକ୍ତ ମନ୍ତ୍ରଣାଳୟର ସଚିବଙ୍କ ସହ ଆଲୋଚନା କରିବା ପରେ ହିଁ ଆୟୋଗ ସିଇଓ ଅମିତାଭ କାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି। ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆବଶ୍ୟକସ୍ଥଳେ ନୂଆ ତାଲିକା ଅଣାଯିବ। ସେ କହିଛନ୍ତି ଯେ, ଏନ୍‌ଟିପିସିର ବଦରପୁର ପ୍ଲାଣ୍ଟ ବନ୍ଦ ହୋଇପଡିରହିଛି। ଏହା ନିକଟରେ ୪୦୦ ଏକର ଜମି ରହିଛି। ସେଲ୍ ଭଳି ଅନ୍ୟ କମ୍ପାନୀଙ୍କ ବ୍ରାଉନ୍‌ଫିଲ୍ଡ ପ୍ରକଳ୍ପକୁ ବିକ୍ରି ଲାଗି ସାମିଲ କରାଯାଇଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜିପ୍ରତ୍ୟାହାରରୁ ୨୩୫୦ କୋଟି ଟଙ୍କା ଯୋଗାଡ କରିସାରିଛନ୍ତି। ଗତ ଆର୍ଥିକ ବର୍ଷରେ ମୋଟ୍‌ରେ ୮୪,୯୭୨ କୋଟି ଟଙ୍କା ଆଦାୟ ହୋଇଥିଲା। ଆୟୋଗ ୨୪ କମ୍ପାନୀର ସମ୍ପତ୍ତି ବିକିବାକୁ ଯାଉଛନ୍ତି। ତନ୍ମଧ୍ୟରେ ସ୍କୁଟର୍ସ ଇଣ୍ଡିଆ, ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ, ହିନ୍ଦୁସ୍ତାନ ପ୍ରିଫ୍ୟାବ୍, ହିନ୍ଦୁସ୍ତାନ ନ୍ୟୁଜପ୍ରିଣ୍ଟ, ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଏବଂ ହିନ୍ଦୁସ୍ତାନ ଫ୍ଲୋରୋକାର୍ବନ ଆଦି ରହିଛି। ନୀତି ଆୟୋଗ ଚଳିତ ଆର୍ଥିକ ବର୍ଷ ଲାଗି ପୁଞ୍ଜିପ୍ରତ୍ୟାହାରରୁ ପ୍ରାୟ ୯୦ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର କ୍ୟାବିନେଟ ଫେବୃୟାରୀରେ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ଅର୍ଥାତ୍ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ କୋର୍ ସମ୍ପତ୍ତିକୁ ବିକ୍ରି କରିବା ଲାଗି ଅନୁମତି ଦେଇଛି। ଏଥିଲାଗି ଅର୍ଥମନ୍ତ୍ରୀ, ସଡ଼କ ପରିବହନ ମନ୍ତ୍ରୀ ଏବଂ ସମ୍ବନ୍ଧିତ ମନ୍ତ୍ରଣାଳୟକୁ ନେଇ ଏକ ଅଲ୍‌ଟରନେଟ୍ ମେକାନିଜିମ୍ ପ୍ରସ୍ତୁତ କରାଯାଇଥିଲା। ଆସନ୍ତା ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ ବିକ୍ରି ପ୍ରକ୍ରିୟାକୁ ଶେଷ କରାଯିବ।

## ସୁଜୁକିର ନୂଆ ଜିକ୍ସର ଏସ୍‌ଏଫ୍ ୨୫୦, ଜିକ୍ସର ଏସ୍‌ଏଫ୍



**ନୂଆଦିଲ୍ଲୀ,୭-୬**

ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏସ୍‌ଏମ୍‌ଆଇପିଏଲ) ପକ୍ଷରୁ ନୂଆ ଜିକ୍ସର ଏସ୍‌ଏଫ୍ ୨୫୦ ଏବଂ ଜିକ୍ସର ଏସ୍‌ଏଫ୍ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ କମ୍ପାନୀର ସେଲ୍‌ସ ଜେନେରାଲ ମ୍ୟାନେଜର ଦୀପକ ମୁତ୍ରେଜା ଏବଂ ପ୍ରଡକ୍ଟ ପ୍ଲାନିଂ ଜିଏମ୍ ୟୋସିଆକି ହାରାଡା ବଜାର ପ୍ରବେଶ କରାଇଥିଲେ। ଜିକ୍ସର ୨୫୦ସିସି ମଡେଲ ଦ୍ୱାରା କମ୍ପାନୀ ପ୍ରିମିୟମ ୨୫୦ ସିସି ସେଗ୍‌ମେଣ୍ଟର ନିଜର ଉପସ୍ଥିତି ଜାହିର କରିଛି। ଜିକ୍ସର ଏସ୍‌ଏଫ୍‌ରେ ଗ୍ରାହକମାନେ ବୋଲ୍ଡ ଷ୍ଟାଇଲିଂ, ଉନ୍ନତ ଡିଜାଇନ ଏବଂ ପରଫରମାନ୍ସ ଲାଭ କରିପାରିବେ। ସେହିଭଳି ଉନ୍ନତ ଇଞ୍ଜିନ କ୍ଷମତା ସହ ଜିକ୍ସର ୨୫୦ ଏସ୍‌ଏଫ୍ ମେଟାଲିକ ମ୍ୟାଟ୍ ପ୍ରିମିୟମ ସିଲଭର ଏବଂ ମେଟାଲିକ ମ୍ୟାଟ୍ ବ୍ଲାକ ରଙ୍ଗରେ ଆସୁଛି। ଏହାର ଏକ୍ସଶୋ'ରୁମ ଭୁବନେଶ୍ୱର ବଜାର ଦର ୧.୭୦ ଲକ୍ଷ ଟଙ୍କା ରହିଛି। ଜିକ୍ସର ଏସ୍‌ଏଫ୍ ଗ୍ଲାସ ସ୍ପାର୍କଲ ବ୍ଲାକ, ମେଟାଲିକ ସୋନିକ ସିଲଭର ଭଳି ରଙ୍ଗରେ ଆସୁଥିବା ବେଳେ ଏହାର ଏକ୍ସ ଶୋ'ରୁମ ଭୁବନେଶ୍ୱର ମୂଲ୍ୟ ୧.୦୯ ଲକ୍ଷ ଟଙ୍କା ରହିଛି। ଭାରତୀୟ ବଜାରରେ ପ୍ରିମିୟମ ସେଗମେଣ୍ଟ ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ନୂଆ ମଡେଲଗୁଡିକୁ ବଜାର ପ୍ରବେଶ କରାଯାଇଥିବା ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର କମ୍ପାନୀ ମୁଖ୍ୟ କୋଇଚିରୋ ହୀରାଓ କହିଛନ୍ତି। ପ୍ରିମିୟମ ବାଇକ୍‌ର ଚାହିଦା ବଢୁଥିବାରୁ ସ୍ପୋର୍ଟ ଟୁରରଙ୍କ ଲାଗି ଏଭଳି ଏକ ମଡେଲ ବିକଶିତ କରାଯାଇଥିବା କମ୍ପାନୀର ଉପସଭାପତି ଦେଭାଶିଷ ହାଣ୍ଡା ସୂଚନା ଦେଇଛନ୍ତି।

# ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି

**ମୁମ୍ବାଇ,୭-୬**





ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି କରିଛି। ୨୦୦୦ କୋଟି ଅଥବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କାର ବକେୟା ଋଣ ଫେରସ୍ତ ଦେବାରେ ଋଣଗ୍ରହିତା ବିଫଳ (ଡିଫଲ୍ଟ) ହେବାର ୩୦ ଦିନ ଭିତରେ ସମ୍ପୃକ୍ତ ବ୍ୟାଙ୍କ ତାଙ୍କ ଆକାଉଣ୍ଟର ସମୀକ୍ଷା କରିପାରିବେ ଏବଂ ରିଜଲ୍ୟୁଶନ ପ୍ଲାନ୍ ଆରମ୍ଭ କରିପାରିବେ ବୋଲି ଏଥିରେ କ୍ଷମତା ଦିଆଯାଇଛି। ବ୍ୟାଙ୍କ ନିଜ ବୋର୍ଡ ଦ୍ୱାରା ସ୍ୱୀକୃତ ନୀତିକୁ ପାଳନ କରିବାକୁ ହେବ ବୋଲି ଆର୍‌ବିଆଇ କହିଛି। ପୁରୁଣା ସର୍କୁଲାରରେ ଡିଫଲ୍ଟ ହେବାର ଦିନକ ପରେ ହିଁ ବ୍ୟାଙ୍କ ସମୀକ୍ଷା କରିବା ଆରମ୍ଭ କରିଦେଉଥିଲା। ନୂଆ ସର୍କୁଲାର ଅନୁଯାୟୀ, ସମୀକ୍ଷା ଅବଧି ଭିତରେ ଋଣପ୍ରଦାନକାରୀ ବ୍ୟାଙ୍କ ବା ଆର୍ଥିକ ସଂସ୍ଥା ରିଜଲ୍ୟୁଶନ ପ୍ଲାନ ବା ସମାଧାନ ଯୋଜନା ରଣନୀତି ନିର୍ଦ୍ଧାରଣ କରିପାରିବେ। ଯୋଜନା ଲାଗୁ ହେବା ପରେ ସମସ୍ତ ଋଣପ୍ରଦାନକାରୀଙ୍କୁ ଇଣ୍ଟର କ୍ରେଡିଟର ଏଗ୍ରିମେଣ୍ଟ (ଆଇସିଏ)ରେ ସ୍ୱାକ୍ଷର କରିବାକୁ ହେବ। ତଦନୁଯାୟୀ ନିୟମ ଧାର୍ଯ୍ୟ କରାଯାଇପାରିବ। ଋଣପ୍ରଦାନକାରୀ ବ୍ୟାଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ନୂଆ ସର୍କୁଲାର ତୁରନ୍ତ କାର୍ଯ୍ୟକାରୀ ହେବ। ନୂଆ ସର୍କୁଲାର ଅନୁସାରେ, ଏବେ ରିଜଲ୍ୟୁଶନ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୭୫% ଋଣପ୍ରଦାନକାରୀଙ୍କ ଅନୁମତି ନେବା ଜରୁରୀ ହେବ। ପୂର୍ବରୁ ସମସ୍ତ ବା ୧୦୦ ପ୍ରତିଶତ ଋଣପ୍ରଦାନକାରୀଙ୍କ ଅନୁମତି ନେବାକୁ ପଡୁଥିଲା। ଏଥିସହିତ ରିଜଲ୍ୟୁଶନ ପ୍ଲାନ୍ କିପରି ହେବ, କିଭଳି ଏହାକୁ ଲାଗୁ କରାଯିବ, ଏହା ନିର୍ଦ୍ଧାରଣ କରିବାର ଅଧିକାର ସମ୍ପୃକ୍ତ ଋଣପ୍ରଦାନକାରୀ (ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କୁ ଦିଆଯାଇଛି। ସମୀକ୍ଷା ଅବଧିର ୧୮୦ ଦିନ ଭିତରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ଆର୍‌ବିଆଇ ବ୍ୟାଙ୍କଠାରୁ ୨୦% ଅତିରିକ୍ତ ପ୍ରୋଭିଜନିଂ କରିବାକୁ କହିବ। ୩୬୫ ଦିନରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ୩୫% ଦେବାକୁ ହେବ। ଆର୍‌ବିଆଇ ତାଙ୍କ ସର୍କୁଲାରରେ କହିଛନ୍ତି ଯେ, ଋଣପ୍ରଦାନକାରୀଙ୍କୁ ଋଣ ଫଶିଯିବାର ଆଶଙ୍କା ତୁରନ୍ତ ଚିହ୍ନଟ କରିବା ଉଚିତ୍। ଏହା ଜଣାପଡିବା ମାତ୍ରେ ସଙ୍ଗେ ସଙ୍ଗେ ଏହାକୁ ସୂଚିତ କରିବା ଆବଶ୍ୟକ।

## ଜିଏସ୍‌ପି ଉପରେ ଭାରତ ନିର୍ଭରଶୀଳ ନୁହେଁ: ଗୋୟଲ

**ନୂଆଦିଲ୍ଲୀ,୭-୬**

ଆମେରିକାର ଜେନେରାଲାଇଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେଜ (ଜିଏସ୍‌ପି) ପ୍ରତି ଭାରତ ବ୍ୟାକୁଳ କି ନିର୍ଭରଶୀଳ ନୁହେଁ। ଏହା ନିଜର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବାକୁ ସକ୍ଷମ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି। ଭାରତ ଏଭଳି ଏକ ବ୍ୟବସ୍ଥା ଉପରେ ଜୋର୍ ଦେବ ଯାହା ଦେଶର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ସପ୍ତାହରେ ସ୍ୱତନ୍ତ୍ର ବାଣିଜ୍ୟ ଛାଡ଼ କାର୍ଯ୍ୟକ୍ରମରୁ ଭାରତକୁ ହଟାଇ ଦେଇଥିଲେ। ଏହା ଗତ ୫ରୁ ଲାଗୁ ହୋଇଛି। ଏଣିକି ଭାରତରୁ ଆମେରିକାକୁ ଯାଉଥିବା ସମସ୍ତପ୍ରକାର ସାମଗ୍ରୀ ଉପରେ ସ୍ଥାନୀୟ ସରକାର ଆମଦାନୀ ଶୁଳ୍କ ଲାଗୁ କରିବ। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ଆମେରିକାର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଆଦାୟ କ୍ଷେତ୍ରରେ ଭାରତ ତର୍କସଙ୍ଗତ ତଥା ସମାନ ସୁବିଧା ଦେଉନାହିଁ। ଆମେରିକାର ନିଷ୍ପତ୍ତିକୁ ଭାରତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଅଭିହିତ କରିଛି। ଗୋୟଲ କହିଛନ୍ତି ଯେ, ଭାରତ ଏବେ ଅବିକଶିତ ଅଥବା ସ୍ୱଳ୍ପ ବିକଶିତ ଦେଶ ନୁହେଁ। ଏଭଳି ଛାଡ଼ ଉପରେ ଭାରତ ଏବେ ନିର୍ଭରଶୀଳ ନୁହେଁ। କିଛି ସେକ୍ଟର ଉପରେ ୧ ଅଥବା ୨ ପ୍ରତିଶତ ପ୍ରଭାବ ପଡ଼ିପାରେ।

## ରିଲିଫ ପାଣ୍ଠିକୁ ଓରିଏଣ୍ଟାଲ ଇନସ୍ୟୁରାନ୍ସ ଦେଲା ୧ କୋଟି





**ନୂଆଦିଲ୍ଲୀ,୭-୬**

ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଓରିଏଣ୍ଟାଲ ଇନସ୍ୟୁରାନ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ.ଭି.ଗିରିଜାକୁମାର, ଜିଏମ୍ ଅତୁଲ ଜିରଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଛନ୍ତି। ପ୍ରଭାବିତ ଲୋକଙ୍କ ବୀମା ଦାବିର ତ୍ୱରିତ ସମାଧାନ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୟୁଏସ୍‌ଏର ୮୦ ଧନୀ ମହିଳାଙ୍କ ମଧ୍ୟରେ ୩ ଭାରତୀୟ

**ନ୍ୟୁୟର୍କ,୭-୬**

ନିଜର ଦକ୍ଷତା ବଳରେ ଆମେରିକାରେ (ୟୁଏସ୍‌ଏ) ସଫଳତା ହାସଲ କରିଥିବା ୮୦ ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ୩ ଜଣ ପ୍ରବାସୀ ଭାରତୀୟ ରହିଛନ୍ତି। ଫୋର୍ବ୍ସ ପକ୍ଷରୁ ଆମେରିକାର ସବୁଠାରୁ ଧନୀ ସେଲ୍ଫମେଡ୍ ମହିଳା-୨୦୧୯ ତାଲିକା ଜାରି କରାଯାଇଛି। ଏହି ୩ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ହେଲେ କମ୍ପ୍ୟୁଟର ନେଟ୍‌ୱର୍କ କମ୍ପାନୀ ଅରିଷ୍ଟା ନେଟ୍‌ୱର୍କ୍ସର ଅଧ୍ୟକ୍ଷା ତଥା ସିଇଓ ଜୟଶ୍ରୀ ଉଲାଲ୍, ଆଇଟି କନସଲ୍‌ଟିଙ୍ଗ ଓ ଆଉଟସୋର୍ସିଂ କମ୍ପାନୀ ସିଣ୍ଟେଲର ସହ ପ୍ରତିଷ୍ଠାତା ନିରଜା ସେଠୀ ଓ ଷ୍ଟ୍ରିମିଙ୍ଗ ଡାଟା ଟେକ୍ନୋଲୋଜି କମ୍ପାନୀ କନ୍‌ଫ୍ଲୁଏଣ୍ଟର ସହ ପ୍ରତିଷ୍ଠାତା ନେହା ନରଖେଡେ। ୫୮ ବର୍ଷୀୟା ଜୟଶ୍ରୀ ଏହି ତାଲିକାର ୧୮ତମ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୪୦ କୋଟି ଡଲାର (୯୬୬୦ କୋଟି ଟଙ୍କା)। ତାଙ୍କ ନିକଟରେ ଅରିଷ୍ଟାର ୫% ଶେୟାର ରହିଛି। ଫୋର୍ବ୍ସ ପକ୍ଷରୁ କୁହାଯାଇଛି ଯେ, ଲଣ୍ଡନରେ ଜନ୍ମିତ ଏବଂ ଭାରତରେ ପାଳିତ ଉଲାଲ ଏବେ ଆମେରିକାର ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ସାମିଲ ହୋଇପାରିଛନ୍ତି। ସେହିପରି ନିରଜା ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି। ତାଙ୍କର ସମ୍ପତ୍ତିର ପରିମାଣ ୧୦୦ କୋଟି ଡଲାର (୬୯୦୦ କୋଟି ଟଙ୍କା)। ସ୍ୱାମୀ ଭାରତ ଦେଶାଇଙ୍କ ସହ ମିଶି ନିରଜା ୧୯୮୦ରେ ୨୦୦୦ ଡଲାର ନିବେଶ କରି ସିଣ୍ଟେଲକୁ ପ୍ରତିଷ୍ଠା କରିଥିଲେ। ଫ୍ରାନ୍ସର ଆଇଟି କମ୍ପାନୀ ଆଣ୍ଟୋସ୍ ଗତ ବର୍ଷ ୩୪୦ କୋଟି ଡଲାରରେ ଏହି କମ୍ପାନୀକୁ କିଣି ନେଇଛି। ଏହି ଡିଲ୍‌ରୁ ନିରଜାଙ୍କୁ ତାଙ୍କର ଅଂଶଧନ ବିକ୍ରି ବାବଦରେ ୫୧ କୋଟି ଡଲାର(୩୫୧୯ କୋଟି ଟଙ୍କା) ମିଳିଥିଲା। ଅପରପକ୍ଷରେ ନେହା ତାଲିକାର ୬୦ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ସମ୍ପତ୍ତିର ପରିମାଣ ୩୬ କୋଟି ଡଲାର (୨୪୮୪ କୋଟି ଟଙ୍କା) ରହିଛି। ତେବେ ଏହି ତାଲିକାର ଶୀର୍ଷରେ ରହିଛନ୍ତି ଏବିସି ସପ୍ଲାଇ କମ୍ପାନୀର ପ୍ରମୁଖ ଡିଏନ ହେଣ୍ଡରିକ୍ସ। ତାଙ୍କ ନିକଟରେ ୭୦୦ କୋଟି ଡଲାର (୪୮୩୦୦ କୋଟି ଟଙ୍କା) ସମ୍ପତ୍ତି ରହିଛି।


## E-TENDER NOTICE

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
**DEPARTMENT OF EMPOWERMENT FOR PERSONS WITH DISABILITIES (Divyangjan)**
**MINISTRY OF SOCIAL JUSTICE & EMPOWERMENT, GOVT. OF INDIA**
**Oltapur, P.O.-Bairoi, Dist-Cuttack-754010, Odisha.**
**Mob-** 8093350360, 9038055172
**Email-stores.nirtar@nic.in, Website-http://www.svnirtar.nic.in**

**"E-TENDER is invited for procurement of the following items for our institute and CRC, Rajnandgaon, Chhattisgarh."**

(1) **Physiotherapy / Occupational Therapy / Hospital Equipment**
(2) AMC of Modular Operation Theatre,
(3) E-Journal / Books for Library,
(4) Procurement of Stationery / General store / Electrical & Civil items / printing of forms & registers
(5) Procurement of Raw materials / Components for fitting of prosthesis & Orthosis
(6) Procurement of Medicine & Hospital consumable materials (Surgical items / laboratory chemicals / X-ray films & consumables)
(7) Hiring of manpower on yearly contract basis for CRC, Rajnandgaon, Chhatisgarh
(8) Hiring of 5 seated car on yearly contract basis for CRC, Rajnandgaon, Chhatisgarh

| IMPORTANT DATES | |
|---|---|
| Availability of bid documents | 08.06.2019 |
| Last date for bid submission | 27.06.2019 |
| Opening date of technical bid | 28.06.2019 |

For more details log on to http://www.svnirtar.nic.in

Director

## BHUBANESWAR MUNICIPAL CORPORATION

**No.15871 COMPETITIVE BIDDING THROUGH e-Procurement Dt.06/06/19**

**NOTICE INVITING TENDER**
**Bid Reference No. BMC-EE-DD-02/2019-20**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference No.**(BMC-EE-DD-2/2019-20)** should be written clearly over (super scribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05 Nos**.
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs.8,15,703/- to Rs.15,96,427/-** Contractors of **Class- 'D' to Class 'C'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M on Dt. 07.06.2019 to 5 P.M on Dt. 21.06.2019** for online bidding.
6. Bids received online will be opened at **11.00 A.M on Dt. 22.06.2019.**
7. The bidder must possess valid and Compatible **Digital Signature Certificate (DSC).**
8. The successful bidder bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
**Executive Engineer,**
**Drainage Division, BMC**

**Progress Through Partnership for a Better Bhubaneswar**

# ଇଂଲଣ୍ଡ-ବାଂଲାଦେଶ ମୁକାବିଲା ଆଜି

କାର୍ଡିଫ୍,୭।୬(ଏଏଫ୍‌ପି)

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡ ଅନପ୍ରେଡିକ୍ଟବଲ ବାଂଲାଦେଶକୁ ଭେଟିବ। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଇଂଲଣ୍ଡ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବିଶ୍ୱକପ୍‌ର ଗତ ସଂସ୍କରଣରେ ବାଂଲାଦେଶ ଆଡିଲେଡ୍‌ରେ ୧୫ ରନରେ ଇଂଲଣ୍ଡକୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲା। ଏହି ଅପ୍ରତ୍ୟାଶିତ ପରାଜୟ କାରଣରୁ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ହିଁ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଇଂଲଣ୍ଡ ଏହି ପରାଜୟକୁ ମନେ ରଖିଥିବ ଓ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିବ। ତେବେ ଏହା ପରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ଅଶାତୀତ ଉନ୍ନତି କରିଛି ଓ ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବରସ୍ଥାନ ହାସଲ କରିଛି। ଦିନିକିଆ କ୍ରିକେଟରେ ଇଂଲଣ୍ଡ ବହୁତ ପରିବର୍ତ୍ତନ ମଧ୍ୟ ଆଣିଛି। କୋଚ୍ ପିଟର ମୁରସଙ୍କୁ ମଧ୍ୟ ପଦରୁ ବହିଷ୍କାର କରାଯାଇଥିଲା। ଏହାପରେ ଅଷ୍ଟ୍ରେଲିଆ ଅଭିଜ୍ଞ କୋଚ୍ ଟ୍ରେଭର ବେଲିସ୍‌ଙ୍କୁ କୋଚ୍ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ପରାସ୍ତ କରିଥିଲା।



ମାଶ୍ରାଫି ମୋର୍ତ୍ତାଜା ଓ ଇଅନ ମୋର୍ଗାନ।

ଦେବେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନଠାରୁ ୧୪ ରନରେ ହାରିଥିଲା। ଏହି ପରାଜୟକୁ ଇଂଲଣ୍ଡ ସହଜରେ ହଜମ କରିପାରି ନ ଥିଲା। ଫଳରେ ଇଂଲଣ୍ଡ ଖେଳାଳି ଉତ୍‌କ୍ଷିପ୍ତ ହୋଇଥିଲେ। ଫଳରେ ଓପନିଂ ବ୍ୟାଟ୍ସମ୍ୟାନ ଜାସନ ରଏ ଓ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଖରାପ୍ ଆଚରଣ ପାଇଁ ଜରିମାନାର ସମ୍ମୁଖୀନ ହେବାକୁ ପଡିଥିଲା। ଷ୍ଟାଡିୟମରେ ପାକିସ୍ତାନ ପ୍ରଶଂସକମାନେ ମଧ୍ୟ ଇଂଲଣ୍ଡ ଖେଳାଳିଙ୍କୁ କିଛି ଆକ୍ଷେପ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ବାଉଣ୍ଡାରୀରେ ଏକ କ୍ୟାଚ୍ ନେବା ପରେ ପାକିସ୍ତାନ ପ୍ରଶଂସକଙ୍କୁ ଓଠରେ ଅଙ୍ଗୁଳି ରଖି ଚୁପ୍ ରହିବାକୁ ଇଙ୍ଗିତ କରିଥିଲେ। ୨୦୧୬ରେ ଢାକାରେ ବାଂଲଦେଶକୁ ଇଂଲଣ୍ଡ ହରାଇଥିଲା। ଏଥିରେ ଇଂଲଣ୍ଡ ଖେଳାଳିଙ୍କ ଆଚରଣ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ଏହି ମ୍ୟାଚ୍‌ରେ ଏହାର ପୁନରାବୃତ୍ତି ହେବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳି ନ ଥିବା ଇଂଲଣ୍ଡ ଦ୍ରୁତ ବୋଲର ଲିଅମ ପ୍ଲଙ୍କେଟ୍ ଏହି ମ୍ୟାଚ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କିଭଳି ଭଲ ଖେଳି ଜିତିବାକୁ ହେବ ଇଂଲଣ୍ଡକୁ ବେଶ୍ ଭଲଭାବେ ଜଣା ବୋଲି ପ୍ଲଙ୍କେଟ କହିଛନ୍ତି। ଗତ ମ୍ୟାଚ୍‌ରେ ପାକିସ୍ତାନ ଭଲ ଖେଳିଥିଲା। ସେହିଭଳି ବାଂଲଦେଶ ଓ ଭାରତ ମଧ୍ୟ ଭଲ ପ୍ରଦର୍ଶନ କରିବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ବିଗ୍ ବାଶ ଲିଗ୍‌ରେ ଇଂଲଣ୍ଡ ଖେଳାଳି ବିପୁଳ ସଂଖ୍ୟାରେ ଦର୍ଶକଙ୍କ ସମ୍ମୁଖରେ ଖେଳିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପ୍ଲଙ୍କେଟ କହିଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲଦେଶ ୨ ଉଇକେଟରେ ପରାସ୍ତ ହୋଇଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ କୌଣସି ବଡ଼ ଧରଣର ବପର୍ଯ୍ୟୟ ଘଟିନାହିଁ। ବାଂଲାଦେଶ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶାଳୀ ଦଳକୁ ୧୨ ରନରେ ହରାଇଛି। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ପ୍ଲଙ୍କେଟ କହିଛନ୍ତି। ବାଂଲାଦେଶ ଏବେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ୨୦୧୦ରେ ଏହି ଦଳ ଇଂଲଣ୍ଡକୁ ହରାଇ ସେତେବେଳେ ବପର୍ଯ୍ୟୟ ଘଟାଇଥିଲା ଓ ଏହି କଥା ମୋର ମନେ ଅଛି ବୋଲି ପ୍ଲଙ୍କେଟ କହିଛନ୍ତି। ପାକିସ୍ତାନ ବିପକ୍ଷରେ ଲେଗ୍ ସ୍ପିନର ଆଦିଲ ରସିଦ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇ ନ ପାରେ।

ସୋଫିଆ ଗାର୍ଡେନ୍ସରେ ବାଂଲାଦେଶ ୨୦୦୫ରେ ସେତେବେଳର ଶକ୍ତିଶାଳୀ ଦଳ ତଥା ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇଥିଲା। ଏହା ଅନ୍ତର୍ଜାତୀୟ କ୍ରିକେଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଥିଲା। ଏହି ମ୍ୟାଚ୍‌ରେ ମଶ୍ରାଫି ମୋର୍ତ୍ତାଜା ଖେଳିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪୫ ରନର ସ୍କୋରକୁ ବାଂଲାଦେଶ ପାଖାପାଖି ଡିଫେଣ୍ଡ କରିବାର ସଫଳ ହୋଇଯାଇଥିଲା। ତେଣୁ ଏପର୍ଯ୍ୟନ୍ତ ମୋଟାମୋଟି ଉପରେ ବାଂଲାଦେଶ ଜବରଦସ୍ତ ପ୍ରଦର୍ଶନ କରିଛି। ଟୁର୍ନାମେଣ୍ଟରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଛି। ତେଣୁ ଏହି ମ୍ୟାଚ୍ ଆମ ପାଇଁ ଆଦୌ ସହଜ ହେବ ନାହିଁ ବୋଲି ବାଂଲାଦେଶ ଅଧିନାୟକ ମୋର୍ତ୍ତାଜା କହିଛନ୍ତି। ତେବେ ଯଦି ଆମେ ଶ୍ରେଷ୍ଠ ପ୍ରଦର୍ଶନ କରୁ ତାହାଲେ ଇଂଲଣ୍ଡକୁ ହରାଇବୁ ବୋଲି ସେ କହିଛନ୍ତି। ଅନ୍ୟ କେତେକ ଶକ୍ତିଶାଳୀ ଦଳ ଭଳି ବାଂଲାଦେଶ ଦଳରେ ମଧ୍ୟ କେତେକ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦିନିକିଆ ଖେଳାଳି ରହିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍

ଇଂଲଣ୍ଡ ବନାମ ବାଂଲାଦେଶ

ସ୍ଥାନ: କାର୍ଡିଫ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଫଗାନିସ୍ତାନ ବନାମ ନ୍ୟୁଜିଲାଣ୍ଡ

ସ୍ଥାନ: ଟଣ୍ଟନ୍, ସମୟ ସନ୍ଧ୍ୟା ୬ଟା

# ପଏଣ୍ଟ ଭାଗ କଲେ ପାକିସ୍ତାନ, ଶ୍ରୀଲଙ୍କା



ବର୍ଷା ଯୋଗୁଁ ବ୍ରିଷ୍ଟଲ ଗ୍ରାଉଣ୍ଡରେ ଜମିଥିବା ପାଣିକୁ ବାହାର କରିବାକୁ ପ୍ରୟାସ କରାଯାଉଛି।

ବ୍ରିଷ୍ଟଲ,୭।୬(ପି.ଟି.)

ସ୍ଥାନୀୟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଚଳିତ ବିଶ୍ୱକପ୍‌ର ୧୧ତମ ମ୍ୟାଚ୍ ପ୍ରବଳ ବର୍ଷା ଯୋଗୁ ବାତିଲ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ଅତ୍ୟଧିକ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ପାକିସ୍ତାନ ଓ ଶ୍ରୀଲଙ୍କା ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଦୁଇ ଫିଲ୍ଡ ଅମ୍ପାୟର ନିଗେଲ ଲଙ୍ଗ୍ ଓ ଇଆନ ଗୋଲ୍ଡ ଏକାଧିକବାର ପଡିଆ ନୀରିକ୍ଷଣ କରିବା ପରେ ଅପରାହ୍ନ ୩.୪୬ରେ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ତିମ ନୀରିକ୍ଷଣ ବେଳେ ମଧ୍ୟ ଆକାଶ ସମ୍ପୂର୍ଣ୍ଣ ମେଘୁଆ ଥିଲା। ସେତେବେଳେ ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବାକୁ ଚିନ୍ତା କରାଯାଉଥିଲା। ଫଳରେ ବିନା ଟସ୍ ଓ ବୋଲିଂରେ ମ୍ୟାଚ ଶେଷରେ ବାତିଲ ହୋଇଥିଲା। ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦୁଇଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଉଭୟ ଦଳ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ବରଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ୱେଷ୍ଟଇଣ୍ଡିଜଠାରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ୧୪ ରନରେ ଇଂଲଣ୍ଡକୁ ହରାଇଥିଲା। ଅନ୍ୟପଟେ ଶ୍ରୀଲଙ୍କା ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୩୪ ରନରେ ହରାଇଥିଲା।

### ବର୍ଷା ଯୋଗୁ ମ୍ୟାଚ୍ ବାତିଲ

# ଆଫଗାନିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ଫେଭରାଇଟ୍

ଟନ୍‌ଟନ, ୭।୬(ଏଏଫ୍‌ପି)

ବିଶ୍ୱକପ୍‌ରେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମୁହାଁମୁହିଁ ହେବେ। ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଆଫଗାନିସ୍ତାନର ସ୍ପିନରଙ୍କର ସଫଳ ମୁକାବିଲା କରିବାକୁ ନ୍ୟୁଜିଲାଣ୍ଡ ପ୍ରସ୍ତୁତ ଅଛି ବୋଲି ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର କହିଛନ୍ତି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଅତି ସହଜରେ ୧୦ ଉଇକେଟରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବାଂଲାଦେଶକୁ ବୁଧବାର ୨ ଉଇକେଟ ହରାଇଥିଲା। ତେଣୁ ବିଜୟଧାର ବଜାୟ ରଖି ନ୍ୟୁଜିଲାଣ୍ଡ ଆଫଗାନିସ୍ତାନକୁ ହରାଇ ହ୍ୟାଟ୍ରିକ ଅର୍ଜନ କରିବା ଲକ୍ଷ୍ୟରେ ରହିଛି। ବାଂଲାଦେଶ ବିପକ୍ଷରେ ଟେଲର ୮୨ ରନର ଉପଯୋଗୀ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲା। ୨୦୧୫ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ନ୍ୟୁଜାଲାଣ୍ଡ ଦଳରେ କେତେଜଣ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି। ତେବେ ସ୍ପିନ୍ ବିପକ୍ଷରେ ଭଲ ଖେଳିଲେ ନ୍ୟୁଜିଲାଣ୍ଡ ଆଫଗାନିସ୍ତାନକୁ ହରାଇ ପାରିବ ବୋଲି ଟେଲର କହିଛନ୍ତି। ଆଫଗାନିସ୍ତାନ ଦଳରେ କେତେଜଣ କ୍ୱାଲିଟି ସ୍ପିନର ରହିଛନ୍ତି ଓ ଗତ ୪ଟି ଦିନିକିଆରେ ୩ଥର ୪୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଟେଲର କହିଛନ୍ତି। ଦୁଇଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଦୁଇଟିରେ ବିଜୟୀ ହୋଇ ଭଲ ସ୍ଥିତିରେ ରହିଛି। ଟେଲରଙ୍କ ସମେତ ଅଧିନାୟକ କେନ୍ ୱିଲିୟମସନ ଜବରଦସ୍ତ ଫର୍ମରେ ରହିଛନ୍ତି। ବାଂଲାଦେଶ ବିପକ୍ଷରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୦୫ ରନର ଭାଗୀଦାରି ସ୍ଥାପନ କରିଥିଲେ। ମ୍ୟାଟ ହେନେରୀଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଦମ୍‌ଦେଖାଇବାରେ ସଫଳ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ହେନେରୀ ୪ ଉଇକେଟ ଅକ୍ତିଆର କରିଥିଲେ। ଦୁଇଟି ମ୍ୟାଚ୍‌ରୁ ସେ ଏପର୍ଯ୍ୟନ୍ତ ୭ଟି ଉଇକେଟ ହାସଲ କରିଛନ୍ତି। ହେନେରୀଙ୍କୁ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି। ଉଭୟ ଘଣ୍ଟାପ୍ରତି ୯୬ ମାଇଲ ବେଗରେ ବଲ୍ ପକାଉଛନ୍ତି। ଟୁର୍ନାମେଣ୍ଟରେ ଫର୍ଗୁସନ ଦଳ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଟେଲର କହିଛନ୍ତି।

## ଗୋପାଳସ୍ୱାମୀ ବିସିସିଆଇ ନିର୍ବାଚନ ଅଧିକାରୀ

ମୁମ୍ବାଇ,୭।୬(ପି.ଟି.)

ଆସନ୍ତା ଅକ୍ଟୋବର ୨୨ ତାରିଖରେ ଆୟୋଜନ ହେବାକୁଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ପାଇଁ ପ୍ରାକ୍ ପସ୍ତୁତି ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏନ୍. ଗୋପାଳସ୍ୱାମୀ ଏହି ହାଇପ୍ରୋଫାଇଲ ନିର୍ବାଚନର ସୁପରିଚାଳନା ତଥା ତଦାରଖ ପାଇଁ ଇଲେକ୍ଟୋରାଲ ଅଫିସର ବା ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଉପଦେଶ କ୍ରମେ ମାନ୍ୟବର ସୁପ୍ରିମକୋର୍ଟ ଏକ କମିଟ ଅଫ୍ ଆଡମିନିଷ୍ଟ୍ରେଟର ନିଯୁକ୍ତି କରିଛନ୍ତି। ଏହି କ୍ରମରେ ଗୋପାଳସ୍ୱାମୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି।

ମୁମ୍ବାଇସ୍ଥିତ ବିସିସିଆଇ ହେଡ୍‌କ୍ୱାର୍ଟରରେ ଗୋପାଳସ୍ୱାମୀ କାର୍ଯ୍ୟକରିବା ସହିତ ନିର୍ବାଚନ ତଦାରଖ କରିବେ। ପ୍ରଶାସକ କମିଟି (ସିଓଏ) ଗତମାସ ଅକ୍ଟୋବର ୨୨ ତାରିଖରେ ବହୁପ୍ରତିକ୍ଷୀତ ବିସିସିଆଇ ନିର୍ବାଚନ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲା।

# ଗ୍ଲୋଭ୍ସରୁ ବିବାଦୀୟ ଚିହ୍ନକୁ ହଟାଇବେ ଧୋନୀ



ଲଣ୍ଡନ/ମୁମ୍ବାଇ, ୭।୬ (ପି.ଟି.)

ଭାରତୀୟ ଭେଟେରାନ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ଚଳିତ ବିଶ୍ୱକପ୍‌ରେ ତାଙ୍କ ବିବାଦୀୟ କିପିଂ ଗ୍ଲୋଭ୍ସ ବ୍ୟବହାର କରିପାରିବେ ନାହିଁ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଏ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଧୋନୀଙ୍କ ଗ୍ଲୋଭ୍ସରେ ସ୍ଥାନ ପାଇଥିବା ଚିହ୍ନଟି ବଳିଦାନ ଅବା ଆର୍ମିରେ କୌଣସି ଏକ ପଦବୀର ପ୍ରତୀକ ସଦୃଶ ବୋଲି କୁହାଯାଉଛି। କିନ୍ତୁ ଏହା ମିଲିଟାରି ସିମ୍ବଲ ନୁହେଁ ବୋଲି ଦର୍ଶାଇ ଧୋନୀଙ୍କୁ ତାଙ୍କର ଏହି ଗ୍ଲୋଭ୍ସ ବ୍ୟବହାର ଲାଗି ଅନୁମତି ଦେବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଇସିସିକୁ ଅନୁରୋଧ କରିଥିଲା। ମାତ୍ର ବିଶ୍ୱ କ୍ରିକେଟ ପରିଚାଳନା ସଂସ୍ଥା ପ୍ରତ୍ୟାଖ୍ୟାନ କରିଦେଇଛି। ଜଣେ କ୍ରିକେଟର କୌଣସି ଆଇସିସି ଇଭେଣ୍ଟରେ ତାଙ୍କ ପୋଷାକ କିମ୍ବା ଖେଳ ଉପକରଣରେ ବ୍ୟକ୍ତିଗତ ବାର୍ତ୍ତା ଅବା ଲୋଗୋ ସ୍ଥାନିତ କରିପାରିବେ ନାହିଁ। ସୂଚନାଯୋଗ୍ୟ, ଧୋନୀଙ୍କୁ ଟେରିଟୋରିଆଲ ଆର୍ମି ପାରାଚୁଟ ରେଜିମେଣ୍ଟର ଅବୈତନିକ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ସମ୍ମାନିତ କରାଯାଇଛି। ଧୋନୀଙ୍କ କିପିଂ ଗ୍ଲୋଭ୍ସରେ ସ୍ଥାନ ପାଇଥିବା ବିବାଦୀୟ ଚିହ୍ନଟି ଏହି ରେଜିମେଣ୍ଟର ସିମ୍ବଲ ସହିତ କିଛିଟା ମେଳ ରହିଛି। ଧୋନୀଙ୍କ ପ୍ରତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁଙ୍କ ସମର୍ଥନ ରହିଛି। ସମସ୍ୟାର ସମାଧାନ ପାଇଁ ସେ ବିସିସିଆଇକୁ କହିଛନ୍ତି।

### ଆଇସିସିର ନିର୍ଦ୍ଦେଶ

### ପାକ୍ ମନ୍ତ୍ରୀଙ୍କ ଟୁଇଟ୍

ଲଣ୍ଡନ,୭।୬- ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଗ୍ଲୋଭ୍ସ ନେଇ ଚର୍ଚ୍ଚା ଜୋର ଧରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଆର୍ମି ପ୍ରତୀକ ବଳିଦାନ ବ୍ୟାଜ୍ ପରିଧାନ କରିବା ପରେ ପାକିସ୍ତାନର ବିଜ୍ଞାନ ଓ ବୈଷୟିକ ବିଭାଗୀୟ ମନ୍ତ୍ରୀ ଫୱାଦ ଆଲାମ ଚୌଧରୀ ଟୁଇଟର ଜରିଆରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଧୋନୀ ତୁମେ ଇଂଲଣ୍ଡକୁ କ୍ରିକେଟ୍ ଖେଳିବାକୁ ଯାଇଛ, ମହାଭାରତ ନୁହେଁ। ଭାରତୀୟ ଗଣମାଧ୍ୟମ ମୂର୍ଖଙ୍କ ଭଳି ଚର୍ଚ୍ଚା କରୁଛି। କେତେକ ଗଣମାଧ୍ୟମକୁ କେବଳ ଯୁଦ୍ଧ ଦରକାର। ସେମାନଙ୍କୁ ସିରିୟା କିମ୍ବା ଆଫଗାନିସ୍ତାନ ପଠାଇଦେବା ଉଚିତ ବୋଲି ଫୱାଦ ଟୁଇଟ୍‌ରେ ଲେଖିଛନ୍ତି।

## ଦ୍ୱାଦଶ ଅନ୍ତର୍ଜାତୀୟ କିଟ୍ ଚେସ୍ ମହୋତ୍ସବ ଉଦ୍‌ଯାପିତ

# ଇତୁରିଜାଗା ବୋନେଲି ଚାମ୍ପିୟନ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

ଦ୍ୱାଦଶ ଅନ୍ତର୍ଜାତୀୟ କିଟ୍ ଚେସ୍ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଭେନେଜୁଏଲା ଗ୍ରାଣ୍ଡମାଷ୍ଟର ଇତୁରିଜାଗା ବୋନେଲି ଏଡୁଆର୍ଡୋ (୮ ପଏଣ୍ଟ) 'ଏ' କାଟେଗୋରୀରେ ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ସମାନ ୮ ପଏଣ୍ଟ ପାଇଥିଲେ ହେଁ ୟୁକ୍ରେନ୍ ଗ୍ରାଣ୍ଡ ମାଷ୍ଟର ନେଭେରୋଭ ଭାଲେରି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇ ଟ୍ରଫି ସହ ୧ ଲକ୍ଷ ଟଙ୍କା ଓ ଆର୍ମେନିଆର ତର-ସାହାକ୍ୟାନ୍ ସାମଭେଲ୍ ୩ୟ ସ୍ଥାନ ହାସଲ କରି ଟ୍ରଫି ସହ ନଗଦ ୮୦ ହଜାର ଟଙ୍କା ଅର୍ଥ ରାଶି ଲାଭ କରିଛନ୍ତି। 'ସି' କ୍ୟାଟେଗୋରୀରେ ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଓଡ଼ିଶାର ବିଶାଳ ପଟ୍ଟନାୟକ (୮.୫ ପଏଣ୍ଟ) ଚାମ୍ପିୟନ୍ ହୋଇଥିବା ବେଳେ ତାଙ୍କୁ ଟ୍ରଫି ସହ ନଗଦ ୬୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ସେହିପରି ମିରାକ୍‌ଲ ପଣ୍ଡା (୮) ରନର୍ସ ଅପ୍ ହୋଇ ଟ୍ରଫି ସହ ୪୦ ହଜାର ଟଙ୍କା ଓ ଦିଲ୍ଲୀର ସତ୍ୟମ୍ ପ୍ରକାଶ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ସହ ୩୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବାଣିଜ୍ୟ ଓ ପରିବହନ, ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ସର୍ବଭାରତୀୟ ଚେସ୍ ଫେଡେରେଶନ୍‌ର ଉପସଭାପତି ଶେଖର ସାହୁ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍‌ର ସମ୍ପାଦକ ଦେବବ୍ରତ ଭଞ୍ଜ ଏବଂ ଉପସଭାପତି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମେ ୩୧ରୁ ଜୁନ୍ ୭ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୨୦ଟି ଦେଶରୁ ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାଣ୍ଡମାଷ୍ଟର, ଇଣ୍ଟରନ୍ୟାଶନାଲ ମାଷ୍ଟର, ମହିଳା ଗ୍ରାଣ୍ଡ ମାଷ୍ଟର ଏବଂ ମହିଳା ଇଣ୍ଟରନ୍ୟାଶନାଲ ମାଷ୍ଟର୍ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବର୍ଗରେ କୃତୀ ଖେଳାଳିମାନଙ୍କୁ ମୋଟ ୨୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସଫଳ ଖେଳାଳିମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରଥମ ତିନି ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ପୁରସ୍କାର ସହ।

### କାଟେଗୋରୀ 'ସି'ରେ ଓଡ଼ିଶା ଖେଳାଳିଙ୍କ ବାଜିମାତ୍

## ଭାରତୀୟ ସିପକ୍‌ଟାକ୍ର ଦଳରେ ୨ ଓଡ଼ିଆ

କଟକ ଅଫିସ,୭।୬

ଚାଇନାର କୁମିଂଠାରେ ଜୁନ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଏସିଆନ ସିପକଟାକ୍ର ଚାମ୍ପିୟନଶିପ୍ ଖେଳାଯିବ। ଭାରତୀୟ ମହିଳା ଦଳରେ ୨ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମଧୁସ୍ମିତା ବେହେରା ଓ ଇତିଶ୍ରୀ ସାମଲ। ଓଡ଼ିଶା ସିପକଟାକ୍ର ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆଡାମ୍ ଜାମ୍ପାଙ୍କୁ ଭର୍ତ୍ସନା

ନଟିଂହାମ,୭।୬(ପିଟି)

ଅଷ୍ଟ୍ରେଲିଆନ ଲେଗ୍ ସ୍ପିନର ଆଡାମ୍ ଜାମ୍ପାଙ୍କୁ ଆଇସିସି ପକ୍ଷରୁ ଭର୍ତ୍ସନା କରାଯାଇଛି। ଏଥିସହ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିବା ପାଇଁ ତାଙ୍କୁ ଏକ ନେଗେଟିଭ ପଏଣ୍ଟ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରତିପକ୍ଷ ଖେଳାଳିଙ୍କୁ ଗାଳି ଦେଇଥିବା ଶୁଣିବାକୁ ମିଳିଥିଲା। ଏହି ଘଟଣା ୨୯ତମ ଓଭରରେ ୱେଷ୍ଟଇଣ୍ଡିଜ ଦଳ ବ୍ୟାଟିଂ କରୁଥିବାବେଳେ ଘଟିଥିଲା। ସେ ଯେଉଁ ଗାଳି ଦେଇଥିଲେ, ତାହା ଫିଲ୍ଡ ଅମ୍ପାୟର ଶୁଣିଥିଲେ। ମ୍ୟାଚ୍ ପରେ ସେ ଦୋଷ ସ୍ୱୀକାର କରି ନେଇଛନ୍ତି।

# ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ ଆରମ୍ଭ

କଟକ ଅଫିସ, ୭।୬

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକର ବାରବାଟୀ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ୪-୧ ଗୋଲରେ ହରିୟାଣାକୁ, ମହାରାଷ୍ଟ୍ର ୫-୧ ଗୋଲରେ ତେଲେଙ୍ଗାନାକୁ ଓ ତାମିଲନାଡୁ ୬-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶା ଗ୍ରୁପ-'ଇ'ରେ ସ୍ଥାନ ପାଇଛି। ଶନିବାର ଉତ୍ତରାଖଣ୍ଡ ବିପକ୍ଷରେ ଓଡ଼ିଶା ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଉପସଭାପତ ବଳରାମ କର, ଡ୍ରିମ୍ସର କ୍ରୀଡ଼ା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଅନଙ୍ଗ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଖେଳାଳିମାନେ।

## କଳିଙ୍ଗ କର୍ଣ୍ଣର

### ଜେଣ୍ଡାନାଙ୍କ ୧୦୦ତମ ମ୍ୟାଚ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଶୁକ୍ରବାର କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଜାପାନର ହିରୋତକା ଜେଣ୍ଡାନା। କେବଳ ସେତିକି ନୁହେଁ ନିଜର ଏହି ମାଇଲଖୁଣ୍ଟ ମ୍ୟାଚକୁ ସ୍ମରଣୀୟ କରିଛନ୍ତି ଜେଣ୍ଡାନା। ୨୨ ନମ୍ବର ଜର୍ସି ପରିହିତ ଜେଣ୍ଡାନା ମେକ୍ସିକୋ ବିପକ୍ଷରେ ବ୍ୟକ୍ତିଗତ ୨ଟି ଗୋଲ ଦେବାସହ ଜାପାନକୁ ୩-୧ ଗୋଲରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୨ଟି ଯାକ ଗୋଲ ସେ ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ।



ଗୋଲ ସ୍କୋର ପରେ ମନପ୍ରୀତ ସିଂ

**ଏଫଆଇଏଚ୍ ସିରିଜ ଫାଇନାଲ୍ସ**
**(ଆଜିର ମ୍ୟାଚ୍)**
**ଆମେରିକା ବନାମ ମେକ୍ସିକୋ**
**(ଅପରାହ୍ନ ୫ଟା)**
**ଜାପାନ ବନାମ ଦକ୍ଷିଣ ଆଫ୍ରିକା**
**(ରାତି ୭ଟା)**

# ପୋଲାଣ୍ଡକୁ ହରାଇ ଭାରତ ସେମିଫାଇନାଲ ନିକଟତର

ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲର ନିକଟତର ହୋଇଛି। ପ୍ରଥମ ମ୍ୟାଚରେ ମନପ୍ରୀତ ସିଂଙ୍କ ଦଳ ୧୦-୦ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ପୁଲ୍'ଏ'ରେ ୬ ପଏଣ୍ଟ ସହିତ ଭାରତ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ପୋଲାଣ୍ଡ ଓ ରୁଷିଆ ୨ଟି ଲେଖାଏ ମ୍ୟାଚ ଖେଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଭାରତ ୧୦ ତାରିଖରେ ଏହାର ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନକୁ ଭେଟିବ। ୯ ତାରିଖରେ ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ପରେ ପୁଲ୍'ଏ'ର ସେମିଫାଇନାଲ ସ୍ଥିତି ସ୍ପଷ୍ଟ ହୋଇଯିବ। ଡବଲ ଗୋଲ ଦେଇ ଭାରତ ବିପକ୍ଷରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସାମାଜିକ ସୁରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଆରମ୍ଭରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମ୍ୟାଚ ଆରମ୍ଭ ହେବାକ୍ଷଣି ଆକ୍ରମଣାତ୍ମକ ଖେଳି ଭାରତ ଉପରେ ଚାପ ପକାଇଥିଲା ପୋଲାଣ୍ଡ। ଫଳରେ ପ୍ରଥମ ମିନିଟରେ ହିଁ ଦଳ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ତେବେ ଗୋଲ ଦେବାରେ ଦଳ ସଫଳ ହୋଇ ନ ଥିଲା। ବିଶ୍ୱର ୫(ଭାରତ) ଓ ୨୧(ପୋଲାଣ୍ଡ) ର‍୍ୟାଙ୍କଧାରୀ ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟରରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଆକ୍ରମଣକୁ ଜୋରଦାର କରିଥିଲେ। ୨୦ ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଓଡ଼ିଆ ଖେଳାଳି ଅମିତ ରୋହିଦାସ ମାରିଥିବା ଶଟ୍‌କୁ ପୋଲାଣ୍ଡ ଡିଫେଣ୍ଡର ଅଟକାଇ ଦେବାରେ ସକ୍ଷମ ହୋଇଥିଲେ। ଏହାର ୧ ମିନିଟ ପରେ ଭାରତକୁ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ୨୧ତମ ମିନିଟରେ ଅଧିନାୟକ ମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରି ଘରୋଇ ଦଳକୁ ଅଗ୍ରଣୀ ଦେଇଥିଲେ। ୨୩ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ଣ୍ଣର ମିସ୍ କରିଥିଲା। ୨୫ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା ପୋଲାଣ୍ଡ। ୨୫ତମ ମିନିଟରେ ମାଟେଉଜ୍ ହୁଲ୍‌ବୋଜ୍ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଏହାର ୧ ମିନିଟ ପରେ ଭାରତ ପୁଣି ଅଗ୍ରଣୀ ହାସଲ କରିଥିଲା। ପୋଲାଣ୍ଡ 'ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ମନପ୍ରୀତ ସିମରନଜିତ ସିଂଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ସିମରନଜିତ ଗୋଲ ଦେବାର ସୁଯୋଗ ନ ପାଇବାରୁ ବଲ୍‌କୁ ପୁଣି ମନପ୍ରୀତଙ୍କ ନିକଟକୁ ପାସ୍ ଦେଇଥିଲେ। ମନପ୍ରୀତ ତତ୍‌କ୍ଷଣାତ ଏହାକୁ ପୋଲାଣ୍ଡ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭାରତର ଆକ୍ରମଣାତ୍ମକ ରଣନୀତି ଅପରିବର୍ତ୍ତିତ ରହିଥିଲା। ୩୬ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଚମତ୍କାର ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ଜୋରଦାର ଉଦ୍ୟମ କରିଥିଲା। ୪୦ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିଲା। ଅବଶିଷ୍ଟ ୨୦ ମିନିଟ ଖେଳ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲେ। ରେଫରିଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ଭାରତୀୟ ଖେଳାଳିମାନେ ପଡ଼ିଆ ଚତୁର୍ଦ୍ଦିଗ ପରିକ୍ରମା କରି ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ।

# ଜେଣ୍ଡାନାଙ୍କ ଡବଲରେ ଜାପାନ ବିଜୟୀ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଏସୀୟ ଚାମ୍ପିୟନ ଜାପାନ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହି ଦଳ ୩-୧ ଗୋଲରେ ମେକ୍ସିକୋକୁ ପରାସ୍ତ କରିଛି। ଯୁବ ମେକ୍ସିକୋ ଦଳ ଭଲ ଖେଳିଥିଲେ ହେଁ ଜାପାନର ପ୍ରଦର୍ଶନ ଆଗରେ ହାର ମାନିଥିଲା। ବିଜୟ ଫଳରେ ଜାପାନ ୩ ପଏଣ୍ଟ ହାସଲ କରିଛି। ଡବଲ ଗୋଲ ସ୍କୋର କରି ଜାପାନ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜେଣ୍ଡାନା ଏଠାରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ। କ୍ରୀଡ଼ା ସଚିବ ବିଶାଲ ଦେବ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ର‍୍ୟାଙ୍କିଂରେ ୧୮ ତମ ସ୍ଥାନରେ ଥିବା ଜାପାନ ବିପକ୍ଷରେ ୩୯ତମ ର‍୍ୟାଙ୍କ୍ ଦଳ ମେକ୍ସିକୋ ଆରମ୍ଭରୁ ଗୋଲ ଦେଇ ଚାପ ପକାଇବାରେ ସକ୍ଷମ ହୋଇଥିଲା। ମ୍ୟାଚର ୩ୟ ମିନିଟରେ ଏରିକ୍ ହର୍ନାଣ୍ଡେଜ୍ ଏକ ଫିଲ୍ଡ ଗୋଲ ଦେଇ ମେକ୍ସିକୋକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ଟିକି ନ ଥିଲା। ଏହାର ଅଳ୍ପକିଛି ସେକେଣ୍ଡ ବ୍ୟବଧାନରେ ଅର୍ଥାତ୍ ସେହି ୩ୟ ମିନିଟରେ ଜାପାନର ହିରୋତକା ଜେଣ୍ଡାନା ପେନାଲ୍ଟି କର୍ଣ୍ଣରରୁ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଜାପାନ କ୍ରମେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚର ୨୧ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଶୋତା ୟାମାଦା ଏହାକୁ ଗୋଲରେ ପରିଣତ କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜାପାନ ୨-୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ଜାପାନକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ହିରୋତକା ଜେଣ୍ଡାନା ଗୋଲରେ ପରିଣତ କରିବାରୁ ଜାପାନର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ମ୍ୟାଚରେ ଜେଣ୍ଡାନାଙ୍କର ଏହାଥିଲା ଦ୍ୱିତୀୟ ଗୋଲ। ଏହାପରେ କିନ୍ତୁ ଜାପାନକୁ କଡ଼ା ଟକ୍କର ଦେଇଥିଲା ମେକ୍ସିକୋ। ଜାପାନ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ମେକ୍ସିକୋ ଡିଫେଣ୍ଡର ଓ ଗୋଲକିପର ଜୋସ ହେର୍ନାଣ୍ଡେଜ ଚମତ୍କାର ପ୍ରଦର୍ଶନ କରି ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଶନିବାର ଜାପାନ ଏହାର ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ବିପକ୍ଷରେ ମେକ୍ସିକୋ ଖେଳିବ।

# କଳିଙ୍ଗରେ ଗୋଲ ରେକର୍ଡ

**ରୁଷିଆ ୧୨, ଉଜ୍‌ବେକିସ୍ତାନ ୧**

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଗୋଲ ବର୍ଷା ଜାରି ରହିଛି। ଗୁରୁବାର ଭାରତ ୧୦-୦ ଗୋଲରେ ରୁଷିଆକୁ ହରାଇଥିବାବେଳେ ଶୁକ୍ରବାର ରୁଷିଆ ୧୨-୧ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ଭାରତ ନିକଟରୁ ଶୋଚନୀୟ ପରାଜୟ ବରଣ କରିଥିବା ରୁଷିଆ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ରୁଷିଆ ପକ୍ଷରୁ ଏକାକୀ ୫ ଗୋଲ ଦେଇଥିବା ୯ ନମ୍ବର ଜର୍ସି ପରିହିତ ସିମେନ ମାଟ୍‌କୋଭସ୍କି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ମ୍ୟାଚ ଆରମ୍ଭରେ ଆଜିର ଅତିଥି ଥିଲେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ। କଳିଙ୍ଗ ଷ୍ଟାଡିୟମରେ କୌଣସି ଅନ୍ତର୍ଜାତୀୟ ହକି ମ୍ୟାଚରେ ୧୩ ଗୋଲ ହେବା ଏକ ରେକର୍ଡ। ପୂର୍ବରୁ ୨୦୧୮ ହକି ବିଶ୍ୱକପ ଅବସରରେ ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧-୦ ଗୋଲରେ ବିଜୟୀ ହୋଇଥିଲା। ତେବେ ବିଜୟ ଗୋଲ ବ୍ୟବଧାନରେ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି ରୁଷିଆ। କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଥିବାରୁ ଉଜ୍‌ବେକିସ୍ତାନର ଆଗକୁ ବଢ଼ିବା ସମ୍ଭାବନା ଏକପ୍ରକାର ଶେଷ ହୋଇ ଯାଇଛି। ପ୍ରଥମ ମ୍ୟାଚରେ ଏହି ଦଳ ୦-୪ ଗୋଲରେ ପୋଲାଣ୍ଡଠାରୁ ହାରିଥିଲା।

ପୁଲ୍-ଏର ଏହି ମ୍ୟାଚରେ ବିଶ୍ୱର ୪୩ତମ ର‍୍ୟାଙ୍କ୍‌ପ୍ରାପ୍ତ ଉଜ୍‌ବେକିସ୍ତାନ ୨୨ ନମ୍ବର ରୁଷିଆ ବିପକ୍ଷରେ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସିମେନ ୧୩(ପେନାଲ୍ଟି କର୍ଣ୍ଣର), ୧୭(ପେନାଲ୍ଟି ଷ୍ଟ୍ରୋକ୍), ୨୬(ପେନାଲ୍ଟି କର୍ଣ୍ଣର), ୪୪(ପେନାଲ୍ଟି କର୍ଣ୍ଣର) ଓ ୪୮(ପେନାଲ୍ଟି କର୍ଣ୍ଣର) ତମ ମିନିଟରେ ୫ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୧ ନମ୍ବର ଜର୍ସିଧାରୀ ଆଲେକ୍‌ଜାଣ୍ଡର ସ୍କିପରସ୍କି ୧୫ ଓ ୨୨(ଉଭୟ ଫିଲ୍ଡ ଗୋଲ)ତମ ମିନିଟରେ ୨ଟି, ସର୍ଗି ଲିପେସ୍କିନ ୧୯(ଫିଲ୍ଡ), ଆଲେକ୍ସି ସୋବୋଲେଭସ୍କି ୨୨(ଫିଲ୍ଡ), ମିଖାଇଲ ପ୍ରୋସ୍କୁରିଆକୋଭ ୩୬(ଫିଲ୍ଡ), ମାରଟ ଖଇରୁଲିନ ୪୦(ଫିଲ୍ଡ) ଓ ଡେନିସ ଷ୍ଟାରିଏଙ୍କୋ ୫୯(ଫିଲ୍ଡ)ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଜ୍‌ବେକିସ୍ତାନ ପକ୍ଷରୁ ଖାକିମବୟ ଖାକିମୋଭ ୨୯ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୯ ତାରିଖରେ ରୁଷିଆ ଏହାର ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ଭେଟିବ। ୧୦ ତାରିଖରେ ଉଜ୍‌ବେକିସ୍ତାନ ଏହାର ଅନ୍ତିମ ଲିଗ୍ ମ୍ୟାଚ ଭାରତ ବିପକ୍ଷରେ ଖେଳିବ।



ଗୋଲ ଦେବା ପରେ ରୁଷିଆ ଖେଳାଳିମାନେ ଖୁସି ମନାଉଛନ୍ତି।

# ଦ୍ୱିତୀୟ ଗୋଲ ଅଧିକ ଖୁସି ଦେଇଥିଲା

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

"ପୋଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଗୋଲ ସ୍କୋର କରିବାପରେ ମୁଁ ଅଧିକ ଖୁସି ହୋଇଥିଲି। କାରଣ ସେତେବେଳେ ମ୍ୟାଚ ୧-୧ ସ୍ଥିତିରେ ଥିଲା। ସବୁବେଳେ ମୁଁ ଆମ ପ୍ରଦର୍ଶନ ସ୍ତର ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛି। ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମୋତେ ଖୁସି କରିଥିଲା। ସାଥୀ ଖେଳାଳିଙ୍କ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇଛି" ବୋଲି କହିଛନ୍ତି ଭାରତୀୟ ଅଧିନାୟକ ମନପ୍ରୀତ ସିଂ।

## ମ୍ୟାଚ କଷ୍ଟସାଧ୍ୟ ଥିଲା

"ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ତେଣୁ ସ୍ୱାଭାବିକ ଭାବେ ଏହି ମ୍ୟାଚଟି କଷ୍ଟସାଧ୍ୟ ଥିଲା। ଆମେ ପରାସ୍ତ ହୋଇଥିଲେ ହେଁ ଖେଳାଳିଙ୍କ ପ୍ରଦର୍ଶନରେ ମୁଁ ବହୁତ ଖୁସି। ଆମେ କଠିନ ପରିଶ୍ରମ କରିଥିବାରୁ ଗୋଟିଏ ଗୋଲ ଦେଇ ପାରିଲୁ। ଏହି ମ୍ୟାଚରୁ ଆମେ ଅନେକ କିଛି ଶିଖିଛୁ। ମୋ ଦଳ ପାଇଁ ମୁଁ ଗର୍ବିତ" ବୋଲି କହିଛନ୍ତି ପୋଲାଣ୍ଡ ଖେଳାଳି ପିଟର କୋଜଲୋଓସ୍କି।

# ବିଶ୍ୱକପ୍‌ରୁ ଶେହଜାଦ ଆଉଟ୍

ଲଣ୍ଡନ,୭।୬

ଆଫଗାନିସ୍ତାନର ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶେହଜାଦ୍ ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ସ୍ପଷ୍ଟ ହୋଇଛି। ତାଙ୍କ ବଦଳରେ ବାମହାତୀ ଉଇକେଟ କିପର ଇକ୍ରାମ ଅଲି ଖିଲଙ୍କୁ ଦଳରେ ସାମିଲ କରାଯାଇଛି। ପାକିସ୍ତାନ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଶେହଜାଦ୍ ଆହତ ହୋଇଥିଲେ। ଏହା ସତ୍ତ୍ୱେ ସେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ। ଏଣୁ ସମସ୍ୟା ବୃଦ୍ଧି ପାଇବାରୁ ସେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ଓପନର ଅଷ୍ଟ୍ରେଲିଆ ବିପକ୍ଷରେ ଖାତା ଖୋଲିପାରି ନ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କେବଳ ୭ ରନ୍ କରିଥିଲେ। ଉଭୟ ମ୍ୟାଚ୍‌ରେ ଆଫଗାନିସ୍ତାନ ପରାସ୍ତ ହୋଇଥିଲା। ଖିଲ ଚଳିତ ବର୍ଷ ଆୟର୍ଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରେ ଏ ପର୍ଯ୍ୟନ୍ତ ୨ ମ୍ୟାଚ୍ ଖେଳିଛନ୍ତି।

# ଫେଡରରଙ୍କୁ ହରାଇଲେ ନାଡାଲ

ପ୍ୟାରିସ, ୭।୬

ଗତଥରର ଚାମ୍ପିୟନ ସ୍ପେନର ରାଫାଲ ନାଡାଲ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଏଠାରେ ସେ ତାଙ୍କ ଦ୍ୱାଦଶ ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ରୋଜର ଫେଡରରଙ୍କୁ ୬-୩, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରବଳ ବାୟୁ ପ୍ରବାହ ଯୋଗୁ ଦୁଇ ଶକ୍ତିଶାଳୀ ଖେଳାଳିଙ୍କଠାରୁ ଯେଉଁ ଖେଳ ଆଶା କରାଯାଉଥିଲା ତାହା ଦେଖିବାକୁ ମିଳି ନ ଥିଲା। ନାଡାଲ ବର୍ତ୍ତମାନ ରବିବାର ଫାଇନାଲରେ ନୋଭାକ ଜୋକୋଭିଚ୍ କିମ୍ବା ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ଭେଟିବେ। ଜୋକୋଭିଚ୍ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିରଳ କୃତୀତ୍ୱ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ଫାଇନାଲରେ କାନାଡାର ଗାବ୍ରିଏଲ ଡାବ୍ରୋସ୍କି ଓ କ୍ରୋଏସିଆର ମେଟ୍ ପ୍ୟାଭିକଙ୍କୁ ପରାସ୍ତ କରିବା ପରେ ଫ୍ରେଞ୍ଚ ଓପନ ଟେନିସ ମିକ୍ସଡ ଡବଲ୍ସ ଟ୍ରଫି ସହ ତାଇୱାନର ଚାନ୍ ଲାଟିଶା ଏବଂ କ୍ରୋଏସିଆର ଇଭାନ ଡୋଗିଗ୍।

## ବାର୍ଟି-ଭାଣ୍ଡ୍ରୋସୋଭା ଫାଇନାଲ

ପ୍ୟାରିସ, ୭।୬-ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି ଏବଂ ଚେକ୍ ରିପବ୍ଲିକର ସ୍ୱଳ୍ପ ବୟସ୍କା ମାର୍କେଟା ଭୋଣ୍ଡ୍ରୋସୋଭାଙ୍କ ମଧ୍ୟରେ ହେବ। ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ବାର୍ଟି ଆମେରିକାର ୧୭ ବର୍ଷୀୟା ଆମାଣ୍ଡା ଆନିସିମୋଭାଙ୍କୁ ୬-୭(୪-୭), ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଶନିବାର ଖେଳାଯିବାକୁ ଥିବା ଏହି ମ୍ୟାଚରେ ୨୩ ବର୍ଷୀୟ ବାର୍ଟି ଚେକ୍ ଖେଳାଳି ଭେଣ୍ଡ୍ରୋସୋଭାଙ୍କୁ ଭେଟିବେ। ଭୋଣ୍ଡ୍ରୋସୋଭା ଅନ୍ୟ ସେମିଫାଇନାଲରେ ଜୋହାନ କୋଣ୍ଟାଙ୍କୁ ୭-୫, ୭-୬ (୭-୨)ରେ ହରାଇ ଦେଇଛନ୍ତି। ୨୮ବର୍ଷୀୟ ବ୍ରିଟିଶ ଖେଳାଳି କୋଣ୍ଟା ପ୍ରଥମ ୩ ସେଟ୍ ପଏଣ୍ଟ କନଭର୍ଟ କରିବାରେ ବିଫଳ ହେବାରୁ ଏହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ଭୋଣ୍ଡ୍ରୋସୋଭା ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ୨୦୦୭ରେ ସର୍ବିୟାର ଆନା ଇଭାନୋଭିଚ୍‌ଙ୍କ ପରେ ସ୍ୱଳ୍ପ ବୟସ୍କା ଖେଳାଳି ହିସାବରେ ରୋଲାଣ୍ଡ ଗ୍ୟାରୋସଠାରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

## ଅତିଥି କର୍ଣ୍ଣର



ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂଙ୍କ ସହିତ ହାତ ମିଳାଉଛନ୍ତି ପୋଲିସ କମିଶନର ସତ୍ୟଜିତ ମହାନ୍ତି।





କ୍ରୀଡ଼ା ସଚିବ ବିଶାଲ ଦେବଙ୍କଠାରୁ ଜାପାନର ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।



ରୁଷିଆ-ଉଜ୍‌ବେକିସ୍ତାନ ମ୍ୟାଚ୍‌ର ଅନ୍ୟତମ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୧୯ Bhubaneswar, Saturday, June 8/2019

### କେଶରୀନଗର ବସ୍ତିରେ ଦୁଃଖଦ ଘଟଣା

# କାନ୍ଥ ଭୁଶୁଡ଼ି ୨ ଭଉଣୀ ମୃତ

■ ବାତ୍ୟା ପରଠୁ ଅଧାଭଙ୍ଗା ଅବସ୍ଥାରେ ଥିଲା ଘର

■ କ୍ଷତିପୂରଣ ଦାବିରେ ବସ୍ତିବାସିନ୍ଦାଙ୍କ ଧାରଣା

■ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ଖାରବେଳନଗର ଥାନା ଅଧୀନ ୟୁନିଟ୍-୫ କେଶରୀନଗର ବସ୍ତିରେ ଏକ ଦୁଃଖଦ ଘଟଣା ଘଟିଛି। ଗୋଟିଏ ଆଜବେଷ୍ଟସ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ ନାବାଳିକା ଭଉଣୀଙ୍କ ଜୀବନ ଯାଇଛି। ସେମାନେ ହେଲେ ତୁଳସୀ କାଣ୍ଡି ଏବଂ ଲଗ୍ନା କାଣ୍ଡି। ଦୁହିଁଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ବସ୍ତିବାସିନ୍ଦା ସ୍ଥାନୀୟ ଜଳ ଓ ପରିମଳ ଅଫିସ ନିକଟ ରାସ୍ତାରେ ଧାରଣା ଦେବା ସହ ଏକାଠି ହୋଇ ହୋ ହଲ୍ଲା କରିଥିଲେ। ଫଳରେ କିଛି ସମୟ ଲାଗି ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନର ଅବହେଳାରୁ ଏଭଳି ଘଟଣା ଘଟି ନାବାଳିକା ଦ୍ୱୟଙ୍କ ଜୀବନ ଗଲା ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ, ତୁଳସୀ ଓ ଲଗ୍ନା ଦୁଇ ଭଉଣୀ। ଦୁହେଁ ପରିବାର ସହ କେଶରୀନଗର ବସ୍ତିରେ ଏକ ଆଜବେଷ୍ଟସ ଘରେ ରହୁଥିଲେ। ତାଙ୍କ ଘର ବାତ୍ୟା ଫନୀରେ ଅଧା ଭାଙ୍ଗି ଯାଇଥିଲା। ଘରର କାନ୍ଥ ଫାଟି ଆଁ କରିଥିବା ବେଳେ ସେମାନେ ବିପଦପୂର୍ଣ୍ଣ ଅବସ୍ଥା ରହୁଥିଲେ। ବୁଧବାର ସକାଳେ ସମସ୍ତେ ଘରେ ଶୋଇଥିବାବେଳେ ହଠାତ୍ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥଟି ଏହି ଦୁଇ ଭଉଣୀଙ୍କ ଉପରେ ପଡ଼ିବାରୁ ଦୁହେଁ ଚିତ୍କାର କରି ଉଠିଥିଲେ। ପରିବାର ଲୋକେ ଓ ପଡୋଶୀ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ଲଗ୍ନାଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ତୁଳସୀଙ୍କର ଜୀବନ ଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କଟକ ବଡ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁଇ ଭଉଣୀଙ୍କ ମୃତଦେହ ବସ୍ତିରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ସେମାନଙ୍କୁ ଘର ଓ ଜରିପାଲ ଯୋଗାଇ ନ ଥିବାରୁ ସେମାନେ ଭଙ୍ଗା ଘରେ ରହୁଛନ୍ତି। ଫଳରେ ଏଭଳି ଘଟଣା ଘଟିଲା ବୋଲି ବସ୍ତିବାସିନ୍ଦା ଅଭିଯୋଗ ଆଣିଥିଲେ। ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ଧାରଣାରେ ବସିଥିଲେ।

# ବାରାଶିଙ୍ଗା, ନୀଳଗାଈ ଅସୁସ୍ଥ

ବାରଙ୍ଗ,୭।୬(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୮ନଂ ଏନକ୍ଲୋଜରରେ ରହୁଥିବା ଏକ ମାଈ ବାରାଶିଙ୍ଗା ଅସୁସ୍ଥ ହୋଇପଡିଛି। ଗତ ୧ସପ୍ତାହ ତଳେ ତା'ର ଅସୁସ୍ଥତା ପରିଲକ୍ଷିତ ହୋଇଥିଲା। ଏନକ୍ଲୋଜର ଭିତରେ ବାରାଶିଙ୍ଗାଟି ବାରମ୍ବାର ହାଲିଆ ହୋଇ ତଳେ ପଡିଯାଉଥିବାର ଦେଖାଯାଇଥିଲା। ଗତ ଦୁଇଦିନ ତଳେ ନନ୍ଦନକାନନର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଛନ୍ତି। ଫିଡିଂ ଚାମ୍ବରରେ ଅନ୍ୟ ଜନ୍ତୁଠାରୁ ଅଲଗା କରାଯାଇ ଚିକିତ୍ସା କରାଯାଉଛି। ଏବେ ନନ୍ଦନକାନନରେ ୧୧ଟି ବାରାଶିଙ୍ଗା ରହିଛନ୍ତି। ସେହିଭଳି ୬୫ନଂ ଏନକ୍ଲୋଜରରେ ଥିବା ୧୮ବର୍ଷ ବୟସ୍କା ମାଈ ନୀଳଗାଈ ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାରରୁ ଅସୁସ୍ଥ ହୋଇଛି। ଏହି ନୀଳଗାଈଟି ଦ୍ୱିତୀୟଥର ଅସୁସ୍ଥ ହୋଇଥିବାବେଳେ ଖାଇବା ମଧ୍ୟ କମାଇ ଦେଇଛି। ସାରା ଶରୀର ରୁଗ୍ଣ ହୋଇଯାଇଛି। ଫଳରେ ଚଲାବୁଲା ନ କରିପାରି ଖାଦ୍ୟଘରେ ପ୍ରାୟ ସମୟ ପଡିରହୁଥିବାର ଜଣାପଡିଥିବାବେଳେ ଏଠାକାର ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଦେଇଛନ୍ତି।

# ଗୋଲଡେନ ଫିଜାଣ୍ଟ, ଭାଓଲେଟ ତୋରାକ ମୃତ

ନରାଜ,୭।୬(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମୁକ୍ତ ବିହଙ୍ଗସାରଣି ଭିତରେ ଶୋଭା ବୃଦ୍ଧି କରୁଥିବା ୨ଟି ବହୁ ମୂଲ୍ୟବାନ ବିଦେଶୀ ପକ୍ଷୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଲଡେନ ଫିଜାଣ୍ଟ ଓ ଅନ୍ୟ ପକ୍ଷୀଟି ହେଲା ଭାଓଲେଟ ତୋରାକ। ଶୁକ୍ରବାର ସକାଳେ ବିହଙ୍ଗସାରଣି ଭିତରେ ଉକ୍ତ ୨ଟି ପକ୍ଷୀ ମରିପଡିଥିବା କର୍ମଚାରୀମାନେ ଦେଖିଥିଲେ। ନନ୍ଦନକାନନରେ ଗୋଲଡେନ ଫିଜାଣ୍ଟ ସଂଖ୍ୟା ୫କୁ ଖସିଥିବାବେଳେ ଭାଓଲେଟ ତୋରାକର ସଂଖ୍ୟା ୩କୁ ଖସିଆସିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

— ଫ୍ରାଙ୍କଲିନ୍



## ସଂକ୍ଷେପରେ

### ରିଏଲ ହିରୋ ବୁଟୁ ବ୍ରିଜ୍‌ରୁ ନଦୀକୁ ଡେଇଁ ମହିଳାଙ୍କ ଜୀବନ ବଞ୍ଚାଇଲେ

**କଟକ ଅଫିସ,୭।୬:** ସିନେମାରେ ବ୍ରିଜ୍ ଉପରୁ ପାଣିକୁ ଡେଇଁ ଲୋକଙ୍କ ଜୀବନ ବଞ୍ଚାଇବା ଘଟଣା ଆମେ ବହୁଥର ଦେଖିଛୁ। ଶୁକ୍ରବାର କଟକରେ ଏଭଳି ଏକ ବାସ୍ତବ ଘଟଣା ଘଟିଛି। ଜଣେ ମହିଳା ଆତ୍ମହତ୍ୟା କରିବାକୁ ମହାନଦୀ ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ପଡିଥିଲେ। ଏହି ସମୟରେ ବ୍ରିଜ୍ ଉପରେ ଥିବା ଜଣେ ଯୁବକ ସଙ୍ଗେ ସଙ୍ଗେ ପାଣିକୁ ଡେଇଁ ତାଙ୍କ ଜୀବନ ବଞ୍ଚାଇ ଥିଲେ। ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କୁ ବଞ୍ଚାଇଥିବା ଯୁବକଙ୍କ ଡାକନାମ ବୁଟୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ସକାଳ ୮ଟାରେ ମହିଳା ଜଣଙ୍କ ବ୍ରିଜ୍ ଉପରୁ ଡେଇଁ ପଡିଥିଲେ। ଏହା ଦେଖି ବୁଟୁ ସଙ୍ଗେ ସଙ୍ଗେ ପାଣିକୁ ଡେଇଁ ପଡିଥିଲେ। ଏହି ସମୟରେ ପାଣିରେ ଗାଧୋଉଥିବା ଅନ୍ୟ କିଛି ଲୋକ ମଧ ସେଠାକୁ ଯାଇ ବୁଟୁଙ୍କୁ ସହଯୋଗ କରିଥିଲେ। ମହିଳାଙ୍କୁ ଉଦ୍ଧାର କରି ନଦୀପଠାକୁ ଅଣାଯାଇଥିଲା। ସେ ଅଧିକ ପାଣି ପିଇ ଦେଇଥିବାରୁ ଚେତା ହରାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ମହିଳାଙ୍କୁ ଉଦ୍ଧାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

### ବାତ୍ୟା ବିପନ୍ନଙ୍କ ତହସିଲଦାରଙ୍କୁ ଦାବିପତ୍ର

**କଟକ ସଦର,୭।୬(ଡି.ଏନ୍.ଏ.):** ସାଲେପୁର ବ୍ଲକ ତରିତୋ ପଞ୍ଚାୟତରେ ବାତ୍ୟା ବିପନ୍ନଙ୍କ ଘରଭଙ୍ଗା ସର୍ଭେ ଠିକ୍ ଭାବେ କରାଯାଇ ନାହିଁ। ପୁନର୍ବାର ସର୍ଭେ ଓ ଆରଆଇଙ୍କ ରିପୋର୍ଟକୁ ଖାରଜ ଦାବିରେ ତରିତୋ ପଞ୍ଚାୟତର ବିପନ୍ନ ଶୁକ୍ରବାର କିଶନନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହା ସହ ତହସିଲଦାର ସୁଚେତା ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ଦାବିପତ୍ର ଗ୍ରହଣ କରିବା ସହ ଅଭିଯୋଗର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଗୋପ ସମାଜର ସାଧାରଣ ଅଧିବେଶନ

**ବଡ଼ମ୍ବା,୭।୬(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଗୋପପୁରସ୍ଥିତ ସରକାରୀ ମଧ ଇଂଲିଶ ବିଦ୍ୟାଳୟ ପରିସରରେ ୨ଦିନ ଧରି ଚାଲିଥିବା ବଡ଼ମ୍ବା ରାଜ୍ୟ ଗୋପ ସମାଜର ୮୫ତମ ସାଧାରଣ ଅଧିବେଶନ ଗୁରୁବାର ଉଦ୍‌ଯାପିତ ହୋଇଛି। ସମାଜ ପକ୍ଷରୁ ପାରମ୍ପରିକ ରୀତିରେ ଲଉଡ଼ି ଖେଳ କରାଯିବା ସହିତ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରାଯାଇଥିଲା। ବଡ଼ମ୍ବା ରାଜ୍ୟ ଗୋପସମାଜ ସଭାପତି ଅନିରୁଦ୍ଧ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ଗୋପ ସମାଜ ସଭାପତି ନିରଞ୍ଜନ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଦଶରାଜ୍ୟ ଗୋପ ସମାଜ କୋଷାଧକ୍ଷ ସଦାଶିବ ବେହେରା, ସମ୍ମାନିତ ଅତିଥି ଗୋପୀନାଥ ବେହେରା ଯୋଗଦେଇ ଜାତି ଆଗକୁ ବଢ଼ିବା ପାଇଁ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ତ୍ରିଲୋଚନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଉଦୟନାଥ ବେହେରା ଓ ନିତ୍ୟାନନ୍ଦ ପଲେଇଙ୍କ ସମେତ ସଦସ୍ୟ ପ୍ରାଣବନ୍ଧୁ ପ୍ରଧାନ, ହରିହର ବେହେରା, ବିଶ୍ୱନାଥ ବେହେରା, ଗୋବିନ୍ଦ ବେହେରା, ବିରଞ୍ଚି ଡାକୁଆ, ପ୍ରସନ୍ନ ବେହେରା, ରାଜ ଡାକୁଆ ଏବଂ ରାଜୀବ ନାୟକ ଉପସ୍ଥିତ ଥିଲେ।

### ବିଶ୍ୱନାଥ ମହାଦେବ ମନ୍ଦିରରେ ଶିବ ବିବାହ

**ନରସିଂହପୁର,୭।୬(ସ୍ୱ.ପ୍ର.):** ନରସିଂହପୁର ସଦର ମହକୁମାସ୍ଥିତ ନିଜିଗଡ଼ ଗ୍ରାମର ବିଶ୍ୱନାଥ ମହାଦେବଙ୍କ ମନ୍ଦିରରେ ଶିତଳ ଷଷ୍ଠୀ ଅବସରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ଦ୍ୱାରା ଆୟୋଜିତ ଏହି ଉତ୍ସବରେ କନ୍ୟା ପିତାମାତା ଭାବେ ପରେଶ କୁମାର ବେହେରା, ମାତା ଦୀପ୍ତିମୟୀ ବେହେରା ଏବଂ ବର ପିତା ଭାବେ ମନୋରଞ୍ଜନ ପଟ୍ଟନାୟକ, ରଞ୍ଜିତା ପଟ୍ଟନାୟକ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବାଜା, ବାଣ, ରୋଷଣିରେ ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା କନ୍ୟାପିତାଙ୍କ ଘରୁ ବାହାରି ସହର ପରିକ୍ରମା କରି ମନ୍ଦିର ପରିସରକୁ ଆସିବା ପରେ ସେଠାରେ ବିବାହ ସମ୍ପନ୍ନ ହୋଇଥିଲା। ନିଜିଗଡ଼ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

■ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ‘ଅହଂ ଭାବରୁ ଉର୍ଦ୍ଧ୍ୱରେ ରହିଲେ ସୁନାଗରିକ ହେବେ ବିଦ୍ୟାର୍ଥୀ’

**ମାହାଙ୍ଗା,୭।୬(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଉଁରିଆ ପଞ୍ଚାୟତସ୍ଥିତ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୨ ଦିନିଆ ରୌପ୍ୟଜୟନ୍ତୀ ସାମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଏହି ଉତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରି କହିଥିଲେ, ଗ୍ରାମାଞ୍ଚଳ ବିଦ୍ୟାଳୟ ବିଶ୍ୱକୁ ଏକତ୍ର ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ବହନ କରିଥାଏ। ଏଥିସହିତ ସେ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିବା ସହ ଅଧ୍ୟୟନରତ ଛାତ୍ରୀଛାତ୍ର କ୍ରୋଧ ଓ ଅହଂ ମନୋଭାବରୁ ଉର୍ଦ୍ଧ୍ୱରେ ରହି ଅଧ୍ୟୟନ କଲେ ସମାଜରେ ସୁପ୍ରତିଷ୍ଠିତ ନାଗରିକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ଞାନଦା ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଓ ପ୍ରଧାପକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ବିମଳ ପ୍ରସାଦ ଦାସ, ମୁଖ୍ୟବକ୍ତା ବିଦ୍ୟାଳୟ ପ୍ରତିଷ୍ଠାତା ବିଚିତ୍ରାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ପ୍ରମୁଖ ଯୋଗଦେଇ ଉତ୍ତମ ଛାତ୍ରୀଛାତ୍ର ସୃଷ୍ଟି କରିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସହ ଶିକ୍ଷକ ଅରୁଣ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସନ୍ତୋଷ ସିଂହ ବିବରଣୀ ପାଠ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ସ୍ମରଣିକା ‘ଦିବ୍ୟାଲୋକ’ ଉନ୍ମୋଚନ କରାଯାଇଥିଲା। ଏଥିସହିତ ବିଦ୍ୟାଳୟରେ ୨୫ ବର୍ଷ ଭିତରେ ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପାସ୍ କରିଥିବା ଛାତ୍ର ଭବାନୀ ଶଙ୍କର ପ୍ରଧାନ, ଛାତ୍ରୀ ଜ୍ୟୋତିର୍ମୟୀ ସାମଲ, ଶ୍ରେଷ୍ଠ କ୍ରୀଡାବିତ ସଙ୍ଗୀତା ରାଉତ, ପ୍ରିୟାଂଶୁ ଓଝା ଓ ଜୟଶ୍ରୀ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହପରି ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଧ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ରୌପ୍ୟଜୟନ୍ତୀ କମିଟି ସଭାପତି ଅନିଲ କୁମାର ଜେନା, ସମ୍ପାଦକ ନଳିନୀକାନ୍ତ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ବିଦ୍ୟାଳୟର ସ୍ମରଣିକା ‘ଦିବ୍ୟାଲୋକ’କୁ ଉନ୍ମୋଚନ କରୁଛନ୍ତି।

### ଦିନିକିଆ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଭୁବନେଶ୍ୱର କ୍ଲବ ଚାମ୍ପିୟନ

**ବାଙ୍କୀ,୭।୬(ସ୍ୱ.ପ୍ର.)**

ବାଙ୍କୀ କଚେରୀ ପଡିଆଠାରେ ଇଲେଭେନ୍ ଷ୍ଟାର୍ କ୍ଲବ ପକ୍ଷରୁ ଦ୍ୱିତୀୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ଦଳ ଭୁବନେଶ୍ୱର, ଓସ୍ତିଆ, ବେଦପୁର, କିଆପଲା, ବ୍ରହ୍ମପୁରା, ତାଳବସ୍ତ, ଗୋପାଳପୁର, ତୁଳସୀପୁର, ଡଁସର, ଜାମୁଣ୍ଡି, ବାଙ୍କୀଗଡ, ଭେଡାରାମଚନ୍ଦ୍ରପୁର, ମା’ଚର୍ଚ୍ଚିକା କ୍ରିକେଟ୍ ଟିମ୍, ଇଲେଭେନ୍ ଷ୍ଟାର ସିନିୟର୍ ଓ ଜୁନିୟର ଭାଗ ନେଇଥିଲେ। ଭୁବନେଶ୍ୱର କ୍ଲବ ଚାମ୍ପିୟନ ହୋଇଥିବା ବେଳେ ଭେଡାରାମଚନ୍ଦ୍ରପୁର ରନର୍ସ ଅପ୍ ହୋଇଥିଲା। ମୁଖ୍ୟ ଅତିଥିଭାବେ ବାଙ୍କୀ ଆଥେଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା ଯୋଗଦେଇ ଉଭୟ ଦଳକୁ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ମନୋଜ ରାଉତ ଧାରାବିବରଣୀ ପ୍ରଦାନ କରିଥିଲେ। ପିଣ୍ଟୁ ରଣା ଖେଳ ପରିଚାଳନା କରିଥିଲେ। ଅନନ୍ତ ଚରଣ ମହାନ୍ତି, ଆଦର୍ଶ ମହାପାତ୍ର, ତପନ ନାୟକ, ସୁବୋଧ ବେହେରା, ଦେବାଶିଷ ପଣ୍ଡା, ପ୍ରଦୀପ ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।



ମତ୍ସ୍ୟଜୀବୀ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଅଂଶୁପାରେ ମତ୍ସ୍ୟଜୀବୀ ପ୍ରଶିକ୍ଷଣ ଶିବିର

**ବାଙ୍କୀ,୭।୬(ସ୍ୱ.ପ୍ର.)**

ଅଂଶୁପାରେ ଭୁବନେଶ୍ୱର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆୟୋଜନରେ ଏକ ମତ୍ସ୍ୟଜୀବୀ ପ୍ରଶିକ୍ଷଣ ଓ ସଚେତନତା ଶିବିର ମତ୍ସ୍ୟ ବିଶାରଦ ସୂର୍ଯ୍ୟକୁମାର ମହାନ୍ତିଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୁବର୍ଣ୍ଣପୁର ସରପଞ୍ଚ ତରୁଣ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ସମବାୟ ସମିତି ନିରୀକ୍ଷକ ଅରବିନ୍ଦ ତରାଇ, ବାଙ୍କୀ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନ, ଡ. କୃପାସିନ୍ଧୁ ଭଞ୍ଜ, ମତ୍ସ୍ୟ ବିଶାରଦ ପ୍ରଦୀପ ମହାପାତ୍ର, ବିନୋଦ ଆଚାର୍ଯ୍ୟ ଓ କବି କୌଶିକ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ମତ୍ସ୍ୟ ବିଶେଷଜ୍ଞମାନେ ଉପସ୍ଥିତ ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ। ମତ୍ସ୍ୟ ଚାଷ ଉପରେ ଜଳଜ ଉଦ୍ଭିଦର ପ୍ରଭାବ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ନର୍ସରିରେ ଜାଆଁଳ ପାଳନ, ମତ୍ସ୍ୟ ଉତ୍ପାଦନ ଏବଂ ଅନ୍ୟ ଆନୁଷଙ୍ଗିକ ବୈଜ୍ଞାନିକ ପଦ୍ଧତିରେ ଦେଶୀ ଏବଂ ବିଦେଶୀ ଜାଆଁଳ କିପରି ଅଧିକ ଲାଭଜନକ ହୋଇପାରିବ ସେ ସମ୍ପର୍କରେ ମତ୍ସ୍ୟ ବିଶାରଦ ମହାପାତ୍ର ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଥିଲେ। ଅଂଶୁପାରେ କାର୍ଯ୍ୟ କରୁଥିବା ମତ୍ସ୍ୟ ସମବାୟ ସମିତି ମିଳିତ ସହଯୋଗରେ କିପରି ସମିତିର ସମସ୍ତ ସଭ୍ୟ ଉପକୃତ ହୋଇପାରିବେ ସେ ସମ୍ପର୍କରେ ସମିତି ନିରୀକ୍ଷକ ତରାଇ ସଭ୍ୟମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନ ସମସ୍ତ ଶିବିରାର୍ଥୀଙ୍କୁ ଉପଯୁକ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବା ସହ କିପରି ମତ୍ସ୍ୟଜୀବୀ ଆର୍ଥିକ ବିକାଶ କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ମତ୍ସ୍ୟଜୀବୀ ଏକତ୍ରିତ ହୋଇ ଅଂଶୁପାର ପରିବେଶ ସୁରକ୍ଷା ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେଉଥିବା କାର୍ଯ୍ୟରେ ସହଯୋଗ କରିପାରିଲେ ସମସ୍ତେ ଉପକୃତ ହୋଇ ପାରିବେ ବୋଲି ମୁଖ୍ୟଅତିଥି ମହାପାତ୍ର ବକ୍ତବ୍ୟରେ କହିଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଅଂଶୁପାରେ କାର୍ଯ୍ୟରତ ଏସିଏଫ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ସ୍ୱଗାତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସିଏଫ ବିନୋଦ ଆଚାର୍ଯ୍ୟ ଉପସଂହାର ପ୍ରଦାନ କରିଥିଲେ। ତୁହିଁନାଂସୁ କର ଧନ୍ୟବାଦ ଦେଇଥିଲେ। ଶିବିରରେ ଅଂଶୁପା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ନରେସ୍ ଜେନା, ସମ୍ପାଦକ ଧର୍ଯ୍ୟଧର ଦଳେଇଙ୍କ ସହ ଶତାଧିକ ମତ୍ସ୍ୟଜୀବୀ ଅଂଶଗ୍ରହଣ କରି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ମତ୍ସ୍ୟ ବିଶାରଦ ମହାନ୍ତି ସମାଧାନ ଉପାୟ ବତାଇଥିଲେ।

■ ଅଟ୍ଟାଳୀ ଦେବଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

# ମାଉସୀମା ମନ୍ଦିର ରାସ୍ତାରୁ ହଟିବ ଜବରଦଖଲ

**ଆଠଗଡ଼,୭।୬(ସ୍ୱ.ପ୍ର.)**

ଆଠଗଡ଼ର ଆରାଧଦେବତା ଶ୍ରୀଶ୍ରୀ ଅଟ୍ଟାଳୀ ଦେବଙ୍କ ରଥଯାତ୍ରା କିପରି ଶୃଙ୍ଖଳିତଭାବେ ପାଳିତ ହେବ ସେନେଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ବୈଠକ ଗୃହରେ ଅନୁଷ୍ଠିତ ବୈଠକରେ ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଅମୀୟ କୁମାର ସାହୁ ଅଧକ୍ଷତା କରିଥିଲେ।

ଚଳିତ ବର୍ଷ ପୂର୍ବ ବର୍ଷପରି ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହେବା ପରେ ନିର୍ଦ୍ଦିଷ୍ଟ ସମୟରେ ପହଣ୍ଡି ବିଜେ କରାଯାଇ ଠାକୁରଙ୍କୁ ରଥାରୂଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏତତ୍ ବ୍ୟତୀତ୍ ଯାତ୍ରା ପୂର୍ବରୁ ରଥଗଡ଼ା ଛକଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମରାମତି ଓ ଜବରଦଖଲ ହଟାଯିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଠଗଡ଼ ପୋଲିସ ନେତୃତ୍ୱରେ ବିଭିନ୍ନ ଥାନାର କର୍ମଚାରୀମାନେ ଏହି ଯାତ୍ରାରେ ଶୃଙ୍ଖଳା ରକ୍ଷାପାଇଁ ନିୟୋଜିତ ହେବେ। ଚଳିତ ବର୍ଷ ରଥଟଣା ସମୟରେ ରଥଦାଣ୍ଡ ମଧକୁ ବାଇକ୍ ପ୍ରବେଶ ନିଷିଦ୍ଧ କରାଯାଇଛି। ଏଥିପାଇଁ ବାଇକ୍ ଗୁଡିକର ପାର୍କିଂ ପାଇଁ ଜଗନ୍ନାଥ ମନ୍ଦିରପଟେ ଝୁଲଣ ମନ୍ଦିର ପଡିଆ ଓ ମାଉସୀମା ମନ୍ଦିର ପଟେ ଚାନ୍ଦବାଲିଛକ ହନୁମାନ ମନ୍ଦିର ଏବଂ ମହୋତ୍ସବ ପଡିଆଠାରେ ରଖିବା ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଦିନ ୨ଟାରୁ ଗୋପବନ୍ଧୁ ଛକ, ରାଧାନାଥପୁର ଶାସନ ଛକ ଆଦି ସ୍ଥାନରେ ରାସ୍ତା ସିଲ୍ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୋଲିସ୍ କର୍ଡ଼ନ୍ ମଧରେ କୌଣସି ବ୍ୟକ୍ତି ବିଶେଷଙ୍କୁ ପ୍ରବେଶ ନିଷେଧ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସେହିପରି ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପରିମଳ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଲୋକ କୁମାର ରାୟ, ତହସିଲଦାର ତପନ କୁମାର ଖୁଣ୍ଟିଆ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଦେବୋତ୍ତର ବିଭାଗ ସୁପରଭାଇଜର କରୁଣା କର ବେହେରା, ଭବାନୀ ଶଙ୍କର ପଣ୍ଡା, ରାଜପୁରୋହିତ ସୁଶାନ୍ତ କୁମାର ମିଶ୍ର, ବଡପଣ୍ଡା ଶରତ କୁମାର ପଣ୍ଡା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

# ବିବାହ ବନ୍ଧନରେ ଦେବ ଦମ୍ପତି





ମାନପୁର କପିଳେଶ୍ୱରଙ୍କ ପୀଠରେ ବିବାହ ଉତ୍ସବ ଚାଲିଛି। ନୂଆପାଟଣା ରାମେଶ୍ୱରଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେବଗଣ ବେଶଧାରୀ।

### ଟିଗିରିଆରେ ଜମିଲା ଶୋଭାଯାତ୍ରା

**ଟିଗିରିଆ,୭।୬(ଡି.ଏନ.ଏ.)**

ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଟିଗିରିଆ ବ୍ଲକର ବିଭିନ୍ନ ଶିବ ମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣା ରାମେଶ୍ୱରଙ୍କ ବିବାହ ଉତ୍ସବ ବେଶ ଯାକଜକମରେ ହୋଇଛି। ନୂଆପାଟଣା କମାରସାହିର ଭାଗିରଥୀ ବାରିକ କନ୍ୟାପିତା ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନରେ ରାମେଶ୍ୱରଙ୍କଠାରୁ ବରଯାତ୍ରୀଦଳ ଶୋଭାଯାତ୍ରାରେ ମଙ୍ଗଳାବଜାର, ପଙ୍କାଳଛକ, ଜେମାଦେଇପୁର, ସାନପାଟଣା ଏବଂ ପରେ ନୂଆପାଟଣାର ସମସ୍ତ ସାହିଗଳି ପରିକ୍ରମା କରି ପୁନର୍ବାର ମନ୍ଦିରରେ ପହଞ୍ଚିବା ପରେ ବିବାହ ଆରମ୍ଭ ହୋଇଥିଲା। ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବାଜା, ବାଣ ସାଙ୍ଗକୁ ବ୍ରହ୍ମା, ବିଷ୍ଣୁ, ଏବଂ ଅନ୍ୟ ଦେବଗଣ ବେଶଧାରୀ ସାମିଲ ହୋଇଥିଲେ। ଆୟୋଜକ ରାମେଶ୍ୱର ସେବା ସଂଘ ସଭାପତି କେଶବ ପାତ୍ର, ପ୍ରସନ୍ନ ପୃଷ୍ଟି, ପ୍ରଦୀପ ସାଥୁଆ, ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ସୁରେଶ ହୋତା ଓ ଦିଲୀପ ହୋତା କାର୍ଯ୍ୟ ସମ୍ପାଦନା କରାଇଥିଲେ। ସେହିପରି ମାନପୁର କପିଳେଶ୍ୱର ମହାଦେବଙ୍କପୀଠରେ ସେବାୟତ ଗୋଷ୍ଠୀଙ୍କ ପକ୍ଷରୁ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। କନ୍ୟାପିତାଭାବେ ମୁରଲୀଧର ରଣା ଏବଂ ବରପିତା ଭାବେ ପବିତ୍ର ମୋହନ ରଣା ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ଶତପଥୀ ଏବଂ ନକୁଳ ଚରଣ ଶତପଥୀ ବୈଦିକ କର୍ମକାଣ୍ଡ ସଞ୍ଚାଳନ କରିଥିଲେ। ସେବାୟତ ଗୋଷ୍ଠୀଙ୍କ ସମେତ ପ୍ରଦୀପ ରଣା, ଅରୁଣ ରଣା, ଗଣେଶ୍ୱର ରଣା, ଚତୁର୍ଭୁଜ ରଣା, ଜିତେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସେହିପର ନିଜିଗଡ଼ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶଙ୍କରେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ବରପିତା ଅମୁଣିଆସାହିର ସୌଭାଗ୍ୟ ମହାନ୍ତି ଏବଂ କନ୍ୟାପିତାଭାବେ ପୁରୁଣାଟିଗିରିଆର ପ୍ରଶାନ୍ତ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ବରଯାତ୍ରୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ପୀଠକୁ ଫେରିଥିଲେ। ଏହାପରେ ବିବାହ କର୍ମକାଣ୍ଡ ହୋଇଥିଲା। ଆଚାର୍ଯ୍ୟ ପ୍ରଦୀପ ଦାଶ ଓ ଶ୍ରୀହର୍ଷ ଦାଶ ବିବାହ ଉତ୍ସବ ସମ୍ପାଦନ କରିଥିଲେ।

### ବାଙ୍କୀରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବାଙ୍କୀ,୭।୬ (ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶୈବପୀଠରେ ଶୁକ୍ରବାର ଶିବପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ଶୀତଳ ଷଷ୍ଠୀ ଅନୁଷ୍ଠିତ ହେବ। ଚର୍ଚ୍ଚିକାର ଐଶାନେଶ୍ୱର, ରଣପୁରର ଜଳେଶ୍ୱର, ଚକାପଦା ଓ ହରିରାଜପୁରର ଅଖଣ୍ଡେଶ୍ୱର, ପାଟପୁର ସିଂହନାଥଦେବ, ଶମିଳିପୁରର ସିଦ୍ଧେଶ୍ୱର, ବାଆଁରାରା ସୁଦୁଦ୍ଧେଶ୍ୱର, ତାଳବସ୍ତ, ତୁଳସୀପୁର, ଡଁସର, କଳାପଥର, ବରପୁଟ, ସୁବର୍ଣ୍ଣପୁର ଓ ବୈଦ୍ୟେଶ୍ୱର ଆଦି ଅଞ୍ଚଳର ଶୈବପୀଠରେ ପରମ୍ପରା ଏବଂ ନୀତିକାନ୍ତି ଭିତରେ ଏହି ଉତ୍ସବ ପାଳିତ ହୋଇଛି। ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିରରେ ଭିଡ ଲାଗି ରହିଥିଲା। ଭକ୍ତମାନେ ଦେବଦମ୍ପତିଙ୍କ ଦିବ୍ୟ ବେଶ ଦର୍ଶନ କରିଥିଲେ। ଚର୍ଚ୍ଚିକା ଗ୍ରାମର ଯୁବକମାନେ ଶୀତଳ ଷଷ୍ଠୀ ଉତ୍ସବର ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଐଶାନେଶ୍ୱର ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରସନ୍ନ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ମିଶ୍ର, ବରେନ୍ଦ୍ର ମୋହନ ମିଶ୍ର, ସୌମେନ୍ଦ୍ର କୁମାର ମିଶ୍ର, କମଳାକାନ୍ତ ମିଶ୍ର, ପ୍ରଭାତ ମିଶ୍ର ଓ ସୁଭେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଶକ୍ତିଶ୍ୱର ପୀଠରେ ବହୁ ଭକ୍ତଙ୍କ ସମାଗମ

**ନିଶ୍ଚିନ୍ତକୋଇଲି,୭।୬ (ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗରସ୍ଥିତ ଶକ୍ତିଶ୍ୱର ମହାଦେବଙ୍କ ପୀଠରେ ଶୀତଳ ଷଷ୍ଠୀ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ମଧସ୍ଥି ବିଭୂତି ପରିଡା ଶିବପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତାବ ରଖିଥିଲେ। ବର ପିତା ରୋହିତ ଜେନା ଓ କନ୍ୟାପିତା ଅଶ୍ୱିନୀ ଦାସ ବିବାହ ସମ୍ପନ୍ନ କରାଇଥିଲେ। ସନ୍ଧ୍ୟାରେ ଏକ ଶୋଭାଯାତ୍ରା ଶକ୍ତିଶ୍ୱରରୁ ବାହାରି ବଣୁଆ ସାହି, ନତକାଇ ଓ ରାମକୃଷ୍ଣପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ବିବାହ ପାଇଁ କନ୍ୟାପକ୍ଷରୁ ଭୋଜିଭାତ ଆୟୋଜନ କରାଯାଇଥିଲା। ଏହି ଦୁର୍ଲଭ ଦେବ ଦମ୍ପତିଙ୍କ ବିବାହ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସେହିପରି ଶକ୍ତିଶ୍ୱର ପରିସରରେ ତ୍ରିପୁରା ସୁନ୍ଦରୀ ଲଳିତା ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଥାବିଧି ସୂର୍ଯ୍ୟପୂଜା, ଗୋପୂଜା, ଗୁରୁମଣ୍ଡଳ ପୂଜା ପରେ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଓ ଅନ୍ନପୂର୍ଣ୍ଣା ଜେନା ମଣ୍ଡପରେ ରହିଥିଲେ। ଆନନ୍ଦଧାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଯଜ୍ଞ ଓ ଶୀତଳ ଷଷ୍ଠୀ ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭଣ୍ଡାର ରକ୍ଷକ ଭାବେ ରାୟଗୁରୁ ବିଜୟ କିଶୋର ମିଶ୍ର, ସଂଯୋଜକ ଭାବେ ରମେଶ ଚନ୍ଦ୍ର ସ୍ୱାଇଁ, ଅଚ୍ୟୁତାନନ୍ଦ ଦାସ, ପାର୍ଥସାରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଅଲେଖ ଚନ୍ଦ୍ର ଦାସ, ଜିତେନ୍ଦ୍ର ନାଥ ଜେନା ଓ ଜଗବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଶକ୍ତି ଶ୍ୱେର ମହାଦେବଙ୍କ ପୀଠରେ ବିବାହ ଉତ୍ସବ ଅନୁଷ୍ଠିତ ହେଉଛି।

### ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୭।୬**

ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟ୍‌ର ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ସୁମନ୍ତ ସାହୁଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ସାହୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାରିପଦା ସ୍ୱତନ୍ତ୍ର ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସାହୁଙ୍କ ଘର, ଅଫିସ ସମେତ ୫ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧରେ ସାହୁଙ୍କ ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ ସଠିଲୋ ଗ୍ରାମରେ ଥିବା ଦୁଇ ମହଲା ଓ ୩ ମହଲା କୋଠା, ବଡ଼ସାହି ଥାନା ବରିହାପାଳ ଗ୍ରାମରେ ଥିବା ଘର, ମୋରଡ଼ା ବ୍ଲକଠାରେ ଥିବା କାର୍ଯ୍ୟାଳୟ, ବୈସିଙ୍ଗା ଥାନା ଅଧୀନ ସିଙ୍ଗ୍‌ଲାମୁଣ୍ଡଳି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯିବା ପରେ ମୋଟ୍ ୧ କୋଟି ୪୬ ଲକ୍ଷ ୬୩ହଜାର ୩୭୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମସ୍ତ ସମ୍ପତ୍ତି ସାହୁ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ତାଙ୍କର ୪୨ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଥିବାବେଳେ ୨୨ହଜାର ୯୦୦ ଟଙ୍କା ମୂଲ୍ୟର ସୁନାରୁପା ଗହଣା ରହିଛି। ଭିଜିଲାନ୍ସ ଯାଞ୍ଚ ସମୟରେ ସାହୁଙ୍କ ଘରୁ ନଗଦ ୪ ଲକ୍ଷ ୧୫୫ ଟଙ୍କା ଓ ୨ ଲକ୍ଷ ୫୪ହଜାର ୮୧୬ ଟଙ୍କା ମୂଲ୍ୟର ଆସବାବପତ୍ର ଠାବ କରିଛି।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ,
ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

### ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୭।୬:** ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟ୍‌ର ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ସୁମନ୍ତ ସାହୁଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ସାହୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାରିପଦା ସ୍ୱତନ୍ତ୍ର ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସାହୁଙ୍କ ଘର, ଅଫିସ ସମେତ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ସାହୁଙ୍କ ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ ସଠିଲୋ ଗ୍ରାମରେ ଥିବା ଦୁଇ ମହଲା ଓ ୩ ମହଲା କୋଠା, ବଡ଼ସାହି ଥାନା ଅଧୀନ ବରିହାପାଳ ଗ୍ରାମରେ ଥିବା ଘର, ମୋରଡ଼ା ବ୍ଲକଠାରେ ଥିବା କାର୍ଯ୍ୟାଳୟ, ବୈସିଙ୍ଗା ଥାନା ଅଧୀନ ସିଙ୍ଗଲାମୁଣ୍ଡଲି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯିବା ପରେ ମୋଟ୍ ୧ କୋଟି ୪୬ ଲକ୍ଷ ୬୩ହଜାର ୩୭୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମସ୍ତ ସମ୍ପତ୍ତି ସାହୁ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବ୍ୟାଙ୍କରେ ସାହୁ ୧ ଲକ୍ଷ ୯୨ହଜାର ୭୪୫ ଟଙ୍କା ଜମା ରଖିଥିବାବେଳେ ଇନ୍ସ୍ୟୁରାନ୍ସ ପଲିସି ବାବଦରେ ୮ ଲକ୍ଷ ୩୯ହଜାର ୮୧୮ ଟଙ୍କା ଜମା ରଖିଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ସେହିପରି ତାଙ୍କର ୪୨ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଥିବାବେଳେ ୨୨ହଜାର ୯୦୦ ଟଙ୍କା ମୂଲ୍ୟର ସୁନାରୁପା ଗହଣା ରହିଛି। ଭିଜିଲାନ୍ସ ଯାଞ୍ଚ ସମୟରେ ସାହୁଙ୍କ ଘରୁ ନଗଦ ୪ ଲକ୍ଷ ୧୫୫ ଟଙ୍କା ଓ ୨ ଲକ୍ଷ ୫୪ହଜାର ୮୧୬ ଟଙ୍କା ମୂଲ୍ୟର ଆସବାବପତ୍ର ଠାବ କରିଛି।

### ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୫ ବର୍ଷର ସିଟିଂ ଆଲାଉନ୍ସ ପ୍ରଦାନ



**କଟକ ଅଫିସ, ୭।୬:** ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ବର୍ଷର ସିଟିଂ ଆଲାଉନ୍ସ ସିଏମ୍‌ସିର ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ ପ୍ରଦାନ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ସାହୁ ବାତ୍ୟା 'ଫନୀ' ପାଇଁ ୫ ବର୍ଷର କର୍ପୋରେଟର ସିଟିଂ ଆଲାଉନ୍ସ ବାବଦରେ ମିଳିଥିବା ୭୧,୧୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାତ୍ୟାଜନିତ କାର୍ଯ୍ୟରେ ଏହି ଅର୍ଥ ଲାଗିବ ବୋଲି ସାହୁ କହିଛନ୍ତି।

### ରିୟଲ ହିରୋ ବୁଟୁ: ବ୍ରିଜ୍‌ରୁ ନଦୀକୁ ଡେଇଁ ମହିଳାଙ୍କ ଜୀବନ ବଞ୍ଚାଇଲେ

**କଟକ ଅଫିସ, ୭।୬:** ସିନେମାରେ ବ୍ରିଜ୍ ଉପରୁ ପାଣିକୁ ଡେଇଁ ଲୋକଙ୍କ ଜୀବନ ବଞ୍ଚାଇବା ଘଟଣା ଆମେ ବହୁଥର ଦେଖିଛୁ। ହେଲେ ଶୁକ୍ରବାର କଟକରେ ଏଭଳି ଏକ ବାସ୍ତବ ଘଟଣା ଘଟିଛି। ଜଣେ ମହିଳା ଆତ୍ମହତ୍ୟା କରିବାକୁ ମହାନଦୀ ଯୋବ୍ରା ବ୍ରିଜ୍ ଉପରୁ ନଦୀକୁ ଡେଇଁ ପଡିଥିଲେ। ଏହି ସମୟରେ ବ୍ରିଜ୍ ଉପରେ ଥିବା ଜଣେ ଯୁବକ ସଙ୍ଗେ ସଙ୍ଗେ ପାଣିକୁ ଡେଇଁ ତାଙ୍କ ଜୀବନ ବଞ୍ଚାଇ ଥିଲେ। ସମ୍ପୃକ୍ତା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କୁ ବଞ୍ଚାଇଥିବା ଯୁବକଙ୍କ ଡାକନାମ ବୁଟୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମହିଳାଙ୍କୁ ଗୁରୁତ୍ୱର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ୮ଟାରେ ମହିଳା ଜଣଙ୍କ ବ୍ରିଜ୍ ଉପରୁ ପାଣିକୁ ଡେଇଁ ପଡିଥିଲେ। ଏହା ଦେଖି ବୁଟୁ ସଙ୍ଗେ ସଙ୍ଗେ ପାଣିକୁ ଡେଇଁ ପଡିଥିଲେ। ଏହି ସମୟରେ ପାଣିରେ ଗାଧୋଉଥିବା ଅନ୍ୟ କିଛି ଲୋକ ମଧ ସେଠାକୁ ଯାଇ ବୁଟୁଙ୍କୁ ସହଯୋଗ କରିଥିଲେ। ମହିଳାଙ୍କୁ ଉଦ୍ଧାର କରି ନଦୀପଠାକୁ ଅଣାଯାଇଥିଲା। ହେଲେ ସେ ଅଧିକ ପାଣି ପିଇ ଦେଇଥିବାରୁ ଚେତା ହରାଇ ଦେଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ତେବେ ମହିଳାଙ୍କୁ ଉଦ୍ଧାର କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

■ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ

# ପ୍ରଗତି, ନୌରିନ ଶ୍ରେଷ୍ଠ ସ୍ନାତକ

କଟକ ଅଫିସ, ୭।୬

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ଗତବର୍ଷର ପାସ୍ ହାର ସବୁଠାରୁ ଅଧିକ ରହି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ମାତ୍ର ଚଳିତବର୍ଷ ପାସ୍ ହାର ଗତ ୯ବର୍ଷ ମଧ୍ୟରେ ସବୁଠାରୁ କମ୍ ରହିଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ୧୩୭୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପାସ ହୋଇଛନ୍ତି ୧୧୮୧ଜଣ। ପାସ୍ ହାର ହେଉଛି ୮୫.୬୪ ପ୍ରତିଶତ। ୨୦୧୮ରେ ଏହାଥିଲା ୯୭.୨୨ ପ୍ରତିଶତ। ୨୦୧୧ରୁ ୨୦୧୮ ମଧ୍ୟରେ ୨୦୧୬ ବର୍ଷର ପାସ୍ ହାର ଥିଲା ସର୍ବନିମ୍ନ ୯୧.୦୨ ପ୍ରତିଶତ। ଚଳିତବର୍ଷର ପରୀକ୍ଷା ଫଳ ନୈରାଶ୍ୟଜନକ ରହିଛି। ତେବେ ନୂତନ ଶୈଳୀରେ ପରୀକ୍ଷା ବ୍ୟବସ୍ଥା ଯୋଗୁ ପାସ୍ ହାର କମିଛି ବୋଲି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି। ରେଗୁଲାର ପାଠ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗର ଛାତ୍ରୀ ପ୍ରଗତି ଗଣତ୍ର ଓ ଆଇଟିମ୍ ଛାତ୍ରୀ ନୌରିନ ଫିରୋଜ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, କୁଳସଚିବ ଅଶୋକ ଦାଶ, ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ତ୍ରିଲୋଚନ ମିଶ୍ର, ବରିଷ୍ଠ ଅଧିକାରୀ ଡ. କିଶୋର କୁମାର ଦାସ, ଡ. ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



### ଛାତ୍ରଙ୍କ ଠାରୁ ଛାତ୍ରୀ ଆଗରେ

ମୋଟ୍ ୧୧୮୧ଜଣ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରୀ ରହିଛନ୍ତି ୬୬୬ଜଣ। ଗତବର୍ଷଗୁଡ଼ିକ ଭଳି ଛାତ୍ରୀମାନେ ଚଳିତବର୍ଷ ମଧ ଛାତ୍ରଙ୍କ ଠାରୁ ଆଗରେ ରହିଛନ୍ତି। ଦୁଇ ଶ୍ରେଷ୍ଠ ସ୍ନାତକ ସ୍ଥାନ ମଧ ଛାତ୍ରୀଙ୍କ ଅକ୍ତିଆରରେ। ୨୫ଟି ବିଭାଗର ଟପ୍ପର ତାଲିକାରେ ୧୭ଜଣ ଛାତ୍ରୀ ଥିବା ବେଳେ ୮ଜଣ ଛାତ୍ର ଅଛନ୍ତି।

### ବିଜ୍ଞାନର ପାସ୍ ହାର ସର୍ବାଧିକ

ବିଜ୍ଞାନ, ବାଣିଜ୍ୟ ଓ କଳା ପାଠ୍ୟକ୍ରମ ମଧ୍ୟରେ ବିଜ୍ଞାନର ପାସ୍ ହାର ସର୍ବାଧିକ ରହିଛି। ବିଜ୍ଞାନରେ ୫୩୯ଜଣ ପରୀକ୍ଷା ଦେଇଥିବା ବେଳେ ପାସ୍ ହୋଇଛନ୍ତି ୪୭୧ଜଣ। ପାସ୍ ହାର ହେଉଛି ୮୭.୩୮ ପ୍ରତିଶତ। କଳାରେ ୪୬୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୮୨ଜଣ ପାସ୍ ହୋଇଥିବା ବେଳେ ପାସ ହାର ହେଉଛି ୮୨.୫୦ ପ୍ରତିଶତ। ବାଣିଜ୍ୟରେ ପାସ ହାର ହେଉଛି ୮୭ ପ୍ରତିଶତ। ୩୭୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ଏ ପ୍ଲସ ଗ୍ରେଡ ମଧ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ସର୍ବାଧିକ ସଂଖ୍ୟାରେ ପାଇଛନ୍ତି ।

### ୭ଦିନରେ ସରିଛି ଖାତାଦେଖା, ଅନିଦ୍ରା ରହିଲେ ଅଧିକାରୀ

ଜୁନ୍ ୭ ତାରିଖରେ ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ତାରିଖ ଧାର୍ଯ୍ୟ କରିଥିଲେ। ଫଳରେ ଖାତା ଦେଖା ପ୍ରକ୍ରିୟା ଯୁଦ୍ଧକାଳୀନ ଭିତିରେ ହୋଇଥିଲା। ମେ ୨ ତାରିଖରେ ପରୀକ୍ଷା ଆରମ୍ଭ ହେବା ପରେ ଫନୀ ଯୋଗୁ ପରୀକ୍ଷା ବନ୍ଦ ରହି ପୁର୍ନବାର ମେ ୧୪ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ପରୀକ୍ଷା ଆରମ୍ଭ ଦିନରୁ ଖାତା ଦେଖା ଜାରି ରହିଥିଲା ବୋଲି ପରୀକ୍ଷା ନିୟନ୍ତ୍ରକ ମିଶ୍ର କହିଛନ୍ତି। ହେଲେ ମେ ୩୧ରେ ପରୀକ୍ଷା ଶେଷ ହୋଇ ଜୁନ ୭ ତାରିଖରେ ଫଳ ପ୍ରକାଶ କରାଯାଇଥିବା ଯୋଗୁ କିଛି ତ୍ରୁଟି ରହି ଥାଇପାରେ ବୋଲି ସାଧାରଣରେ ଅଭିଯୋଗ ହୋଇଛି। କୁଳପତି ପ୍ରଫେସର ପାତ୍ର ଏହାକୁ ଖଣ୍ଡନ କରିଛନ୍ତି। ଗତ ୩ଦିନ ଧରି ମୂଲ୍ୟାୟନକାରୀ ଓ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଅହେତୁକ ପରିଶ୍ରମ କରିଛନ୍ତି। ଏପରି କି ପରୀକ୍ଷା ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଅନିଦ୍ରା ଅଛନ୍ତି ବୋଲି କୁଳପତି ପାତ୍ର କହିଥିଲେ।

### ସଫଳତା ପାଇଁ ସହଜ ବାଟ ନାହିଁ



ସଫଳତା ପାଇବାକୁ କୌଣସି ସହଜ ବାଟ ନାହିଁ। କେବଳ ପରିଶ୍ରମ ହିଁ ସଫଳତାର ସ୍ୱାଦ ଚଖାଇପାରେ। ନିଜ ଇଚ୍ଛା ଅନୁସାରେ ପଢ଼ା ପାଇଁ ସମୟ ଦେଉଥିଲି। ବାଧ ବାଧକତାରେ ପାଠପଢ଼ିବାକୁ ବସେନି। ଦୃଢ଼ ଇଚ୍ଛାଶକ୍ତି ହିଁ ମୋତେ ସଫଳ କରିଛି ବୋଲି ରେଗୁଲାର ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ହୋଇଥିବା ପ୍ରଗତି ଗଣତ୍ର କହିଛନ୍ତି। ପିତା ହେମନ୍ତ ଗଣତ୍ର ଓ ମା' ମମତା ଗଣତ୍ରଙ୍କ ଝିଅ ପ୍ରଗତିଙ୍କ ଘର କଲେଜଛକ ଅଞ୍ଚଳରେ। ଆଇଆଇଟି ପଢ଼ିବା ଯୋଜନାରେ ଥିବା ପ୍ରଗତି ଜୀବନରେ ଜଣେ ଭଲ ଅଧାପକ ହେବାର ସ୍ୱପ୍ନ ରଖିଛନ୍ତି।

-ପ୍ରଗତି ଗଣତ୍ର

### ପଢ଼ା ପ୍ରତି ଅହେତୁକ ଦୁର୍ବଳତା ଥିଲା



ଆଇଟିଏମ୍ ପାଠପଢ଼ା ପ୍ରତି ଅହେତୁକ ଦୁର୍ବଳତା ଥିଲା। ଯାହାଫଳରେ ରେଭେନ୍‌ଶାରେ ନାମ ଲେଖାଇବା ପରେ ଏହି ପାଠ୍ୟକ୍ରମରେ ମୋର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଥିଲି। ଫଳାଫଳ ଭଲ ହେବ ବୋଲି ଆଶାଥିଲା। ଶ୍ରେଷ୍ଠ ସ୍ନାତକ ହେବି ବୋଲି ଭାବି ନ ଥିଲି। ଏ କଥା କହିଛନ୍ତି ନୌରିନ ଫିରୋଜ। ପିତା ମହମ୍ମଦ ଫିରୋଜ ପରଭେଜ ଓ ମା ହସରତୁନ ନିସାଙ୍କ ଝିଅ ନୌରିନ ଶେଖବଜାର ଅଞ୍ଚଳରେ ରୁହନ୍ତି। କ୍ୟାମ୍ପସ ନିଯୁକ୍ତିରେ ତାଙ୍କୁ ଏକ କମ୍ପାନୀରେ ଚାକିରି ମିଳିସାରିଛି। ତଥାପି ଆଗାମୀ ଦିନରେ ଉଚ୍ଚଶିକ୍ଷା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

-ନୌରିନ ଫିରୋଜ

| ସମ୍ମାନ | ଟପ୍ପର |
|---|---|
| ଉଦ୍ଭିଦ ବିଜ୍ଞାନ | ଚିନ୍ମୟୀ ମହାନ୍ତି |
| ରସାୟନ ବିଜ୍ଞାନ | ପ୍ରଗତି ଗଣତ୍ର |
| କମ୍ପ୍ୟୁଟର ସାଇନ୍ସ | ଦେବାଶିଷ ଦଳାଇ |
| ଭୂବିଜ୍ଞାନ | ପ୍ରଣୟ କିଶୋର ମହାନ୍ତି |
| ଗଣିତ | ଅର୍ଦ୍ଧେନ୍ଦୁ ଶେଖର ମହାପାତ୍ର |
| ପଦାର୍ଥ ବିଜ୍ଞାନ | ଶୁଭଶ୍ରୀ ନନ୍ଦି |
| ପ୍ରାଣୀ ବିଜ୍ଞାନ | ଅନୁଷ୍କା ସିଂଦେଓ |
| ପରିସଂଖ୍ୟାନ | ଅଜୟ କୁମାର ସାହୁ |
| ଆଇଟିଏମ୍ | ନୌରିନ ଫିରୋଜ |
| ଆଇଏସ୍‌ଟି | ସୁଚିସ୍ମିତା କର |
| ଅର୍ଥଶାସ୍ତ୍ର | ନସିତା ମିଶ୍ର |
| ଶିକ୍ଷା | ଏ. କିରଣ ଚକ୍ରବର୍ତ୍ତୀ |
| ଇଂଲିଶ | ଐଶ୍ୱର୍ଯ୍ୟା ସାହୁ |
| ଭୂଗୋଳ | ସୋନାଲି ପଣ୍ଡା |
| ହିନ୍ଦୀ | ପୂର୍ଣ୍ଣିମା ଦାସ |
| ଇତିହାସ | ଶାନ୍ତନୁ ମହାପାତ୍ର |
| ଓଡ଼ିଆ | ପ୍ରତ୍ୟାଶା ମିଶ୍ର |
| ଦର୍ଶନଶାସ୍ତ୍ର | ପ୍ରଣତି ରଥ |
| ରାଜନୀତି ବିଜ୍ଞାନ | ଭବାନୀ ଶଙ୍କର ମହାନ୍ତ |
| ମନସ୍ତତ୍ତ୍ୱ | ଅଙ୍କିତା ଷଡ଼ଙ୍ଗୀ |
| ସଂସ୍କୃତ | ସରିତା ରଥ |
| ସାମାଜିକ ବିଜ୍ଞାନ | ରଚେଲ ମହାନ୍ତି |
| ବିବିଏ | ମୋନାଲିସା ମହାନ୍ତି |
| ଆଇଏମ୍‌ବିଏ | ଚମନ ନାଏକ |

■ଘରୋଇ ହସ୍ପିଟାଲରେ ଯୁବକ ମୃତ

# ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ବାପା

କଟକ ଅଫିସ, ୭।୬

■୧ ଲକ୍ଷ ୭୦ହଜାର ନେଲେ

■ଘରୋଇ ହସ୍ପିଟାଲ ନେବାକୁ ପରାମର୍ଶ ଦେଇଥିଲେ ଏସ୍‌ସିବି ଡାକ୍ତର

ଦୁର୍ଘଟଣା ଘଟିବା ପରେ ମୋ ପୁଅକୁ ଏସ୍‌ସିବି ମେଡିକାଲ ନେଇଥିଲି। ସେଠାରେ ଡାକ୍ତର ମୋତେ ଘରୋଇ ହସ୍ପିଟାଲ ନେବାକୁ ପରାମର୍ଶ ଦେଇଥିଲେ। ତାଙ୍କ ପରାମର୍ଶ ଅନୁଯାୟୀ, ମୁଁ ଉକ୍ତ ଘରୋଇ ହସ୍ପିଟାଲକୁ ପୁଅକୁ ନେଇଥିଲି। ହେଲେ ଚିକିତ୍ସା ଅବହେଳା ଯୋଗୁ ମୋ ପୁଅର ମୃତ୍ୟୁ ଘଟିଲା। ମୋଠାରୁ ଚିକିତ୍ସା ବାବଦକୁ ୧ ଲକ୍ଷ ୭୦ହଜାର ଟଙ୍କା ନେଲେ, ହେଲେ ମୋ ପୁଅକୁ ମାରିଦେଲେ ବୋଲି ଶୁକ୍ରବାର ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି ଜଗତସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ହାଜିପୁର ଅଞ୍ଚଳର ପ୍ରବୀର ସ୍ୱାଇଁ।

ଅଭିଯୋଗ ଅନୁଯାୟୀ, ପ୍ରବୀରଙ୍କ ପୁଅ ପ୍ରଦ୍ୟୁମ୍ନ(୨୭) ଗତ ମେ ୨୮ ତାରିଖରେ ବାଇକ୍‌ରେ ହାଜିପୁର ଯାଉଥିବାବେଳେ ସେଠାରେ ତାଙ୍କର ଦୁର୍ଘଟଣା ଘଟିଥିଲା। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ଚିକିତ୍ସା ପାଇଁ ପ୍ରଦ୍ୟୁମ୍ନଙ୍କୁ ପ୍ରବୀର ଏସ୍‌ସିବି ମେଡିକାଲ ଆଣିଥିଲେ। ସେଠାରେ ଆଇସିୟୁର ବ୍ୟବସ୍ଥା ନ ଥିବାରୁ ଏସ୍‌ସିବିର ଜଣେ ମହିଳା ଡାକ୍ତର ତାଙ୍କୁ ମାଲଗୋଦାମ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲ ନେଇଯିବାକୁ କହିଥିଲେ। ପରେ ମୁଁ ସେଠାକୁ ମୋ ପୁଅକୁ ନେଇ ଯାଇଥିଲି। ଉକ୍ତ ଡାକ୍ତର ସେଠାରେ ପହଞ୍ଚି ସେହିଦିନ ରାତିରେ ପ୍ରଦ୍ୟୁମ୍ନଙ୍କ ମୁଣ୍ଡରେ ଅସ୍ତ୍ରୋପଚାର ହେବ ବୋଲି କହିଥିଲେ। ଏଥିପାଇଁ ମୁଁ ମଧ ଟଙ୍କା ପଇଠ କରିଥିଲି। ହେଲେ ତା' ପରଦିନ ଅର୍ଥାତ୍ ମେ ୨୯ ତାରିଖରେ ଅସ୍ତ୍ରୋପଚାର କରିଥିଲେ। ସେବେଠାରୁ ମୋ ପୁଅ ସେଠାରେ ରହି ଚିକିତ୍ସିତ ହେଉଥିଲା। ହେଲେ ଶୁକ୍ରବାର ମୋ ପୁଅର ମୃତ୍ୟୁ ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ତେବେ ମୋଟ୍ ଉପରେ ଚିକିତ୍ସା ବାବଦକୁ ମୁଁ ୧ ଲକ୍ଷ ୭୦ ହଜାର ଟଙ୍କା ପଇଠ କରିଥିଲି। କିନ୍ତୁ ଚିକିତ୍ସାରେ ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୋ ପୁଅର ମୃତ୍ୟୁ ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ମାଲଗୋଦାମ ଥାନା ଅଧିକାରୀ ରବିନାରାୟଣ ଭଞ୍ଜଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଆଧାରରେ ତଦନ୍ତ ହେବ। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସିଏମ୍‌ସିରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

### ମାମଲା ରୁଜୁ କଲା ଏନ୍‌ଏଚ୍‌ଆର୍‌ସି

କଟକ ଅଫିସ, ୭।୬

ସହରକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ କଟକ ମହାନଗର ନିଗମ(ସିଏମସି) ସୁରକ୍ଷା ଦେବାରେ ଫେଲ ମାରିପାରେ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଓଡ଼ିଶା ଫାୟାର ପ୍ରିଭେନଶନ ଆଣ୍ଡ ସେଫ୍ଟି(ଓଏଫପିଏସ) ବ୍ୟବସ୍ଥା ନାହିଁ। ଏ ନେଇ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି) ସିଏମ୍‌ସି ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏ ନେଇ ତୁରନ୍ତ ବ୍ୟବସ୍ଥା ଗୁଡ଼ିକର ତଦନ୍ତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସିଏମସି କମିଶନରଙ୍କୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ଫାୟାର ସେଫ୍ଟି ଲାଇସେନ୍ସ ଯାଞ୍ଚ କରିବା ପାଇଁ ସହରରେ ବ୍ୟାପକ ଚଢ଼ାଉ କରାଯାଉଛି। ସାମାଜିକ କର୍ମୀ ସୁକାନ୍ତ ସେଠୀ ଜାତୀୟ ମାନବିକ ଅଧିକାର କମିଶନର ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିକଟରେ ଅଭିଯୋଗ କରିଥିଲେ ।



ଶୁକ୍ରବାର କଟକ ଗଡଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହର ପାର୍ବତୀ ବିବାହ ଉତ୍ସବ।

### ଅଢ଼େଇ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ଜଣେ ଗିରଫ

କଟକ ଅଫିସ, ୭।୬

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଶୁକ୍ରବାର ବାଦାମବାଡି ଅଞ୍ଚଳରେ ଚଢାଉ କରି ୨୧କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ କଟକ ଜିଲା ଆଠଗଡ ଅଞ୍ଚଳର ଛବି ସେଠୀଙ୍କୁ ଗିରଫ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ଦଶହରା ପୂର୍ବରୁ ସହର ହେବ ଚକାଚକ

କଟକ ଅଫିସ, ୭।୬

ବର୍ଷାଦିନରେ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଫେଇ କାର୍ଯ୍ୟ ଏବଂ ନାଳ ନର୍ଦ୍ଦମାରୁ ମଧ ଠିକ୍‌ଭାବେ ପଙ୍କୋଦ୍ଧାର କରାଯାଉ ନାହିଁ। ଚଳିତବର୍ଷ ଯେପରି ସହରବାସୀ ଏହି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସହରରେ ଅଧାପନ୍ତରିଆ ଭାବେ ପଡିରହିଥିବା କାର୍ଯ୍ୟକୁ ଯୁଦ୍ଧକାଳୀନଭିତ୍ତିରେ ଶେଷ କରିବାକୁ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କଟକ ମହାନଗର ନିଗମ(ସିଏମସି) ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସିଏମ୍‌ସିର ବିକାଶ ଭବନ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳବନ୍ଦୀ ସମସ୍ୟା, ପରିମଳ, ସଫେଇ ଓ ସୌନ୍ଦର୍ଯ୍ୟକରଣକୁ ନେଇ ମନ୍ତ୍ରୀ ଜେନା ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସହରରେ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଥିବାବେଳେ ସିଏମସିର ପଦକ୍ଷେପକୁ ନେଇ ମନ୍ତ୍ରୀ ଜେନା ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଫନୀ ପ୍ରଭାବରେ ସହରରେ ଏକାଧିକ ପାର୍କ, ଆଲୋକୀକରଣ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଯାହା ବର୍ତ୍ତମାନ ସୁଦ୍ଧା ମରାମତି କିମ୍ବା ପୁନରୁଦ୍ଧାର କରାଯାଇନାହିଁ। ଏହି ସବୁ ଅଧୁରା କାର୍ଯ୍ୟକୁ ଆସନ୍ତା ଦଶହରା ପୂର୍ବରୁ ଶେଷ କରି ସହରକୁ ଚକାଚକ କରିବାକୁ ମନ୍ତ୍ରୀ ଜେନା ବୈଠକରେ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପ୍ରାରମ୍ଭରେ ମନ୍ତ୍ରୀ ବାଦାମବାଡି ଅଞ୍ଚଳର ସମସ୍ୟା ବିଷୟରେ ସମୀକ୍ଷା କରିଥିଲେ। ଲିଙ୍କ୍‌ରୋଡ-ବାଦାମବାଡି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାବେଳେ ଏହାର ମରାମତି ଦିଗରେ ସିଏମସି ଗୁରୁତ୍ୱ ଦେଉନି। ଦୀର୍ଘଦିନ ହେବ ଜାଇକା ଲିଙ୍କ୍‌ରୋଡର ଗୋଟିଏ ପାର୍ଶ୍ୱ ରାସ୍ତା ଖୋଳି କାର୍ଯ୍ୟ କରୁଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାବେଳେ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହାକୁ ଯୁଦ୍ଧକାଳୀନଭିତ୍ତିରେ ସାରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅସରାଏ ବର୍ଷା ହେଲେ ବାଦାମବାଡି ଛକରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ଏଭଳି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିବା ବେଳେ ଏ ଦିଗରେ କ'ଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଜାଇକା ଓ ସିଏମ୍‌ସିର ଟଣାଓଟରା ଭିତରେ ଘାଣ୍ଟି ହେଉଛନ୍ତି ସହରବାସୀ। ପ୍ରତିବର୍ଷ ବର୍ଷାଦିନେ ବାଦାମବାଡି, ରକ୍ସି ଲେନ୍, ଶକ୍ତିନଗର, ମହାନଦୀ ବିହାର, ସିଡିଏ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ବର୍ଷାଦିନ ଆସିଲେ ସିଡିଏ ଏବଂ ପ୍ରଶାସନକୁ ଡ୍ରେନେଜ କଥା ମନପଡୁଛି। ଲିଙ୍କରୋଡ ଠାରୁ ବାଦାମବାଡି ସହରର ମୁଖ୍ୟ ଅଙ୍ଗ କୁହାଯାଉଥିବା ବେଳେ ଜାଇକାର ସ୍ୱରେଜ କାର୍ଯ୍ୟ ଅଧାରେ ଅଟକିଛି। ଫଳରେ ସେଠାରେ ପାଣିଜମି ରହିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଓ ଦୁର୍ଘଟଣାମାନ ଘଟୁଛି। ଏ ନେଇ ମନ୍ତ୍ରୀ ଜେନା ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହିତ ସିଏମସି ଦ୍ୱାରା ନିର୍ମାଣ କରାଯାଉଥିବା ଏକ ଡ୍ରେନକୁ ଆସନ୍ତା ୧୫ ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରେନ୍ ନିର୍ମାଣ ସରିବାର ସପ୍ତାହକ ମଧ୍ୟରେ ଜାଇକା ତା'ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜାଇକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋବ୍ରା ଓ ଶିଖରପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ଯାଇଥିବା ରେଳ ଲାଇନ କଡରେ ବର୍ଷାଜଳ ନିଷ୍କାସନ ପାଇଁ ରେଲୱେ ପକ୍ଷରୁ ଏକ ଡ୍ରେନ ନିର୍ମାଣ କରାଯାଉଛି। ହେଲେ ଏହି ଡ୍ରେନ ଗୋଟିଏ ପାଖିଆ ହୋଇଥିବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ସେଠାରେ ଆଉ ଏକ ଡ୍ରେନ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଫଳରେ ଉଭୟ ମହାନଦୀ ବିହାର ଓ ଯୋବ୍ରା ଅଞ୍ଚଳର ବର୍ଷା ଜଳ ନିଷ୍କାସନରେ ସହାୟକ ହେବ। ସହରର ଯୋବ୍ରା ସାହିରେ ଥିବା ଛୋଟ ଡ୍ରେନଗୁଡିକରେ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ସେଠାରେ ଛୋଟ ଏସ୍କାଭେଟର ମେଶିନ ସାହାଯ୍ୟରେ ସଫା କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାନଦୀ ବିହାର ଅଞ୍ଚଳରେ ଜଳବନ୍ଦୀ ସମସ୍ୟାକୁ ଦୂର କରିବା ପାଇଁ ସେଠାରେ ଡ୍ରେନ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

ମାଲଗୋଦାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ଷା ଦିନେ ମାଲଗୋଦାମରେ ବର୍ଷାଜଳ ଜମା ହେଉଥିବାରୁ ବ୍ୟବସାୟ ବାଧାପ୍ରାପ୍ତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସେଠାରେ ପୂର୍ବରୁ ଥିବା ଡ୍ରେନ୍‌ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିବା ସହ ଆବଶ୍ୟକସ୍ଥଳେ ଡ୍ରେନ ନିର୍ମାଣ କରିବାକୁ କୁହାଯାଇଥିଲା। ଏଥିସହ ସେଠାରେ ୨୪ ଘଣ୍ଟିଆ ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ସିଏମସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଶଙ୍କରପୁର, କଲ୍ୟାଣନଗର ଅଞ୍ଚଳର ରାସ୍ତା ମରାମତି ଓ ଡ୍ରେନ କାର୍ଯ୍ୟ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ତଥା ସିଏମସିର ମୁଖ୍ୟ ପ୍ରଶାସକ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ମେୟର ଅନୀତା ବେହେରା, ପୂର୍ବତନ ଡେପୁଟି ମେୟର ଅଜୟ ବାରିକ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ମନୋଜ ସେଠୀଙ୍କ ସମେତ ସିଏମସିର ସମସ୍ତ ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ମନ୍ତ୍ରୀ ଜେନା ବାଦାମବାଡି, ରକ୍ସିଲେନ, ଶକ୍ତି ନଗର, ମହାନଦୀ ବିହାର, ଯୋବ୍ରା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

### ବିକାଶ ଭବନରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



■ସିଏମ୍‌ସିର ପଦକ୍ଷେପକୁ ନେଇ ମନ୍ତ୍ରୀ ଅସନ୍ତୁଷ୍ଟ

■ସହରର ସ୍ଥିତି ଅନୁଧ୍ୟାନ କଲେ ପ୍ରତାପ

### ଡ୍ରେନ୍ ସଫେଇରେ ଜାଇକାକୁ ମାଫ୍

ସହରର ମୁଖ୍ୟ ଡ୍ରେନ୍ ସଫେଇ ଏବଂ ଭୂତଳ ଡ୍ରେନ୍ କାମ ଜାଇକା ହାତକୁ ନେଇଛି। ହେଲେ ଜାଇକା କାମ ନେବାଠାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାଇକାକୁ ଦିଆଯାଇଥିବା କାର୍ଯ୍ୟର ସମୟ ସୀମା ଗତ ୩ବର୍ଷ ହେବ ଶେଷ ହୋଇଥିଲେ ମଧ ସହରରେ ଏପର୍ଯ୍ୟନ୍ତ ଜାଇକା କାମ ସରୁନାହିଁ। ଜାଇକା କାର୍ଯ୍ୟ ଆରମ୍ଭ କରିବା ଠାରୁ ଏତେ ସବୁ ସମସ୍ୟା ଦେଖା ଦେଉଥିଲେ ବି ତାହା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଡ୍ରେନ୍ ସଫେଇ ନିମନ୍ତେ ସିଏମ୍‌ସି ମୁଖ୍ୟ ପ୍ରଶାସନିକ ଅଧିକାରୀ ଅନିଲ ସାମଲଙ୍କ ଅଧକ୍ଷତାରେ ସିଏମ୍‌ସିରେ ବୈଠକ ବସିଥିଲା। ଏଥିରେ ସିଏମ୍‌ସି ଅଧିକାରୀମାନେ ଡ୍ରେନ୍ ସଫେଇ ନେଇ ଜାଇକାକୁ ଦାୟୀ କରିଥିଲେ। କିନ୍ତୁ ଶୁକ୍ରବାର ହୋଇଥିବା ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଜାଇକା ବିରୋଧରେ କେହି ବି ପାଟି ଖୋଲି ନ ଥିଲେ। ମନ୍ତ୍ରୀ ଜେନା ଜାଇକାକୁ ଖାଲି କାମ ଖୁବ୍‌ଶୀଘ୍ର ସାରିବାକୁ କହିଥିଲେ।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ,
ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଅଧିକ ଯୌତୁକ ଦାବିରେ ବୋହୂଙ୍କୁ ହତ୍ୟା: ସ୍ୱାମୀ ଗିରଫ

ଜଟଣୀ,୭।୬(ଡି.ଏନ.ଏ.): ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବୋହୂଙ୍କୁ ଶ୍ୱଶୁରଘର ଲୋକେ ମାରି ଦେଇଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ କଣ୍ଡିଆ ଗ୍ରାମ ତଳସାହିର ଦେବରାଜ ସ୍ୱାଇଁ (୩୨)ଙ୍କ ସହ ୨୦୧୭ ରେ କଣାସ ଥାନା ବାଡ଼ବଡ଼ପୁଟ ଗ୍ରାମର ଭଜମନ ସୁନ୍ଦରାୟଙ୍କ ଝିଅ ଶର୍ମିଷ୍ଠାଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବି କରି ଶର୍ମିଷ୍ଠାଙ୍କୁ ସ୍ୱାମୀ ଦେବରାଜ, ଶ୍ୱଶୁର ଓ ଶାଶୁ ନିର୍ଯାତନା ଦେଉଥିଲେ। ଏ ନେଇ ଅନେକଥର ସମାଧାନ ମଧ ହୋଇଛି। ହେଲେ ତାଙ୍କ ଝିଅ ଶର୍ମିଷ୍ଠାଙ୍କୁ ଗୁରୁବାର ଦିନ ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ଗଳା ଚିପି ମାରି ଦେଇଥିବା ପିତା ଭଜମନ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୯ଟାରେ ଶର୍ମିଷ୍ଠା ନିଜ କୋଠରି ମଧରେ ଦଉଡି ଦ୍ୱାରା ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବାବେଳେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ସ୍ଥାନୀୟ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଶର୍ମିଷ୍ଠାଙ୍କ ଶ୍ୱଶୁର ଘର ଲୋକେ ପୋଲିସକୁ କହିଛନ୍ତି। ତେବେ ଅଭିଯୋଗକୁ ଆଧାର କରି ସ୍ୱାମୀ ଦେବରାଜଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁକ୍ରବାର ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି। ଥାନାରେ ନଂ. ୧୯୪/୧୯ରେ ମାମଲା ରୁଜୁ ହୋଇଛି।

### ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୫ ଲକ୍ଷ ଟଙ୍କାର ସୁନା ରୁପା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୭।୬ ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା କମାଗୁରୁ ଟାଙ୍ଗୋଳ ରାସ୍ତାର ମଧବର୍ତ୍ତୀ ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ କରାଯାଇଛି। ୨ଜଣ ଲୁଟେରା ଜଣେ ସୁନାରୁପା ବ୍ୟବସାୟୀ ସରପାରି କଂସାରିସାହିର ଗଗନ ନାୟକଙ୍କଠାରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ। ପ୍ରାପ୍ତ ସୂଚନା ଅନୁସାରେ, ସରପାରି କଂସାରିସାହିର ଗଗନ ନାୟକ ଜଙ୍କିଆ ଥାନାର ଆଖପାଖ ଗାଁଗୁଡିକରେ ସୁନା ରୁପା ଅଳଙ୍କାର ବିକ୍ରି କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଗଗନ ସୁନା ରୁପା ଅଳଙ୍କାର ନେଇ ବାଇକ୍ ଯୋଗେ ଟାଙ୍ଗୋଳ ଗାଁକୁ ଯାଉଥିଲେ। କମାଗୁରୁ ଟାଙ୍ଗୋଳ ରାସ୍ତାର ମଧବର୍ତ୍ତୀ ଅଞ୍ଚଳରେ ପଛ ପାଖରୁ ୨ଜଣ ଯୁବକ ବାଇକ୍ ଯୋଗେ ଆସି ଗଗନଙ୍କ ବାଇକ୍ ଅଟକାଇବା ସହ ବନ୍ଧୁକ ଦେଖାଇ ସୁନାରପା ଅଳଙ୍କାର ରହିଥିବା ବ୍ୟାଗ ଛଡାଇ ନେଇଥିଲେ।

### ଲକ୍ଷ୍ମୀ ନାରାୟଣଙ୍କ ସ୍ମୃତିଚାରଣ

ବୋଲଗଡ଼,୭।୬(ଡି.ଏନ.ଏ.)- ପ୍ରଫେସର ଲକ୍ଷ୍ମୀ ନାରାୟଣ ରାୟସିଂହଙ୍କ ବିୟୋଗରେ ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ୍ ମହାବିଦ୍ୟାଳୟଠାରେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ଅଧାପକ ରଙ୍କନିଧି ବଳିୟାରସିଂହଙ୍କ ଆବାହକତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନେତା ସୁମନ୍ତ ଛୋଟରାୟ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କାଳୀଚରଣ ଜୟସିଂହ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ବଳିୟାରସିଂହ, ବାଲ୍ମୀକ ବଳିୟାରସିଂହ, ଅନ୍ତର୍ଯାମୀ ଜେନା ପ୍ରମୁଖ ସ୍ୱର୍ଗତ ରାୟସିଂଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ପଲିଥିନ୍ ଉଡିଗଲାଣି, ଘରେ ପଶୁଛି ପାଣି

- ଭଙ୍ଗାଘରେ ବିତୁଛି ଦୁର୍ବିଷହ ଜୀବନ
- ଫନୀ ବିପନ୍ନ ଘେରିଲେ ଜିଲାପାଳଙ୍କ କାର୍ଯ୍ୟାଳୟ

ଖୋର୍ଦ୍ଧା ଅଫିସ,୭।୬

ଫନୀ ପରେ ଏବେ କାଳବୈଶାଖୀ ଦାଉ ସାଧୁଛି। ପ୍ରଶାସନ ରିଲିଫ ଯୋଗାଣରେ ପାତରଅନ୍ତର କରିବାରୁ ବିପନ୍ନମାନେ ହନ୍ତସନ୍ତ ହେଉଛନ୍ତି। ଫନୀ ରିଲିଫରେ ସରକାର ଯୋଗାଇଥିବା ପଲିଥିନ ପବନ ଉଡାଇ ନଷ୍ଟ କରି ଦେଲାଣି। ଏବେ ଘରେ ପାଣି ପଶୁଛି। ଯେଉଁମାନେ ପଲିଥିନ ବାବଦରେ ୫୦୦ ଟଙ୍କା ପାଇଛନ୍ତି ସେଥିରେ ଘରେ ପଲିଥିନ ପକାଇବା ସମ୍ଭବ ହେଉ ନ ଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷେ କେତେକ ସ୍ଥାନରେ ଘର ଭାଙ୍ଗିଥିଲେ ମଧ ପ୍ରଶାସନ ପକ୍ଷରୁ ଏଯାବତ ପଲିଥିନ ଅଥବା ବଦଳରେ ୫୦୦ ଟଙ୍କା ଦିଆଗଲାନାହିଁ। ଭଙ୍ଗା ଘରେ ଭାଗ୍ୟକୁ ଆଦରି ବିପନ୍ନ ରହୁଛନ୍ତି। ଏଣୁ ବିପନ୍ନ ଆଉ ବୁଝିବା ସ୍ଥିତିରେ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ସହରର ଉପରଚାଟରା ଶବରସାହି, ତଳଚାଟରା ଶବରସାହି, ପୋଖରୀ ବାଉରୀସାହି, ପି.ଏନ. କଲେଜ ଖୋର୍ଦ୍ଧା ପାଖସାହି, ବଡଶବରସାହି, ଗଡବାଉରୀସାହି, ଜେ.ବି. ପଟ୍ଟନାୟକ ପାର୍କସାହି, ସାମନ୍ତରାପୁର, କାମନାବର ହରିଜନସାହି, ଡମସାହି, ଭାଲିଆବାଡି ବାଉରୀସାହି, ଗୁରୁଜଙ୍ଗ ବାଉରୀସାହି, ଗୁରୁଜଙ୍ଗ ଜବରଦସ୍ତପୁରର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ। ଜିଲାପାଳ ଓ ପିଡି ଡିଆରଡିଏ କାର୍ଯ୍ୟାଳୟର ଫାଟକରେ ପୋଲିସ ଜଗି



ଖୋର୍ଦ୍ଧା ସହରର ବିପନ୍ନମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ।

ରହିଥିଲେ ମଧ ସେମାନେ ଚତୁରତାର ସହ ଭିତରକୁ ଚାଲି ଯାଇଥିଲେ। ଭିତରେ ଆନ୍ଦୋଳନକାରୀଙ୍କୁ ଦେଖି ପୋଲିସ ହଡବଡେଇ ଯାଇଥିଲା। ସେମାନଙ୍କୁ ଭିତରୁ କାଢ଼ିବାକୁ ସକ୍ଷମ ହୋଇପାରି ନ ଥିଲା। ଆନ୍ଦୋଳନକାରୀମାନେ ଜିଦ୍ କରିଥିଲେ ଜିଲାପାଳଙ୍କୁ ଭେଟି ଅଭିଯୋଗ ରଖିବେ। ୩ ଘଣ୍ଟାର ଅପେକ୍ଷା ପରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ସେମାନେ କିପରି ଦୟନୀୟ ସ୍ଥିତିରେ ଅଛନ୍ତି ବଖାଣିଥିଲେ। ଖୋର୍ଦ୍ଧା ସହରର ୮ନଂ. ୱାର୍ଡର ବୁଢ଼ୀ ନାୟକ କୁହନ୍ତି, ପ୍ରଶାସନ ପଲିଥିନ ଦେଇ ଚୁପ ହୋଇ ରହିଗଲା। ଭଙ୍ଗା ଘରକୁ ପଲିଥିନ କେତେଦିନ ସୁରକ୍ଷା ଦେବ। ଏବେ କାଳବୈଶାଖୀ ବର୍ଷା ଓ ପବନ ପଲିଥିନକୁ ନଷ୍ଟ କରି ସାରିଲାଣି। ଘରେ ପାଣି ଗଳୁଛି। କେତେଦିନ ଆମକୁ ପଡେଶୀ ଘରେ ରହିବୁ। ସ୍କୁଲ ଘରେ ସବୁବେଳେ ରହିବାକୁ ଅନୁମତି ନାହିଁ। ପ୍ରଶାସନ ଘର କରିବାକୁ ସହାୟତା ମଧ ଦେଲାନି। ୭ ନଂ. ୱାର୍ଡର ରୀନା ସେଠୀ କୁହନ୍ତି, ଘରଭଙ୍ଗା ସର୍ଭେ କରାଗଲାନି। ମନଇଚ୍ଛା ସହାୟତା ଦିଆଗଲା। ଗରିବର ଦୁଃଖ ବୁଝିବାକୁ କେହିନାହିଁ। ପଲିଥିନଟିଏ ପାଇବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ତହସିଲଦାର, ଉପଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କଲୁ, ହେଲେ ସୁଫଳ ମିଳିଲାନି। ଶେଷରେ ଜିଲାପାଳଙ୍କୁ ଫେରାଦ ହୋଇ ଆଶ୍ୱସନା ପାଇ ଫେରିଛୁ। ସମୟ ଗଡିଗଲେ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଦୁଃଖ ଜଣାଇବୁ। ୧୬ ନଂ. ୱାର୍ଡରେ ଲିଳାବତୀ ରଥ କୁହନ୍ତି, ଠିକ୍ ସର୍ଭେ କରାଗଲାନାହିଁ। ବିପନ୍ନଙ୍କୁ ଅଣଦେଖା କରାଗଲା। କ୍ଷତିର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ସହାୟତା ପାଇବାକୁ ଆନ୍ଦୋଳନ, ବିକ୍ଷୋଭ କରିବାକୁ ପଡୁଛି। କିନ୍ତୁ ଘର ଭାଙ୍ଗି ନ ଥିବା ଲୋକ ନିଜକୁ କ୍ଷତିଗ୍ରସ୍ତ ଦର୍ଶାଇ ବିପନ୍ନଙ୍କ ପାଇଁ ଥିବା ସୁବିଧା ସୁଯୋଗକୁ ଉପଭୋଗ କରୁଛନ୍ତି। ଏହା କି ପ୍ରକାର ନ୍ୟାୟ। ଏଣୁ ପୁଣି ତଦନ୍ତର ଆବଶ୍ୟକତା ରହିଥିଲେ ହେଁ ପ୍ରଶାସନ ନ କରି ସବୁ କିଛି ଠିକ୍‌ଠାକ ଦର୍ଶାଇ ଖସିଯିବାକୁ ଉଦ୍ୟମ କରୁଛି। ୧ ନଂ. ୱାର୍ଡର ସଲିମ ରୁସ୍‌କାନ କୁହନ୍ତି, ବାତ୍ୟାରେ ଘର ଦ୍ୱାର ଭାଙ୍ଗିଯାଇଛି। ତଦନ୍ତ ସମୟରେ କେବଳ ନାଁ ଲେଖି ଅଣାଗଲା। ଏବେ ପ୍ରଶାସନ ଚୁପଚାପ ହୋଇ ରହିଛି। ଭଙ୍ଗା ଘରକୁ ବର୍ଷା ଭାଙ୍ଗିଲାଣି। ଘରେ ରହିବା ଏବେ ବିପଦ, କ'ଣ କରିବୁ, କିପରି ଚଳିବୁ ଚିନ୍ତାରେ ମୁଣ୍ଡବ୍ୟଥା ହେଲାଣି। ବାରମ୍ବାର ଆନ୍ଦୋଳନ ପରେ କେହି ଦୁଃଖ ଶୁଣୁନାହାନ୍ତି। ରଣଜିତ ମହାପାତ୍ର କୁହନ୍ତି, ଜିଲାପାଳଙ୍କ ସହ ଆଲୋଚନା ହେଲା। ୭ ଦିନ ଭିତରେ ବିପନ୍ନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଯେଉଁମାନେ କ୍ଷତିଗ୍ରସ୍ତ ହୋଇ ବଞ୍ଚିତ ହୋଇଛନ୍ତି ସେମାନେ ଦରଖାସ୍ତ କଲେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଛତାବର ଅଞ୍ଚଳର ବିପନ୍ନମାନେ ।

- ପୁଣି ସର୍ଭେ ପାଇଁ ନିବେଦନ

# ଜିଲାପାଳଙ୍କୁ ଭେଟିଲେ ବିପନ୍ନ ପରିବାର

ଖୋର୍ଦ୍ଧା ଅଫିସ,୭।୬:

ଜଟଣୀ ତହସିଲ ଛତାବର ଆରଆଇ ସର୍କଲରେ ଘରଭଙ୍ଗା ସର୍ଭେ ଠିକ୍ ଭାବେ ହୋଇନାହିଁ। ବହୁ ବିପନ୍ନ ବାଦ୍ ପଡିଛନ୍ତି। କୋଠାଘର ଓ ଇନ୍ଦିରାଆବାସ କରିଥିବା ଅଧିକାଂଶ ଲୋକ ନିଜ ନାଁକୁ ସାମିଲ କରିଛନ୍ତି। ଏଭଳିସ୍ଥଳେ ମାଜଣା, ପାଣିଓରା, ମହୁଲ, ପଲାସପୁର, ଛତାବର, ଅଙ୍ଗାରପଡା, ମିନ୍‌ଚିନ୍‌ପାଟଣା, ମାଜଣା, ବିଞ୍ଝଗିରି ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ପୁଣି ସର୍ଭେ କରି ବିପନ୍ନ ପରିବାରକୁ ସାମିଲ କରିବାକୁ ଜିଲାପାଳଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି।

**କ୍ଷତିଗ୍ରସ୍ତ ଗୋଟିଏ ବଖରା, ସହାୟତା ପାଇଁ ଏକାଧିକଙ୍କ ନାଁ**

ଖୋର୍ଦ୍ଧା ତହସିଲର ନରଣଗଡରେ ଘରଭଙ୍ଗା ସର୍ଭେରେ ନାନା ଅନିୟମିତତା ହୋଇଥିବାର ଅଭିଯୋଗ ଉଠିଛି। ଏଠାରେ ଘରଭଙ୍ଗା ତାଲିକାରେ ଗୋଟିଏ ପରିବାରର ୨, ୩, ୪ଜଣଙ୍କ ନାଁ ସ୍ଥାନ ପାଇଛି। ତେବେ ଗୋଟିଏ ପରିବାରର ଗୋଟିଏ ବଖରା ଘର ଭାଙ୍ଗିଥିବାବେଳେ ପରିବାରର ଏକାଧିକ ସଦସ୍ୟଙ୍କ ନାଁ ଥିବାରୁ ସ୍ଥାନୀୟ ଆରଆଇଙ୍କର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ପୁଣି ପକ୍କା ଘରେ ରହୁଥିବା ଲୋକମାନେ ଘର ଭାଙ୍ଗିଥିବା ଦର୍ଶାଇ ନିଜ ନାଁକୁ ତାଲିକାରେ ରଖି ଥିବାର ଅଭିଯୋଗ ହୋଇଛି। କିନ୍ତୁ ବହୁ ବିପନ୍ନ ବାଦ୍ ପଡି ଯାଇଛନ୍ତି। ଏ ନେଇ ବିପନ୍ନମାନଙ୍କର ଏକ ବୈଠକ ବସି ଜିଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

## ଏନଏସିର ବର୍ଜ୍ୟବସ୍ତୁ ପରିଚାଳନା ଶିବିର

ଖୋର୍ଦ୍ଧା ଅଫିସ,୭।୬

ବାଣପୁର ସହରରେ ଏନଏସିର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ବର୍ଜ୍ୟବସ୍ତୁକୁ ଏନ୍‌ଏସି ପକ୍ଷରୁ ଏଣେ ତେଣେ ଫୋପାଡି ଦିଆଯାଇଛି। ଫଳରେ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏନଏସି ସଭାଗୃହରେ ସଫେଇ କର୍ମଚାରୀମାନଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ୨୦୧୬ରେ ପ୍ରଣିତ ନିୟମ ବିଷୟରେ ଅବଗତ କରାଯାଇଛି। ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିହାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଅନନ୍ତ ଚରଣ ବାରିକ, ଲକ୍ଷ୍ମୀଧର ମହାପାତ୍ର, ଦେବବ୍ରତ ବେହେରା ପ୍ରମୁଖ ଯୋଗଦେଇ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ପରି କଠିନ ବର୍ଜ୍ୟବସ୍ତୁକୁ କିପରି ପରିଚାଳନା କରାଯିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବଂଶୀଧର ରାଉତ ଧନ୍ୟବାଦ ଦେଇଥିଲେ।



ଶିବିରରେ ପ୍ରଶିକ୍ଷଣ ଦିଆଯାଉଛି ।

## ଶ୍ରୀ ଚଉରା ଚଣ୍ଡୀହରଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଟାଙ୍ଗୀ(ଖୋର୍ଦ୍ଧା), ୭।୬ (ଡି.ଏନ.ଏ.)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁସୁମୀ ନଦୀ କୂଳ ତଥା ଓରଡ଼ ଗଡର ମଧ ସ୍ଥଳରେ ଶ୍ରୀ ଚଉରା ଚଣ୍ଡୀହରଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଦେବତା ପ୍ରାଣ ପ୍ରତିଷ୍ଠା, ଅଖଣ୍ଡ ଶିବ ପୁରାଣ ପାରାୟଣ, ସିଂହାସନ ଆରୋହଣ, ଅଙ୍କୁରାରୋପଣ, ମହାଭିଷେକ ବିଧି, ବିଲ୍ୱଦଳ ଅର୍ଚ୍ଚନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଓରଡ, ପାରିଓରଡ ସମେତ ଏକାଦଶ ମୌଜାର ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

## ଡଙ୍ଗରପଡାରେ ହାତୀ ଭାଙ୍ଗିଲା ସ୍କୁଲ ପ୍ରାଚୀର

ବେଗୁନିଆ,୭।୬ (ଡି.ଏନ.ଏ.)

ବେଗୁନିଆ ତହସିଲ ଅଧୀନ ଦେଉଳି ପଞ୍ଚାୟତ ଅଞ୍ଚଳରେ ୫ ଗୋଟି ହାତୀ ଦୀର୍ଘଦିନ ହେଲା ଆସି ଆତଙ୍କ ଖେଳାଉଛନ୍ତି। କେତେବେଳେ ଚାଷୀ ମାନଙ୍କ ଫସଲ ନଷ୍ଟ କରୁଛନ୍ତି ତ ଆଉ କେତେବେଳେ ବସ୍ତିକୁ ପଶି ଆସି ଲୋକଙ୍କ ଗଛ, ଘରେ ଥିବା ଧାନ ଏବଂ ଧନ ସମ୍ପତ୍ତି ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଲୋକଙ୍କ ପକ୍ଷରୁ ଅବଗତ କରାଗଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଡଙ୍ଗରପଡା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଛି। ତେବେ ହାତୀ ଆତଙ୍କ ଦ୍ୱାରା ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି ବୋଲି ଗ୍ରାମର ବହୁ ଲୋକେ କହିଛନ୍ତି। ପ୍ରକାଶଥାଉ କି ଡଙ୍ଗରପଡା କାଳଚୁଆ ପାହାଡ଼ ନିକଟରେ ଥିବା ଜଙ୍ଗଲରେ ଚନ୍ଦକାରୁ କିଛିଦିନ ହେଲା ଆସି ୫ ହାତୀ ବାସ କରୁଛନ୍ତି। ସେମାନେ ସ୍ଥାନୀୟ ଅଞ୍ଚଳ ଗୋଡା, ଗୋପୀନାଥପୁର, ସାମନ୍ତରାପୁର, ଦଲକ, ଦେଉଳି, ପଚିଛଳ ଏବଂ ଡଙ୍ଗରପଡା ଗ୍ରାମରେ କ୍ରମାଗତ ଭାବେ ୫ ଦିନ ହେଲା ଉତ୍ପାତ କରି ଚାଲିଛନ୍ତି। ତେବେ ବନ ବିଭାଗ ପକ୍ଷରୁ ହାତୀଙ୍କୁ ଘଉଡାଇବା ପାଇଁ କୌଣସି ବନ୍ଦୋବସ୍ତ କରାଯାଇନାହିଁ। ଗୁରୁବାର ରାତିରେ ୩ଟି ହାତୀ ଆସି ଡଙ୍ଗରପଡା ଗ୍ରାମରେ ବହୁ ଲୋକଙ୍କ ଗଛ ଭାଙ୍ଗିବା ସହ ସ୍କୁଲ ପ୍ରାଚୀରକୁ ୩ଟି ସ୍ଥାନରେ ଭାଙ୍ଗି ଦେଇଛନ୍ତି।

- ଫନୀକୁ ମାସେ ବିତିଲା

# ଖୋଲା ଆକାଶ ତଳେ ବିତୁଛି ବିପନ୍ନଙ୍କ ଜୀବନ

**ତୁରନ୍ତ ସରକାରୀ ସହାୟତା ଦାବି**

କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.)

ଫନୀ ବାତ୍ୟାକୁ ଦୀର୍ଘ ୧ ମାସ ବିତିଯାଇଛି। ତଥାପି ବିପନ୍ନଙ୍କ ଦୁଃଖ ଓ ଦୁର୍ଦ୍ଦଶାର ଅନ୍ତ ଘଟୁ ନାହିଁ। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ ଚିଲିକା ଘେରି ମଧରେ ଥିବା ଦୀପାଞ୍ଚଳ ବ୍ରହ୍ମପୁରରେ । ଏଠାରେ ବାସ କରୁଥିବା ପ୍ରାୟ ୨୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ୮୦ ପ୍ରତିଶତ ଘରର ଚାଳ ଓ ଛାତ ଛପର ଉଡ଼ିଯିବା ସହ ଅନେକ ଘର ଭାଙ୍ଗିଯାଇଛି। ଏଥିଯୋଗୁ ଶହ ଶହ ଲୋକ ଦୁଃଖ, କଷ୍ଟରେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି । ବର୍ତ୍ତମାନ ଏମାନଙ୍କ ପାଇଁ ଘର, ଖାଦ୍ୟ ଓ ପାନୀୟ ଜଳ ନାହିଁ। ହରାଇ ସାରିଛନ୍ତି ନିଜର କୌଳିକ ବୃତ୍ତି । ସରକାରୀ ସହାୟତା ଏହି ବିପନ୍ନ ପରିବାର ପାଇଁ ସ୍ୱପ୍ନ ପାଲଟିଛି। ଚିଲିକା ଉପରେ ନିର୍ଭର କରି ଚଳୁଥିବା ଏହି ମତ୍ସ୍ୟଜୀବୀ ପରିବାରର ଜାଲ, ଡଙ୍ଗାଗୁଡ଼ିକ ବାତ୍ୟାରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। କିଛିଦିନ ତଳେ ସରକାରଙ୍କ ପକ୍ଷରୁ ରିଲିଫ୍ ବାବଦରେ କେବଳ ମିଳିଥିଲା ୩ ହଜାର ଟଙ୍କା, ୫୦ କେଜି ଚାଉଳ, ଅଢ଼େଇ ଲିଟର କିରୋସିନ୍ ଓ ଗୋଟିଏ ପଲିଥିନ । ଚାଉଳ ସରିଯିବା ପରେ କ'ଣ ଖାଇବେ ସେ ନେଇ ଚିନ୍ତା ଘାରିଛି ବିପନ୍ନଙ୍କୁ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ଓ କେନ୍ଦ୍ରୀୟ ଦଳର ଗସ୍ତ ପରେ ଆଶା ରହିଛି ଯେ ସରକାରୀ ସହାୟତା କେବେ ମିଳିବ ? ବ୍ଲକ ଅଞ୍ଚଳର ପ୍ରକାଶ ଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଜେନା, ନୀଳକଣ୍ଠ ରାୟଗୁରୁ, ସୁଶାନ୍ତ କୁମାର ଜେନା, ଧବଳେଶ୍ୱର ଜେନା କହନ୍ତି, ଆମକୁ ମିଳିଥିବା ମାତ୍ର ଅଢ଼େଇ ଲିଟର କିରୋସିନ ୧୫ ଦିନ ହେଲାଣି ସରିଗଲାଣି। ଏ ଯାଏ ବିଦ୍ୟୁତ୍ ନାହିଁ, ଆମେ ଚଳିବୁ କେମିତି ? ପିଲାଙ୍କ ପାଠପଢ଼ାରେ ଘୋର ବ୍ୟାଘାତ ହେଉଛି। ଲକ୍ଷ୍ମୀପ୍ରିୟା ଜେନା କହିଛନ୍ତି, ୧୧ ଜଣ ସଦସ୍ୟ ବିଶିଷ୍ଟ ଆମର ପରିବାର ଭଙ୍ଗା କୁଡ଼ିଆରେ ଦିନ ବିତାଉଛନ୍ତି। ଏଥିପ୍ରତି କୌଣସି ସରକାରୀ ପଦକ୍ଷେପ ନାହିଁ। ସ୍ଥାନୀୟ ଲୋକେ କହିଛନ୍ତି, କିଛି ବର୍ଷ ମଧରେ ୩ଟି ବଡ଼ ବଡ଼ ବାତ୍ୟା ପରେ ଛାତ ଘର ଯୋଗାଇ ଦେବାର ପ୍ରତିଶ୍ରୁତି ହିଁ କେବଳ ଆମକୁ ମିଳୁଛି। ତେଣୁ ଆବାସ ଯୋଜନାରେ ବାସହରାଙ୍କୁ ତୁରନ୍ତ ଥଇଥାନ କରିବା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ବିପନ୍ନମାନେ ଦାବି କରିଛନ୍ତି।



ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଘର।

# ବିଭିନ୍ନ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ଖୋର୍ଦ୍ଧା ଅଫିସ,୭।୬:

ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ହେଉଥିଲେ ମଧ ଖୋର୍ଦ୍ଧା ସାମନ୍ତରାପୁରର ସିଦ୍ଧେଶ୍ୱର, ଅଟ୍ରୀର ହଟକେଶ୍ୱରଙ୍କ ପୀଠ, ଗୋଡା ଲୋକନାଥ, ସାଗରଗାଁର ନୀଳକଣ୍ଠେଶ୍ୱର ଦେବପୀଠରେ ବିବାହ ଏକ ଭିନ୍ନ ପରମ୍ପରା ସୃଷ୍ଟି କରୁଛି। ଏଠାରେ ପାରମ୍ପରିକ ରୀତିନୀତି, ବିଧିବିଧାନ ମୁତାବକ ପବିତ୍ର ବିବାହ ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଛି। ଅଟ୍ରୀର ହଟକେଶ୍ୱରଙ୍କ ପୀଠରେ ପାର୍ବତୀଙ୍କ ମନ୍ଦିର ସମ୍ମୁଖ ମଣ୍ଡପରେ ବିବାହ କାର୍ଯ୍ୟ ରାତ୍ର ୧୧ଟାରେ ସମାପନ ହୋଇଛି। ବରପିତା ଭାବେ କୋଣାର୍କ ସୂର୍ଯ୍ୟ ମନ୍ଦିର ଉପଦେଷ୍ଟା କମିଟିର ସଭାପତି ଶରତ କୁମାର ଜୟସିଂହ ଓ କନ୍ୟାପିତା ଭାବେ ବାଘମାରୀର ବିଶ୍ୱନାଥ ପଣ୍ଡା ବିବାହ କରାଇଥିଲେ। ଗୋଡା ଲୋକନାଥ ଦେବଙ୍କ ପୀଠରେ କନ୍ୟାପିତା ଡଙ୍ଗରପଡା ଦାଶରଥି ପ୍ରଧାନ ଓ ବରପିତା ବେଗୁନିଆର ବିଜୟ ସୁନ୍ଦରାୟ ବିବାହ କରାଇଥିଲେ। ଅନ୍ୟପକ୍ଷେ ସାମନ୍ତରାପୁରରେ ସନ୍ଧ୍ୟାରେ ସିଦ୍ଧେଶ୍ୱରଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନରେ ଆଟୋପ ପଟୁଆର ସହ ସିଦ୍ଧେଶ୍ୱର ସାମନ୍ତରାପୁର ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳାପୁରୁଷ ସାମିଲ ହୋଇଥିଲେ। ସେହିଭଳି ଜଗିପୁଟର ବାଲୁଙ୍କେଶ୍ୱର, ଗୁରୁଜଙ୍ଗ ଧବଳେଶ୍ୱର, ଖୋର୍ଦ୍ଧା ଉପରସାହିର ଚଉରା ବାଲୁଙ୍କେଶ୍ୱର ଦେବ, କାମନା ଦେବ, ସାମନ୍ତରାପୁରର ସ୍ୱପ୍ନେଶ୍ୱର ଦେବ, ସିଦ୍ଧେଶ୍ୱର ଦେବ, ଭାଲିଆବାଡିର ଲୋକେଶ୍ୱର ଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଅଣ୍ଡା ଗାଁର ଶାଳେଶ୍ୱର, ବାଣପୁରର ଗୁପ୍ତେଶ୍ୱର ଦେବ, ଭେଟନାଥ ଦେବ ମନ୍ଦିର, ନାରୁଣି ନୀଳକଣ୍ଠେଶ୍ୱର ଦେବ, ହରିପୁର ପ୍ରତାପେଶ୍ୱର ଦେବ, ମଣ୍ଡଳସିଂର ଚନ୍ଦ୍ର ଶେଖରଦେବ, ପିଚୁକୁଳିର ନୀଳକଣ୍ଠେଶ୍ୱର ଦେବ, ବଡକୁମାରୀର ନୀଳକଣ୍ଠେଶ୍ୱର ଦେବ ପ୍ରଭୃତି ପୀଠରେ ବିବାହ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି।

**ଯାଁଳା,୭।୬ (ଡି.ଏନ.ଏ.) :** ଯାଁଳା ପଞ୍ଚାୟତର ଶ୍ରୀବାଲୁଙ୍କେଶ୍ୱର ପୀଠରେ ପରମ୍ପରା ଅନୁଯାୟୀ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ବରଯାତ୍ରୀ ପହଞ୍ଚିବା ପରେ କନ୍ୟା ଘର ପକ୍ଷରୁ ଲୋକେ ସେମାନଙ୍କୁ ପାଛୋଟି ନେଇଥିଲେ। ବିବାହ ବେଦୀରେ ବର ପିତା ଭାବେ ନୃସିଂହ ଚରଣ ଜଗଦ୍ଦେବ, କନ୍ୟା ପିତା ଭାବେ ଅମିୟ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଯାଁଳା ପଞ୍ଚାୟତରେ ମୁଗେଶ୍ୱରଙ୍କର ପ୍ରାଙ୍ଗଣରେ ଶିବ ବିବାହ ପାଳିତ ହୋଇଯାଇଛି।

**କୃଷ୍ଣପ୍ରସାଦ, (ଡି.ଏନ୍.ଏ.)–** କୃଷ୍ଣପ୍ରସାଦ ବ୍ଲକ ଓରାଗାଁରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡୀ ହରଦେବଙ୍କୁ ମନ୍ଦିରରୁ ଗ୍ରାମ କୋଠଘରେ ରଖାଯାଇଥିଲା। ସେହିଭଳି କନ୍ୟାପିତା ଭାବେ ଲକ୍ଷ୍ମୀଧର ଦାଶ ଓ ମାତା ଭାବେ ପ୍ରତିମା ଯୋଗ ଦେଇଥିଲେ।

**ବୋଲଗଡ଼,(ଡି.ଏନ.ଏ.)–** ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଶିବାଳୟରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡକୁମାରୀସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ବିବାହ ଉତ୍ସବରେ ବରପିତା ଭାବେ ବାମଦେବ ରଥ ଏବଂ କନ୍ୟାପିତା ଭାବେ ନୀଳକଣ୍ଠ ପଣ୍ଡା ଦାୟିତ୍ୱ ସମ୍ପାଦନ କରିଥିଲେ। ଗେଡିଆପଲ୍ଲୀ ପଞ୍ଚାୟତ ସାଲତରାର ବାଲୁଙ୍କେଶ୍ୱରଦେବ, ସାଗରଗାଁର ନୀଳକଣ୍ଠେଶ୍ୱରଦେବ, ରାଜସୁନାଖଳାର ନୃସିଂହପୁର ଶାସନସ୍ଥିତ ଶ୍ରୀଅମୃତେଶ୍ୱରଦେବଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି।

**ବେଗୁନିଆ,୭।୬ (ଡି.ଏନ.ଏ.) –** ବେଗୁନିଆ ବ୍ଲକ ଅଞ୍ଚଳରେ ଶୁକ୍ରବାର ବିଭିନ୍ନ ଶିବାଳୟରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ରୀତିନୀତି ଅନୁସାରେ, ବରଯାତ୍ରୀ ନିମନ୍ତ୍ରଣ ପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଡାରେ ଲୋକନାଥ ଦେବ, ଶଗଡଭଙ୍ଗାର ବାଲୁଙ୍କେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ, ରାଉତପଡାର ଦକ୍ଷିଣେଶ୍ୱର ଦେବ, କୋଲୁହାପାଟଣାର ସ୍ୱପ୍ନେଶ୍ୱର ଦେବ, ବେଗୁନିଆର ବାଲୁଙ୍କେଶ୍ୱର ଦେବ, ବଡବେରଣାର ଜଳେଶ୍ୱର ଦେବ, ଗଁପୁର ଗାଁର ସୋମନାଥ ଦେବ ଓ କୁଶପଲାର ଲୋକେଶ୍ୱର ଦେବଙ୍କ ପୀଠ ପରିସରରେ ବିବାହ ଶେଷ ହୋଇଛି।



ବୋଲଗଡ ବଡକୁମାରୀଠାରେ ଅନୁଷ୍ଠିତ ଶିବ ବିବାହ ।



ଯାଁଳାଠାରେ ବାଲୁଙ୍କେଶ୍ୱର ବାହାରିଥିବା ଶୋଭାଯାତ୍ରା ।



ବେଗୁନିଆରେ ଅନୁଷ୍ଠିତ ଶିବ ବିବାହ ।



ଖୋର୍ଦ୍ଧା ସହର ସାମନ୍ତରାପୁର ସିଦ୍ଧେଶ୍ୱର ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଚାଲିଛି।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ,
ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### କଣାସ ଅଞ୍ଚଳରେ ବ୍ୟାପୁଛି ଝାଡ଼ାବାନ୍ତି
#### ପାନୀୟଜଳ ମୁଖ୍ୟ କାରଣ

କଣାସ,୭।୬(ସ୍ୱ.ପ୍ର.): ବାତ୍ୟା ପରେ ଏବେ କଣାସ ବ୍ଲକର ବିଭିନ୍ନ ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ଫନୀ ଦ୍ୱାରା ସମସ୍ତ ଗ୍ରାମର ପୋଖରୀ, ନାଳ, ନଦୀର ଜଳ ଦୂଷିତ ହୋଇ ପଡିଥିବାରୁ ତାହା ନିତ୍ୟ ବ୍ୟବହାର ପାଇଁ ଅନୁପଯୋଗୀ ହୋଇପଡିଛି। ଅଞ୍ଚଳରେ ପାଣି ନଥିବାରୁ ଜନସାଧାରଣ ବାଧହୋଇ ଉକ୍ତ ଜଳକୁ ବ୍ୟବହାର କରୁଥିବାରୁ ବହୁଲୋକ ଚର୍ମରୋଗରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଦେଖାଯାଇଛି। ୨ଦିନ ହେଲା ଝାଡାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ସହନା ଗ୍ରାମର ସୁବ୍ରତ ସାହୁ(୨୧), ରାହନ୍ଦିଆ ଗ୍ରାମର ସ୍ୱୟଂସାଇ ପେଂଠୋଇ(୪), ପ୍ରବାସୀନ ପେଂଠୋଇ (୫୪), ବେଣାଗାଁର ଅନୁପମା ବିଶ୍ୱାଳ(୪୦) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ପାନୀୟ ଜଳ ସମସ୍ୟାକୁ ନେଇ ଝାଡାବାନ୍ତି ବ୍ୟାପୁଥିବା ଡ. ବନ୍ଦନା ପଣ୍ଡା କହିଥିଲେ। ତୁରନ୍ତ ପ୍ରତ୍ୟେକ ଗ୍ରାମାରେ ଥିବା ନଳକୂପ, ଗଭୀର କୂପ, ବିଶୋଧନ କରିବା ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହେଉଛି।

#### ପଞ୍ଚମହାଦେବଙ୍କ ନଗର ପରିକ୍ରମା
### ସାହିକୁ ପରିଷ୍କାର ରଖିବାକୁ କମିଟିର ନିବେଦନ

ପୁରୀ ଅଫିସ, ୭।୬: ଶୀତଳ ଷଷ୍ଠୀ ଅବସରରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀଯମ୍ଭେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠେଶ୍ୱର) ବିଭିନ୍ନ ସାହି ପରିକ୍ରମା କରି ପନ୍ତି ଖାଇବେ। ଏଥିଲାଗି ସାହିଗୁଡ଼ିକୁ ପ୍ରସ୍ତୁତ ରଖିବା ଲାଗି ଶ୍ରୀକ୍ଷେତ୍ର ପଞ୍ଚମହାଦେବ କମିଟି ପକ୍ଷରୁ କୁହାଯାଇଛି। କମିଟି ସମ୍ପାଦକ ମଦନ ମୋହନ ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ପଞ୍ଚମହାଦେବ ଯେଉଁ ସାହିଗୁଡ଼ିକୁ ଯାଇଥାନ୍ତି ସେହି ସବୁ ସାହିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବିଦ୍ୟୁତ୍ ତାରଗୁଡ଼ିକୁ ଠାକୁରଙ୍କ ବିମାନଠାରୁ ଉଚ୍ଚରେ ରଖାଯାଉ। ଫଳରେ ପଞ୍ଚମହାଦେବଙ୍କ ନଗର ପରିକ୍ରମା ସୁଚାରୁରୂପେ ସମ୍ପନ୍ନ ହୋଇପାରିବ ବୋଲି କମିଟି ପକ୍ଷରୁ ନିବେଦନ କରାଯାଇଛି।

#### ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ଘଟଣା
### ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଲମ ଛାଡ଼ ଆନ୍ଦୋଳନ

ଗୋପ,୭।୬(ଡି.ଏନ୍.ଏ.): ଫନୀ ମହାବାତ୍ୟାରେ ଗତ ୧୬ତାରିଖ ଦିନ ପୁରୀ ତହସିଲ ଅଧୀନ ପ୍ରତାପ ପୁରୁଷୋତ୍ତମପୁର ଗ୍ରାମର ରାଜସ୍ୱ ନିରୀକ୍ଷକ କର୍ମରାଜ ମାଝି ସରକାରୀ କାର୍ଯ୍ୟରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ କେତେକ ନ୍ୟସ୍ତ ସ୍ୱାର୍ଥବ୍ୟକ୍ତି ପଲିଥିନ ବଣ୍ଟାକୁ ନେଇ ମାଡ଼ ମାରିଥିଲେ। ପରେ ଏହି ଘଟଣାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଓ ପୁରୀ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଗୋପ ତହସିଲ ଅଧୀନର ସମସ୍ତ ରାଜସ୍ୱ ନିରୀକ୍ଷକ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଲମ ଛାଡ଼ ଆନ୍ଦୋଳନ କରିବା ସହ ଗୋପ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ଗୋପ ରାଜସ୍ୱ ନିରୀକ୍ଷକ ସଂଘର ସଭାପତି ଚନ୍ଦନ ପ୍ରଧାନଙ୍କ ନେତୃତ୍ୱରେ ଜଗନ୍ନାଥ ବିଶ୍ୱାଳ, ସତ୍ୟବାଦୀ ଚିହ୍ନରା, ରୂପାଲି ରମ୍ୟଜିତା ପ୍ରଧାନ, ସୁଶ୍ରୀ ସଂଗୀତା, ନମିତା ମଲ୍ଲିକ୍, ପ୍ରୀତି ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନୁପ ଷଡ଼ଙ୍ଗୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ରାଜସ୍ୱ ନିରୀକ୍ଷକ ଏହି ଧାରଣାରେ ସାମିଲ ଥିଲେ। ଏହି ଆନ୍ଦୋଳନ ଯୋଗୁ ଗୋପର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟବନ୍ଦ ହେତୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକମାନେ ଜିଲାପାଳ, ତହସିଲଦାରଙ୍କ ସହ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଥିବାବେଳେ ଯଦି ଅଭିଯୁକ୍ତକୁ ଗିରଫ କରା ନ ଯାଏ ତା'ହେଲେ ଅନିର୍ଦ୍ଦିଷ୍ଟକାଳ ପାଇଁ ସଂଘ କଲମ ଛାଡ଼ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ସଭାପତି ଚନ୍ଦନ ପ୍ରଧାନ ସୂଚନା ଦେଇଛନ୍ତି।

# ପରିମଳ ପାଇଁ କଠୋର ହେଲା ପୌରସଂସ୍ଥା

ପୁରୀ ଅଫିସ, ୭।୬:

**ଆଗକୁ ରଥଯାତ୍ରା**
- ୩ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠିତ
- ଚଢ଼ାଉ ଜୋର୍‌ଦାର ହେବ

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଏବଂ ଭକ୍ତ ଆସିଥାନ୍ତି। ହେଲେ ବିଭିନ୍ନ ସମୟରେ ସହରର ପରିମଳ ବ୍ୟବସ୍ଥାକୁ ନେଇ ପର୍ଯ୍ୟଟକମାନେ ବି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡ ହେଉ କି ବେଳାଭୂମି ବେଳେ ବେଳେ ଏଠାରେ ଅଳିଆ ଆବର୍ଜନା ଠିକ୍ ଭାବେ ସଫା କରାଯାଉ ନ ଥିବା ଅନେକ ଦୃଷ୍ଟାନ୍ତ ରହିଛି। ଆଗକୁ ରଥଯାତ୍ରା ଆସୁଛି। ପୁରୀକୁ ବହୁ ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ ଆସିବେ। ତେଣୁ ସହରର ପରିମଳ ବ୍ୟବସ୍ଥାକୁ ସଜାଡିବା ଲାଗି ତତ୍ପରତା ପ୍ରକାଶ କରିଛି ପୌରସଂସ୍ଥା। ଅନ୍ୟପକ୍ଷରେ ବାତ୍ୟା ପରେ ପରିମଳ ବ୍ୟବସ୍ଥା ଅଧିକ ବିଗିଡ଼ିବା ଆଶଙ୍କା କରି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ପୌରସଂସ୍ଥା। ଏଥିପାଇଁ ପ୍ରଚାର ଗାଡି ବୁଲାଇ ସହରବାସୀଙ୍କୁ ପରିମଳ କ୍ଷେତ୍ରରେ ସଚେତନତା ସୃଷ୍ଟି କରାଯାଉଛି। ଯେଉଁମାନେ ନିର୍ଦ୍ଦେଶକୁ ଅବମାନନା କରିବେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଛି ପୌରସଂସ୍ଥା।

ପୁରୀ ସହରରେ ବିଭିନ୍ନ ଗଳିକନ୍ଦି ରାସ୍ତା ହେଉ କି ମୁଖ୍ୟରାସ୍ତା ଅନେକ ସମୟରେ ଲୋକମାନେ ରାସ୍ତାକଡ଼ରେ ବାଲି, ଗୋଡ଼ି, ଛଡ ଇତ୍ୟାଦି ଗୃହ ନିର୍ମାଣ ସାମଗ୍ରୀ ତଥା ଆବର୍ଜନା ଗଦା କରିଥାନ୍ତି। ଏହାଦ୍ୱାରା ରାସ୍ତା ଅବରୋଧ ହେବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଥାଏ। ବାତ୍ୟା ପରେ ଏହା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ଯଦି କେହି ଏପରି କରିଥାନ୍ତି ତୁରନ୍ତ ସେସବୁକୁ ହଟାଇ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ପୌରସଂସ୍ଥା ଏହି ସାମଗ୍ରୀଗୁଡ଼ିକୁ ଉଠାଇ ନେବ ଏବଂ ସମ୍ପୃକ୍ତ ବ୍ୟକ୍ତିବିଶେଷ ଏଥିପାଇଁ ଦଣ୍ଡିତ ହେବେ। ସେହିପରି ପୁରୀ ସହରରେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ଉପରେ କଟକଣା ରହିଛି। ପଲିଥିନ୍ ବ୍ୟାଗ୍, ଥର୍ମକୁଲ ନିର୍ମିତ ଥାଳି, କପ୍ ଇତ୍ୟାଦି ବିକ୍ରୟ ଓ ଗଚ୍ଛିତ ରଖିବା ନିଷିଦ୍ଧ କରାଯାଇଛି। ହେଲେ ଏହି କଟକଣାକୁ କେହି ମାନୁ ନାହାନ୍ତି। ସବୁ ଦୋକାନ ବଜାରରେ ପଲିଥିନର ଅବାଧ କାରବାର ଚାଲିଛି। ଲୋକେ ବି କିଛି ପ୍ରତିବାଦ କରୁନାହାନ୍ତି। ରାସ୍ତାପାର୍ଶ୍ୱ ଠେଲା ବ୍ୟବସାୟୀ ହୁଅନ୍ତୁ କି ମାଛ, ମାଂସ ଦୋକାନୀ ସମସ୍ତେ ପଲିଥିନ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସହରର ବିଭିନ୍ନ ଡ୍ରେନ୍‌ରେ ପ୍ଲାଷ୍ଟିକ୍, ପଲିଥିନ ଜମୁଛି। ଏଣିକି ନିଷିଦ୍ଧ ପଲିଥିନ କୌଣସି ବ୍ୟକ୍ତିବିଶେଷ ବା ବ୍ୟବସାୟିକ ଅନୁଷ୍ଠାନଙ୍କ ପାଖରେ ଦୃଷ୍ଟିଗୋଚର ହେଲେ ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି।

ବର୍ତ୍ତମାନ ସହରରେ ନାଳ, ନର୍ଦ୍ଦମା ସଫେଇ ଜୋର୍‌ଦାର ଚାଲିଛି। ଜିଲାପାଳ ବଳୱନ୍ତ ସିଂ ପରିମଳ ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇ ବାହାର ଜିଲାରୁ ସଫେଇ କର୍ମଚାରୀଙ୍କୁ ଆଣି କାମରେ ଲଗାଇଛନ୍ତି । ପ୍ରତିବର୍ଷ ନଳା ସଫେଇକୁ ନେଇ ପ୍ରଶାସନକୁ ବଦ୍‌ନାମ ହେବାକୁ ପଡିଥାଏ। ଏଥର କମ୍ ଦିନରେ ନଳା ସଫେଇ କିପରି ଠିକ୍ ଭାବେ ହେବ ସେ ନେଇ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇ କାମ ଚାଲିଛି। ତେଣୁ ଡ୍ରେନ୍ ଉପରେ କୌଣସି ପ୍ରକାର ଅବରୋଧ ଯଥା କ୍ୟାବିନ, ଉଠାଦୋକାନ, ଅସ୍ଥାୟୀ ଗୃହ ନିର୍ମାଣ ବା ଅନ୍ୟ କୌଣସି ପ୍ରକାର ଅବରୋଧ କରିଥିଲେ ତୁରନ୍ତ ଅବରୋଧ ମୁକ୍ତ କରିବା ଲାଗି ପୌରସଂସ୍ଥା ପରାମର୍ଶ ଦେଇଛି। ନଚେତ୍ ପୌରସଂସ୍ଥା ଅବରୋଧମୁକ୍ତ କରିବା ସହ କୌଣସି ପ୍ରକାର କ୍ଷୟକ୍ଷତି ପାଇଁ ଦାୟୀ ରହିବ ନାହିଁ ବୋଲି ଚେତାବନୀ ଦେଇଛି। ସେହିପରି ସହରର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ତଥା ଉଠାଦୋକାନୀ, ବୁଲା ବ୍ୟବସାୟୀଙ୍କୁ ସେମାନଙ୍କ ଦ୍ୱାରା ବିକ୍ରି କରାଯାଉଥିବା ଦ୍ରବ୍ୟର ଆବର୍ଜନାକୁ ରାସ୍ତାକଡ଼ କିମ୍ବା ସମୁଦ୍ର ବେଳାଭୂମିରେ ନ ପକାଇବାକୁ କୁହାଯାଇଛି। ନିଜ ପାଖରେ ଆବର୍ଜନା ଥଳୀରେ ରଖି ନିର୍ଦ୍ଦିଷ୍ଟ ଡଷ୍ଟବିନ୍‌ରେ ପକାଇବା ଲାଗି ପୌରସଂସ୍ଥା ପକ୍ଷରୁ ନିର୍ଦ୍ଦେଶ ରହିଛି।

ଏପରି ଆଭିମୁଖ୍ୟ ସମ୍ପର୍କରେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି କେତେକ ପଦକ୍ଷେପ ନିଆଯାଉଛି। ଆଗକୁ ରଥଯାତ୍ରା ଆସୁଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ରାସ୍ତା ଘାଟରେ କିପରି ଅଳିଆ ଆବର୍ଜନା ନ ପଡିବ ଏବଂ ଡ୍ରେନ୍ ସଫା ରହିବ ସେଥିଲାଗି ସହରବାସୀଙ୍କୁ ସଚେତନ କରାଯାଉଛି। ଏହାକୁ ସଫଳ କରିବା ଲାଗି ୩ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ସହରର ବିଭିନ୍ନ ଗଳିକନ୍ଦି ଏବଂ ପ୍ରମୁଖ ରାସ୍ତା ବୁଲି ଅବରୋଧ ଦେଖିବା ସହିତ ବିଭିନ୍ନ ଦୋକାନରେ ମଧ ଚଢାଉ କରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ କହିଛନ୍ତି।

## ବିଦ୍ୟୁତ ସଂଯୋଗ ଦାବିରେ ରାସ୍ତାରୋକୋ



ଉତ୍ତ୍ୟକ୍ତଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ନିମାପଡ଼ା,୭।୬(ଡି.ଏନ୍.ଏ.):

ବାତ୍ୟା 'ଫନୀ'କୁ ଏକ ମାସ ବିତିଯାଇଥିଲେ ମଧ ନିମାପଡ଼ା ବ୍ଲକର ଏକମକୋଣା, ଓଲିକୋଣା, କନପୁର ଅଞ୍ଚଳରେ ବିଦ୍ୟୁତ୍ ମରାମତି, ପୁନରୁଦ୍ଧାର ହୋଇପାରି ନାହିଁ। ଫଳରେ ଏକମକୋଣା, ଓଲିକୋଣା ଅଞ୍ଚଳ ଏବେ ବି ଅନ୍ଧାର ରହିଛି। ବିଦ୍ୟୁତ୍ ସଂଯୋଗ ଓ ମରାମତି ଦାବିରେ ଶୁକ୍ରବାର ଉକ୍ତ ଗ୍ରାମର ଶତାଧିକ ଲୋକେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାର ଏକମକୋଣା ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିମାପଡ଼ା ଥାନା ଏସ୍‌ଆଇ ସନ୍ଧାରାଣୀ ବିଶ୍ୱାଳ, ଏଏସ୍‌ଆଇ ମଧୁସୂଦନ ବେହେରା, ସୁଦାମ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧରେ ବିଦ୍ୟୁତ୍ ମରାମତି ଓ ଖୁବଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଟେଲିଫୋନ ମାଧ୍ୟମରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଡ. ଜୟ କୁମାର ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସକାଳ ପ୍ରାୟ ୮ଟା ରୁ ୧୦ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ସରିଲା ଭୋଗ ମଣ୍ଡପ କଳସ ମରାମତି

ପୁରୀ ଅଫିସ, ୭।୬:



ପୁରୀ ଶ୍ରୀମନ୍ଦିର ଭୋଗମଣ୍ଡପ କଳସ ମରାମତି କରାଯାଉଛି।

- ଖଣ୍ଡୋଲାଇଟ୍ ପଥରରେ ତିଆରି ଚାଲିଛି ଜୟ, ବିଜୟ ମୂର୍ତ୍ତି
- ପ୍ୟାଣ୍ଟ ଶାର୍ଟ ପିନ୍ଧି ଭୋଗ ମଣ୍ଡପକୁ ଚଢ଼ିବାରୁ ସେବାୟତ ଅସନ୍ତୋଷ

ବାତ୍ୟା ଫନୀ କେବଳ ମଣିଷଙ୍କର କ୍ଷତି ପହଞ୍ଚାଇଛି ତାହା ନୁହେଁ ବହୁ ଐତିହ୍ୟ, ଧାର୍ମିକ ଏବଂ ଦର୍ଶନୀୟସ୍ଥଳରେ ମଧ ତାଣ୍ଡବ ରଚିଛି। ଏଥିରୁ ବାଦ୍ ପଡ଼ିନି ଶ୍ରୀମନ୍ଦିର। ବଡ଼ଦେଉଳର ଅନେକ କୀର୍ତ୍ତିରାଜି ଉପରେ ଫନୀର ପ୍ରଭାବ ପଡିଛି। ସିଂହଦ୍ୱାର ପ୍ରବେଶ ପଥରେ ଥିବା ଜୟ ମୂର୍ତ୍ତି, ମୁଖ୍ୟମନ୍ଦିରର ଦୁଇଟି ସିଂହ, ଭୋଗମଣ୍ଡପ କଳସ, ବଟ ବୃକ୍ଷ ପ୍ରଭୃତି କ୍ଷତି ହୋଇଛି। ସେହିପରି ଆନନ୍ଦବଜାର ସମେତ ବେଢା ପରିସର ବିଭିନ୍ନ ମନ୍ଦିରରେ ବି ଆଂଶିକ କ୍ଷୟକ୍ଷତି ହୋଇଛି। ଆଗକୁ ରଥଯାତ୍ରା ଆସୁଥିବାରୁ ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୂର୍ବରୁ ଖସିପଡିଥିବା ମୁଖ୍ୟ ମନ୍ଦିରର ସିଂହ ମୂର୍ତ୍ତି ସ୍ଥାପନ ସରିଥିବା ବେଳେ ବିଭିନ୍ନ ମନ୍ଦିରରୁ ଛାଡିଥିବା ପ୍ଲାଷ୍ଟର ମରାମତି ଶେଷ ହୋଇଥିଲା। ଶୁକ୍ରବାର ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇଛି। ଏହି କଳସ ମରାମତି ସମୟରେ ଜଣେ ବ୍ୟକ୍ତି ପ୍ୟାଣ୍ଟ ସାର୍ଟ ପିନ୍ଧି ଭାରା ଉପରକୁ ଚଢ଼ିଥିଲେ ଏହାକୁ ନେଇ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ୟାଣ୍ଟ ସାର୍ଟ ପିନ୍ଧି ଭୋଗ ମଣ୍ଡପକୁ ଚଢ଼ିବା ଉଚିତ ନୁହେଁ ବୋଲି କହିଛନ୍ତି। ଏଏସ୍‌ଆଇର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଭୋଗ ମଣ୍ଡପ ଉପରେ ଥିବା କଳସ ପଥରରେ ତିଆରି ହୋଇଥିବା ବେଳେ ଏହା ଉପରେ ଧାତବ ଆବରଣ ଦିଆଯାଇଛି। ଏହି ଆବରଣ ୪ ଖଣ୍ଡ ରହିଥିବା ବେଳେ ବାତ୍ୟାରେ ଖଣ୍ଡିଏ ଆବରଣ ଛାଡି ଯାଇଥିଲା। ପବନରେ ଏହା ଉଡ଼ି ପ୍ରତିହାରୀ ନିଯୋଗ କୁରୁମ ବେଢା ଛାତ ଉପରେ ପଡିଥିଲା। ଏହାକୁ ଅଣାଯାଇ ଆବଶ୍ୟକ ମେଣ୍ଡିଂ କରାଯାଇଥିଲା। ଶୁକ୍ରବାର ୱେଲ୍‌ଡିଂ କରାଯାଇ ଏହାକୁ ଲଗାଯାଇଛି। ସିଂହଦ୍ୱାରରେ ନୂତନ ଭାବେ ସ୍ଥାପନ ହେବାକୁ ଥିବା ଜୟ, ବିଜୟ ମୂର୍ତ୍ତି ଏବେ ଭୁବନେଶ୍ୱରରେ ତିଆରି ଚାଲିଛି। ପୂର୍ବରୁ ଏହି ମୂର୍ତ୍ତି ସିମେଣ୍ଟରେ କରାଯାଇଥିଲା। ଏବେ ଖଣ୍ଡୋଲାଇଟ୍ ପଥରେ ତିଆରି କରାଯାଉଛି। ଯାଜପୁରର ଜଣେ ଶିଳ୍ପୀ ଏହାକୁ ତିଆରି କରୁଛନ୍ତି। ଏହି ମୂର୍ତ୍ତି ସମ୍ପୂର୍ଣ୍ଣ ହେବା ପରେ ଅଣାଯାଇ ସ୍ଥାପନ କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।

### ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆର୍‌ଆଇଙ୍କ ଧାରଣା

ପୁରୀ ଅଫିସ, ୭।୬:

ଘରଭଙ୍ଗା କ୍ଷୟକ୍ଷତି ଆକଳନକୁ ନେଇ ଜଣେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗରେ ଶୁକ୍ରବାର ପୁରୀ ଜିଲାର ଆର୍‌ଆଇମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ସହ ଆଲୋଚନା କରିଥିଲେ। ସୂଚନା ମୁତାବକ, ବାତ୍ୟାରେ ଘର ଭାଙ୍ଗିଥିବା ଲୋକମାନଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି କ୍ଷୟକ୍ଷତି ଆକଳନ ଚାଲିଛି। କିଛିଦିନ ପୂର୍ବରୁ ପୁରୀ ସଦର ବ୍ଲକର ଗୋଟିଏ ଗ୍ରାମରେ ଘରଭଙ୍ଗା କ୍ଷୟକ୍ଷତି ଆକଳନ ଚାଲିଥିଲା। ଜଣେ ବ୍ୟକ୍ତି ଏଥିରେ ଅସନ୍ତୋଷ ପ୍ରକାଶ କରି ଜଣେ ଆର୍‌ଆଇଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଆର୍‌ଆଇମାନେ କାର୍ଯ୍ୟବନ୍ଦ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

### ଜଳିଗଲା ଦୋକାନ

ନିମାପଡ଼ା,୭।୬(ଡି.ଏନ୍.ଏ.):

ନିମାପଡ଼ା ଦୋଳବେଦୀ ଛକ ନିକଟସ୍ଥ କୁଶଭଦ୍ରା ବ୍ରିଜ ନିକଟରେ ଥିବା ବିଜୟରାମ ବେହେରାଙ୍କ ଭେରାଇଟ ଷ୍ଟୋର ଦୋକାନ ଗୁରୁବାର ରାତିରେ ଜଳିଯାଇଛି। ପ୍ରାୟ ୨ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ବେହେରା କହିଛନ୍ତି। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ବ୍ୟବସାୟୀ ବେହେରାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ପ୍ରଶାସନଠାରେ ଦାବି କରିଛନ୍ତି।

## ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଶିବ ବିବାହ

ସାକ୍ଷୀଗୋପାଳ/କାକଟପୁର/ବ୍ରହ୍ମଗିରି, ୭।୬(ଡି.ଏନ୍.ଏ)

ମାନବୀୟ ରୀତିନୀତି ଭଳି ବିବାହ ବନ୍ଧନରେ ଆବଦ୍ଧ ହେଲେ ଦେବ ଦମ୍ପତି। ଶୁଭ ଶଙ୍ଖ ସହ ହୁଳହୁଳିରେ ପ୍ରକମ୍ପିତ ହେଉଥାଏ ଦେବାଳୟ। ଦେବ ଦମ୍ପତିଙ୍କ କନ୍ୟା ପିତା ଓ ବରପିତା ଗୁରୁଦାୟିତ୍ୱ ତୁଲାଇ ହସ୍ତଗଣ୍ଠି ପକାଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଶୀତଳଷଷ୍ଠୀ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

ସାକ୍ଷୀଗୋପାଳ ମନ୍ଦିରେ ବିରାଜିତ ଗୋପେଶ୍ୱର ବରଯାତ୍ରୀଙ୍କ ସହ ଶ୍ରୀରାମ ମନ୍ଦିରେ ପହଞ୍ଚିବାପରେ କନ୍ୟାଘର ପକ୍ଷରୁ ବାଟବରଣ କରାଯାଇ ଗୋପେଶ୍ୱରଙ୍କୁ ବିବାହ ବେଦୀକୁ ପାଛୋଟି ଅଣାଯାଇଥିଲା। ପଞ୍ଚଦେବ ପୂଜା, ଅଭିମନ୍ତ୍ରିତ ଜଳରେ ସ୍ନାନ, ନୂତନ ବସ୍ତ୍ରଲାଗି, ଫୁଲମାଳ, ଚନ୍ଦନ, ସିନ୍ଦୂର, କଜ୍ଜଳ, ମୁକୁଟ, ଅଳଙ୍କାର ଲାଗି କରାଯାଇ ପାର୍ବତୀଙ୍କ ସହିତ ବୈଦିକ ରୀତିରେ ବିବାହ ଓ ବନ୍ଦାପନା କରାଯାଇଥିଲା। ବରପିତା ରଘୁନାଥ ମହାପାତ୍ର, କନ୍ୟାପିତା ରାମଚନ୍ଦ୍ର ନନ୍ଦ, ପୁରୋଧା ଗୋପୀନାଥ ଦାଶ ଓ ବଂଶୀଧର ପାଢ଼ୀଙ୍କ ସହିତ ସେବାୟତ ବାଲୁଙ୍କେଶ୍ୱର ନନ୍ଦ ସହଯୋଗ କରିଥିଲେ। ସେହିପରି ବରାଳ ବାଲୁଙ୍କେଶ୍ୱର, ରତ୍ନେଶ୍ୱର, ଖଜୁରେଶ୍ୱର, ଲୋକନାଥ, ନୀଳକଣ୍ଠେଶ୍ୱର, ଲକ୍ଷେଶ୍ୱର ଆଦି ଠାକୁରଙ୍କ ବିବାହ ଉତ୍ସବ ନିମନ୍ତେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

**କାକଟପୁର:** ପ୍ରଭୁ ଶ୍ରୀ ଈଶ୍ୱରନାଥଙ୍କ ବିବାହ ଉତ୍ସବ ପାଇଁ ଅସ୍ତରଙ୍ଗ ବ୍ଲକ ଜିଉନ୍ତି ଗାଁ ଉତ୍ସବ ମୁଖର ହୋଇପଡ଼ିଥିଲା। ଗୁରୁବାରଠାରୁ ମନ୍ଦିରରେ ବିବାହ ପରେ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଈଶ୍ୱରନାଥ ଏବଂ ମା'ପାର୍ବତୀଙ୍କ ମଧ୍ୟରେ ଯଥାବିଧି ପାରମ୍ପରିକ ପ୍ରଥାନୁସାରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ ଗ୍ରାମର ଦେବେନ୍ଦ୍ର ସ୍ୱାଇଁ ଏବଂ କନ୍ୟାପିତା ଭାବେ ଚୌଧୁରୀ ଦୁର୍ଗାପ୍ରସାଦ ଦାଶ ବିବାହୋତ୍ସବରେ ଅଂଶଗ୍ରହଣ କରିଥିବାବେଳେ ପୁରୋହିତ ଭାବେ ପଣ୍ଡିତ କାଳନ୍ଦୀ ମିଶ୍ର ସମସ୍ତ ମାଙ୍ଗଳିକ ପୂଜାନୀତି ସମ୍ପନ୍ନ କରିଥିଲେ। ବିବାହ ପରେ ମନ୍ଦିରରେ ଭୋଜିର ଆୟୋଜନ କରାଯାଇଥିଲା। ଗ୍ରାମବାସୀ ଏବଂ ମନ୍ଦିର ପୂଜକଙ୍କ ପକ୍ଷରୁ ବିବାହ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ବ୍ରହ୍ମଗିରି :** ଶୁକ୍ରବାର ବ୍ରହ୍ମଗିରିର ଶ୍ରୀ ଆଖଣ୍ଡଳମଣିଙ୍କ ପୀଠରେ ସମସ୍ତ ନୀତି ସମ୍ପାଦନ ପରେ ଶଙ୍କର ଭଗବାନଙ୍କ ବାହନ ବୃଷଭଙ୍କୁ ସଜ୍ଜିତ କରାଯାଇ ପ୍ରଭୁଙ୍କୁ ବର ବେଶରେ ସୁସଜ୍ଜିତ କରାଯାଇଥିଲା। ବାଜା, ବାଣ ରୋଶଣିରେ ବରଯାତ୍ରୀମାନେ ଆସିଥିଲେ। ପରେ ପ୍ରଭୁଙ୍କୁ ମନ୍ଦିର ପରିସର ମଧ୍ୟରେ ଥିବା ବିବାହ ବେଦୀରେ ବିରାଜମାନ କରାଯାଇଥିଲା। କନ୍ୟା ବେଶରେ ଅପେକ୍ଷାରତ ମାତା ପାର୍ବତୀ ବେଦୀରେ ପହଞ୍ଚିବା ପରେ ବିବାହ ନୀତି ସମ୍ପନ୍ନ କରାଯାଇଥିଲା। ସମ୍ପୂର୍ଣ୍ଣ ମାନବୀୟ ରୀତିରେ ହେଉଥିବା ଏହି ଦେବ ବିବାହରେ ବାଟବରଣ ଉତ୍ସବ ବୈଦିକ ପଣ୍ଡିତଙ୍କ ବେଦ ମନ୍ତ୍ର ଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହରିବୋଲ ଓ ହୁଳହୁଳି ମଧ୍ୟରେ ଦେବଦମ୍ପତିଙ୍କ ହସ୍ତଗଣ୍ଠି କାର୍ଯ୍ୟ ସମାପନ କରାଯାଇଥିଲା। କନ୍ୟା ପିତା ଭାବେ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବର ପିତା ଭାବେ ପ୍ରଦୀପ୍ତ ଶତପଥୀ ବିବାହ କାର୍ଯ୍ୟ ତୁଲାଇଥିଲେ। ବରଯାତ୍ରୀ ଓ ଗ୍ରାମବାସୀଙ୍କୁ କନ୍ୟା ପିତାଙ୍କ ତରଫରୁ ଜଳ ପାନ ଓ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ଶିବ ବିବାହ ପରେ ମନ୍ଦିର ବାହୁଡା ଓ ଶୀତଳଷଷ୍ଠୀ ଯାତ୍ରା ମହା ସମାରୋହରେ ଶେଷ ହୋଇଥିଲା। ଏହି ଅବସରରେ କଉଡିଖେଳ, ଶୁଦ୍ଧପୂତ ଭାବରେ ଉପସ୍ଥିତ ଥିବା ଗାଁର ମହିଳାମାନଙ୍କ ଦ୍ୱାରା ବନ୍ଦାପନା ହୋଇ ଅମୃତାସନ ବିଧି ମଧ ପାଳନ କରାଯାଇଥିଲା। ଏହି ଶିବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରାରେ ଉପସ୍ଥିତ ରହି ଦେବ ଦମ୍ପତିଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଫନୀ: ସିରେଇ ସମବାୟ ସମିତିର ୩ଶହ ବସ୍ତା ଚାଉଳ ନଷ୍ଟ

କଣାସ,୭।୬(ସ୍ୱ.ପ୍ର.):

ଫନୀ ବାତ୍ୟା ଯୋଗୁ କଣାସ ବ୍ଲକରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସିରେଇ ଗ୍ରାମରେ ଅବସ୍ଥାପିତ ସିରେଇ ସମବାୟ ସମିତିର ବହୁ ପରିମାଣରେ ନଷ୍ଟ ହୋଇଛି। ସମିତିର ସମସ୍ତ ଆଜବେଷ୍ଟସ ଗୃହ ଭାଙ୍ଗିପଡିବାରୁ ଗୋଦାମ ଗୃହମଧରେ ଥିବା ୩ଶହ ବସ୍ତା ଚାଉଳ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ଏହାସହ ଅଫିସ ଗୃହ ମଧରେ ଥିବା ସମସ୍ତ ରେକର୍ଡପତ୍ର ମଧ ଭିଜି ଯିବାସହ ଆଲମିରା, ଟେବୁଲ, ଚୌକି ଭାଙ୍ଗି ନଷ୍ଟ ହୋଇଯାଇଛି ।

## ପୁରୀରେ ଖୋଲିଲା ଏମ୍ ବଜାରର ନୂଆ ଶୋ'ରୁମ୍

ପୁରୀ ଅଫିସ, ୭।୬:




ବଡ଼ଦାଣ୍ଡ ମର୍ଚ୍ଚିକୋଟ୍ ଛକରେ ଶୁକ୍ରବାର ମେଟ୍ରୋ ରିଟେଲ ପ୍ରାଇଭେଟ୍ ଲିମିଟେଡର ବ୍ରାଣ୍ଡ ଏମ୍. ବଜାରର ନୂଆ ଶୋ'ରୁମ୍ ଖୋଲିଛି। ପୁରୀରେ ଏମ୍. ବଜାରର ଏହି ଦ୍ୱିତୀୟ ଶୋ ରୁମ୍‌କୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହି ଶୋ' ରୁମ୍‌ରେ ମହିଳା, ପୁରୁଷ ଏବଂ ଶିଶୁମାନଙ୍କ ପୋଷାକପତ୍ର ସମେତ ବିଭିନ୍ନ ଆନୁଷଙ୍ଗିକ ସାମଗ୍ରୀ ଉପଲବ୍ଧ ହେବ। ମହିଳାଙ୍କ ବର୍ଗରେ ମାତ୍ର ୯୯ ଟଙ୍କାରୁ ପୋଷାକ ଉପଲବ୍ଧ ହେଉଥିବା ବେଳେ ପୁରୁଷ ବର୍ଗରେ ୯୯ ଟଙ୍କା ଏବଂ ଶିଶୁମାନଙ୍କ ପୋଷାକ ମାତ୍ର ୩୦ ଟଙ୍କାରୁ ଆରମ୍ଭ ହେଉଛି। ଉଦ୍‌ଘାଟନୀ ଅବସରରେ ସ୍ୱତନ୍ତ୍ର କୁପନ ଯୋଗେ ଭାଗ୍ୟଶାଳୀ ଗ୍ରାହକଙ୍କ ନିମନ୍ତେ ବାଇକ୍, ଫ୍ରିଜ୍, ଏଲ୍‌ଇଡି ଟିଭି ଜିତିବାର ସୁଯୋଗ ରହିଛି। ସେହିଭଳି ୩,୦୦୦ ଟଙ୍କାଠାରୁ ଊର୍ଦ୍ଧ୍ୱ କିଣାକିଣି ଉପରେ ନିଶ୍ଚିତ ଉପହାର ଦିଆଯାଉଛି। ରାଜ୍ୟରେ ଏମ୍. ବଜାର ଷ୍ଟୋର ସଂଖ୍ୟା ୧୨ରେ ପହଞ୍ଚିଥିବା ବେଳେ ଭାରତର ୭ଟି ରାଜ୍ୟରେ ପ୍ରାୟ ୬୭ଟି ଷ୍ଟୋର ରହିଛି ବୋଲି ଆଉଟ୍‌ଡୋର ଆର୍ଡଭଟାଇଜ୍ ହେଡ୍ ଅନୀଲ କୁମାର ଗୌରସରିଆ କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ପସନ୍ଦର ପୋଷାକପତ୍ର ପକେଟକୁ ସୁହାଇଲା ଭଳି ଦାମ୍‌ରେ ଗ୍ରାହକ ପାଇପାରିବେ ବୋଲି ପୁରୀ ବ୍ରାଞ୍ଚର ଷ୍ଟୋର ମ୍ୟାନେଜର ବିକାଶ କୁମାର ନାୟକ କହିଛନ୍ତି। ଏହି ଉଦ୍‌ଘାଟନୀ ଅବସରରେ ଅନ୍ୟମାନଙ୍କ ମଧରେ ଓଡ଼ିଶା ଜୋନାଲ ମ୍ୟାନେଜର ସୁମିତ ସରାଫ୍, ରିଟେଲ ଟିମ୍ ମେମ୍ବର ସଞ୍ଜୟ ମଣ୍ଡଳ ଏବଂ ଆଇଟି ହେଡ୍ ରବିଶଙ୍କର ଶ ପ୍ରମୁଖ ଉପସ୍ଥିତ ଥିଲେ।

#### ପର୍ଯ୍ୟଟକ ନାହାନ୍ତି, ଗଡୁନି ଗାଡ଼ି
# ଚିନ୍ତାରେ ମାଲିକ, ହାତବାନ୍ଧି ବସିଛନ୍ତି ଚାଳକ

ପୁରୀ ଅଫିସ, ୭।୬

ବାତ୍ୟା ପରେ ଧୀରେ ଧୀରେ ଅଣ୍ଟା ସଳଖୁଛି ପର୍ଯ୍ୟଟନ ସହର ପୁରୀ। ସହରର ଅଧିକାଂଶ ହୋଟେଲକୁ ବିଦ୍ୟୁତ୍, ଜଳ ଯୋଗାଣ ସ୍ୱାଭାବିକ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳି ଆରମ୍ଭ ହୋଇନାହିଁ। ଫଳରେ ହାତବାନ୍ଧି ବସିଛନ୍ତି ଟ୍ରାଭେଲ୍ସ ଏଜେନ୍ସି ଏବଂ ଗାଡ଼ି ମାଲିକ। ପର୍ଯ୍ୟଟକଙ୍କ ବିନା ସେମାନଙ୍କ ଗାଡ଼ି ଗଡୁନାହିଁ। ଏପଟେ କିନ୍ତୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗାଡ଼ି ମାଲିକଙ୍କୁ କିସ୍ତି ଡିପୋଜିଟ୍ ପାଇଁ କହିଲେଣି। ଫଳରେ ପୁରୀ ସହରର ଟ୍ରାଭେଲ ଏଜେନ୍ସି ଏବଂ ବହୁ ଗାଡ଼ି ମାଲିକ ଏବେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ଗାଡ଼ି ଚାଳକମାନେ ବି ହଇରାଣ ହେଉଛନ୍ତି। ଗାଡ଼ି ଭଡ଼ାରେ ଯାଉ ନ ଥିବାରୁ ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଲାଣି। ବାତ୍ୟାରେ କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ସଜାଡ଼ି ପୁଣି ବ୍ୟବସାୟ ଚଳାଇବାକୁ ଅନେକ ଚାହିଁ ରହିଛନ୍ତି। ପର୍ଯ୍ୟଟନ ବିଭାଗ ସହଯୋଗର ହାତ ବଢାଇଲେ ପର୍ଯ୍ୟଟକଙ୍କ ଆଗମନ ବଢିବ ବୋଲି ଟ୍ରାଭେଲ ଏଜେନ୍ସିଗୁଡ଼ିକ ଆଶା କରିଛନ୍ତି। ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତିଦିନ ବହୁ ସଂଖ୍ୟାରେ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ପୁରୀର ବିଭିନ୍ନ ହୋଟେଲରେ ରହିବା ସହ ଆଖପାଖ କୋଣାର୍କ, ସାତପଡ଼ା, ମଙ୍ଗଳା ମନ୍ଦିର ସମେତ ଦର୍ଶନୀୟ ସ୍ଥାନକୁ ବୁଲି ଯାଇଥାନ୍ତି । ବିଭିନ୍ନ ଟ୍ରାଭେଲ୍ସ ଏଜେନ୍ସିରୁ ଗାଡ଼ି ନେଇ ପର୍ଯ୍ୟଟକମାନେ ଯାଇଥାନ୍ତି। ହେଲେ ବାତ୍ୟା ପରଠାରୁ ପୁରୀକୁ ସେମିତି ପର୍ଯ୍ୟଟକ ଆସିନାହାନ୍ତି। ଇତିମଧ୍ୟରେ ମାସକରୁ ଅଧିକ ଦିନ ବିତିଗଲାଣି। ଅଳ୍ପ କିଛି ପର୍ଯ୍ୟଟକ ଆସୁଥିଲେ ମଧ ଏ ପର୍ଯ୍ୟନ୍ତ ଟ୍ରାଭେଲ୍ସ ବ୍ୟବସାୟ ଜୋର୍ ଧରିନି। ଗାଡ଼ି ଚାଲୁ ନ ଥିବାରୁ କେତେକ ମାଲିକ କିସ୍ତି ପରିଶୋଧ କରିବା ନେଇ ସମସ୍ୟାରେ ପଡୁଛନ୍ତି। ସେହିପରି ଗାଡ଼ି ଚାଳକମାନେ ବି ଦରମା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ଟୁର୍ ଆଣ୍ଡ ଟ୍ରାଭେଲ୍ସର ସମ୍ପାଦକ ଯୁଗବ୍ରତ କର କହିଛନ୍ତି, ପୁରୀ ସହରରେ ଶତାଧିକ ଟ୍ରାଭେଲ ଏଜେନ୍ସି ରହିଛି। ଏଠାରେ ପ୍ରାୟ ୫୦୦ ଗାଡ଼ି ଲାଗିଛି। ହେଲେ ବାତ୍ୟା ପରେ ସବୁ ଶିଥିଳ ପଡିଯାଇଛି। ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଆଗମନ ଜୋର୍ ଧରି ନ ଥିବାରୁ ଟ୍ରାଭେଲ ଏଜେନ୍ସିଗୁଡ଼ିକ ହାତବାନ୍ଧି ବସିଛନ୍ତି। ଏହାଦ୍ୱାରା ଗାଡି ମାଲିକ, ଚାଳକ ପ୍ରଭାବିତ ହେଉଛନ୍ତି। ବର୍ତ୍ତମାନ ପୁରୀରେ ପ୍ରାୟ ହୋଟେଲ ଖୋଲିଗଲାଣି। ଆଗକୁ ରଥଯାତ୍ରା ଆସୁଛି। ତେଣୁ ପର୍ଯ୍ୟଟନ ବିଭାଗ ଏହି ସମୟରେ ପ୍ରମୋଶନ କରିବା ତଥା ସହଯୋଗର ହାତ ବଢାଇବାର ଆବଶ୍ୟକତା ରହିଛି। ପୁରୀକୁ ଆସିଲେ ପର୍ଯ୍ୟଟକମାନେ ପୂର୍ବଭଳି ରହିପାରିବେ ବୋଲି ବାର୍ତ୍ତା ଦିଆଗଲେ ପୁଣି ପର୍ଯ୍ୟଟକଙ୍କ ଗହଳି ଆରମ୍ଭ ହେବ ଏବଂ ଟ୍ରାଭେଲ ଏଜେନ୍ସି ସହିତ ପୁରୀର ପର୍ଯ୍ୟଟନ ଶିଳ୍ପ ତ୍ୱରାନ୍ୱିତ ହୋଇପାରିବ। ଏ ସମ୍ପର୍କରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପର୍ଯ୍ୟଟନ ବିଭାଗ ସବୁବେଳେ ପୁରୀ ଉପରେ ନଜର ରଖିଛି। ବାତ୍ୟା ପରେ ପୁରୀର ପ୍ରାୟ ୬୦ ପ୍ରତିଶତ ହୋଟେଲ ଖୋଲିଗଲାଣି। ପୁରୀ ଏବଂ ଏହାର ଆଖପାଖ ଦର୍ଶନୀୟ ସ୍ଥାନରେ ସ୍ୱାଭାବିକ ସ୍ଥିତି ଫେରିଲାଣି। ଏ ନେଇ ବିଭାଗର ବିଭିନ୍ନ ରାଜ୍ୟରେ ଥିବା କାର୍ଯ୍ୟାଳୟକୁ ସୂଚନା ଦିଆସରିଛି।